# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୫/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 15/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 109 | ମୂଲ୍ୟ₹୭/-






KP
GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
NEW PACK
CELEBRATING
60
YEARS
TM
Safal
PAN MASALA
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୫/୨୦୨୬ | Bhubaneswar, Sunday, March 15/2026 | ପୃଷ୍ଠା-୧



**ମୟଙ୍କଙ୍କ କୀର୍ତ୍ତିମାନ**
ଦେଶର ୯୪ତମ ତଥା ଉତ୍ତର-ପୂର୍ବାଞ୍ଚଳର ପ୍ରଥମ ଗ୍ରାଣ୍ଡମାଷ୍ଟର୍ସ ହୋଇପାରିଛନ୍ତି ଯୁବ ଚେସ୍ ଖେଳାଳି ମୟଙ୍କ ଚକ୍ରବର୍ତ୍ତୀ ।

୧୨

୦୨

**ଛୁଟି କାଟୁଛନ୍ତି ଆଲିଆ**
ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ସ୍ୱାମୀ ରଣବୀର କପୁର ଏବଂ ଝିଅ ରାହାଙ୍କ ସହିତ ଏବେ ହଂକଂରେ ଛୁଟି ବିତାଉଛନ୍ତି। ବ୍ୟସ୍ତତା ମଧ୍ୟରେ ଉଭୟ ଝିଅକୁ ସମୟ ଦେଉଛନ୍ତି।



# ଖାର୍ଗ ଆକ୍ରମଣର ଜବାବ ଦେଲା ଇରାନ

ମଧ୍ୟପ୍ରାଚ୍ୟ ଯୁଦ୍ଧ ଶନିବାର ତୃତୀୟ ସପ୍ତାହରେ ପ୍ରବେଶ କରିଥିବାବେଳେ ଇରାନ୍‌ର ମୁଖ୍ୟ ତୈଳ ରପ୍ତାନି କେନ୍ଦ୍ର ଖାର୍ଗ ଦ୍ୱୀପରେ ଆମେରିକା ଆକ୍ରମଣ କରିଛି। 'କ୍ରାଉନ୍ ଜୁଏଲ୍' ନାମରେ ପରିଚିତ ଏହି ଦ୍ୱୀପ ଉପରେ ଆମେରିକୀୟ ବାୟୁସେନା ପକ୍ଷରୁ ଆକାଶମାର୍ଗରୁ ବୋମା ବର୍ଷଣ କରାଯାଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆକ୍ରମଣରେ ଖାର୍ଗ ଦ୍ୱୀପରେ ଥିବା ସେନାଘାଟି ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିବାବେଳେ ପରବର୍ତ୍ତୀ ଟାର୍ଗେଟରେ ଏହାର ତୈଳ ଭିତ୍ତିଭୂମି ରହିଥିବା ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି। ଇରାନ୍‌ରୁ ବିଶ୍ୱର ବିଭିନ୍ନ ଭାଗକୁ ରପ୍ତାନି କରାଯାଉଥିବା ପ୍ରାୟ ୯୦% ଅଶୋଧିତ ତୈଳ ଖାର୍ଗ ଦ୍ୱୀପରେ ଗଚ୍ଛିତ ରଖାଯାଇଥାଏ। ତେଣୁ ଉଭୟ ଆର୍ଥିକ ଓ ରଣନୈତିକ ଦୃଷ୍ଟିରୁ ଇରାନ୍ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଥିବା ଏହି ଦ୍ୱୀପ ବର୍ତ୍ତମାନ ସାରା ବିଶ୍ୱର ଧ୍ୟାନ ଆକର୍ଷଣ କରିଛି। ଅନ୍ୟପକ୍ଷେ ତେହରାନ୍ ଖାର୍ଗ ଦ୍ୱୀପର ତୈଳ ଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା କହିବା ସହ ଆମେରିକାକୁ ପ୍ରତିଶୋଧର ଧମକ ଦେଇଛି। ଏପରି କି ତୁରନ୍ତ ଜବାବ ଦେବାକୁ ଯାଇ ୟୁଏଇର ଫୁଜାରିଆ ପୋର୍ଟ ଅଏଲ୍ ଟର୍ମିନାଲ ଏବଂ ବାଗ୍‌ଦାଦସ୍ଥିତ ଆମେରିକୀୟ ଦୂତାବାସକୁ ତେହରାନ୍ ଆକ୍ରମଣ କରିଛି। ଆଗକୁ ଆମେରିକା ଓ ଇସ୍ରାଏଲ୍ ମିଳିତ ଆକ୍ରମଣ କରି ୩୦ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଧାରଣ କ୍ଷମତା ବିଶିଷ୍ଟ ଖାର୍ଗ ଦ୍ୱୀପର ଅଏଲ୍ ଇନ୍‌ଫ୍ରାଷ୍ଟ୍ରକ୍ଚରକୁ ନଷ୍ଟ କରିଦେଲେ ବିଶ୍ୱର ତୈଳ ବଜାରରେ ନିଆଁ ଲାଗିବ। ଏଭଳି ସ୍ଥିତିରେ ତୈଳ ପରିବହନକାରୀ ଜାହାଜଗୁଡ଼ିକୁ ସୁରକ୍ଷିତ ଭାବେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଅତିକ୍ରମ କରାଇବା ଲାଗି ଟ୍ରମ୍ପ୍ ବ୍ରିଟେନ୍ ସମେତ ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଅନୁରୋଧ କରିଛନ୍ତି।

## ୟୁଏଇ ତୈଳ ଟର୍ମିନାଲ ଉପରେ ବୋମାମାଡ଼



ଇରାନର ଖାର୍ଗ ଦ୍ୱୀପ

ତେହରାନ/ୱାଶିଂଟନ୍,୧୪।୩
(ଏ.ପି./ରଏଟର୍ସ)

ଦିନକୁ ଦିନ ଅଧିକ ସଙ୍ଗିନ ହେବାରେ ଲାଗିଛି ଆମେରିକା ଓ ଇସ୍ରାଏଲ୍‌ର ଇରାନ୍ ବିରୋଧୀ ଯୁଦ୍ଧ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତେହରାନ୍‌କୁ ନିଃସର୍ତ୍ତ ଆତ୍ମସମର୍ପଣ ଦାବି କରିଥିବାବେଳେ ନୂଆ ସୁପ୍ରିମ ଲିଡର ମୋଜତବା ଅଲୀ ଖାମେନେଇ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଓଲଟା ଇରାନ୍‌ର ଶକ୍ତିଶାଳୀ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରୁଛି। ଏହି ଆକ୍ରମଣରେ ଜର୍ଜରିତ ଆମେରିକା ଶନିବାର ଇରାନ୍‌ର ଆର୍ଥିକ ଓ ସାମରିକ ଶକ୍ତିକୁ ଦୋହଲାଇଦେବା ଭଳି କାର୍ଯ୍ୟାନୁଷ୍ଠାନ ନେଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ ସଂଲଗ୍ନ ଖାର୍ଗ ଦ୍ୱୀପରେ ଆମେରିକା ବୋମାବର୍ଷା କରିଛି। ଏଥିରେ ଉକ୍ତ ଦ୍ୱୀପରେ ଥିବା ଇରାନୀୟ ସାମରିକ ଘାଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ଟ୍ରମ୍ପ୍ ଦାବି କରିଛନ୍ତି। ୨୦ ବର୍ଗ କି.ମି. ଅଞ୍ଚଳ ଉପରେ ଅବସ୍ଥିତ ଖାର୍ଗ ଦ୍ୱୀପରୁ ଇରାନ୍‌ର ୯୦% ତୈଳ ପ୍ରକ୍ରିୟାକରଣ ସହ ରପ୍ତାନି କରାଯାଇଥାଏ। ପାରସ୍ୟ ଉପସାଗର ଉତ୍ତରରେ ତଥା ମୁଖ୍ୟ ଭୂଖଣ୍ଡର ବୁଶେହର ପ୍ରଦେଶଠାରୁ ୨୮ କି.ମି. ଦୂରରେ ଅବସ୍ଥିତ ଏହିପଥୁରିଆ ଦ୍ୱୀପର ଲମ୍ବ ୮ କି.ମି. ଓ ଓସାର ୫ କି.ମି.। ଟ୍ରମ୍ପ୍ ଏକଦା ଏହାକୁ ☞ପୃଷ୍ଠା-୨

- **ଦୁବାଇ, ଆବୁଧାବି ତୁରନ୍ତ ଖାଲି କର: ଆଇଆର୍‌ଜିସି**
- **ଆହୁରି ମହଙ୍ଗା ହେବ ଅଶୋଧିତ ତୈଳ**

# ଆଜିଠୁ ୪ ଦିନ ଝଡ଼ବର୍ଷା

ଭୁବନେଶ୍ୱର, ୧୪।୩
(ବନ୍ଦନା ସେଠୀ)

**୫ ଡିଗ୍ରୀ ଯାଏ ଖସିବ ତାପମାତ୍ରା**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବାବେଳେ ଶନିବାର ୩ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଏହା ତଳକୁ ସମ୍ବଲପୁର ୪୦ ଡିଗ୍ରୀ ଏବଂ ଟିଟିଲାଗଡରେ ୪୦ ଡିଗ୍ରୀ ରହିଥିଲା। ତେବେ ରବିବାରଠାରୁ ଗରମରୁ ସାମୟିକ ଆଶ୍ୱସ୍ତି ମିଳିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର-ପୂର୍ବ ଉତ୍ତରପ୍ରଦେଶର ମଧ୍ୟଭାଗରୁ ଛତିଶଗଡ଼ ଦେଇ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ପର୍ଯ୍ୟନ୍ତ ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଉଚ୍ଚରେ ଥିବା ଟ୍ରଫ୍ ଜାରି ରହିଛି। ଏହା ପ୍ରଭାବରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ମେଘୁଆ ରହିବା ସହିତ ବିଭିନ୍ନ ସ୍ଥାନରେ ପବନ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ରବିବାର ମୟୂରଭଞ୍ଜ ଓ କେନ୍ଦୁଝର ଜିଲାକୁ ଝଡ଼ବର୍ଷା ସହିତ ଘଡଘଡି ବିଜୁଳି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଅନ୍ୟ ଜିଲାଗୁଡିକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ସୂଚନା ଦିଆଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ସୁଯୋଗରୁ ଫାଇଦା









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଓ କ୍ରିକେଟ ଏକାଡେମୀର ୩ୟ ବାର୍ଷିକ ଉତ୍ସବ, ସ୍ଥାନ: ରାଓ କ୍ରିକେଟ ଏକାଡେମୀ, ପଟିଆ, ସମୟ: ସନ୍ଧ୍ୟା ୭ଟା।
- ଅସୀମ ବସୁ ଫାଉଣ୍ଡେସନ ପକ୍ଷରୁ ଅସୀମ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ବାଲେଶ୍ୱର

- ଭବ୍ୟ ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ଚଣ୍ଡୀପୁର, ହଳଦୀପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମଚରିତ ମାନସ ପ୍ରବଚନର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଚିନ୍ମୟ ମିଶନ ଆଶ୍ରମ, କୁରୁଡ଼ା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଉଦ୍‌ଯାପନୀ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଶ୍ରୀରାମ ବିଜୟା ଦଶମୀ ଉପଲକ୍ଷେ ଗଣଦୌଡ଼, ସ୍ଥାନ : ମହୋତ୍ସବ ପଡ଼ିଆ (ଜୟନଗର)ଠାରୁ ମେଳଣ ପଡ଼ିଆ, ଧାମନଗର, ସମୟ : ସକାଳ ୭ଟା।
- ପୂର୍ବତନ ପ୍ରଧାନଶିକ୍ଷକ ତ୍ରିଲୋଚନ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀରେ ରକ୍ତଦାନ ଶିବିର, ସ୍ଥାନ: ଜାଗୁଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଚାନ୍ଦବାଲି, ସମୟ: ସକାଳ ୯ଟା।
- ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ବିନ୍ଧାବଜାର କୁମ୍ଭାରସାହି ସପ୍ତାଦାଣ୍ଡ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଟିଲୋ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନ ଜୀଉ ଷ୍ଟାଡିୟମ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ମଙ୍ଗଳାଙ୍କ ବାର୍ଷିକ ଉତ୍ସବ, ଯଜ୍ଞ, ସ୍ଥାନ: ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ସ୍ୱାଗତମ ନବ ସମ୍ବତ୍ସର, ସାହିତ୍ୟ ସଭା ଓ କବିତା ପାଠ, ସ୍ଥାନ: ନଗର ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୯ଟା।

- ପାତ୍ରତନ୍ତୀ କଲ୍ୟାଣ ସମିତି ପକ୍ଷରୁ ବାର୍ଷିକ ବନ୍ଧୁ ମିଳନ ଉତ୍ସବ, ସ୍ଥାନ: ପଶ୍ଚିମ ଯୋଡ଼ା ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ସଂସଦ ସମ୍ମିଳନୀ, ସ୍ଥାନ: ମରେଇଗାଁ, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଓଁକାର ବ୍ରହ୍ମଯଜ୍ଞ, ସ୍ଥାନ: ସୀତାବିଞ୍ଜି, ଢେଙ୍କିକୋଟ୍, ସମୟ: ଅପରାହ୍ନ ୩ଟା।
- ଶ୍ରୀଗୁରୁକୁଳ ଇଂଲିଶ ମିଡ଼ିୟମ ସ୍କୁଲ କୁଢ଼ଟାଙ୍ଗରର ବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କିକୋଟ୍, ସମୟ: ଅପରାହ୍ନ ୫ଟା।
- ଗଡ଼ଚଣ୍ଡୀଙ୍କ ପୀଠରେ ସଂକ୍ରାନ୍ତି ମେଳା, ଭଜନ ସମ୍ମିଳନୀ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଜେଏମ୍ଏମ୍‌ର ଖବରଦାତା ସମ୍ମିଳନୀ, ସ୍ଥାନ: ଚିତ୍ରଡ଼ା କଲ୍ୟାଣ ମଣ୍ଡପ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ଉଦଳା ନିର୍ବାଚନ ମଣ୍ଡଳୀ ପ୍ରତି ରେଳୱେର ଅବହେଳା ନେଇ ବିଜେଡି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦଳା ସନ୍ଧାନି ସଭାଗୃହ, ସମୟ:ଅପରାହ୍ନ ୩ଟା।
- ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥର ଉଦ୍‌ଯାପନ ସମାରୋହ, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ହଙ୍ଗାମା କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଲୋଚାପଡ଼ା ପାଣି ମହାପ୍ରଭୁ ଖେଳପଡ଼ିଆ, ସମୟ: ସକାଳ ୮ଟା।
- ଜାତୀୟ କର୍ମଶାଳା, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଫି, ସ୍ଥାନ: ଖଲିକୋଟ କଲେଜ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ ଟା।
- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସାହିତ୍ୟ ସଂସଦ ଓ ଶିଶୁ କଲ୍ୟାଣ ସାହିତ୍ୟ ସଂସଦ ପକ୍ଷରୁ ଆସର, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ଅପରାହ୍ନ ୪ ଟା।

## ଢେଙ୍କାନାଳ

- ସାମାଜିକ ନେତୃତ୍ୱ ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ବିଶ୍ୱ ଗ୍ରାହକ ଅଧିକାର ଦିବସ ୨୦୨୬ ପାଳନ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ବାଲିଘର ୩୬ ତମ ବାର୍ଷିକ ଉତ୍ସବ, ସ୍ଥାନ: ମୁନୀ ଗୋସାଇଁ ମଠସ୍ଥିତ ଆଦିକବି ସାରଳା ଦାସ ଭବନ, ତେନ୍ତୁଳିପଦା, ତିର୍ତ୍ତୋଲ ବ୍ଲକ, ସମୟ: ସକାଳ ୯ଟା ୩୦।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ଶିବାନନ୍ଦ ଆଶ୍ରମ ପକ୍ଷରୁ ତୁଳସୀ ଜ୍ୟୋତି ପରିକ୍ରମା, ସ୍ଥାନ: ଶ୍ରୀ ବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା।
- ମେଗା ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର, ସ୍ଥାନ: ମହାକାଳୀ ବିଦ୍ୟାପୀଠ, ପାଇଲୋ, ଅନ୍ତେଇ, ମାର୍ଶାଘାଇ, ସମୟ: ସକାଳ ୮ଟା ।
- ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରହ୍ଲାଦ ମଲ୍ଲିକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସ୍ୱସ୍ତିକ ମଣ୍ଡପ, କେନ୍ଦ୍ରାପଡା ସହର, ସମୟ: ସକାଳ ୯ଟା ।
- ଶିକ୍ଷାବିତ ଅତୁଳ ବଳଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଗଭାଡିହା, ଆଳି, ସମୟ: ପୂର୍ବାହ୍ନ ୧୧ଟା ।
- ଗ୍ରାମବାସୀଙ୍କ ପକ୍ଷରୁ ହରିବଂଶ ପାରାୟଣ ଓ ନାମଯଜ୍ଞ, ସ୍ଥାନ: ଦୁର୍ଲ୍ଲଭ ଗୋସାଣୀ ପୀଠ, ଓକିଳପାଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା ।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ନରହରି ଭାଗବତ ଟୁଙ୍ଗି, ବେତାରି, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀରାମ କୃପା ପରିଷଦ ପକ୍ଷରୁ ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: କ୍ଷେତ୍ରପାଳିନୀ ପୀଠ, ହରିଅଙ୍କ ମେଳଣ ପଡିଆ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଧର୍ମଶାଳା ବ୍ଲକ୍ ଅଞ୍ଚଳର ଦେଓଦା ମେଳଣ, ସ୍ଥାନ : ପଞ୍ଚାୟତ କାର୍ଯ୍ୟାଳୟ ନିକଟ, ସମୟ: ରାତ୍ର ୧୦ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା ।
- ଦଶଦୋଳ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ଦଶଦୋଳ ପଡିଆ, ନୟାଗଡ଼ ବ୍ଲକ ଇଟାମାଟି ମେଡିକାଲ ପଡିଆ, ସମୟ:ସକାଳ ୮ଟା ।
- ବିଶ୍ୱ ଗ୍ରାହକ ଅଧିକାର ଦିବସ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ୨୮ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଖୋର୍ଦ୍ଧା ଫୁଟ୍‌ବଲ କ୍ଲବକୁ ବିଶ୍ୱଜିତ ଫୁଟ୍‌ବଲ କ୍ଲବ ଭୁବନେଶ୍ୱର , ସ୍ଥାନ: ଭାପୁର ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା୩୦ ।
- ଦଶଦୋଳ ଯାତ୍ରାର ୩ ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ବାଲୁଗାଁ ଦଶଦୋଳ ପଡିଆ, ସମୟ:ଅପରାହ୍ନ ୪ଟା ।

## ରାୟଗଡ଼ା

- ଜଙ୍ଗଲରେ ନିଆଁ ନ ଲଗାଇବା,ବେଣ୍ଟ ଶିକାର ନ କରିବା ନେଇ ସଚେତନତା ବାର୍ତ୍ତା ନେଇ ବାଇକ୍ ଶୋଭାଯାତ୍ରା, ସ୍ଥାନ: ଗୁଣପୁର ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୭ଟା ୩୦।
- କେପିଏଲ୍ ଆୟୋଜକଙ୍କ ପକ୍ଷରୁ ମଶାଲ ଯାତ୍ରା, ସ୍ଥାନ: କାଶୀପୁର ମା କାଳୀ ମନ୍ଦିର, ସମୟ: ସକାଳ ୯ଟା।

## କୋରାପୁଟ

- ସାମାଜିକ ସଦ୍‌ଭାବନା ବୈଠକ, ସ୍ଥାନ: ସାଇ କଲ୍ୟାଣୀ ମଣ୍ଡପ, ଦଶମନ୍ତପୁର, ସମୟ: ଅପରାହ୍ନ ୧ଟା ୩୦।
- ବିବେକାନନ୍ଦ ଇଂଲିଶ ମିଡିୟମ ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ବୈପାରିଗୁଡ଼ା, ସମୟ: ସନ୍ଧ୍ୟା ୭ଟା।

## ମାଲକାନଗିରି

- ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ବାଲିମେଳା କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର

- ଶ୍ରୀରାମ ବାଟିକା କମିଟି ପକ୍ଷରୁ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ : କେନଘାଟି ସ୍ଥିତ ଶ୍ରୀରାମ ବାଟିକା, ସମୟ : ସକାଳ ୮ଟା।
- ରାଜ୍ୟସ୍ତରୀୟ ସାହିତ୍ୟ ଆସର ଓ କବି ସମ୍ମିଳନୀ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା।
- ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ଆୟୋଜିତ ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ସକାଳ ୯ଟା।
- . ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ଆୟୋଜିତ ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ଉତ୍କଳ ମାରୱାଡି ସମ୍ମେଳନ ଉଦ୍‌ଘାଟନୀ ଉତ୍ସବ, ଦୁର୍ଗାପଲ୍ଲୀ ନିକଟସ୍ଥ ରିଭର ଇନ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ବିର୍ଲା ଓପନ ମାଇଣ୍ଡସ ଇଣ୍ଟରନ୍ୟାଶନାଲ ସ୍କୁଲର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଭାଲୁବାହାର ଛକ, ସମୟ : ଅପରାହ୍ନ ୨ଟା ୩୦।

## ବଲାଙ୍ଗୀର

- ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ପକ୍ଷରୁ ବିଶ୍ୱ ଖାଉଟି ଅଧିକାର ଦିବସ ପାଳନ, ସ୍ଥାନ: ପତିତପାବନ ଏକାଡେମୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୨୧ ପ୍ରହର ମହାନାମ ସଂକୀର୍ତ୍ତନର ୧୦ମ ଦିବସ,ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ,ଲୋଇସିଂହା, ସମୟ: ଅହୋରାତ୍ର।

## ରାଉରକେଲା

- ଗ୍ରୀଷ୍ମକାଳୀନ ଶିବିର ଆରମ୍ଭ, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- ମାଳତୀ ଚୌଧୁରୀଙ୍କ ପୂଣ୍ୟତିଥିରେ ମହିଳା ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା ନବଜୀବନ ମଣ୍ଡଳ, ସମୟ: ପୂର୍ବାହ୍ନ ୧୦ଟା।
- ଜୟଦେବ କଳାବିକାଶ କେନ୍ଦ୍ର ପକ୍ଷରୁ ଓଡ଼ିଶୀ ସଙ୍ଗୀତ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ଜିଲା ଶୁଣ୍ଡି ସମାଜର ବାର୍ଷିକ ସମ୍ମିଳନୀ,ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ,ସମୟ:ପୂର୍ବାହ୍ନ ୧୦ଟା।
- ଓଡିଶା ବ୍ରାହ୍ମଣ ମହାସଂଘ ସୁନ୍ଦରଗଡ ଜିଲା ଶାଖା ଆନୁକୂଲ୍ୟରେ ଜିଲା ସ୍ତରୀୟ ବ୍ରାହ୍ମଣ ପରିବାର ସମାବେଶ,ସ୍ଥାନ:ସିଭିକ ସେଣ୍ଟର(ମାଦ୍ରିକାଲୋ ଭବନ)ସମୟ:ପୂର୍ବାହ୍ନ ୧୧ଟା ।
- କବୟିତ୍ରୀ ପ୍ରଣତି ବେହେରାଙ୍କ କବିତା ପୁସ୍ତକ ନବଘନର ଘରର ଲୋକାର୍ପଣ ଉତ୍ସବ,ସ୍ଥାନ: ସୁନ୍ଦରଗଡ ପବ୍ଲିକ ସ୍କୁଲ,ସମୟ:ପୂର୍ବାହ୍ନ ୧୦ଘଟିକା।
- ଖାୱାଜା ଗରିବ ନୱାଜ କମିଟି ପକ୍ଷରୁ ଇଫତାର୍ ପାର୍ଟି,ସ୍ଥାନ:ସୁନ୍ନି ବରେଲୱି ସଦର ମସଜିଦ, ସୁନ୍ଦରଗଡ,ସମୟ: ଅପରାହ୍ନ ୫ଟା୩୦।

## ବରଗଡ଼

- ରାଜ୍ୟସ୍ତରୀୟ ଦୁମାଳ ମହାସଭାରେ କଳସ ଯାତ୍ରା,ସ୍ଥାନ: ପପଙ୍ଗା, ଭେଡେନ,ସମୟ: ସକାଳ ୯ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଅବସରରେ କଳସ ଯାତ୍ରା, ସ୍ଥାନ:ଝାରବନ୍ଧ, ସମୟ:ସକାଳ ୯ଟା।
- ଜିଲା ଯାଦବ ସାଂସ୍କୃତିକ ସମାଜର ଖବରଦାତା ସମ୍ମିଳନୀ,ସ୍ଥାନ:ଶ୍ରୀକ୍ରୀଷ୍ଣା ଡର୍ମେଟ୍ରି, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- କୁଲିତା ସମାଜର ୨୫ ତମ ମହାସଭା ପ୍ରସ୍ତୁତି ବୈଠକ, ସ୍ଥାନ: ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସର, ପାଇକମାଳ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ନବମୀ ଉପରେ ବୈଠକ, ସ୍ଥାନ:ଶକ୍ତି ନଗର ୟୁଥ ଆସୋସିଏଶନ, ବରଗଡ଼, ସମୟ:ସନ୍ଧ୍ୟା ୬ଟା ୪୫।

## କଳାହାଣ୍ଡି

- ମାଓବାଦୀଙ୍କ ଉପରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ରିଜର୍ଭ ପୋଲିସ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଗ୍ରାହକ ଅଧିକାର ଦିବସ ପାଳନ, ସ୍ଥାନ: ଡେପୁଟି କଣ୍ଟ୍ରୋଲର ଲିଗାଲ ମାପ ବିଜ୍ଞାନ, ଦେବଗଡ଼ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମହିଳା ଦିବସ ଅବସରରେ ଜିଲା ମହିଳା ଏକତା ମଞ୍ଚ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା, ମହିଳା ସଶକ୍ତୀକରଣ ଉପରେ ଆଲୋଚନା, ସ୍ଥାନ: ଦେବଗଡ଼ ସହର ଗୋପବନ୍ଧୁ ଛକ, ସମୟ: ସନ୍ଧ୍ୟା ୬ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ନବାହ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: କମିରା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁର ସହରର ଅଷ୍ଟଶମ୍ଭୁଙ୍କ ପୀଠକୁ ଇନ୍‌ଟାକ୍ ହେରିଟେଜ୍ ୱାକ, ସ୍ଥାନ: ବିଜୁ ପଟ୍ଟନାୟକ ଛକ, ସମୟ: ସକାଳ ୯ଟା।
- ଫିଟ୍‌ନେସ ଏମ୍ପାୟାର କ୍ରିକ୍ ପେଷ୍ଟର ଗ୍ରାଣ୍ଡ ଫାଇନାଲ, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା

- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଷଷ୍ଠ ଦିବସ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଟିଖାଲି ଡ୍ୟାମ୍ ଲୋକ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଖଡିଆଳ ବ୍ଲକ ଟିଖାଲି ଡ୍ୟାମ୍ ବାବା ଜଳେଶ୍ୱର ମନ୍ଦିର ନିକଟ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଭକ୍ତ ଶିରୋମଣି ମା' କରମା ଜୟନ୍ତୀ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ପୂଜାରମ୍ଭ, ସ୍ଥାନ: ନୂଆପଡା ସଦର ବ୍ଲକ ପରଶଖୋଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷୋହଳ ପ୍ରହର ଆଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବୀର ହନୁମାନପଡ଼ା, ସମୟ: ସନ୍ଧ୍ୟା ୬ଟା ୪୦।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋମନା ବ୍ଲକ ସୁନାବେଡା ଗାଁ, ସମୟ: ଅପରାହ୍ନ ୫ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ଖୁଦପେଜ ଗାଁ, ସମୟ: ସନ୍ଧ୍ୟା ୬ଟା ୪୪।

## ଝାରସୁଗୁଡ଼ା

- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡା ହନୁମାନ ମନ୍ଦିର, ସମୟ : ସକାଳ ୭ଟା।
- ଅଂଶୁଘାତ ପାଇଁ ସଚେତନତା ସଭା, ସ୍ଥାନ: ମଳଦା କମ୍ୟୁନିଟି ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ୨୪ ପ୍ରହର ନାମଯଜ୍ଞ ଶୁଭ ଅଧିବାସ କାର୍ଯ୍ୟକ୍ରମ, ସ୍ଥାନ: ଲୁହାବଗା ଯଜ୍ଞ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

# ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଣରେ ପିଲେ ମୂଷା ମାଟି**
**ମେଘ ଯାଉ ଫସର ଫାଟି ।**

ମେଘ ବନ୍ଦ କରିବା ଲାଗି ଅନେକ ପ୍ରକାର ପନ୍ଥା ଆପଣେଇ ନିଆଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ମୂଷା ଗାତରୁ ମାଟି ଆଣି ଗାତ ବନ୍ଦ କଲେ ହେଉଥିବା ଲଗାଣ ବର୍ଷା ସଙ୍ଗେ ସଙ୍ଗେ ଉଭେଇ ଯାଏ ବୋଲି ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଖଡ଼ିଆ ଚମ୍ପା**
**ଆଖଡ଼ା ସରିଲେ ଫମ୍ପା ।**

ଆଖଡ଼ା ସରିଗଲା ପରେ ଆଖଡ଼ା ସ୍ଥାନଟିର ଗୁରୁତ୍ୱ କମିଯାଇଥାଏ। ଉକ୍ତ ସ୍ଥାନଟି ସମୟକ୍ରମେ ଅଣଦେଖା ଓ ଅବହେଳିତ ହୋଇଯାଇଥାଏ। ପରୋକ୍ଷରେ ଉପକୃତ ହେବା ପରେ ଉପକାରୀ ବ୍ୟକ୍ତିକୁ ଆଉ କେହି ସେତେ ଖୋଜୁ ବା ଲୋଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଛୁଟି କାଟୁଛନ୍ତି ଆଲିଆ



ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ୩୩ ବର୍ଷରେ ପଦାର୍ପଣ କରିଛନ୍ତି। ଆଜିକାଲି ସେ ସ୍ୱାମୀ ରଣବୀର କପୁର ଏବଂ ଝିଅ ରାହାଙ୍କ ସହିତ ହଂକଂରେ ଛୁଟି ବିତାଉଛନ୍ତି। ସେମାନେ ଝିଅ ସହ ପାର୍କରେ ଖେଳୁଥିବାର ଫଟୋ ଭାଇରାଲ ହୋଇଛି। ବ୍ୟସ୍ତ ଜୀବନରୁ କିଛି ସମୟ ବାହାର କରି ଉଭୟ ଝିଅକୁ ସମୟ ଦେଉଥିବା ନଜର ଆସିଛନ୍ତି। ରଣବୀର ଏବଂ ଆଲିଆ ବର୍ତ୍ତମାନ ସଞ୍ଜୟ ଲୀଲା ବଂସାଲିଙ୍କ ଆଗାମୀ ଫିଲ୍ମ 'ଲଭ୍ ଆଣ୍ଡ୍ ୱାର୍' ପାଇଁ ଶୁଟିଂ କରୁଛନ୍ତି। ଏଥିରେ ବିକି କୌଶଲ ମଧ୍ୟ ମୁଖ୍ୟ ଭୂମିକାରେ ଅଛନ୍ତି। ରଣବୀର 'ରାମାୟଣ ପାର୍ଟ ୨'ର ଶୁଟିଂ ମଧ୍ୟ ଆରମ୍ଭ କରିଛନ୍ତି, ଯାହାର ପ୍ରଥମ ଭାଗ ୨୦୨୬ ଦୀପାବଳିରେ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ରିଲିଜ ହେବାର ଯୋଜନା ରହିଛି। ଆଲିଆ ତାଙ୍କ ଫିଲ୍ମ 'ଆଲ୍‌ଫା'ର ରିଲିଜ ଅପେକ୍ଷାରେ ଅଛନ୍ତି। ବବି ଦେଓଲଙ୍କ ସହ ଏହି ସ୍ପାଇ ଆକ୍ସନ ଫିଲ୍ମରେ ସେ ଅଭିନୟ କରୁଛନ୍ତି, ଯାହା ଆଗାମୀ ଜୁଲାଇ ୧୦ରେ ସିନେମା ହଲ୍‌ରେ ରିଲିଜ ହେବ। ବ୍ୟସ୍ତତା ସତ୍ତ୍ୱେ ଉଭୟ ଷ୍ଟାର ସେମାନଙ୍କ ପରିବାର ସହିତ ସମୟ ବିତାଇ ସେମାନଙ୍କର ବିଶେଷ ଦିନଗୁଡ଼ିକୁ ସ୍ମରଣୀୟ କରୁଛନ୍ତି।

## ଖାର୍ଗ ଆକ୍ରମଣର ...

'କ୍ରାଉନ୍ ଜୁଏଲ୍' ବୋଲି କହିଥିଲେ। ଅନ୍ୟପକ୍ଷେ ଇରାନ୍ ମିଲିଟାରି କମାଣ୍ଡ ଆମେରିକାର ତୈଳ ଓ ଶକ୍ତି ଫାସିଲିଟିଗୁଡ଼ିକ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। କେବଳ ଏତିକି ନୁହେଁ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଫୁଜାରିଆ ପୋର୍ଟ ଅଏଲ୍ ଟର୍ମିନାଲକୁ ଇରାନ୍ ଆକ୍ରମଣ କରିଛି। ଏପରି କି ତୁରନ୍ତ ଦୁବାଇ ଓ ଆବୁଧାବି ଛାଡ଼ି ଅନ୍ୟତ୍ର ଚାଲିଯିବାକୁ ସେଠାକାର ବାସିନ୍ଦାଙ୍କୁ ତେହରାନ୍ ଚେତାବନୀ ଦେଇଛି। ଇରାନ୍ ଫୁଜାରିଆ ବନ୍ଦର, ଦୁବାଇର ଜେବେଲ୍ ଅଲୀ ପୋର୍ଟ ଏବଂ ଆବୁଧାବିର ଖଲିଫା ବନ୍ଦର ଉପରେ ଖୁବ୍‌ଶୀଘ୍ର ଆକ୍ରମଣ କରିପାରେ ବୋଲି ଆଶଙ୍କା କରାଯାଉଛି। ୟୁଏଇ ଗୃହ ମନ୍ତ୍ରଣାଳୟ ସୋସିଆଲ ମିଡିଆରେ କୌଣସି ଗୁଜବ ସୃଷ୍ଟିକାରୀ ଫଟୋ ଓ ଭିଡିଓ ପୋଷ୍ଟ ନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛି। ଏଭଳି ସ୍ଥିତିରେ ୟୁଏଇରେ ବସବାସ କରୁଥିବା ପ୍ରାୟ ୪୩ ଲକ୍ଷ ଭାରତୀୟଙ୍କ ସୁରକ୍ଷା ଚିନ୍ତା ବଢ଼ିଯାଇଛି। ସେପଟେ ଟ୍ରମ୍ପ କହିଛନ୍ତି, ଆମେରିକା ଓ ଇସ୍ରାଏଲ୍ ସେନାର ସାମରିକ କାର୍ଯ୍ୟାନୁଷ୍ଠାନରେ ଇରାନ୍ ପରାଜିତ ହୋଇସାରିଛି। ଏଥିଯୋଗୁ ତେହରାନ୍ ଆମେରିକା ସହ ଡିଲ୍ ଚାହୁଁଛି। କିନ୍ତୁ ସେ ଉକ୍ତ ଡିଲ୍‌କୁ ଗ୍ରହଣ କରିବେ ନାହିଁ। ହର୍ମୁଜ ପ୍ରଣାଳୀ ଦେଇ ଅତିକ୍ରମ କରିବାକୁ ଥିବା ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନକାରୀ ଜାହାଜଗୁଡ଼ିକୁ ଆମେରିକା ନୌସେନା ଖୁବ୍‌ଶୀଘ୍ର ସୁରକ୍ଷା ପ୍ରଦାନ କରିବାକୁ ଯାଉଛି। ପେଣ୍ଟାଗନ୍ ମଧ୍ୟ ଅତିରିକ୍ତ ୨,୫୦୦ ମରିନ୍‌ଙ୍କୁ ପଶ୍ଚିମ ଏସିଆରେ ମୁତୟନ କରିବାକୁ ଯାଉଛି। ଇତିମଧ୍ୟରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ପ୍ୟାରିସ୍‌ରେ ଇସ୍ରାଏଲ୍ ଓ ଲେବାନନ୍ ମଧ୍ୟରେ ପ୍ରତ୍ୟକ୍ଷ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତାବ ଦେଇଛନ୍ତି। ଏହି ଘଟଣାକ୍ରମ ଭିତରେ ଇରାନ୍ ଇସ୍ରାଏଲ୍‌କୁ ପୁଣି ଆକ୍ରମଣ କରିଛି।

## ଆଜିଠୁ ୪ଦିନ ...

ତେବେ ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାକୁ ହିଟ୍ ୱେଭ୍ ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ସୋମବାର ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା

### ଅବଶିଷ୍ଟାଂଶ

ହେବାକୁ ଥିବାବେଳେ ରାୟଗଡ଼ା, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ବର୍ଷା ସମୟରେ ଘଡ଼ଘଡ଼ି ବିଜୁଳି ସହିତ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ନେଇ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ବୌଦ୍ଧ, ଗଞ୍ଜାମ, କନ୍ଧମାଳ, ଗଜପତି, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନାଗିରି ଆଦି ଜିଲାକୁ ଘଡ଼ଘଡି ସହ ବର୍ଷା ପବନ ନେଇ ୱେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳ ଓ ବୁଧବାର ମଧ୍ୟ ରାଜ୍ୟର କେତେକ ଜିଲାରେ ବର୍ଷା ହେବାକୁ ଥିବାବେଳେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାକୁ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ବର୍ଷା ଯୋଗୁ ଆସନ୍ତା ୪ଦିନ ମଧ୍ୟରେ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ଖସିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଦଶମ ସ୍ଥାନରେ ରହିଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି, ଉନ୍ନତ ଚିନ୍ତା ଓ ନୂତନ କାମ କରିବାକୁ ମନସ୍ଥ କରିବେ। କେତେକ କ୍ଷେତ୍ରରେ ନିଜର ପ୍ରତିକୂଳ ଆଚରଣ ଦେଖି ଅନ୍ୟମାନଙ୍କୁ ଆପଣଙ୍କ କଥାଗୁଡ଼ିକ ଭଲ ଲାଗି ନ ପାରେ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ସାହିତ୍ୟ, ସଙ୍ଗୀତ ଓ ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ଦୀର୍ଘ ଦିନରୁ ରହିଆସିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆଜି ସକାଳୁ ସକାଳୁ ଯାହା କରିବେ, ସେଥିରେ ସଫଳତା ପାଇପାରିବେ। ସାମାଜିକ ସ୍ତରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ।

**ମିଥୁନ** ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ସମସ୍ତ ପ୍ରସ୍ତୁତି ଥାଇ ମଧ୍ୟ ଶେଷ ସମୟରେ ଓଲଟପାଲଟ ହୋଇଯିବ। ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେବ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ। ଗବେଷଣା, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**କର୍କଟ** କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଅସ୍ଥିର କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ କାମ କରନ୍ତୁ, ନଚେତ୍ ପରେ ଅନୁତାପ କରିବାକୁ ପଡ଼ିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ପ୍ରକୃତ ଘଟଣା ନ ବୁଝି ସହକର୍ମୀ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିପାରନ୍ତି।

**ସିଂହ** ଆଜି ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବିଭିନ୍ନ ପ୍ରକାରର ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ଯେକୌଣସି ପଦକ୍ଷେପ ଗ୍ରହଣ କରିବେ। ପିଲାଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରିପାରନ୍ତି, କିନ୍ତୁ କିଛି କରିବାର ଉପାୟ ପାଇବେ ନାହିଁ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ପିଲାମାନଙ୍କ ଶିକ୍ଷା, ପରୀକ୍ଷାରେ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିବେ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଚେଷ୍ଟା କରୁଥିବା ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ଜନିତ କାମଟି ପୂର୍ଣ୍ଣାଙ୍ଗ କ୍ଷେତ୍ରରେ ବାଧା ଉପୁଜିପାରେ।

**ତୁଳା** ସମ୍ପର୍କୀୟଙ୍କ ସହ ଅର୍ଥ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନା କିମ୍ବା ସନ୍ଧ୍ୟା ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। କର୍ମକ୍ଷେତ୍ରରେ ପ୍ରଶଂସନୀୟ କାମ କରିବା ସହ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ। ବନ୍ଧୁଙ୍କ ଗହଣରେ ବାକ୍ ଅସଂଯମତା ଯୋଗୁ ସମ୍ପର୍କ କଟିଯିବାର ଆଶଙ୍କା ରହିଛି।

**ବିଛା** ଆଜି ସାହିତ୍ୟ, ସଙ୍ଗୀତ, ପ୍ରବଚନ ତଥା ଅଭିନୟ ଜଗତରୁ ପ୍ରଶଂସା ପାଇବେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ଚେଷ୍ଟା କରୁଥିବା କାମ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ନିର୍ମାଣାଧୀନ କାମ, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** କର୍ମକ୍ଷେତ୍ରରେ ମଧ୍ୟ ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବାର ସୂଚନା ରହିଛି। ଯାତ୍ରା କରୁଥିବା ସମୟରେ ସତର୍କ ନ ହେଲେ ଅସୁବିଧାରେ ପଡ଼ିପାରନ୍ତି। ପରିବାରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଉଥିବା ଯୋଗୁ ଚିନ୍ତାପ୍ରକଟ କରିବେ। ସଂକଟଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**ମକର** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିନେବେ। ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ଅବଶ୍ୟ ପ୍ରତ୍ୟେକ ସମସ୍ୟାଜନିତ ଅପରାହ୍ନରେ ଟେନ୍‌ସନ୍ କିଛି ମାତ୍ରାରେ କମିଯିବ। ଆଲୋଚନା ସମୟରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**କୁମ୍ଭ** ବନ୍ଧୁ ପରିବାରର କୌଣସି ଘଟଣା ବିବ୍ରତ କରିପାରେ। ଘର ଲୋକଙ୍କୁ ବୃଥା ସନ୍ଦେହ କଲେ ଭଲ ମନ୍ଦରେ ପରିଣତ ହୋଇଯାଇପାରେ। ମତାନ୍ତରଜନିତ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ବ୍ୟବସାୟ, ପ୍ରଶାସନ, ପ୍ରକାଶନ, ରାଜନୀତି ଓ କଚେରି ମାମଲା ତଥା ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ।

**ମୀନ** ଗତକାଲିଠାରୁ ମନାନ୍ତରଜନିତ ପାରିବାରିକ କ୍ଷେତ୍ରରେ ଲାଗି ରହିଥିବା ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ଅସୁବିଧା ନ ଥିଲେ ମଧ୍ୟ ଅନ୍ୟାନ୍ୟ କେତେକ କାରଣରୁ ମନ ଅସ୍ଥିର ରହିବ। ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବନ୍ଧୁଙ୍କ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ସୂଚନା ରହିଛି।

ଆଜି ମାର୍ଚ୍ଚ ୧୫ ତାରିଖ, ବିଶ୍ୱ ଖାଉଟି ଅଧିକାର ଦିବସ, ଚୈତ୍ର କୃଷ୍ଣପକ୍ଷର ସର୍ବସମ୍ମତ ପାପମୋଚିନୀ ଏକାଦଶୀ ରବିବାର। ବିଷ୍କୁମ୍ଭ ଯୋଗ, ରାଶିନକ୍ଷତ୍ର-ଶ୍ରବଣା/ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୮ ଗତେ ଘ.୦୯।୫୬ ମଧ୍ୟେ, ଘ.୦୧।୨୪ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୩ ଗତେ ଘ.୦୫।୫୨ ମଧ୍ୟେ ରାହୁକାଳ।



ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣରେ ତେହେରାନ୍‌ର ଏକ ବସ୍ ଡିପୋରେ ଗାଡ଼ିଗୁଡ଼ିକ ଜଳିଯାଇଛି।

# ସାଙ୍ଗଙ୍କୁ ପିଟି ହତ୍ୟା ଅଭିଯୋଗ: ୫ ଅଟକ

**ବଲାଙ୍ଗୀର,୧୪।୩(ବୀରେନ୍ଦ୍ର କୁମାର ଝାଙ୍କର)**

ଭୋଜି ଖାଇବାକୁ ସାଙ୍ଗଙ୍କୁ ଘରୁ ଡାକି ନେଲେ। ହେଲେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହେବାରୁ ସାଙ୍ଗମାନେ ତାଙ୍କୁ ପିଟି ହତ୍ୟା କରିଛନ୍ତି। ବଲାଙ୍ଗୀର ସଦର ଥାନା ଅଧୀନ ରିନବଚନ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଯୁବକ ହେଲେ ଦୀପକ ନାଏକ (୨୫)। ଏହି ଘଟଣାରେ ପୋଲିସ ଗାଁର ୫ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ନିଶା ସେବନରୁ ଏହି ହତ୍ୟାକାଣ୍ଡ ଘଟିଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି।



ମୃତ ଦୀପକ ନାଏକ

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ରିନବଚନ ଗାଁର ଦୀପକ ସାଙ୍ଗମାନଙ୍କ ସହ ଭୋଜି ଥିବା କହି ଘରୁ ବାହାରି ଯାଇଥିଲେ। ରାତିରେ ଘରକୁ ନ ଫେରିବାରୁ ଘର ଲୋକେ ଚିନ୍ତିତ ହୋଇ ତାଙ୍କୁ ଖୋଜାଖୋଜି କରିଥିଲେ। ପରେ ଗାଁର ବୁଢ଼ାରଜା ମନ୍ଦିର ନିକଟ ଏକ ଚାଷ ଜମିରେ ଦୀପକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନେଇଥିଲେ। ହସ୍ପିଟାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀପକଙ୍କୁ ତାଙ୍କର କେତେଜଣ ସାଙ୍ଗ ଭୋଜି ଖାଇବାକୁ ଡାକି ପିଟି ହତ୍ୟା କରିଥିବା ସନ୍ଦେହ କରି ଘର ଲୋକେ ସଦର ଥାନାରେ ଅଭିଯୋଗ କରିଥିଲେ। ଶନିବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଚଳାଇଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ହେବାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷରେ ଭୋଜିରେ ଏମିତି କ'ଣ ହେଲା ଯେ, ସାଙ୍ଗମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ପିଟି ମାରିଦେଲେ ସେନେଇ ପୋଲିସ ତଦନ୍ତ କରୁଛି। ଜଣେ ସାଙ୍ଗ କାଠ ଫାଳିଆରେ ଦୀପକଙ୍କୁ ପିଟୁଥିବା ଦୃଶ୍ୟ ସେ ଦେଖିଛନ୍ତି ବୋଲି ମୃତ ଯୁବକଙ୍କ ଜଣେ ଭାଇ ପୋଲିସ ଓ ଗଣମାଧ୍ୟମକୁ ଜଣାଇଛନ୍ତି। କେଉଁ ନିର୍ଦ୍ଦିଷ୍ଟ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଅତ୍ୟଧିକ ମଦ ନିଶା ଏବଂ ଡ୍ରଗ୍ସ ସେବନରୁ ହୋଇଥାଇପାରେ ବୋଲି ଗାଁ ଲୋକେ ☞ପୃଷ୍ଠା-୬

# ଜେଲରୁ ମୁକୁଳିଲେ ସୋନମ୍ ୱାଙ୍ଗଚୁକ୍

**ଯୋଧପୁର,୧୪।୩(ପି.ଟି.)**

ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍‌ଙ୍କ ଅଟକ ନିର୍ଦ୍ଦେଶନାମାକୁ ତୁରନ୍ତ ରଦ୍ଦ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେବା ପରେ ଶନିବାର ତାଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲରୁ ମୁକ୍ତ କରିଦିଆଯାଇଛି। ଗତବର୍ଷ ସେପ୍ଟେମ୍ବର ୨୪ରେ ଲଦାଖରେ ହିଂସାତ୍ମକ ବିକ୍ଷୋଭ ପରେ ଲେହ ଜିଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ସେପ୍ଟେମ୍ବର ୨୬ରେ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ)ରେ ଅଟକ ରଖାଯାଇଥିଲା। ୱାଙ୍ଗଚୁକ୍‌ଙ୍କ ଅଟକକୁ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ଆଙ୍ଗମୋ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ଉକ୍ତ ହେବିୟସ୍ କର୍ପସ ପିଟିଶନର ଶୁଣାଣି ଆସନ୍ତା ୧୭ରେ ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ପ୍ରସନ୍ନ ବି ଭରାଲେଙ୍କ ଖଣ୍ଡପୀଠରେ ହେବାର ଥିବାବେଳେ ଏହାର ୩ ଦିନ ପୂର୍ବରୁ କେନ୍ଦ୍ର ସରକାର ତାଙ୍କୁ ମୁକ୍ତ କରିଦେଇଛନ୍ତି।

ଆଇନ ଅନୁଯାୟୀ ଅଟକ ଅବଧିର ପ୍ରାୟ ଅଧା ସମୟ ୱାଙ୍ଗଚୁକ୍ ଜେଲରେ କାଟିସାରିଛନ୍ତି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ଶନିବାର ଅପରାହ୍ନ ୧ଟା ୩୦ ମିନିଟ୍ ସମୟରେ ତାଙ୍କୁ ମୁକ୍ତ କରିଦିଆଯାଇଥିବା ରତନଦା ଥାନା ଏସ୍‌ଏଚ୍‌ଓ ଦିନେଶ ଲଖାୱତ୍ କହିଛନ୍ତି। ଏଥିପାଇଁ କେତେକ ଔପଚାରିକତା ପୂରଣ କରିବା ନିମନ୍ତେ ୱାଙ୍ଗଚୁକ୍‌ଙ୍କ ସ୍ତ୍ରୀ ଗୀତାଞ୍ଜଳି ଉପସ୍ଥିତ ଥିଲେ।



ସୂଚନାଯୋଗ୍ୟ, ଲଦାଖକୁ ରାଜ୍ୟ ମାନ୍ୟତା ଦାବି ଏବଂ ଏହାକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ଦାବିରେ ଗତବର୍ଷ ସେପ୍ଟେମ୍ବରରେ ବିକ୍ଷୋଭ ଜୋର୍‌ଦାର ହୋଇଥିଲା। ସେପ୍ଟେମ୍ବର ୨୪ରେ ଏହା ହିଂସାତ୍ମକ ରୂପ ନେଇଥିଲା ଓ ପୋଲିସ ଗୁଳିରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟି ୨୨ ଜଣ ପୋଲିସ କର୍ମଚାରୀଙ୍କ ସମେତ ୪୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ ଏବଂ ଲେହରେ ଗମ୍ଭୀର ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ଶାସକ ଭାଜପା କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ କାଉନ୍‌ସିଲରଙ୍କ ଅଫିସରେ ନିଆଁ ଲଗାଇ ଦେଇଥିଲେ। କେତେକ ପୋଲିସ ଗାଡ଼ିକୁ ଜାଳିଦିଆଯାଇଥିଲା। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି ହେବା ସହ ଅନ୍ୟୂନ ୫୦ ଜଣଙ୍କୁ ଅଟକ ରଖାଯାଇଥିଲା।

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଉକ୍ତ ହିଂସାତ୍ମକ ଆନ୍ଦୋଳନ ପାଇଁ ଶିକ୍ଷାବିତ୍ ତଥା ଜଳବାୟୁ କର୍ମୀ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଦାୟୀ କରିଥିଲେ। ସେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଏବଂ ଅନଶନ ଜରିଆରେ ଲଦାଖକୁ ରାଜ୍ୟ ମାନ୍ୟତା ଦାବି କରିଥିଲେ। ତେବେ ସେ ଆରବ ସ୍ପ୍ରିଙ୍ଗ୍ ଢାଞ୍ଚାରେ ଆନ୍ଦୋଳନ କଥା କହି ଏବଂ ନେପାଳର ଜେନ୍ ଜି ବିକ୍ଷୋଭର ଦୃଷ୍ଟାନ୍ତ ଦେଇ ଲୋକମାନଙ୍କ ବିଭ୍ରାନ୍ତ କରିଥିଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଭିଯୋଗ କରିଥିଲା। ୱାଙ୍ଗଚୁକ୍ ଅଭିଯୋଗକୁ ଖଣ୍ଡନ କରିବା ସହ ଶାନ୍ତ ☞ପୃଷ୍ଠା-୬

# କୋର୍ଟରେ ପରିବାରର ୪ ସଦସ୍ୟଙ୍କ ଆତ୍ମାହୁତି ଉଦ୍ୟମ

- ଘର, ଅଟୋରିକ୍ସା ପୋଡ଼ି ପରେ ସ୍ତ୍ରୀଙ୍କୁ ବଳାତ୍କାର
- ପୋଲିସଠାରୁ ମିଳିଲାନି ନ୍ୟାୟ

**ନୂଆପଡ଼ା, ୧୪।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଦୌରା ଜଜ୍‌ଙ୍କ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଚାଲିଥିବା ସମୟରେ ଖଡ଼ିଆଲ ଥାନା ଡୁଆଝର ଗାଁର ଜଣେ ଅଟୋ ଚାଳକଙ୍କ ପରିବାରର ୪ ସଦସ୍ୟ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଜମିବାଡ଼ି ବିବାଦରୁ ପଡ଼ୋଶୀଙ୍କ ସହ ଶତ୍ରୁତା ବଢ଼ିଥିଲା। ୩ ବର୍ଷ ମଧ୍ୟରେ ଅଟୋ ଚାଳକଙ୍କ ଘର ଏବଂ ପରେ ତାଙ୍କ ଅଟୋରିକ୍ସାକୁ କେହି ପୋଡ଼ିଦେଇଥିଲେ। ପୋଲିସ ଏହି ୨ ଘଟଣାରେ କୌଣସି ପଦକ୍ଷେପ ନେଇ ନ ଥିଲା। ଶେଷରେ ଶୁକ୍ରବାର ରାତିରେ ଅଟୋ ଚାଳକଙ୍କ ସ୍ତ୍ରୀ ବଳାତ୍କାରର ଶିକାର ହୋଇଛନ୍ତି। ପୋଲିସର ଅବହେଳା ତଥା ଉଦାସୀନତା ଯୋଗୁ ତାଙ୍କ ପରିବାର ପ୍ରତି ଏଭଳି ପାଶବିକ ଅତ୍ୟାଚାର କରିବାକୁ ପଡ଼ୋଶୀ ବଳ ପାଇଥିବା ☞ପୃଷ୍ଠା-୬

No. 38001/13/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସଡ଼କ ସୁରକ୍ଷା ନିୟମ ମାନନ୍ତୁ
ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜନସାଧାରଣଙ୍କ ପାଇଁ ଜରୁରୀ ସୂଚନା
ଜାତୀୟ ଲୋକ ଅଦାଲତ, ୨୦୨୬

ବକେୟା ଟ୍ରାଫିକ/ ଇ-ଚାଲାଣ ମାମଲା ସମାଧାନ ପାଇଁ ସୁଯୋଗ

ମାନ୍ୟବର ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶିକା ଅନୁସାରେ ଆମ ରାଜ୍ୟରେ ଜାତୀୟ ଲୋକ ଅଦାଲତ, ୨୦୨୬ ଆୟୋଜିତ ହେଉଛି। ପରିବହନ ବିଭାଗ ଦ୍ୱାରା ଜାରି ହୋଇଥିବା ବକେୟା ଟ୍ରାଫିକ ଚାଲାଣ/ ଇ-ଚାଲାଣ ମାମଲାର ସମାଧାନ ନିମନ୍ତେ ଅନଲାଇନ୍ ମାଧ୍ୟମରେ ରିହାତି ଦରରେ ଚାଲାଣ ରାଶି ପୈଠ କରନ୍ତୁ।

ଜାତୀୟ ଲୋକ ଅଦାଲତଙ୍କ ଦ୍ୱାରା ପ୍ରଦତ୍ତ ସୁଯୋଗ ଅନୁଯାୟୀ ୩୧ ମାର୍ଚ୍ଚ ୨୦୨୬ ଯାଏଁ ଅନଲାଇନ୍‌ରେ https://echallan.parivahan.gov.in ଏହି ସୁବିଧା ଉପଲବ୍ଧ ରହିଛି।

ଯାନ ମାଲିକ/ ଚାଳକମାନଙ୍କୁ ଅନୁରୋଧ କରାଯାଉଛି କି ଯେ, ନିଜର ବକେୟା ଚାଲାଣର ସ୍ଥିତି ଯାଞ୍ଚ କରି ଜାତୀୟ ଲୋକ ଅଦାଲତ, ୨୦୨୬ରେ ପ୍ରଦାନ କରାଯାଉଥିବା ଏହି ସୁଯୋଗର ସଦୁପଯୋଗ କରନ୍ତୁ ଏବଂ ନିଜ ଚାଲାଣ ମାମଲାର ସମାଧାନ କରନ୍ତୁ।

ବିସ୍ତୃତ ସୂଚନା ପାଇଁ:
ନିକଟସ୍ଥ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (RTO) ସହିତ ସମ୍ପର୍କ କରନ୍ତୁ

OIPR-38001/38001/2/25-26/0001

STAOdisha | OdishaSTA | ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର | STAOdisha | STAOdisha

44001/14/2526

BIJU PATTANAIK FILM & TELEVISION INSTITUTE OF ODISHA
CUTTACK
Under SDT&E Department Govt. of Odisha
Approved by AICTE and under BPUT, Rourkela

AFTER 12TH/ 3yrs Diploma..JOIN

- CINEMATOGRAPHY
- FILM EDITING
- SOUND RECORDING & SOUND DESIGN

4 YEARS DEGREE B.CAT

At Odisha's Powerhouse of Cinematic Excellence.

Fill up of application form online through www.ojee.nic.in
Last date : 22nd March 2026
Contact for more Information
+91 8249889162 | +91 9437069564 | +91 9439978071
BOSE Campus, Cuttack, Odisha 753007
www.bpftio.ac.in



OIPR-44001/44029/2/25-26/0001

# 'ଆତ୍ମସମର୍ପଣକୁ ନା, ଜାରି ରହିବ ଲଢ଼େଇ'

## ମାଓବାଦୀ ନେତ୍ରୀ ରାଣୀତାଙ୍କ ପ୍ରେସ ବିବୃତି

**ମାଲକାନଗିରି, ୧୪।୩(ସୁଚିତ୍ରା ଦାସ)**

ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ହୋଇ ମୁଖ୍ୟସ୍ରୋତରେ ସାମିଲହେବାକୁ ସରକାର ମାଓବାଦୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମୟସୀମା ମଧ୍ୟରେ ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କୁ ରେଡ୍ କାର୍ପେଟ ବିଛାଇ ଅଣାଯିବ ବୋଲି କୁହାଯାଇଥିଲା। ଧାର୍ଯ୍ୟ ସମୟସୀମା ପାଖେଇ ଆସୁଥିବା ବେଳେ ମାଓବାଦୀମାନେ ଜଙ୍ଗଲରୁ ବାହାରି ମୁଖ୍ୟସ୍ରୋତରେ ମଧ୍ୟ ହେଉଥିବା ଦେଖିବାକୁ ମିଳିଛି। କିନ୍ତୁ ଏହା ମଧ୍ୟରେ ମାଓବାଦୀ ଡିଭିଜନ ସଚିବ ରାଣୀତା ଏକ ପ୍ରେସ୍ ବିବୃତି ଜାରିକରି ଭିନ୍ନ ମତ ରଖିଛନ୍ତି। ସେ ଆତ୍ମସମର୍ପଣକୁ ନା କରି ଏହି ଲଢ଼େଇ ଜାରି ରହିବ ବୋଲି କହିଛନ୍ତି। ସାଥୀ କମ୍ରେଡ୍‌ମାନଙ୍କ ବଳିଦାନକୁ ବ୍ୟର୍ଥ ଯିବାକୁ ଦେବୁ ନାହିଁ, ସରକାରଙ୍କ କୌଣସି ପ୍ରସ୍ତାବକୁ ଆମେ ସ୍ୱୀକାର କରିବୁ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଆମ ସଂଗଠନ କେବେ ବିଲୁପ୍ତ ହେବ ନାହିଁ। ଶହୀଦ ନେତାଙ୍କ ସଂଘର୍ଷକୁ କେବେ ଭୁଲିହେବ ନାହିଁ। ଆମେ ଭାରତର ସବୁ ☞ପୃଷ୍ଠା-୬

“ ଆତଙ୍କବାଦ ପ୍ରଶାସନିକ ହିଂସା ଓ ଅନ୍ୟାୟ ଦ୍ୱାରା ବଞ୍ଚି ରହେ। କେବଳ ଏହି ପରିବେଶରେ ହିଁ ଏହା ବଞ୍ଚିପାରେ ଓ ବଢ଼ିପାରେ। ବେଳେବେଳେ ଏହା ଉର୍ଦ୍ଧ୍ୱର ବାଛବିଚାରହୀନ ଉଦାହରଣଙ୍କୁ ଅନୁସରଣ କରେ। ବେଳେବେଳେ ଯଦିଓ ଏହା ବିରଳ-ଏହା ତଳୁ ଆରମ୍ଭ ହୁଏ। କିନ୍ତୁ ଉର୍ଦ୍ଧ୍ୱର ଶକ୍ତି- ଯାହାକି ନିମ୍ନର ଉଦାହରଣଙ୍କୁ ଅନୁସରଣ କରେ। ତାହା ଆତ୍ମହତ୍ୟା କରିବା ପଥରେ ହିଁ ରହିଥାଏ। – ଶ୍ରୀଅରବିନ୍ଦ

# ସୁଯୋଗରୁ ଫାଇଦା



ଆକାର ପଟେଲ

ନଭେମ୍ବର ୪, ୨୦୧୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୧୨୦ରୁ ଅଧିକ ଭାରତୀୟ ଦୂତାବାସର ମୁଖ୍ୟମାନଙ୍କ ସହ କଥା ହୋଇ ତାଙ୍କ ବୈଦେଶିକ ନୀତିକୁ ସ୍ପଷ୍ଟ କରୁଥିବା ପାଞ୍ଚଟି ନୀତିକୁ ଦର୍ଶାଇଥିଲେ। ସେଗୁଡ଼ିକ ଥିଲା: ପ୍ରଥମତଃ, ବିଶ୍ୱ ସହିତ ବିଶେଷକରି ପ୍ରମୁଖ ଶକ୍ତି ଓ ପଡ଼ୋଶୀ ଏସୀୟ ଦେଶଗୁଡ଼ିକ ସହ ଭାରତର ସମ୍ପର୍କ ଏହାର ବିକାଶମୂଳକ ପ୍ରାଥମିକତାକୁ ଆଧାର କରି ଗଢ଼ିଉଠିଥିଲା ବୋଲି ସ୍ୱୀକାର କରିବା। ସିଂ କହିଥିଲେ, ଭାରତୀୟ ବୈଦେଶିକ ନୀତିର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଆମ ଦେଶର କଲ୍ୟାଣ ପାଇଁ ଏକ ବିଶ୍ୱସ୍ତରୀୟ ପରିବେଶ ସୃଷ୍ଟି କରିବା। ଦ୍ୱିତୀୟତଃ, ବିଶ୍ୱ ଅର୍ଥନୀତି ସହିତ ଅଧିକ ସମନ୍ୱୟ ଭାରତ ପାଇଁ ଲାଭଦାୟକ ଏବଂ ଭାରତୀୟଙ୍କୁ ସେମାନଙ୍କ ସୃଜନଶୀଳ ସମ୍ଭାବନାକୁ ସାକାର କରିବାରେ ସକ୍ଷମ କରିବ। ତୃତୀୟତଃ, ସମସ୍ତ ପ୍ରମୁଖ ଶକ୍ତି ସହିତ ସ୍ଥାୟୀ, ଦୀର୍ଘକାଳୀନ ଏବଂ ପାରସ୍ପରିକ ସମ୍ପର୍କ ରଖିବା, ସମସ୍ତ ଦେଶ ପାଇଁ ଲାଭଦାୟକ ହେଉଥିବା ଏକ ବୈଶ୍ୱିକ ଅର୍ଥନୀତି ଏବଂ ସୁରକ୍ଷା ପରିବେଶ ସୃଷ୍ଟି କରିବା ପାଇଁ ଅନ୍ତର୍ଜାତୀୟ ସମ୍ପ୍ରଦାୟ ସହିତ କାମ କରିବାକୁ ହେବ। ଚତୁର୍ଥରେ ଭାରତୀୟ ଉପମହାଦେଶର ସହଭାଗିତାର ଭବିଷ୍ୟତ ପାଇଁ ଅଧିକ ଆଞ୍ଚଳିକ ସହଯୋଗ ଏବଂ ସମ୍ପର୍କ ଆବଶ୍ୟକ ବୋଲି ସ୍ୱୀକାର କରିବାକୁ ପଡ଼ିବ। ପଞ୍ଚମରେ କେବଳ ସ୍ୱାର୍ଥ ଦ୍ୱାରା ନୁହେଁ ବରଂ ଭାରତୀୟଙ୍କ ଉଚ୍ଚ ମୂଲ୍ୟବୋଧ ଦ୍ୱାରା ନିର୍ଦ୍ଧାରିତ ଏକ ବୈଦେଶିକ ନୀତିକୁ ଜାରି ରଖିବା ଉଚିତ; ଯାହା ବିବିଧତା, ଧର୍ମନିରପେକ୍ଷ ଏବଂ ଉଦାରବାଦୀ ଗଣତାନ୍ତ୍ରିକ ଢାଞ୍ଚାରେ ଅର୍ଥନୈତିକ ବିକାଶକୁ ଅନୁସରଣ କରିବାରେ ଭାରତର ପ୍ରଦର୍ଶନ ବିଶ୍ୱବାସୀଙ୍କୁ ଅନୁପ୍ରାଣିତ କରିଛି। ଏହା କ’ଣ ହାସଲ କରିବା ପାଇଁ ଚେଷ୍ଟା କରିବାକୁ ଯାଉଥିଲା ତାହା ବି ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା। ଭାରତ ଏହାର ଆର୍ଥିକ ବିକାଶକୁ ଆଗକୁ ବଢ଼ାଇବା ପାଇଁ ବୈଦେଶିକ ନୀତି ବ୍ୟବହାର କରିବ; ଏହା ବିଶ୍ୱର ବୃହତ୍ ଶକ୍ତି ଏବଂ ଏହାର ପଡ଼ୋଶୀଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବ। ମୁଁ ଏବର ସରକାରଙ୍କ ବୈଦେଶିକ ନୀତିର ସିଦ୍ଧାନ୍ତ ବିଷୟରେ କହିବି ନାହିଁ, କାରଣ ଏହାର କୌଣସି ନୀତି ନାହିଁ। ପ୍ରକୃତ କଥା ହେଉଛି ବୈଦେଶିକ ମନ୍ତ୍ରୀ କେବଳ ସ୍ୱୀକାର କରନ୍ତି ନାହିଁ ଯେ ଆମର ନୀତିର କୌଣସି ସିଦ୍ଧାନ୍ତ ନାହିଁ, ବରଂ କହନ୍ତି ସିଦ୍ଧାନ୍ତର ଅଭାବ ହେଉଛି ଆମ ନୀତିର ମୂଳଦୁଆ। ତାଙ୍କ ସଂକଳିତ ପ୍ରବନ୍ଧ ଏବଂ ଭାଷଣକୁ ନେଇ ପ୍ରକାଶିତ ପୁସ୍ତକରେ ତାହାର ଅର୍ଥ କ’ଣ ପ୍ରକାଶ କରିଛନ୍ତି। ଭାରତ ଏକ ‘ବହୁ-ଧ୍ରୁବୀୟ ଏସିଆ’ ଚାହୁଁଥିଲା, ଯେଉଁଠାରେ ଚାଇନା ସହିତ ଭାରତ ସମାନତା ଦାବି କରିପାରିବ। ହେଲେ ଏହା କରିବାର କୌଣସି ଉପାୟ ସେ କହି ନାହାନ୍ତି। ସେ ଲେଖିଛନ୍ତି, ଅନେକ ଦାୟିତ୍ୱକୁ ଏକସଙ୍ଗରେ କରିବାକୁ ହେବ ଏବଂ ଭାରତ ସେଗୁଡ଼ିକୁ ଦକ୍ଷତାର ସହିତ ପରିଚାଳନା କରିବ। ଏହା ସୁବିଧାବାଦ ବା ଅନୁଚିତ ଭାବେ ଲାଭ ଉଠାଇବାର ପ୍ରବୃତ୍ତି। କାରଣ ସୁଯୋଗବାଦ ଭାରତର ସଂସ୍କୃତି। ଜୟଶଙ୍କର ଲେଖିଛନ୍ତି ମହାଭାରତ ଶିକ୍ଷା ଦିଏ ଯେ, ଛଳନା ଏବଂ ଅନୈତିକତା ନୀତିନିୟମ ଅନୁସରଣ କରିବାରେ ବିଫଳ ହୁଏ। ଏକଲବ୍ୟଙ୍କ ବୁଢ଼ା ଆଙ୍ଗୁଠି ଦ୍ରୋଣ ଦାବି କରିବା, କର୍ଣ୍ଣଙ୍କ କବଚକୁ ଇନ୍ଦ୍ର ଅନୁଚିତ ଭାବେ ବ୍ୟବହାର କରିବା, ଶିଖଣ୍ଡୀଙ୍କୁ ମାନବ ଢାଲ ରୂପେ ଅର୍ଜୁନ ବ୍ୟବହାର କରିବା ଥିଲା ‘ପ୍ରଥା ଏବଂ ପରମ୍ପରା’। ନୀତିରେ ଅସଙ୍ଗତି ଆବଶ୍ୟକ ଥିଲା, କାରଣ ପରିବର୍ତ୍ତିତ ପରିସ୍ଥିତିରେ ନିର୍ଦ୍ଦିଷ୍ଟ ନୀତି ପାଳନ କରିବାର କୌଣସି ମୂଲ୍ୟ ନ ଥିଲା। ସେ ‘ମଲ୍ଟି ଆଲାଏନ୍‌ମେଣ୍ଟ’ ବା ବିଶ୍ୱସ୍ତରରେ କ୍ଷମତାଶାଳୀ ଦେଶଗୁଡ଼ିକ ସହ ସକ୍ରିୟ ରଣନୀତିକ ଭାଗୀଦାରି ରଖିବା (ଅତ୍ୟଧିକ ସୁବିଧାବାଦୀ ଶୁଣାଯାଏ) ଏବଂ ‘ଭାରତ ପ୍ରଥମ’ (ସ୍ୱାର୍ଥକୈନ୍ଦ୍ରିକ ଶୁଣାଯାଏ) ଭଳି ଖଣ୍ଡବାକ୍ୟକୁ ଗ୍ରହଣ କରିଛନ୍ତି ଏବଂ ପ୍ରତ୍ୟାଖ୍ୟାନ ବି କରିଛନ୍ତି। ସେ ‘ପ୍ରଗତିଶୀଳ ସମୃଦ୍ଧି ଏବଂ ପ୍ରଭାବ’କୁ ଠିକ୍ କହିଲେ ମଧ୍ୟ ଏହା ଆକର୍ଷଣୀୟ ନୁହେଁ ବୋଲି ସ୍ୱୀକାର କରିଛନ୍ତି।

ଏବକାର ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭର କିଛିଦିନ ପୂର୍ବରୁ ଏହି ବହି ପ୍ରକାଶିତ ହୋଇଥିଲା। ଆମ ଚାରିପାଖ ବିଶ୍ୱରେ ଆମେ ଯାହା ଦେଖିପାରୁଛୁ, ତାହା ଅନିଶ୍ଚିତ ଏବଂ ବିପଦପୂର୍ଣ୍ଣ ହୋଇଯାଇଛି, ବିଶେଷକରି ସେହି ରାଷ୍ଟ୍ରଗୁଡ଼ିକ ପାଇଁ ଯେଉଁମାନେ ଆମ ଭଳି ଉପସାଗରୀୟ ଦେଶ ଉପରେ ଶକ୍ତି ଏବଂ ନିଯୁକ୍ତି ପାଇଁ ନିର୍ଭରଶୀଳ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ତୃତୀୟ ଉପସାଗରୀୟ ଯୁଦ୍ଧ ଆରମ୍ଭ କରିବାର ପ୍ରକୃତ କାରଣ କହିନାହାନ୍ତି। ସେ କ’ଣ ହାସଲ କରିବାକୁ ଚାହାନ୍ତି ତାହା ମଧ୍ୟ ସ୍ପଷ୍ଟ କରିନାହାନ୍ତି। ଯୁଦ୍ଧ କିପରି ଶେଷ ହେବ ତାହା କାହାକୁ ଜଣା ନାହିଁ, କାରଣ ଏହା କିପରି ଏବଂ କେବେ ଶେଷ ହେବ ସେ ବିଷୟରେ ଇରାନ୍ କହିସାରିଛି। ଆକ୍ରମଣରେ ଇସ୍ରାଏଲ୍‌ର ସମ୍ପୃକ୍ତି ଏହି ଯୁଦ୍ଧକୁ ବିଶେଷ ଭାବରେ ଚିନ୍ତାଜନକ କରିଛି। ଏହି ସମୟରେ ଭାରତକୁ କ’ଣ କରିବାକୁ ଏବଂ କେଉଁ ନୀତି ଗ୍ରହଣ କରିବାକୁ ପଡ଼ିବ? ସମ୍ଭବତଃ ଜୟଶଙ୍କର ଯାହା କହୁଛନ୍ତି ତାହାକୁ ମାଧ୍ୟମ କରି ଆମେ ବର୍ତ୍ତିଯିବୁ। ଆମେ ଯାହା କରୁଛୁ ସେଥିରୁ ଜଣାପଡୁଛି ଯେ ସୁବିଧାବାଦ ଧାରାରେ ଆଗକୁ ବଢ଼ିଛୁ। ଯୁଦ୍ଧର କିଛି ଘଣ୍ଟା ପୂର୍ବରୁ, ଆମେ ଆଗାମୀ ଘଟଣାକୁ ସମର୍ଥନ କରି ଏକ ପଦକ ଗ୍ରହଣ କରିବା ପାଇଁ ତେଲ୍ ଆଭିଭ୍‌କୁ ଉଡ଼ିଗଲୁ।

ଯୁଦ୍ଧ ଘୋଷଣା ନ କରି ରାଜନେତାଙ୍କୁ ହତ୍ୟା, ସ୍କୁଲ ଛାତ୍ରୀଙ୍କ ଗଣହତ୍ୟା ଏବଂ ନାବିକଙ୍କ ହତ୍ୟାର ନିନ୍ଦା କରିବାଠାରୁ ଆମେ ଦୂରେଇ ରହିଛୁ। ଯେଉଁଠାରେ ଆମେ ସୁଯୋଗ ଦେଖୁ ତାହାକୁ ଗ୍ରହଣ କରିବୁ, ଯେପରି କି ଦୁଇଟି ଟ୍ୟାଙ୍କର ଖସାଇ ଆଣିଛୁ। ଶାନ୍ତି ସ୍ଥାପନ କିମ୍ବା ନିୟମଭିତ୍ତିକ ବ୍ୟବସ୍ଥାର ପୁନଃପ୍ରତିଷ୍ଠାରେ ଆମର କୌଣସି ଭୂମିକା ନାହିଁ। କାରଣ ଆମର ଧର୍ମ ହେଉଛି ସୁବିଧାବାଦ। ଏହାର ଅର୍ଥ ହେଉଛି ବିଶ୍ୱକୁ ଗଠନ କରିବା ପାଇଁ ନୁହେଁ ବରଂ ଆମେ ଯେଉଁଠାରେ ପାରିବୁ ସେଠାରେ ପରିସ୍ଥିତିରୁ କ୍ଷଣିକ ଲାଭ ବା ଫାଇଦା ଉଠାଇବୁ। ହୁଏତ ଏହା କାମ କରିବ, କିନ୍ତୁ ସମାନ ଭାବରେ ଏହା କାମ କରି ନ ପାରେ। ଏହି କାରଣରୁ ଆମକୁ ପ୍ରଥମ ନୀତିକୁ ଫେରିଯିବାକୁ ହେବ। ଭାରତର ବାହ୍ୟ ନୀତି ବିଷୟରେ ମନମୋହନ ସିଂ କ’ଣ କହିଥିଲେ, ଏବଂ କେଉଁ କାରଣ ପାଇଁ ଏହା କ’ଣ ହାସଲ କରିବାକୁ ଉଦ୍ଦିଷ୍ଟ ଥିଲା ତାହା ଉପରେ ପୁନଃବିଚାର କରିବା ଏକ ସକାରାତ୍ମକ ପଦକ୍ଷେପ ହେବ।

Email:aakar.patel@gmail.com

# ପାଠ ପଢ଼ିଲେ ହେବ କିସ



ଅକ୍ଷୟ କୁମାର ମିଶ୍ର

ପାହାଡ଼ ପର୍ବତଘେରା ସବୁଜ ବନାନୀ ଭିତରେ ଏକ ଆଦିବାସୀ ଅଧ୍ୟୁଷିତ ଗାଁ। ସେହି ଗାଁରେ ବୁଲୁଥିବା ସମୟରେ ଜଣେ ବୃଦ୍ଧା ଶୁଖିଲା ପତ୍ର ଗୋଟାଉ ଥିବା ଦୃଶ୍ୟ ଆଖିରେ ପଡ଼ିଲା। ବୃଦ୍ଧାଙ୍କ ସହିତ ସମାନ କାମରେ ବ୍ୟସ୍ତ ଥାଏ ନଅ ଦଶ ବର୍ଷର ପିଲାଟିଏ। ନିକଟକୁ ଯାଇ ପଚାରିଲି, ‘‘ବୁଢ଼ୀ ମାଆ! ଏ ପିଲାଟି ସମ୍ପର୍କରେ କ’ଣ ହେବ?’’ ବୁଢ଼ୀ କହିଲେ, ‘‘ନାତିଆ। ମୋ ଝିଅର ପୁଅ। ଦୁଇଟା ନାତି, ଗୋଟିଏ ନାତୁଣୀ। ବଡ଼ନାତି ବାର ଚଉଦ ବର୍ଷ ହୋଇଗଲାଣି। ପଥର ଭାଙ୍ଗି ଦୁଇ ପଇସା ରୋଜଗାର କରିବାକୁ ପାରି ଉଠିଲାଣି। ଆଉ ନାତୁଣୀ ମାଆ କ୍ଷୀର ଖାଇ ବଞ୍ଚୁଛି।’’ କେତେ ସରଳ ଏମାନେ ଏଇ କେଇପଦ କଥାରୁ ସ୍ପଷ୍ଟ ବୁଝି ହେଉଥିଲା।

ପଚାରିଲି, ‘‘ବୁଢ଼ୀ ମାଆ! ଏ ନାତି କ’ଣ ପାଠ ପଢ଼ିବାକୁ ସ୍କୁଲ ଯାଏନାହିଁ? ସରକାର ତ ମଧ୍ୟାହ୍ନଭୋଜନଠାରୁ ଆରମ୍ଭ କରି ମାଗଣା ବହି, ବ୍ୟାଗ, ପୋଷାକ, ଜୋତା ଦେଉଛନ୍ତି। ଏହା ବାଦ୍ ମାସିକ ବୃତ୍ତି ଦେଉଛନ୍ତି। ଏ ସବୁ ପାଆନ୍ତା, ପାଠ ବି ପଢ଼ନ୍ତା।’’ ବୁଢ଼ୀ କହିଲେ, ‘‘ପାଠ ପଢ଼ି କିସ କରିବ ବାବୁ? ମୋତେ କାମରେ ସାହାଯ୍ୟ କରୁଛି। ଆଉ ଦୁଇ ଚାରି ବର୍ଷ ଗଲେ ବଡ଼ ଟୋକାଟା ସହିତ ପଥର ଭଙ୍ଗା କାମରେ ଲାଗିଯିବ।’’ କହିଲି, ‘‘ପାଠ ପଢ଼ିଲେ ବାବୁ ହେବ। ବେଶି ବେଶି ପଇସା ଆଣିବ।’’ ଏଥର ବୁଢ଼ୀ ଚିହିଁକି ଉଠିଲେ। କହିଲେ, ‘‘ସାହାବ ବନିଗଲା ପରେ ସହରରେ ଯାଇ ରହିବ। ବାପା ମାଆ ସମସ୍ତଙ୍କୁ ଭୁଲିଯିବ। ପାଠ ମୋ ନାତିକୁ ମୋ’ଠାରୁ ଛଡ଼େଇନେବ, ମୋ ଝିଅଠାରୁ ତା’ ପୁଅକୁ ନେଇଯିବ, ମାଟି ମାଆକୁ ପର କରିଦେବ।’’

ଏହି ସମ୍ବେଦନଶୀଳ ଅଭିଯୋଗରେ ମୁଁ ହତବମ୍ଭ ହୋଇଗଲି। ପାଠ ପଢ଼ିଲେ ମା’ବାପାଠାରୁ ପୁଅ ଦୂରେଇଯିବ, ଜେଜେବାପା ଜେଜେମା’ଙ୍କୁ ପର କରିଦେବ, ଏହାଠାରୁ ମାରାତ୍ମକ ଅଭିଯୋଗ କ’ଣ ଥାଇପାରେ! କିନ୍ତୁ ସାମ୍ପ୍ରତିକ ସମାଜରେ ଘଟି ଚାଲିଥିବା ବହୁ ଘଟଣାବଳୀକୁ ଅନୁଧ୍ୟାନ କଲେ ଅଭିଯୋଗକୁ ଅସ୍ୱୀକାର କରିହେବ ନାହିଁ। ବୃଦ୍ଧାଶ୍ରମରେ ଜୀବନ ବିତାଉଥିବା ବୃଦ୍ଧାବୃଦ୍ଧଙ୍କ ଭିତରୁ ହୁଏତ କାହାକୁ ମିଳିବେ ନାହିଁ, ଯାହାଙ୍କର ପୁଅ ଝିଅମାନେ ଅପାଠୁଆ। ସଭିଏଁ କେବଳ ଶିକ୍ଷିତ ନୁହନ୍ତି, ଉଚ୍ଚ ଶିକ୍ଷିତ। କାହାକୁ ଦୋଷ ଦେବା! ପାଠୁଆ ପୁଅ ଝିଅଙ୍କୁ ନା ଯନ୍ତ୍ରଣା ଜର୍ଜରିତ ନିଃସଙ୍ଗ ଜୀବନ ବିତାଉଥିବା ମାତାପିତାଙ୍କୁ! ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ନା ସମାଜ ବ୍ୟବସ୍ଥାକୁ। କିନ୍ତୁ ବୃଦ୍ଧାଙ୍କ ମନ୍ତବ୍ୟ ନିଶ୍ଚିତ ପ୍ରଣିଧାନଯୋଗ୍ୟ। ଶିକ୍ଷିତ ସମାଜରେ ଅସଂଖ୍ୟ ଅଜାତଶତ୍ରୁ ଅଘୋଷିତ ବନ୍ଦିଶାଳାରେ ମାତାପିତାଙ୍କୁ ରଖି ନିଜେ ସୁଖପ୍ରଦ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି।



ହେଲେ ଏହି କଥାଟି ଅତ୍ୟନ୍ତ ସରଳ ଜୀବନଯାପନ କରୁଥିବା ଜଣେ ଆଦିବାସୀ ମହିଳାଙ୍କ ମୁହଁରୁ ଶୁଣିଲା ପରେ ମୁଁ ବିସ୍ମିତ ହେଲି। ଏଭଳି ଅମାନବୀୟ ଘଟଣା ଯେ ସମାଜରେ ପୂର୍ବରୁ ଘଟୁ ନ ଥିଲା, ତାହା ଆମେ କହିପାରିବା ନାହିଁ। ଇତିହାସରେ ଅସଂଖ୍ୟ ଉଦାହରଣ ଅଛି, ଯେଉଁଥିରେ ମାତାପିତାଙ୍କୁ ପୁଅମାନେ ହତ୍ୟା କରିଛନ୍ତି। କିନ୍ତୁ ଆମେ ସମସ୍ତେ ଯୁକ୍ତି କରୁଥିଲୁ ମଣିଷ ଯେତେବେଳେ ଶିକ୍ଷିତ ହେବ, ସେତେବେଳେ ଏହି ସମସ୍ତ ସ୍ୱାର୍ଥପରତା ଉଭେଇଯିବା ସହିତ ତା’ ଭିତରେ ମାନବୀୟ ମୂଲ୍ୟବୋଧ ଆବିର୍ଭାବ ହେବ। ଘୃଣା ଭଲପାଇବାରେ ରୂପାନ୍ତରିତ ହେବ। ହିଂସା, ଦ୍ୱେଷ, ଅହଂକାରର ବିନାଶ ହେବ। କିନ୍ତୁ ତାହା ତ ହେଲା ନାହିଁ, ପରନ୍ତୁ ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର, ଅଧିକ ଲୋଭୀ, ଅଧିକ ଆତ୍ମକୈନ୍ଦ୍ରିକ, ଅତ୍ୟନ୍ତ ଅସହିଷ୍ଣୁ ହେବା ଦେଖାଯାଉଛି।

ଶିକ୍ଷାନୁଷ୍ଠାନ ସଂଖ୍ୟା ପୂର୍ବାପେକ୍ଷା ବୃଦ୍ଧି ପାଇଛି। ସାକ୍ଷରତା ହାର ଆମ ରାଜ୍ୟରେ ୮୦ ପ୍ରତିଶତ ଛୁଇଁଲାଣି। ଉଚ୍ଚ ଶିକ୍ଷିତଙ୍କ ସଂଖ୍ୟା ବେଶି ନ ହେଲେ ମଧ୍ୟ ୨୫ ପ୍ରତିଶତର ନିକଟତର। ଏହି ଏକ ଚତୁର୍ଥାଂଶ ମଣିଷଙ୍କ ଭିତରେ ବଡ଼ ମଣିଷ ହେବାର ନିଶାଟା ଓହ୍ଲାଇ ଯାଇ ଯଦି ଭଲ ମଣିଷ ହେବାର ପ୍ରବଣତା ବୃଦ୍ଧି ପାଆନ୍ତା, ତେବେ ସମାଜର ଚିତ୍ର ବଦଳିଯାଆନ୍ତା। କିନ୍ତୁ ଉଦ୍‌ବେଗର ବିଷୟ ହେଉଛି, ବଡ଼ ବଡ଼ ଦୁର୍ନୀତିରେ ସମ୍ପୃକ୍ତ ଏହି ଉଚ୍ଚ ଶିକ୍ଷିତମାନେ। ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିମାନେ ଆଦୌ ଅଶିକ୍ଷିତ ନୁହନ୍ତି। ହଁ, ଅଶିକ୍ଷିତ ମଣିଷ ଯେ ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ନୁହନ୍ତି, ଏହା କହିବା ଠିକ୍ ହେବ ନାହିଁ। ପାର୍ଥକ୍ୟ ହେଉଛି ଏମାନେ ଛୋଟ ଛୋଟ ପକେଟମାର କରନ୍ତି, ଧରା ପଡ଼ିଯାଆନ୍ତି। ମାତ୍ର ଶିକ୍ଷିତ ମଣିଷ ଏଟିଏମ୍ ଭାଙ୍ଗୁଛି, ବ୍ୟାଙ୍କ ଡକାୟତି କରୁଛି ପୋଲିସ ଆଖିରେ ଧୂଳିଦେଇ। ଶିକ୍ଷାର ଅଭାବ ଯୋଗୁ ପରିଣାମ କ’ଣ ହେବ ନ ବୁଝି କ୍ରୋଧବଶତଃ ମଣିଷ ମାରୁଛି ଅପାଠୁଆ ମଣିଷଟି ଏବଂ ଅଧିକାଂଶ କ୍ଷେତ୍ରରେ ଅନୁଶୋଚନା କରୁଛି, ମାତ୍ର ଶିକ୍ଷିତ ମଣିଷମାନେ ସବୁ ଜାଣି ଯୋଜନାବଦ୍ଧ ଭାବେ ହତ୍ୟା କରୁଛନ୍ତି ଏବଂ ଅନୁତାପ ତ ଦୂରର କଥା, ନିଜର ଉନ୍ନତ ମସ୍ତିଷ୍କକୁ ବ୍ୟବହାର କରି ପ୍ରମାଣ ନଷ୍ଟ କରୁଛନ୍ତି। ଏ ସମସ୍ତ ଅସଂଗତି ଦେଖିବା ପରେ ସ୍ୱାଭାବିକ ଭାବେ ଏହି ପ୍ରଶ୍ନ ଉଠିବ- ପାଠ ପଢ଼ି ହେବ କିସ?

‘ସା ବିଦ୍ୟା ଯା ବିମୁକ୍ତୟେ।’ ସମସ୍ତ ପ୍ରକାର ବନ୍ଧନରୁ ମୁକ୍ତିଦିଏ ଶିକ୍ଷା- ଦାସତ୍ୱରୁ, ପରାଧୀନତାରୁ, ଅଜ୍ଞତାରୁ, ଅନ୍ଧବିଶ୍ୱାସରୁ। ପାଠ ପଢ଼ିଲେ ମଣିଷ ଦୁନିଆକୁ ଜାଣେ ଓ ଜିଣେ। ଭଲ ମନ୍ଦ ବୁଝିପାରେ। କିନ୍ତୁ ମନେହୁଏ ମଣିଷ ବୁଝି ଅବୁଝା। ଯିଏ ପାଠ ପଢ଼େ ନାହିଁ ସେ ଭୂତ, ପ୍ରେତ, ଡାହାଣୀ, ଗୁଣି ଗାରେଡ଼ିକୁ ବିଶ୍ୱାସ କରୁଛି। ଯିଏ ଶିକ୍ଷିତ ସେ ବାବା ମାତାଙ୍କ ଭୁଜିଭାଜି ଉପରେ ବିଶ୍ୱାସ ରଖୁଛି। ଅପାଠୁଆ ମଣିଷ ଦାସ ରହୁଛି। ଶିକ୍ଷିତ ମଣିଷ ଅନ୍ୟକୁ ଦାସ କରି ରଖୁଛି। ମଣିଷ ଯେତେବେଳେ ଅଶିକ୍ଷିତ ଥିଲା ସେ ବଣ, ଜଙ୍ଗଲ, ପାହାଡ଼ ପର୍ବତକୁ ପୂଜା କରୁଥିଲା। ଶିକ୍ଷିତ ହେବା ପରେ ସେ ଜଙ୍ଗଲ କାଟୁଛି, ପାହାଡ଼ ଭାଙ୍ଗୁଛି। ତେବେ ପାଠ ପଢ଼ି ହେଲା କିସ?

ଏହି ଅନ୍ୟାୟ, ଅନୀତି, ଦୁର୍ନୀତିଗୁଡ଼ିକୁ ଅବଲୋକନ କଲା ପରେ କିଛି ଲୋକ କ୍ଷୋଭ ପ୍ରକାଶ କରି କହନ୍ତି ଆଜିକାଲି ଶିକ୍ଷାରେ ନୈତିକ ଶିକ୍ଷା ଦିଆଯାଉ ନାହିଁ, ଫଳରେ ଏଭଳି ଦୁରବସ୍ଥା। ମନରେ ପ୍ରଶ୍ନ ଆସେ, ତାହା କ’ଣ? ତାର ଆଧାର କ’ଣ? ଏହାର ଉତ୍ତର ଆସିବ ମହାପୁରୁଷଙ୍କ ଜୀବନୀ, ପୌରାଣିକ ବିଷୟବସ୍ତୁ, ଆଧ୍ୟାତ୍ମିକ ଜ୍ଞାନ, ଧର୍ମଗ୍ରନ୍ଥର ପଠନ ଏମିତି କେତେ କ’ଣ। ଶିକ୍ଷାନୁଷ୍ଠାନଗୁଡ଼ିକରେ ଏସବୁ ଯେ ହେଉ ନାହିଁ, ତାହା ମଧ୍ୟ ନୁହେଁ। ଗାନ୍ଧୀ, ଗୋପବନ୍ଧୁଙ୍କ ଭଳି ବହୁ ମହାପୁରୁଷଙ୍କ ଜୀବନାଦର୍ଶ ପାଠ୍ୟକ୍ରମରେ ସ୍ଥାନିତ ହୋଇଛି। କେଉଁ ବିଦ୍ୟାଳୟରେ ପ୍ରାର୍ଥନା ସଭା ହୁଏ ନାହିଁ କହିଲେ? ସରସ୍ୱତୀ ପୂଜା, ଗଣେଶ ପୂଜା ହେଉଛି। କାନ୍ଥରେ ନୀତିବାଣୀ ଶୋଭା ପାଉଛି। ଶିକ୍ଷକମାନେ ବିଭିନ୍ନ ପୌରାଣିକ ଗଳ୍ପ ଜରିଆରେ ନିୟମିତ ନୀତିଶିକ୍ଷା ଦେଉଛନ୍ତି। ଆଉ କେତେ କେଉଁ ପ୍ରକାର ଶୈଳୀରେ ନୈତିକ ଶିକ୍ଷା ଦେଲେ ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଭଲ ମଣିଷ ହେବେ ବୁଝି ହେଉ ନାହିଁ। ଏବେ ଆମ ରାଜ୍ୟ ସରକାର ଆଉ ପାଦେ ଆଗକୁ ଯାଇ ସବୁ ଶିକ୍ଷାନୁଷ୍ଠାନରେ ଗୀତା ପାଠ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପ୍ରଭାବ ଛାତ୍ରୀଛାତ୍ରଙ୍କ ଉପରେ କେତେ ପଡୁଛି ଭବିଷ୍ୟତରେ ଜଣାପଡ଼ିବ।

କେବଳ ପାଠ ପଢ଼ିଲେ ଯେ ମଣିଷ ଭିତରେ ମଣିଷପଣିଆ ରହିବ, ତା’ର କିଛି ମାନେ ନାହିଁ। ଏହା ହେଉଛି ମୂଲ୍ୟବୋଧର ପ୍ରଶ୍ନ। ଉତ୍ତମ ବିଚାରବୋଧର କଥା। ଏହା ସୃଷ୍ଟି ହୁଏ ପରିବାରଠାରୁ। ସାମାଜିକ ବ୍ୟବସ୍ଥାଠାରୁ ଏହା ବିଚ୍ଛିନ୍ନ ନୁହେଁ। ଏହି କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରେ ‘ଦର୍ଶନ’। ଯେଉଁ ଦର୍ଶନର ଅନ୍ତଃସ୍ୱର ମାନବବାଦ। ଯେଉଁ ଦର୍ଶନ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ମଣିଷକୁ ଭଲ ପାଇବାର ଶିକ୍ଷା ଦିଏ।

– ସଭାପତି, ଓଷ୍ଟା
ମୋ: ୯୯୩୮୭୬୩୨୩୭

# ସ୍ପର୍ଦ୍ଧୀ ବିଶ୍ୱନେତା

ବ୍ୟକ୍ତିତ୍ୱ



ପେଡ୍ରୋ ସାଞ୍ଚେଜ୍

ଇରାନ୍ ଉପରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣରୁ ସୃଷ୍ଟି ହୋଇଥିବା ଯୁଦ୍ଧ ଏବେ ସାରା ବିଶ୍ୱକୁ କବଳିତ କରିଛି। ଇରାନ୍ ତା’ର କ୍ରୋଧ ପ୍ରକଟ କରି ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଥିବା ଆମେରିକାର ଏୟାରବେସ୍‌କୁ ଟାର୍ଗେଟ କରିବା ସହ ଇସ୍ରାଏଲ ଉପରେ ଆକ୍ରମଣ ଜାରି ରଖିଛି। ଏଥିସହିତ ପୃଥିବୀର ଏକ ପଞ୍ଚମାଂଶ ତୈଳ ପରିବାହନ କରୁଥିବା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଇରାନ୍ ବନ୍ଦ ରଖିଥିବାରୁ ଭାରତ ସମେତ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ତୀବ୍ର ହେବାରେ ଲାଗିଛି। କେହି ପଛକୁ ହଟୁ ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ଭାଳେଣି ପଡ଼ିଲାଣି। ଶାନ୍ତି ଟେବୁଲରେ ବସିବା ପାଇଁ ଜାତିସଂଘର ନିବେଦନ ବ୍ୟର୍ଥ ହେଉଛି। କେତେକ ଦେଶ ଆମେରିକାକୁ ସମର୍ଥନ କରୁଥିବା ବେଳେ ଆଉ କେତେକ ଇରାନ୍ ସପକ୍ଷରେ ଅଛନ୍ତି। ୟୁରୋପୀୟ ସଂଘର ସହଯୋଗ ଲୋଡ଼ିଥିବା ଆମେରିକାକୁ ସ୍ପେନ୍‌ରୁ କଡ଼ା ସନ୍ଦେଶ ମିଳିଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଚଳିତ। ଆମେରିକୀୟ ସେନାକୁ ସ୍ପେନୀୟ ସୈନ୍ୟ ଘାଟିରୁ ଇରାନ୍ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଚଳାଇବାକୁ ଅନୁମତି ନ ଦେବାରୁ ଟ୍ରମ୍ପ ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍‌ଙ୍କ ଉପରେ ଭୀଷଣ ରାଗିଯାଇଛନ୍ତି। ଅପମାନର ପ୍ରତିଶୋଧ ସ୍ୱରୂପ ସ୍ପେନ୍ ସହ ସମସ୍ତ ବ୍ୟବସାୟ ବନ୍ଦ କରିବା ଲାଗି ଟ୍ରମ୍ପ ଧମକ ଦେଇଛନ୍ତି। ଇରାନ୍ ଉପରେ ଆମେରିକା ଆକ୍ରମଣକୁ ଅନ୍ୟାୟପୂର୍ଣ୍ଣ ଯୁଦ୍ଧ ଭାବେ ପେଡ୍ରୋ ଅଭିହିତ କରିସାରିଥିବାରୁ କଦାପି ସମର୍ଥନ କରିବେ ନାହିଁ ବୋଲି କହିବା ପରେ ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ସ୍ପର୍ଦ୍ଧା ଓ ସାହସିକ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ପେଡ୍ରୋ ସାଞ୍ଚେଜ୍ ୨୯ ଫେବୃଆରୀ ୧୯୭୨ରେ ସ୍ପେନ୍ ରାଜଧାନୀ ମାଡ୍ରିଡ୍‌ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଓ ମାତା ଉଭୟେ ଥିଲେ ପ୍ରଶାସକ। ପିତା ପରବର୍ତ୍ତୀ ସମୟରେ ଏକ କମ୍ପାନୀର ମାଲିକ ହୋଇଥିଲେ। ମଧ୍ୟବିତ୍ତ ପରିବାରରେ ଜନ୍ମିତ ପେଡ୍ରୋ ଶିକ୍ଷା, ଅନୁଶାସନ ଓ ମହତ୍ତ୍ୱାକାଂକ୍ଷାକୁ ହାସଲ କରିବା ଲାଗି ସୃଷ୍ଟ ଏକ ପରିବେଶରେ ବଢ଼ିଥିଲେ। ମାତାପିତା ତାଙ୍କ ଶିକ୍ଷା ଓ ବୌଦ୍ଧିକ ବିକାଶକୁ ଗୁରୁତ୍ୱ ଦେଇଥିଲେ। ବାଲ୍ୟାବସ୍ଥାରୁ ପେଡ୍ରୋଙ୍କ ଖେଳ ବିଶେଷକରି ବାସ୍କେଟବଲ୍ ପ୍ରତି ଆଗ୍ରହ ରହିଥିଲା। ଖେଳିବା ବେଳେ ତାଙ୍କର ଟିମ୍‌ୱାର୍କ, ତତ୍‌କ୍ଷଣାତ୍ ନିଷ୍ପତ୍ତି ନେବାର ଦକ୍ଷତା ଓ ନେତୃତ୍ୱ କୌଶଳ ବିକଶିତ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ରାଜନୈତିକ କ୍ୟାରିୟରରେ ବେଶ୍ ସହାୟକ ହୋଇଥିଲା। ମାଡ୍ରିଡ୍‌ରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମାପ୍ତ କରିବା ପରେ ସେଠାକାର ପ୍ରତିଷ୍ଠିତ କମ୍ପ୍ଲୁଟେନ୍ସ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ଓ ବ୍ୟବସାୟ ପ୍ରଶାସନ ବିଷୟରେ ଡିଗ୍ରୀ ଅର୍ଜନ କରିଥିଲେ। ପରେ ସେ ୟୁରୋପୀୟ ସଂଘର ଅର୍ଥନୈତିକ ନୀତିରେ ସ୍ନାତକୋତ୍ତର କରିଥିଲେ। ତାଙ୍କ ଉଚ୍ଚଶିକ୍ଷା ଯାତ୍ରା ଅର୍ଥନୈତିକ ଜଗତୀକରଣ ଓ ଅନ୍ତର୍ଜାତୀୟ ବିକାଶ ଉପରେ କେନ୍ଦ୍ରିତ ହୋଇ ତାଙ୍କୁ ଅର୍ଥନୀତିରେ ପିଏଚ୍‌ଡି ଡିଗ୍ରୀ ଦିଆଇଥିଲା।

ଦୃଢ଼ ଶିକ୍ଷା ଓ ବୌଦ୍ଧିକ ଭିତ୍ତି ଉପରେ ପେଡ୍ରୋଙ୍କ କ୍ୟାରିୟର ଗଢ଼ିଉଠିଥିଲା। ରାଜନୀତି ପ୍ରତି ଆକର୍ଷିତ ହୋଇ ସେ ସ୍ପାନିଶ୍ ସୋସାଲିଷ୍ଟ ୱାର୍କର୍ସ ପାର୍ଟି (ପିଏସ୍‌ଓଇ)ରେ ଯୋଗଦେବା ପରେ ରାଷ୍ଟ୍ରସେବାକୁ ଶେଷ ଲକ୍ଷ୍ୟ ବାଛିଥିଲେ। ଦଳରେ ଯୋଗଦାନ ତାଙ୍କୁ ବିଭିନ୍ନ ନୀତି ଉପରେ ଆଲୋଚନା ଓ ତୃଣମୂଳସ୍ତରର ରାଜନୈତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଦେଇଥିଲା। ସ୍ପେନିଶ୍ ସଂସଦରେ ସଦସ୍ୟ ହେବା ପରେ ତାଙ୍କ ଜାତୀୟ ରାଜନୈତିକ ନେତୃତ୍ୱ ସର୍ବବ୍ୟାପୀ ହୋଇଥିଲା। ଶେଷରେ ସେ ଦଳର ନେତା ନିର୍ବାଚିତ ହୋଇ ୨୦୧୮ରେ ସ୍ପେନ୍‌ର ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କଲେ। ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ପ୍ରଗତିଶୀଳ ସଂସ୍କାର, ଅର୍ଥନୈତିକ ବିକାଶ ଓ ଅନ୍ତର୍ଜାତୀୟ ବ୍ୟାପାରରେ ସ୍ପେନ୍‌ର ଭୂମିକାକୁ ମଜଭୁତ କରିଥିଲେ। ତାଙ୍କ ଶାସନ ସାମାଜିକ ନ୍ୟାୟ, ଲିଙ୍ଗଗତ ସମାନତା, ପରିବେଶ ରକ୍ଷା ଓ ଅର୍ଥନୈତିକ ସଂସ୍କାରକୁ ଅଗ୍ରାଧିକାର ଦେଇଥିଲା। ତାଙ୍କ ନେତୃତ୍ୱରେ ସ୍ପେନ୍ ବିଶ୍ୱ ଜଳବାୟୁ କାର୍ଯ୍ୟକ୍ରମରେ ସକ୍ରିୟ ରହିଛି। ପେଡ୍ରୋ ଅନ୍ତର୍ଜାତୀୟ କୂଟନୀତିରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି। ସେ ସ୍ପେନ୍‌ର ନେତା ଭାବେ ୟୁରୋପୀୟ ସଂଘ, ନାଟୋ ଓ ଜାତିସଂଘ ଭଳି ପ୍ରମୁଖ ଅନ୍ତର୍ଜାତୀୟ ସଂସ୍ଥାରେ ପ୍ରତିନିଧିତ୍ୱ କରୁଛନ୍ତି।

ପେଡ୍ରୋ ପ୍ରଗତିଶୀଳ ରାଜନୀତିକୁ ଅଗ୍ରାଧିକାର ଦେଇଥାଆନ୍ତି। ନାରୀବାଦ ଚିନ୍ତାଧାରା, ମାନବିକ ଅଧିକାର, ଅଧିକୃତ ପ୍ରବାସ, ନିୟମ ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥା ଓ ଜଳବାୟୁ ପରିବର୍ତ୍ତନର ଗୁରୁତ୍ୱକୁ ଆଗ୍ରାଧିକାର ଦେଇଥାଆନ୍ତି। ଏହିସବୁ ବିଷୟ ଟ୍ରମ୍ପଙ୍କ ମେକ୍ ଆମେରିକା ଗ୍ରେଟ୍ ଏ ଗେନ୍ (ମାଗା) ଆନ୍ଦୋଳନ ଓ ଅନେକ ୟୁରୋପୀୟ ପଡ଼ୋଶୀ ରାଷ୍ଟ୍ରରେ ଦକ୍ଷିଣପନ୍ଥୀ ରାଜନୀତିଜ୍ଞଙ୍କ ପାଇଁ ଅଗ୍ରହଣୀୟ ହୋଇଛି। ଇରାନ୍ ଯୁଦ୍ଧ ପୂର୍ବରୁ ମଧ୍ୟ ପେଡ୍ରୋଙ୍କ ଅନେକ ପ୍ରସଙ୍ଗ ଟ୍ରମ୍ପଙ୍କ ବିଚାରଧାରାର ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛି। ଏପରିକି ନାଟୋ ସଦସ୍ୟଙ୍କ ମଧ୍ୟରେ ସ୍ପେନ୍ ଏକମାତ୍ର ଦେଶ ଯିଏ ଜିଡିପିର ୫ ପ୍ରତିଶତ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି କରିବାକୁ ରାଜି ହୋଇ ନ ଥିଲା। ନାଟୋ ବୈଠକରେ ସ୍ପେନ୍ କେବଳ ୨.୧ ପ୍ରତିଶତ ଖର୍ଚ୍ଚ କରିବ ବୋଲି କହି ସେ ନିଜର ବାସ୍ତବବାଦୀ ଚିନ୍ତାକୁ ପ୍ରକଟ କରିଥିଲେ। ଏଥିସହିତ କମ୍ ବୟସ୍କ କିଶୋରଙ୍କ ମଧ୍ୟରେ ସୋସିଆଲ ମିଡିଆ ବ୍ୟବହାରକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିବା ଅଷ୍ଟ୍ରେଲିଆ, ଫ୍ରାନ୍ସ ଭଳି ଦେଶ ସହ ସ୍ପେନ୍ ଏକମତ ବୋଲି କହି ପେଡ୍ରୋ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି।

ରାଜନୈତିକ ପରିସର ବାହାରକୁ ଦେଖିଲେ ପେଡ୍ରୋଙ୍କର ପାରିବାରିକ ଜୀବନ ଶୃଙ୍ଖଳିତ ରହିଆସିଛି। ସେ ବେଗୋନ୍ୟା ଗୋମେଜ୍‌ଙ୍କୁ ବିବାହ କରିଥିଲେ। ସହଧର୍ମିଣୀ ଶିକ୍ଷାଗତ ଓ ସାମାଜିକ କାର୍ଯ୍ୟରେ ଜଡ଼ିତ। ଦମ୍ପତିଙ୍କ ଦୁଇ ଝିଅ ଅଛନ୍ତି। ପେଡ୍ରୋଙ୍କ ଜୀବନଶୈଳୀ ବ୍ୟକ୍ତିଗତ ବିଳାସ ନ ହୋଇ ମଧ୍ୟମ ଧରଣ ରହିଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କଷି ଆମ୍ବ ଏବେ ଗଛରେ ଝୁଲିଲାଣି। ଏହି ସମୟରେ ଆମ୍ବକୁ ନେଇ ସାମ୍ନାକୁ ଆସିଥିବା ଖବରଟିକୁ ସହଜରେ ବିଶ୍ୱାସ କରିହେଉନି। ଘଟଣାଟି ଉତ୍ତର ପ୍ରଦେଶର, ଯେଉଁଠି ଜଣେ ଚାଷୀ ଗୋଟିଏ ଗଛରେ ୩୫୦ ପ୍ରକାର ଆମ୍ବ ଫଳାଉଛନ୍ତି। ଏହି ଚାଷୀ ଜଣକ ହେଉଛନ୍ତି ମଲ୍ଲିଆବାଦ୍‌ର କଲିମୁଲ୍ଲା ଖାଁ। ସେ ୭ମ ଶ୍ରେଣୀରେ ଫେଲ୍ ହେବା ପରେ ପାଠ ଛାଡ଼ିଦେଇଥିଲେ। ପରେ ସେ ତାଙ୍କ ପରିବାରର ମାଲିକାନାରେ ଥିବା ଆମ୍ବବଗିଚାର ଯତ୍ନ ନେବା ଆରମ୍ଭ କରିଥିଲେ। ୧୯୫୦ ଦଶକରେ କଲିମୁଲ୍ଲା ଗୋଟିଏ ଗଛରେ ୭ ପ୍ରକାର ଆମ୍ବର କଲମୀ କରି ସଫଳ ହୋଇଥିଲେ। ହେଲେ ବନ୍ୟାରେ ସେହି ଗଛଟି ନଷ୍ଟ ହୋଇଯାଇଥିଲା। ପରେ ୧୯୮୦ ଦଶକରେ ପୁନଶ୍ଚ ଗୋଟିଏ ପୁରୁଣା ଗଛର ଶାଖାଗୁଡ଼ିକରେ କଲମୀ ଆରମ୍ଭ କରିଥିଲେ। ସମୟକ୍ରମେ ଗୋଟିଏ ପରେ ଗୋଟିଏ କରି ୩୫୦ ପ୍ରକାର ଆମ୍ବର କଲମୀ ସଫଳତାର ସହ ଶେଷ କରିଥିଲେ। ଏବେ ସେହି ଗଛର ଶାଖାଗୁଡ଼ିକରେ ଭିନ୍ନ ସ୍ୱାଦ, ରଙ୍ଗ ଓ ଆକାରର ୩୫୦ ପ୍ରକାର ଆମ୍ବ ଫଳୁଛି। ଏହି ସଫଳତା ପାଇବା ପାଇଁ ତାଙ୍କୁ ଦୀର୍ଘ ଦଶନ୍ଧି ଅପେକ୍ଷା କରିବାକୁ ପଡ଼ିଛି ବୋଲି କୁହନ୍ତି କଲିମୁଲ୍ଲା।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ମାର୍ଚ୍ଚ ୧୯୭୭

- ଭାରତ ମହାସାଗରକୁ ଶାନ୍ତିର ଅଞ୍ଚଳ ରୂପେ ପ୍ରତିଷ୍ଠା କରିବା ବିଷୟକୁ କ୍ୟୁବା ଓ ଦକ୍ଷିଣ ୟେମେନ ସମର୍ଥନ କରିଛନ୍ତି।
- ନିଖିଳ ଭାରତ ସମାଲୋଚକ ସଂଘ ପକ୍ଷରୁ ଅମିତାଭ ବଚ୍ଚନଙ୍କୁ ଶ୍ରେଷ୍ଠ ଅଭିନେତା ଓ ରାଖିଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ରୂପେ ମନୋନୀତ କରାଯାଇଛି।

## ଚିରନ୍ତନୀ

ସିକତାର ସିକ୍ତ ବାୟୁ
ଓଦା କରେ ପତା
ମୋ ବିରହେ ଆଜି ସେ କି ଲୁଚାଇଛି ବ୍ୟାଥା ?
ଶୋକେ ଓଦା ନୀଳ ଭ୍ରୁରୁ
ବହେ କି ପରାସ ଗୁରୁ
ନୀରବ ଧିଆନେ ଅବା
ନାହିଁ କହେ କଥା
ମୋ ବିରହେ ଲୁଚାଇଛି ବ୍ୟଥା !

–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | 4 |
| | 2 | 6 | | | | | | |
| | 7 | | 1 | | 4 | | | 9 |
| | | | | | | | | |
| | 1 | | 8 | | | | 3 | |
| 8 | | | | | | | 4 | 7 |
| 3 | 6 | | | | | 9 | | 1 |
| | | | | 3 | | | | 2 |
| | | | | 2 | 9 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 5 | 8 | 2 | 6 | 3 | 4 |
| 3 | 6 | 5 | 9 | 7 | 4 | 1 | 8 | 2 |
| 4 | 2 | 8 | 1 | 6 | 3 | 5 | 7 | 9 |
| 5 | 8 | 7 | 6 | 3 | 9 | 2 | 4 | 1 |
| 2 | 9 | 3 | 4 | 1 | 7 | 8 | 5 | 6 |
| 6 | 4 | 1 | 8 | 2 | 5 | 7 | 9 | 3 |
| 8 | 5 | 2 | 3 | 4 | 1 | 9 | 6 | 7 |
| 7 | 3 | 6 | 2 | 9 | 8 | 4 | 1 | 5 |
| 9 | 1 | 4 | 7 | 5 | 6 | 3 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସଠାରୁ ନ୍ୟାୟ ମିଳୁନି

ମହାଶୟ,

ଗ୍ରାମାଞ୍ଚଳ ଥାନା କିମ୍ବା ଫାଣ୍ଡିଗୁଡ଼ିକରେ ପୀଡ଼ିତ କିମ୍ବା ପୀଡ଼ିତାଙ୍କଠାରୁ ପୋଲିସ ବାବୁମାନେ ଏଫ୍‌ଆଇଆର୍ ଗ୍ରହଣ ନ କରିବା ଖବର ଶୁଣିବାକୁ ମିଳୁଛି। ଏପରିକି ରାଜଧାନୀର ଲକ୍ଷ୍ମୀସାଗର ଥାନାରେ ମଧ୍ୟ ପୀଡ଼ିତାଙ୍କୁ ନ୍ୟାୟ ଦେବାରେ ସ୍ଥାନୀୟ ପୋଲିସ ଅଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହା ନିଜ କ୍ଷେତ୍ରରେ ମୁଁ ଅନୁଭବ କରିଥିଲି। ମୋତେ ଆକ୍ରମଣ କରିଥିବା ଜନୈକ ଗୃହ ମାଲିକଙ୍କ ବିରୋଧରେ ମୁଁ ଏଫ୍‌ଆଇଆର୍ ଦେବା ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲି। ବହୁ ବିଳମ୍ବରେ ମୋ ଏଫ୍‌ଆଇଆର୍ ରଖାଯାଇଥିଲା। ଏଫ୍‌ଆଇଆର୍ ଗ୍ରହଣ କରାଗଲେ ମଧ୍ୟ ସିଧାସଳଖ ତା’ର ନକଲ ଦେବା ପାଇଁ ଥାନା ଅଧିକାରୀ ମୋତେ ମନାକରି ଦେଇଥିଲେ। ପୁନଶ୍ଚ ମୁଁ ଠିକ୍ ତା’ପରଦିନ ଯାଇ ଷ୍ଟେଶନ ଡାଏରି ନମ୍ବର ମାଗିବାରୁ ଏଥିପାଇଁ ଖର୍ଚ୍ଚ ଦେବାକୁ ପଡ଼ିବ ବୋଲି କହିଲେ। ଶେଷରେ ମୁଁ ନିରାଶହୋଇ ଫେରିବାକୁ ବାଧ୍ୟ ହୋଇଥିଲି। ରାଜଧାନୀର ଏକ ଥାନା ଯଦି ଏ ପ୍ରକାର ନ୍ୟାୟିକ ବ୍ୟବସ୍ଥା କରିପାରୁଛି, ତା’ହାଲେ ଗ୍ରାମାଞ୍ଚଳରେ ପୀଡ଼ିତ କୌଣସି ବି ବ୍ୟକ୍ତି ଅଭିଯୋଗ ଦାଏର କରିବାରେ କ’ଣ ବା ନ୍ୟାୟ ପାଉଥିବେ ଏଥିରୁ ଅନୁମେୟ।

– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, କଟକରୋଡ୍, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯନ୍ତ୍ରଣା ଦେଉଛି ରନ୍ଧନ ଗ୍ୟାସ୍

- ଶିକ୍ଷାନୁଷ୍ଠାନ ମେସ୍ ମେନ୍ୟୁରୁ ବହୁ ଖାଦ୍ୟ ଗାଏବ
- ଗ୍ୟାସ୍ ଫିଲିଂ ସେଣ୍ଟରରେ ଲମ୍ବା ଧାଡ଼ି
- ଇନ୍ଧନ ପାଇଁ ବଢ଼ୁଛି କାଠର ଚାହିଦା
- ବୃଦ୍ଧି ପାଉଛି ଇଣ୍ଡକ୍ସନ ଚୁଲା ବିକ୍ରି

ରାଉରକେଲା,୧୪।୩(ସଙ୍ଗୀତା ଜେନା)


କୋଏଲନଗର ଅଞ୍ଚଳରେ ଗ୍ୟାସ୍ ବୋଝେଇ ଗାଡ଼ି।

ମଧ୍ୟପ୍ରାଚ୍ୟ ଦେଶରେ ଯୁଦ୍ଧ ଯୋଗୁ ଗ୍ୟାସ୍ ଯୋଗାଣ ବହୁଳ ପ୍ରଭାବିତ ହୋଇଛି। ତେବେ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣର ରନ୍ଧନ ଗ୍ୟାସ୍ ମହଜୁଦ ଥିବା ସରକାରଙ୍କ ପକ୍ଷରୁ କୁହାଯାଉଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ ରହିଛି। ଗ୍ୟାସ୍ ଅଭାବ ଯୋଗୁ ରାଉରକେଲା ସହରରେ ଥିବା ଫୁଡ୍ କୋର୍ଟ, ରେଷ୍ଟୁରାଣ୍ଟ, ହୋଟେଲ ସମେତ ଛୋଟବଡ଼ ରାସ୍ତାକଡ଼ ଜଳଖିଆ ଦୋକାନ ପ୍ରଭାବିତ ହୋଇଛି। ଏପରିକି ବାହାରୁ ଆସି ରାଉରକେଲାର ବିଭିନ୍ନ ମେସ୍‌ରେ ରହି ପାଠ ପଢୁଥିବା ହଜାର ହଜାର ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ଯୋଗାଣରେ ଅସୁବିଧା ହେଉଛି। କୋଏଲନଗର, ଛେଣ୍ଡ, ସିଭିଲଟାଉନଶିପ୍, ବାସନ୍ତୀ କଲୋନୀ ଅଞ୍ଚଳରେ ଚାଲୁଥିବା ମେସ୍‌ଗୁଡ଼ିକ ମଧ୍ୟ ସମାନ ଅବସ୍ଥା ଦେଇ ଗତି କରୁଛନ୍ତି। ମାର୍କେଟଗୁଡ଼ିକରେ କିଛି ହୋଟେଲ ନିରନ୍ତର ଖାଦ୍ୟ ଯୋଗାଣ କରୁଥିଲେ ମଧ ବର୍ତ୍ତମାନ ଗ୍ୟାସ୍‌ର ନିଅଣ୍ଟିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ସେମାନେ ଖାଦ୍ୟ ଦରବୃଦ୍ଧି କରିଛନ୍ତି। ଅନେକେ ଖାଦ୍ୟବ୍ୟଞ୍ଜନ ତିଆରି କରିବାକୁ ପଶ୍ଚାତପଦ ହେଉଛନ୍ତି। ରାଉରକେଲାର କିଛି ଆଗଧାଡ଼ିର ଶିକ୍ଷାନୁଷ୍ଠାନରେ ବର୍ତ୍ତମାନ ଏଲ୍‌ପିଜି ଯୋଗାଣ କମିଛି। ଫଳରେ ଶିକ୍ଷାନୁଷ୍ଠାନ ହଷ୍ଟେଲଗୁଡ଼ିକରେ ବହୁ ଖାଦ୍ୟ ବ୍ୟଞ୍ଜନକୁ ସାମୟିକ ବାଦ୍ ଦିଆଯିବ ବୋଲି ଜଣାପଡ଼ିଛି। ଏହାର ବିକଳ୍ପ ଭାବେ ପୂର୍ବଭଳି କାଠ ବ୍ୟବହାର କରିବାକୁ ଯୋଜନା କରାଯାଉଛି।

ଅନ୍ୟପକ୍ଷେ ଘରୋଇ ଏଲ୍‌ପିଜି ମିଳିବା କଷ୍ଟକର ହୋଇପଡୁଛି। ସାଧାରଣ ଲୋକେ ଗ୍ୟାସ ଫିଲିଂ ସେଣ୍ଟରରେ ଦୁଇଗୁଣା ଦର ଦେଇ ଗ୍ୟାସ୍ ଭର୍ତ୍ତି କରୁଛନ୍ତି। ଛେଣ୍ଡ, ଜଗଦା, ସିଭିଲଟାଉନଶିପ୍, ପାନପୋଷ ଅଞ୍ଚଳରେ ଥିବା କିଛି ଘରୋଇ ଗ୍ୟାସ୍ ଫିଲିଂ ଦୋକାନ ପୋଲିସ ଚାପରେ ବନ୍ଦ କରାଯାଉଥିଲେ ମଧ ଲୁଚାଛପାରେ ଚଢ଼ାଦରରେ ଗ୍ୟାସ୍ ବିକ୍ରି କରାଯାଉଛି। ଏପରିକି ସିଲିଣ୍ଡର ପିଛା ୨୫୦୦ରୁ ୩ ହଜାର ଟଙ୍କାରେ ବିକ୍ରି ହେଉଛି। ଏପରି କଳାବଜାର ରୋକିବା ପାଇଁ ପ୍ରଶାସନ ଫେଲ୍ ମାରିଛି। ପ୍ରଶାସନର ସ୍ୱତନ୍ତ୍ର ସ୍କ୍ୱାଡ୍ ପକ୍ଷରୁ ଚଢାଉ କରାଯାଉନାହିଁ। ବସ୍ତି ଅଞ୍ଚଳରେ ଲୋକେ ଏଲ୍‌ପିଜି ବୁକିଂ ସମସ୍ୟାର ସମ୍ମୁଖୀନ ହେଉଥିବା ଯୋଗୁ କାଠ ଓ ଗୋବର ଘଷି ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ କମର୍ସିଆଲ ସିଲିଣ୍ଡରର ଅଧିକ ଅଭାବ ରହିଛି। ଏହାଦ୍ୱାରା ହୋଟେଲ ଓ ଜଳଖିଆ ଦୋକାନୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସିଲିଣ୍ଡର କମ୍ ଯୋଗାଣ ହେଉଛି ବୋଲି କର୍ମଚାରୀମାନେ କହିଛନ୍ତି। ଅନ୍ୟପକ୍ଷେ ରାଉରକେଲାର ମୁଖ୍ୟମାର୍କେଟରେ ଥିବା ଇଲେକ୍ଟ୍ରିକ ଦୋକାନଗୁଡ଼ିକରେ ଇଣ୍ଡକ୍ସନ ଚୂଲା ବିକ୍ରି ବୃଦ୍ଧି ପାଇଛି। ଏଲପିଜି ଯୋଗାଣ ସମସ୍ୟା ନେଇ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନାରାଣୀ କର୍ଣ୍ଣଙ୍କୁ ପଚରାଯିବାରୁ ସେ କହିଲେ, ପ୍ରଶାସନ ନିକଟରେ ପର୍ଯ୍ୟାପ୍ତ ପରିମାଣରେ ଏଲ୍‌ପିଜି ସିଲିଣ୍ଡର ମହଜୁଦ ଅଛି। ହେଲେ ସ୍କ୍ୱାଡ୍ ବିଷୟରେ କୌଣସି ତଥ୍ୟ ଦିଆଯାଇପାରିବନାହିଁ। କାରଣ ଉଚ୍ଚସ୍ତରରେ ସ୍କ୍ୱାଡ୍ ତଥ୍ୟ ଦେବାକୁ ମନାକରାଯାଇଛି ବୋଲି କର୍ଣ୍ଣ କହିଥିଲେ।

# ଅଣ ମୁଭିଂ ଇନ୍‌ଭେଣ୍ଟୋରୀ ଆଇଟମ୍ ପ୍ରଦର୍ଶନୀ ଉଦ୍‌ଘାଟିତ

ରାଉରକେଲା,୧୪।୩
(ବିପ୍ଳବ ରଞ୍ଜନ ଦାଶ)


ପ୍ରଦର୍ଶନୀକୁ ଉଦ୍‌ଘାଟନ କରାଯାଉଛି।

ଆର୍‌ଏସ୍‌ପିର ସାମଗ୍ରୀ ପରିଚାଳନା ବିଭାଗର କେନ୍ଦ୍ରୀୟ ଷ୍ଟୋର୍ସ ୟୁନିଟ୍ ପକ୍ଷରୁ ସେଣ୍ଟ୍ରାଲ୍ ଷ୍ଟୋର ପରିସରରେ ଶନିବାର ଅଣ ମୁଭିଂ ଇନଭେଣ୍ଟୋରୀ ଆଇଟମ୍‌ର ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହି ପ୍ରଦର୍ଶନୀ ଆରଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, କାରଖାନାର ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (ଏମ୍‌ଡି-ସିଏମ୍‌ଏଲ୍‌ଓ) ବି. କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଅନିଲ କୁମାର ଏବଂ ନିର୍ବାହୀ ନିର୍ଦ୍ଦେଶକ (ଖଣି, ଓଜିଓଏମ, ସିଏମଏଲଓ) ଏମ୍.ପି. ସିଂହଙ୍କ ଉପସ୍ଥିତିରେ ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ପ୍ଲାଣ୍ଟର ଅନେକ ବରିଷ୍ଠ ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏ ନେଇ ଆଲୋକ ବର୍ମା ମୂଲ୍ୟ ନିୟନ୍ତ୍ରଣର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ, ପ୍ରଭାବଶାଳୀ ଇନଭେଣ୍ଟୋରୀ ପରିଚାଳନା ସମ୍ବଳକୁ ଅନୁକୂଳ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସେ ସାମଗ୍ରୀ ପରିଚାଳନା ବିଭାଗର ଦୀର୍ଘ ଅବ୍ୟବହୃତ ଜିନିଷଗୁଡ଼ିକୁ ଚିହ୍ନଟ ଏବଂ ପ୍ରଦର୍ଶନ କରିବାର ପଦକ୍ଷେପକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଜିଏମ୍ ଇନ୍‌ଚାର୍ଜ (ସେଣ୍ଟ୍ରାଲ ଷ୍ଟୋର) ଆଶିଷ ରଞ୍ଜନ ସମାବେଶକୁ ସ୍ୱାଗତ କରିଥିଲେ। ବି. କେ. ଚୌଧୁରୀ, ଏଜିଏମ୍ (ସେଣ୍ଟ୍ରାଲ ଷ୍ଟୋର) ଧନ୍ୟବାଦ ଅର୍ପଣ କରିଥିଲେ। ମମତା ସେନାପତି, ଆସିଷ୍ଟାଣ୍ଟ ମିଜିଆର (ଏମ୍‌ଏମ୍) ଷ୍ଟୋର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଉରକେଲା,୧୪।୩(ସଙ୍ଗୀତା ଜେନା): ରାଉରକେଲା ଆଇନ୍ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ ବିଭୁ ରଞ୍ଜନ ପଟ୍ଟନାୟକଙ୍କୁ ମହାବିଦ୍ୟାଳୟ ତରଫରୁ ଗତ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆଇନ ମହାବିଦ୍ୟାଳୟର ଆଲୁମନି ଆସୋସିଏଶନ ସଭାପତି ଡ. ସୁମନ ଦତ୍ତଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ତ୍ରିଲୋକିନାଥ ପାଣ୍ଡେଙ୍କ ଆବାହକତ୍ୱରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଇନ ମହାବିଦ୍ୟାଳୟର ସଭାପତି ଇଂ. ଯତୀନ ନାୟକ ମୁଖ୍ୟଅତିଥି, ବିଦାୟୀ ଅଧ୍ୟକ୍ଷ ଡ. ପଟ୍ଟନାୟକ ସ୍ୱତନ୍ତ୍ର ଅତିଥି, ଆଲୁମନି ମନୋରଞ୍ଜନ ଦାଶ ଓ ସମ୍ପ୍ରତି ମହାବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡ. ସମ୍ପାଦିକା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଐକ୍ୟବଦ୍ଧତା ଓ ଭାଇଚାରା ତଥା ଶିକ୍ଷା ପ୍ରତି ଆଗ୍ରହ ବଢାଇବା ପାଇଁ ବିଦାୟୀ ଅଧ୍ୟକ୍ଷଙ୍କ ଚେଷ୍ଟା ମହାବିଦ୍ୟାଳୟ ମନେରଖିବ ବୋଲି ଅତିଥିମାନେ ମତ ରଖିଥିଲେ। ପରିଚାଳନା ସମ୍ପାଦକ ଦେବାଶିଷ ମହାନ୍ତି, କୋଷାଧ୍ୟକ୍ଷ ଡ. ପ୍ରଜ୍ଞାପରମିତା ପଣ୍ଡା, ଆଇନଜୀବୀ ଆରତୀ ଚୌଧୁରୀ, ଅଧ୍ୟାପକ ତନ୍ମୟରାଜ ପାଢ଼ୀ, ଡ. ଦିବ୍ୟେନ୍ଦୁ ପଣ୍ଡା, ଦେବାଶିଷ ବେହେରା, ଗ୍ରନ୍ଥାଗାରିକ ଲକ୍ଷ୍ମୀପ୍ରିୟା ସାହୁ, ସୁଜାତା ନାୟକ, ଅମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବର ସହ ଓସ୍ତ ଗଛର ବିବାହ ଉତ୍ସବ



ରାଉରକେଲା,୧୪।୩(ବିପ୍ଳବ ରଞ୍ଜନ ଦାଶ): ସେକ୍ଟର-୬ସ୍ଥିତ ଜି ବ୍ଲକ ପଡିଆରେ ଥିବା ବର ଓ ଓସ୍ତ ଗଛ ମଧ୍ୟରେ ବିବାହ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂଜକ ଭାବେ ଉପେନ୍ଦ୍ର କୁମାର ନନ୍ଦ, ବର ଗଛର ପିତାମାତା ଭାବେ ମନୋରଞ୍ଜନ ବାରିକ ଓ କନକଲତା ବାରିକ, ଓସ୍ତ ଗଛର ପିତାମାତା ଭାବେ ଲମ୍ବୋଦର ପାତ୍ର ଓ କମଳିନୀ ପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସମସ୍ତ ରୀତିନୀତି ଅନୁଯାୟୀ ବିବାହ କର୍ମ ସମ୍ପାଦନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ବୈଷ୍ଣବ ସାହୁ, ବିଶ୍ୱଜିତ ସାହୁ, ସୁଜିତ ରାୟ, ରାକେଶ ସିଂ, ଆଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।


**ସର୍ବସାଧାରଣ ଅଧିସୂଚନା**

**ରେଳପଥ ସୁରକ୍ଷା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲଙ୍କ ଦ୍ୱାରା ତା୧୭।୦୩।୨୦୨୬ରୁ ୧୯।୦୩।୨୦୨୬ରିଖ ମଧ୍ୟରେ ଖଡ଼ଗପୁର ମଣ୍ଡଳର ସୋରୋ-ରାଣିତାଲ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନ୍‌ର ତଦାରଖ**

ଏତଦ୍ୱାରା ଅଧିସୂଚିତ କରିଦିଆଯାଉଛି ଯେ, ରେଳପଥ ସୁରକ୍ଷା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, କୋଲକାତା **ତା୧୭।୦୩।୨୦୨୬ରୁ ୧୯।୦୩।୨୦୨୬ରିଖ** ପର୍ଯ୍ୟନ୍ତ ଖଡ଼ଗପୁର ମଣ୍ଡଳର ସୋରୋ-ରାଣିତାଲ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନ୍‌ର ଉନ୍ମୋଚନ ଲାଗି ତଦାରଖ ସଞ୍ଚାଳନ କରିବେ । **ତା୧୭।୦୩।୨୦୨୬ରୁ ୧୯।୦୩।୨୦୨୬ରିଖ** ପର୍ଯ୍ୟନ୍ତ ଇନ୍ସପେକ୍ସନ୍ ସ୍ପେଶାଲ, ମୋଟର ଟ୍ରଲି, ପୁଶ୍ ଟ୍ରଲି ଇତ୍ୟାଦି ଦ୍ୱାରା ଆବଶ୍ୟକୀୟ ତଦାରଖ କରାଯିବ ଏବଂ ଇନ୍ସପେକ୍ସନ୍ ସ୍ପେଶାଲ ଦ୍ୱାରା ସ୍ପିଡ୍ ଟ୍ରାଏଲ୍ ସମ୍ପାଦନ କରାଯିବ । ସଡ଼କ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ବ୍ୟବହାରକାରୀଙ୍କୁ ଏତଦ୍ୱାରା ଏହି ଅଧିସୂଚନାକୁ ଧ୍ୟାନରେ ରଖିବା ଏବଂ ରେଳଧାରଣା ଅତିକ୍ରମ କରିବା ସମୟରେ ପର୍ଯ୍ୟାପ୍ତ ସୁରକ୍ଷା ସତର୍କତା ଅବଲମ୍ବନ କରିବା ତଥା ଅନଧିକାର ପ୍ରବେଶକୁ ଏଡ଼ାଇବା ପାଇଁ ପରାମର୍ଶ ଦିଆଯାଉଛି ।

(PR-1305) ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଗାର୍ଡେନ୍ ରିଚ୍

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



EXPRESSION OF INTEREST
STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)
**No. 1249/SIHM/2025-26/E-Tender** **Date: 13.03.2026**

E-tender invited by SIHM, Balangir under a two-bid system from established Dealers/Manufacturers/Distributors/Firms registered in India for the supply, installation and commissioning of Single Disc Machine with Pad Holder and Pad different color & Scrubbing Brush, Automatic Scrubber Drier with Brush, Pad Holder & Pad, Steam Generator with Accessories, Dry & Wet Vacuum Cleaner (33 l) with Accessories, Dry & Wet Vacuum Cleaner (62 l) with Accessories and Mop Wringer Trolley at SIHM, Balangir for the Academic Session 2025-26.

Interested parties may kindly visit the below mentioned website for further details

www.tenderwizard.com/SIHM or www.sihmbalangir.org

Sd/-
Principal






No.34001/207/2526

**OFFICE OF THE SUPERINTENDING ENGINEER, DHENKANAL (R&B) DIVISION, DHENKANAL**

E-mail : eedklpwd@gmail.com
INVITATION FOR BIDS THROUGH e-Procurement
Bid Identification No.SE DKL (R&B) 42/2025-26

**Invitation for Bids**

| | | | |
|---|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Single cover system in ONLINE MODE only for Construction of Building work as detailed below | | |
| 2 | Nature of work | : | Electrical Work |
| 3 | No. of work | : | 01 No. |
| 4 | Bid Cost. | : | ₹ 6,000/- |
| 5 | Class of Contractor | : | 'MV'/'HT' License |
| 6 | Availability of Bid Documents in the website | : | From 10.00 A.M. of 18.03.2026 to 5.00 P.M. of 02.04.2026 |
| 7 | Date of Opening of Bid | : | Dt. 04.04.2026 at 11:00 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-34001/34016/1/25-26/0005 Sd./- Superintending Engineer, Dhenkanal (R&B) Division



No.9001/31/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ତା.**୧୬.୦୩.୨୦୨୬**ରିଖ, ତା.**୨୩.୦୩.୨୦୨୬**ରିଖ ଏବଂ ତା.**୩୦.୦୩.୨୦୨୬**ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9001/1/25-26/0017



**GOVERNMENT OF ODISHA**
**Office of the Superintending Engineer, N.H. Division, Bhubaneswar**
Email-eenh_bbsr@yahoo.co.in, Ph No-0674-2972908
**INVITATION FOR BIDS**
**BID IDENTIFICATION NO. 12 SE NH, BBSR of 2025-26**

**No.34001/200/2526** : The Superintending Engineer, National Highways Division, Bhubaneswar on behalf of Governor of Orissa invites **percentage rate bids in Double cover system** on **online mode** for the work as detailed in the table below **from eligible contractors as mentioned in Col. 7** registered with the State Govt. and Contractors of equivalent Grade or Class registered with Central Government / Other State Government / MES/ Railways for execution of Civil Works, on production of definite proof from the appropriate authority.

| Sl No. | Name of work | Approximate Estimated cost put to Tender | Concerned Sub-Division | Bid security EMD (online) | Cost of Bid documents (online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "Renovation to O/o the Chief Construction Engineer, Northern N.H. Circle, Bhubaneswar for the year 2025-26 such as providing Wall Paneling, Flush Door, Executive Tables, Cup boards & Vetrified tile flooring etc. as per requirement." | Rs.5264142/- (Excluding GST) | NH Sub Division, Bhubaneswar | Rs.52641/- | Rs.10,000/- | "B" Class Contractor | 03 (Three Months) |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in.

1. Bid documents will be available in above website from **dt.20.03.2026 to dt.04.04.2026 up to 17.30 Hours**. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at **12.30 hours on dt.06.04.2026**. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in
2. Subsequent corrigendum / addendum if required shall be available in the website as indicated above.
3. The authority reserves the right to cancel any/all bids without assigning any reason.

OIPR-34001/34073/1/25-26/0001 Sd./- Superintending Engineer, N.H. Division, Bhubaneswar



ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପଦ୍ମପୁର

**OFFICE OF THE NOTIFIED AREA COUNCIL, PADAMPUR**

AT/PO/PS : Padampur, Dist.-Bargarh (Odisha), Pin-768036
E_Mail ID : nac.padampur@gmail.com
No.632/NACP Dt.13.03.2026

**"e"-procurement Notice**
Bid Identification No. NAC-PDP-15/2025-26

**No.13001/642/2526** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. **www.tendersodisha.gov.in**

1. Nature of Work : Civil works
2. No. of works : 02 Nos.
3. Estimated Cost : As per NIT
4. Period of completion : As per NIT
5. Date and time of availability of the Documents in the Portal : From 10.00 hours of 16.03.2026 to 17.00 hours of 25.03.2026
6. Last date/time for receipt of Bids in the portal : Dt.25.03.2026 up to 17 hours
7. Bids received online shall be opened on : Dt.26.03.2026 at 11 hours
8. Name and address of the Officer inviting Bid : Executive Officer, Padampur NAC

Further the details can be seen from the e-procurement Portal **www.tendersodisha.gov.in**

OIPR-13001/13118/1/25-26/0037 Sd./- Executive Officer NAC, Padampur



**MUNICIPAL OFFICE : JEYPORE**
Ph. No.06854-231098, Fax No. 06854-230104,
Letter. No.1268/jm ulbjeypore@gmail.com Date : 11.03.2026

**Quotation Call Advertisement**

**No.13001/653/2526** : Sealed quotations as per prescribed format in the quotation call notice are hereby invited from reputed agencies/Firms/ Contractors/As per QCN

Name of the works :

1. Supply & installation of Theatre Foldable Chair and Synthetic Leather Sofa for Auditorium, Jeypore Municipality, vide Letter No.1249/ date.11.03.2026
2. Supply, Installation & Commissioning of Sound System and Stage Light Arrangement for Auditorium at Jeypore Municipality, vide Letter No.1253 / date 11.03.2026
3. Providing and laying of BWF approved Wooden Flooring for Indoor Stadium, Jeypore Municipality, vide Letter No.1257/date.11.03.2026

| | |
|---|---|
| No. of works | 03 |
| Details of the work | As per QCN, which can be obtained by depositing paper costs at the office of the undersigned or can also be downloaded from the website, i.e. www.jeyporemunicipality.in |
| Quotation Paper Sale Start Date | 13.03.2026 11.00 hours onwards |
| Quotation Paper Sale End Date | 20.03.2026 up to 17.00 hours |
| Submission Deadline | 25.03.2026 up to 14.00 hours |
| Opening of Quotation | 25.03.2026 at 16.00 hours |
| Paper Cost (INR) | As per QCN |
| Security Deposit (INR) | As per QCN |

OIPR-13001/13079/1/25-26/0028 Sd./- Executive Officer Jeypore Municipality



**ADVERTISEMENT FOR APPOINTMENT OF GUEST TEACHERS FOR THE SESSION 2026-27**

**WALK-IN - INTERVIEW**

A Walk-in-interview will be conducted for the following posts of guest teachers for the session 2026-27 at the Office of the Principal, Eklavya Model Residential School, Bhawanipur, Sundargarh. Applicants are instructed to appear in the interview on 26.03.2026 at 09.00 A.M along with a set of self-attested documents with original certificate and mark sheets. Selection will be made as per guidelines for engagement of guest teachers by NESTS.

| Sl. No. | Name of the Post | No. of Post | Eligibility | Remuneration |
|---|---|---|---|---|
| 1. | PGT (History) | 01 | (i) Post Graduate with 50% marks in aggregate with B.Ed. (ii) Proficiency in Hindi & English. (iii) Knowledge of Computer Applications. | Rs.35000.00 per month |
| 2. | PGT (Economics) | 01 | (i) Post Graduate with 50% marks in concerned subject aggregate with B.Ed. (ii) Proficiency in Hindi & English. (iii) Knowledge of Computer Applications. | Rs.35000.00 per month |
| 3. | TGT (Science) | 01 | (i) Candidates shoud have studied biology/life science/botany/ zoology as honors/ main subject in all the three years of graduation (under graduate course) with B Ed. (ii) Proficiency in Hindi & English. (iii) Knowledge of Computer Applications. (iv)CTET Qualified. | Rs.33000.00 per month |
| 4. | TGT (SST) | 01 | (i) Studied any two subjects out of history, geography, economics and political science at graduation (under graduate course) with B Ed. (ii) Three years degree (level out of which one must be either history or geography in all three years of graduation as an elective/main subject and the second subject for at least one year/two semesters. (iii) Proficiency in Hindi & English. (iv) Knowledge of Computer Applications. (v) CTET Qualified | Rs.33000.00 per month |
| 5. | TGT, PET (Female) | 01 | (i) Four years integrated B.P.Ed course from NCTE recognized institution with at least 50% marks / Bachelor Degree in Physical Education/Physical Education and Sports offered NCTE recognized institution with at least 50% marks provided that physical education is studied in all the three years in graduation along with B.P.Ed. of at least one year duration (or its equivalent) from any NCTE recognized institution with at least 50% marks OR Bachelor Degree with Physical Education as an elective subject with 50% marks and participation in national or state or inter university competition in sports or games or athletics recognized by Association of Indian University or Indian Olympic Association along with B.P.Ed. or at least one year duration (or its equivalent) from any NCTE recognized institution with 50% marks. (ii). Proficiency in Hindi & English. (iii). Knowledge of Computer Applications. | Rs.33000.00 per month |
| 6. | Counsellor | 01 | (i). Master Degree in Psychology/Clinical Psychology from a recognized university (ii) One year diploma in guidance and counseling from a recognized university or institution. (iii) The candidate should have local language of the state concerned up to the level of Class- VIII (iv) Proficiency in Hindi & English. (v). Knowledge of Computer Applications. | Rs.35,400.00 per month |

Note:
- The guest teachers will only be engaged against the vacancies on 'per lecture' basis.
- The engagement is purely on adhoc basis and the guest teacher shall not claim any right to regularization of their services on account of this engagement.
- No TA/DA will be paid for attending the interview.
- For Detailed Guidelines/Terms & Conditions please visit district website. www.sundargarh.odisha.gov.in

Sd./- Principal
EMRS, Bhawanipur, Sundargarh



**GOVERNMENT OF ODISHA** No.13001/649/2526
**OFFICE OF MUNICIPAL COUNCIL, KABISURYANAGAR, DIST-GANJAM (H & U D DEPARTMENT)**
E-procurement Notice
Tender Reference No. : EO/Mplty/KSN-01/2025-26
BID IDENTIFICATION NO :-
E-mail : ksnnac@rediffmail.com, Phone : 06810-295444
Lt. No.456//Dt.10.03.2026

| | | | |
|---|---|---|---|
| 1. | The Executive Officer, Kabisuryanagar Municipality, Dist-Ganjam invites Percentage Rate bids in Single Cover System in Online Mode for Execution of Civil Works in Kabisuryanagar Municipality area as specified in the Detailed Tender Call Notice (DTCN) from the eligible Class of Contractors, which is available at the e-procurement portal : **www.tendersodisha.gov.in.** | | |
| 2. | Name/Nature of the work | : | Civil Works |
| 3. | No. of work | : | 48 (Forty Eight) nos. |
| 4. | Estimated Cost Range of Works | : | Rs.2,36,210/- to Rs.16,93,413/- (excld. GST) |
| 5. | Eligible Class of Contractor | : | C & D, Govt. of Odisha |
| 6. | Date and time of Availability in Portal & Receipt of Bids | : | From 10.00 A.M. of dt.17.03.2026 to 05.30 P.M. of dt.31.03.2026 |
| 7. | Last date & time of submission of original financial tender documents in Tender Box | : | 05.30 P.M. of dt.02.04.2026 & 04.04.2026 |
| 8. | Date of Opening of Tender | : | 06.04.2026 at 11.00 A.M. |
| 9. | The Bidders have to participate in Online bidding only and further details can be seen from the Govt. Portal. | | |
| 10. | Any Corrigendum/Addendum will be displayed in the website : www.tendersodisha.gov.in only | | |
| 11. | Name & address of the Officer inviting tender | : | Executive Officer Office of the Municipal Council , Kabisuryanagar, Ganjam, Near Main Road, Kabisuryanagar, Dist-Ganjam, Pin-761104 |

OIPR-13001/13208/1/25-26/0004 Sd./- Executive Officer Kabisuryanagar Municipality (G.M)



**वरीय पुलिस अधीक्षक का कार्यालय, राँची**

**सर्वसाधारण के लिए सूचना**



नाम–अन्जुम, उम्र–35 वर्ष, उँचाई–5 फीट, रंग–गोरा, पहनावा–हरे रंग का सलवार सूट पहनी हुई है।

उपरोक्त लापता महिला अन्जुम, उम्र–35 वर्ष, पति–नासिर अंसारी, सा0–इस्लामिया, थाना–नई मंडी, जिला–गुलन्दशहर, (उ0प्र0), वर्तमान पता–ग्राम नौदी, थाना–चान्हो, जिला–राँची, जो दिनांक–17.02.2026 को घर से बगैर बताए कहीं चली जो आजतक अपने घर वापस नहीं आई है।

जिसके संबंध में चान्हो थाना सनहा संख्या–12/2026, दिनांक–20.02.2026 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, खलारी, राँची। –943170619
थाना प्रभारी, चान्हो, राँची। –9431706187

वरीय पुलिस अधीक्षक, राँची
PR 375096 Police(25-26)#D

# ଜଙ୍ଗଲରେ ନିଆଁ: ପୋଡ଼ି ଯାଉଛନ୍ତି ଜୀବଜନ୍ତୁ, ଗଛଲତା

ଲୋଇସିଂହା,୧୪।୩(ସୁଶାନ୍ତ ବାରିକ)



ଲୋଇସିଂହା ବନାଞ୍ଚଳ ମୁରୁଶୁଣ୍ଡି–ଅସୁରମୁଣ୍ଡା ରାସ୍ତା ପାର୍ଶ୍ୱ ଗ୍ରାମ୍ୟ ଜଙ୍ଗଲରେ ଲାଗିଥିବା ନିଆଁ ।

■ଅଦ୍ୟାବଧି ୧୦ ସଂରକ୍ଷିତ ଜଙ୍ଗଲ, ୨୩ ସ୍ଥାନରେ ଲାଗିଲାଣି ନିଆଁ

■ନିଆଁ ଲିଭାଇବା ପାଇଁ ବନ ଓ ଅଗ୍ନିଶମ ବିଭାଗ କର୍ମଚାରୀ ନାକେଦମ୍

ଚୈତ୍ର ମାସ ଆରମ୍ଭରୁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ପରିସ୍ଥିତିରେ କେହି ଚାଷଜମି, ଗ୍ରାମ୍ୟ ଜଙ୍ଗଲ, ପତରା ଜଙ୍ଗଲ ଓ ପାହାଡରେ ନିଆଁ ଲଗାଇ ଦେଉଥିବାରୁ ଗଛଲତା, ବନ୍ୟଜନ୍ତୁ, ପଶୁପକ୍ଷୀ ପୋଡି ଯାଉଥିବା ଦେଖିବାକୁ ମିଳୁଛି। ଫଳରେ ନିଆଁକୁ ଆୟତ୍ତ କରିବା ପାଇଁ ବନ ବିଭାଗ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡୁଛି। ଅଦ୍ୟାବଧି ଲୋଇସିଂହା ବନାଞ୍ଚଳର ୧୦ଟି ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ସ୍ଥାନୀୟ ଅଗ୍ନିଶମ ବାହିନୀ ୨୩ଟି କଲ୍ ପାଇଁ କେତେକ ସ୍ଥାନରେ ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି। ଏବେ କେନ୍ଦୁପତ୍ର ଓ ମହୁଲ ଫୁଲ ସଂଗ୍ରହ ସମୟ ହୋଇଯାଇଛି।ଏଥିପାଇଁ କେନ୍ଦୁପତ୍ର ବିଭାଗ ପକ୍ଷରୁ ଗୋଛା କଟା ଚାଲିଛି। ଗୋଛା କଟା ଓ ମହୁଲ ଫୁଲ ସଂଗ୍ରହ ପାଇଁ କୁଆଡେ ଲୋକେ ନିଆଁ ଲଗାଇ ଦେଉଥିବା ଅଭିଯୋଗ ହେଉଛି। ଶନିବାର ଅପରାହ୍ନ ୫ଟା ସମୟରେ ଲୋଇସିଂହା ବନାଞ୍ଚଳର ମୁରୁଶୁଣ୍ଡି –ଅସୁରମୁଣ୍ଡା ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳୁଥିବା ସ୍ଥାନୀୟ ଲୋକଙ୍କ ଠାରୁ ଜାଣିବାକୁ ମିଳିଛି। ସେହିପରି ଅପରାହ୍ନରେ ଲୋଇସିଂହା କେନ୍ଦୁପତ୍ର ରେଞ୍ଜର ଆଗଲପୁର ବ୍ଲକ ପଣ୍ଡକିଟାଲ ଭାଲୁଚବା ପତରା ଜଙ୍ଗଲରେ ମୁନସୀଙ୍କ ତତ୍ତ୍ୱାବଧାନରେ ଶ୍ରମିକମାନେ ଗୋଛା କଟାଇରେ ନିୟୋଜିତ ଥିଲେ । କିନ୍ତୁ ସମ୍ପୃକ୍ତ ଅଞ୍ଚଳରେ କେହି ନିଆଁ ଲଗାଇ ଦେଇଥିବାରୁ ଗୋଟିଏ କଇଁଛ ଓ ପକ୍ଷୀମାନେ ପୋଡି ମରି ପଡିଥିବା ମୁନସୀ ଭୁବନେଶ୍ୱର ଧରୁଆ ଦେଖିବାକୁ ପାଇଥିଲେ। ଏଣୁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସେ ତାଙ୍କ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କୁ ନିବେଦନ କରିଛନ୍ତି। ଲୋଇସିଂହା ବନାଞ୍ଚଳ ଅନ୍ତର୍ଗତ ମହାଦାସୁନୀ, ସୁନାଦେଇ ଓ ବାରପାହାଡ ଆଦି ୧୦ଟି ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ବନ ବିଭାଗର ଫାୟାର ସ୍କ୍ୱାଡ୍ ପକ୍ଷରୁ ନିଆଁକୁ ଲିଭା ଯାଇଛି । ନିଆଁ କିପରି ନ ଲାଗିବ ବିଭାଗୀୟ ଅଧିକାରୀ ଓ ସ୍କ୍ୱାଡ୍ ସତର୍କତାର ସହ ଜଗି ରହିଥିବା ଫରେଷ୍ଟର ବାବୁଲା ଦାଶ କହିଛନ୍ତି। ଏହାଛଡା ଲୋକଙ୍କୁ ଏ ନେଇ ସଚେତନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ସେହିପରି ସ୍ଥାନୀୟ ଅଗ୍ନିଶମ ବିଭାଗର ସୂଚନା ଅନୁଯାୟୀ, ବୁଢୀପଦର, କର୍ଲିପାଟ, ବଘାପାଲି, ସେମେଲମୁଣ୍ଡା, ଛେଲବାହାଲ, ପୁଟାପାଲି, ଢୋଲମହୁଲ, ଲାଦେରବାହାଲ, ଝାରମୁଣ୍ଡା, ରଫାଖାଲ, ନୁନିଆପାଲି ସମେତ ୨୩ ସ୍ଥାନରୁ କଲ୍ ପାଇ ନିଆଁକୁ ଆୟତ୍ତ କରାଯାଇଥିବା ବିଭାଗୀୟ କର୍ମଚାରୀ କହିଛନ୍ତି। ଏହିସବୁ ସ୍ଥାନ ଲୋଇସିଂହା, ଆଗଲପୁର, ବଲାଙ୍ଗୀର ଓ ପୁଇଁତଲା ବ୍ଲକରେ ଯାଉଥିବା ବିଭାଗୀୟ କର୍ମଚାରୀ କହିଛନ୍ତି।

# ଜେଲ ଭିତରୁ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ

ବଲାଙ୍ଗୀର,୧୪।୩(ବୀରେନ୍ଦ୍ର କୁମାର ଝାଙ୍କର)



ମୃତ କଏଦୀ ଭୀଷ୍ମଦେବ ସାହୁ।

■ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

■ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା

ଶନିବାର ସକାଳେ ବଲାଙ୍ଗୀର ଜିଲା କାରାଗାର ଭିତରେ ସଜା କାଟୁଥିବା ଜଣେ କଏଦୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ କଏଦୀ ଜଣକ ହେଲେ ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ କୁଶଙ୍ଗ ଗାଁର ଭୀଷ୍ମଦେବ ଓରଫ ଗୋପାଳ ସାହୁ (୩୭)। ପ୍ରକାଶ ଯେ, ଶନିବାର ସକାଳେ ବଲାଙ୍ଗୀର ଜେଲ କର୍ତ୍ତୃପକ୍ଷ ଭୀଷ୍ମଦେବ ଜେଲ ଭିତରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଫୋନ ଯୋଗେ ଜଣାଇ ଶୀଘ୍ର ଜେଲକୁ ଆସିବାକୁ କହିଥିଲେ। ଏହି ଖବର ପାଇ ମୃତ କଏଦୀଙ୍କ ମା' ବାପା ଓ ଭାଇ ବଲାଙ୍ଗୀର ଜେଲକୁ ଆସିଥିଲେ। ସେମାନେ ଝୁଲନ୍ତା ମୃତଦେହ ଦେଖି ଏହା ଆତ୍ମହତ୍ୟା ନୁହେଁ, ହତ୍ୟା ବୋଲି ଅଭିଯୋଗ କରିଥିଲେ। ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ରଖି ପରିବାର ଲୋକେ ଧାରଣା ଦେବା ସହ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ଏବଂ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ଖବରପାଇ ବଲାଙ୍ଗୀର ଅତିରିକ୍ତ ତହସିଲଦାର ବିଶ୍ୱମ୍ଭର ପଣ୍ଡା ଓ ଟାଉନ ଥାନା ଆଇଆଇସି ଅବନୀ ସାହୁ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଅତିରିକ୍ତ ତହସିଲଦାର ପଣ୍ଡା ମୃତକଙ୍କ ପରିବାରକୁ ରେଡକ୍ରସ ତରଫରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଜେଲ ଅଧୀକ୍ଷକ ଉମାଶଙ୍କର ମାଝିଙ୍କୁ ପଚରାଯିବାରେ ଏ ନେଇ ପୋଲିସକୁ ସୂଚନା ଦିଆଯାଇଥିଲା ବୋଲି କହିଥିଲେ।

ସୂଚନାଯୋଗ୍ୟ, ୨୦୨୧ ମସିହାରେ ଯୌତୁକଜନିତ ନିର୍ଯାତନା ଏବଂ ସ୍ତ୍ରୀ ହତ୍ୟା ଅଭିଯୋଗରେ ଭୀଷ୍ମଦେବ ଗିରଫ ହୋଇ ଜେଲ ଯାଇଥିଲେ। ୨୦୨୩ରେ ଏହି ମାମଲାର ବିଚାର ହୋଇ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେହିଦିନଠାରୁ ସେ ଜେଲରେ ଥିଲେ। ଗତ କିଛିଦିନ ତଳେ କୋର୍ଟରୁ ଜାମିନ ପାଇ ଅଳ୍ପ କିଛି ଦିନ ପାଇଁ ସେ ଘରକୁ ଯାଇ ପୁଣି ଜେଲକୁ ଫେରି ଆସିଥିଲେ।




# କୁତୁର୍ଲା କଲେଜରେ ଶୋକସଭା

ଦେଓଗାଁ,୧୪।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବ ଆନନ୍ଦ କଲେଜରେ କାର୍ଯ୍ୟରତ ଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ପରମେଶ୍ୱର ସାହୁଙ୍କ ବିୟୋଗରେ କଲେଜ ପରିସରରେ ଶୁକ୍ରବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧାପିକା, ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ସାହୁଙ୍କ ଚାକିରି ଜୀବନର ଅନେକ ଅଭୁଲା ସ୍ମୃତି ଉପରେ ଆଲୋକପାତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ ।

# ସମ୍ବଲପୁର, କୋରାପୁଟ, ବାଲେଶ୍ୱରରେ ନୂତନ ଏମ୍‌ସ ହସ୍ପିଟାଲ ପ୍ରତିଷ୍ଠା ଦାବି

ପାର୍ଲାମେଣ୍ଟରେ ଦାବି କଲେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି

ବଲାଙ୍ଗୀର,୧୪।୩(ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶାର ସମ୍ବଲପୁର, କୋରାପୁଟ ଓ ବାଲେଶ୍ୱରରେ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥା(ଏମ୍‌ସ)ର ନୂତନ ହସ୍ପିଟାଲ ପ୍ରତିଷ୍ଠା କରାଯିବାକୁ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ପାର୍ଲାମେଣ୍ଟରେ ଦାବି କରିଛନ୍ତି। ଏକ ପ୍ରେସ ବିଜ୍ଞପ୍ତିରେ ବିଶି ଏନେଇ ଜଣାଇଛନ୍ତି। ପାର୍ଲାମେଣ୍ଟରେ ବିଶି କହିଥିଲେ, ଓଡ଼ିଶାର ଜନସଂଖ୍ୟା ଏବଂ ଭୌଗୋଳିକ ସ୍ଥିତିକୁ ଆଧାର କରି ଓଡିଶାବାସୀଙ୍କ ସ୍ୱାସ୍ଥ୍ୟ ସୁବିଧା ପାଇଁ କେନ୍ଦ୍ର ସରକାର ଉଦ୍ୟମ କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ଭୁବନେଶ୍ୱରଠାରେ ଏମ୍‌ସ ହସ୍ପିଟାଲ ରହିଛି। ଏହା ରାଜ୍ୟର ସ୍ୱାସ୍ଥ୍ୟସେବାର ମାନକୁ ଉନ୍ନତ କରିଛି। କିନ୍ତୁ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ଆଦିବାସୀ ବହୁଳ କୋରାପୁଟ ଓ ଉତ୍ତର ଉପକୂଳ ଅଞ୍ଚଳର ବାଲେଶ୍ୱରରେ ଏପର୍ଯ୍ୟନ୍ତ ଏମ୍‌ସ ଭଳି ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇ ନଥିବାରୁ ଉକ୍ତ ଅଞ୍ଚଳର ଲୋକେ ଉନ୍ନତ ମାନର ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଶି ଆହୁରି କହିଥିଲେ, କେନ୍ଦ୍ର ସରକାର ଏମ୍‌ସ ହସ୍ପିଟାଲର ସାଟେଲାଇଟ ସେଣ୍ଟର ପ୍ରତିଷ୍ଠା ନକରି ଭୁବନେଶ୍ୱର ଭଳି ଏମ୍‌ସ ହସ୍ପିଟାଲ ପ୍ରତିଷ୍ଠା କଲେ ଲୋକେ ସ୍ୱାସ୍ଥ୍ୟସେବା ପାଇ ପାରିବେ। ଯଥାଶୀଘ୍ର ସମ୍ବଲପୁର, କୋରାପୁଟ ଏବଂ ବାଲେଶ୍ୱରରେ ଏମ୍‌ସ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି।


## ସର୍ବସାଧାରଣ ଅଧିସୂଚନା

**ରେଳପଥ ସୁରକ୍ଷା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲଙ୍କ ଦ୍ୱାରା ତା୧୭।୦୩।୨୦୨୬ରୁ ୧୯।୦୩।୨୦୨୬ରିଖ ମଧ୍ୟରେ ଖଡ୍ଗପୁର ମଣ୍ଡଳର ସୋରୋ-ରାଣିତାଳ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନ୍‌ର ତଦାରଖ**

ଏତଦ୍ୱାରା ଅଧିସୂଚିତ କରିଦିଆଯାଉଛି ଯେ, ରେଳପଥ ସୁରକ୍ଷା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, କୋଲକାତା **ତା୧୭।୦୩।୨୦୨୬ରୁ ୧୯।୦୩।୨୦୨୬ରିଖ** ପର୍ଯ୍ୟନ୍ତ ଖଡ୍ଗପୁର ମଣ୍ଡଳର ସୋରୋ–ରାଣିତାଳ ମଧ୍ୟରେ ନବନିର୍ମିତ ତୃତୀୟ ଲାଇନ୍‌ର ଉନ୍ମୋଚନ ଲାଗି ତଦାରଖ ସଞ୍ଚାଳନ କରିବେ । **ତା୧୭।୦୩।୨୦୨୬ରୁ ୧୯।୦୩।୨୦୨୬ରିଖ** ପର୍ଯ୍ୟନ୍ତ ଇନ୍ସପେକ୍ସନ୍ ସ୍ପେଶାଲ, ମୋଟର ଟ୍ରଲି, ପୁଶ୍ ଟ୍ରଲି ଇତ୍ୟାଦି ଦ୍ୱାରା ଆବଶ୍ୟକୀୟ ତଦାରଖ କରାଯିବ ଏବଂ ଇନ୍ସପେକ୍ସନ୍ ସ୍ପେଶାଲ ଦ୍ୱାରା ସ୍ପିଡ୍ ଟ୍ରାଏଲ୍ ସମ୍ପାଦନ କରାଯିବ । ସଡ଼କ ବ୍ୟବହାରକାରୀ, ସ୍ଥାନୀୟ ଜନସାଧାରଣ ଏବଂ ଅନ୍ୟାନ୍ୟ ବ୍ୟବହାରକାରୀଙ୍କୁ ଏତଦ୍ୱାରା ଏହି ଅଧିସୂଚନାକୁ ଧ୍ୟାନରେ ରଖିବା ଏବଂ ରେଳଧାରଣା ଅତିକ୍ରମ କରିବା ସମୟରେ ପର୍ଯ୍ୟାପ୍ତ ସୁରକ୍ଷା ସତର୍କତା ଅବଲମ୍ବନ କରିବା ତଥା ଅନଧିକାର ପ୍ରବେଶକୁ ଏଡ଼ାଇବା ପାଇଁ ପରାମର୍ଶ ଦିଆଯାଉଛି ।

(PR-1305) ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଗାର୍ଡେନ୍ ରିଚ୍

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## EXPRESSION OF INTEREST

STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)

**No. 1249/SIHM/2025-26/E-Tender** **Date: 13.03.2026**

E-tender invited by SIHM, Balangir under a two-bid system from established Dealers/Manufacturers/Distributors/Firms registered in India for the supply, installation and commissioning of Single Disc Machine with Pad Holder and Pad different color & Scrubbing Brush, Automatic Scrubber Drier with Brush, Pad Holder & Pad, Steam Generator with Accessories, Dry & Wet Vacuum Cleaner (33 l) with Accessories, Dry & Wet Vacuum Cleaner (62 l) with Accessories and Mop Wringer Trolley at SIHM, Balangir for the Academic Session 2025-26.

Interested parties may kindly visit the below mentioned website for further details

www.tenderwizard.com/SIHM or www.sihmbalangir.org

Sd/-
Principal

No.34001/207/2526

## OFFICE OF THE SUPERINTENDING ENGINEER, DHENKANAL (R&B) DIVISION, DHENKANAL

E-mail : eedklpwd@gmail.com
INVITATION FOR BIDS THROUGH e-Procurement
Bid Identification No.SE DKL (R&B) 42/2025-26

**Invitation for Bids**

| | | | |
|---|---|---|---|
| 1 | The Superintending Engineer, Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in Single cover system in ONLINE MODE only for Construction of Building work as detailed below | | |
| 2 | Nature of work | : | Electrical Work |
| 3 | No. of work | : | 01 No. |
| 4 | Bid Cost. | : | ₹ 6,000/- |
| 5 | Class of Contractor | : | 'MV'/'HT' License |
| 6 | Availability of Bid Documents in the website | : | From 10.00 A.M. of 18.03.2026 to 5.00 P.M. of 02.04.2026 |
| 7 | Date of Opening of Bid | : | Dt. 04.04.2026 at 11:00 A.M. |
| 8 | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Superintending Engineer,
Dhenkanal (R&B) Division

OIPR-34001/34016/1/25-26/0005

No.9001/31/2526

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

✽✽✽✽✽✽✽✽✽✽

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ତା.୧୬.୦୩.୨୦୨୬ରିଖ, ତା.୨୩.୦୩.୨୦୨୬ରିଖ ଏବଂ ତା.୩୦.୦୩.୨୦୨୬ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9001/1/25-26/0017

## GOVERNMENT OF ODISHA
## Office of the Superintending Engineer, N.H. Division, Bhubaneswar

Email-eenh_bbsr@yahoo.co.in, Ph No-0674-2972908
INVITATION FOR BIDS
BID IDENTIFICATION NO. 12 SE NH, BBSR of 2025-26

**No.34001/200/2526** : The Superintending Engineer, National Highways Division, Bhubaneswar on behalf of Governor of Orissa invites **percentage rate bids in Double cover system** on **online mode** for the work as detailed in the table below **from eligible contractors as mentioned in Col. 7** registered with the State Govt. and Contractors of equivalent Grade or Class registered with Central Government / Other State Government / MES/ Railways for execution of Civil Works, on production of definite proof from the appropriate authority.

| Sl No. | Name of work | Approximate Estimated cost put to Tender | Concerned Sub-Division | Bid security EMD (online) | Cost of Bid documents (online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "Renovation to O/o the Chief Construction Engineer, Northern N.H. Circle, Bhubaneswar for the year 2025-26 such as providing Wall Paneling, Flush Door, Executive Tables, Cup boards & Vetrified tile flooring etc. as per requirement." | Rs.5264142/- (Excluding GST) | NH Sub Division, Bhubaneswar | Rs.52641/- | Rs.10,000/- | "B" Class Contractor | 03 (Three Months) |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in.

1. Bid documents will be available in above website from **dt.20.03.2026 to dt.04.04.2026 up to 17.30 Hours**. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at **12.30 hours on dt.06.04.2026**. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in
2. Subsequent corrigendum / addendum if required shall be available in the website as indicated above.
3. The authority reserves the right to cancel any/all bids without assigning any reason.

OIPR-34001/34073/1/25-26/0001
Sd./- Superintending Engineer
N.H. Division, Bhubaneswar

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ପଦ୍ମପୁର
## OFFICE OF THE NOTIFIED AREA COUNCIL, PADAMPUR

AT/PO/PS : Padampur, Dist.-Bargarh (Odisha), Pin-768036
E_Mail ID : nac.padampur@gmail.com
No.632/NACP Dt.13.03.2026

"e"-procurement Notice

Bid Identification No. NAC-PDP-15/2025-26

**No.13001/642/2526** : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. Website i.e. **www.tendersodisha.gov.in**

1. Nature of Work : Civil works
2. No. of works : 02 Nos.
3. Estimated Cost : As per NIT
4. Period of completion : As per NIT
5. Date and time of availability of the Documents in the Portal : From 10.00 hours of 16.03.2026 to 17.00 hours of 25.03.2026
6. Last date/time for receipt of Bids in the portal : Dt.25.03.2026 up to 17 hours
7. Bids received online shall be opened on : Dt.26.03.2026 at 11 hours
8. Name and address of the Officer inviting Bid : Executive Officer, Padampur NAC

Further the details can be seen from the e-procurement Portal **www.tendersodisha.gov.in**

Sd./- Executive Officer
NAC, Padampur
OIPR-13001/13118/1/25-26/0037

## MUNICIPAL OFFICE : JEYPORE

Ph. No.06854-231098, Fax No. 06854-230104,
ulbjeypore@gmail.com
Letter. No.1268/jm Date : 11.03.2026

**Quotation Call Advertisement**

**No.13001/653/2526** : Sealed quotations as per prescribed format in the quotation call notice are hereby invited from reputed agencies/Firms/ Contractors/As per QCN

**Name of the works :**

1. Supply & installation of Theatre Foldable Chair and Synthetic Leather Sofa for Auditorium, Jeypore Municipality, vide Letter No.1249/ date.11.03.2026
2. Supply, Installation & Commissioning of Sound System and Stage Light Arrangement for Auditorium at Jeypore Municipality, vide Letter No.1253 / date 11.03.2026.
3. Providing and laying of BWF approved Wooden Flooring for Indoor Stadium, Jeypore Municipality, vide Letter No.1257/date.11.03.2026

| | |
|---|---|
| No. of works | 03 |
| Details of the work | As per QCN, which can be obtained by depositing paper costs at the office of the undersigned or can also be downloaded from the website, i.e. www.jeyporemunicipality.in |
| Quotation Paper Sale Start Date | 13.03.2026 11.00 hours onwards |
| Quotation Paper Sale End Date | 20.03.2026 up to 17.00 hours |
| Submission Deadline | 25.03.2026 up to 14.00 hours |
| Opening of Quotation | 25.03.2026 at 16.00 hours |
| Paper Cost (INR) | As per QCN |
| Security Deposit (INR) | As per QCN |

OIPR-13001/13079/1/25-26/0028
Sd./- Executive Officer
Jeypore Municipality

## ADVERTISEMENT FOR APPOINTMENT OF GUEST TEACHERS FOR THE SESSION 2026-27

**WALK-IN - INTERVIEW**

A Walk-in-interview will be conducted for the following posts of guest teachers for the session 2026-27 at the Office of the Principal, Eklavya Model Residential School, Bhawanipur, Sundargarh. Applicants are instructed to appear in the interview on 26.03.2026 at 09.00 A.M along with a set of self-attested documents with original certificate and mark sheets. Selection will be made as per guidelines for engagement of guest teachers by NESTS.

| Sl. No. | Name of the Post | No. of Post | Eligibility | Remuneration |
|---|---|---|---|---|
| 1. | PGT (History) | 01 | (i) Post Graduate with 50% marks in aggregate with B.Ed. (ii) Proficiency in Hindi & English. (iii) Knowledge of Computer Applications. | Rs.35000.00 per month |
| 2. | PGT (Economics) | 01 | (i) Post Graduate with 50% marks in concerned subject aggregate with B.Ed. (ii) Proficiency in Hindi & English. (iii) Knowledge of Computer Applications. | Rs.35000.00 per month |
| 3. | TGT (Science) | 01 | (i) Candidates shoud have studied biology/life science/botany/ zoology as honors/ main subject in all the three years of graduation (under graduate course) with B Ed. (ii) Proficiency in Hindi & English. (iii) Knowledge of Computer Applications. (iv)CTET Qualified. | Rs.33000.00 per month |
| 4. | TGT (SST) | 01 | (i) Studied any two subjects out of history, geography, economics and political science at graduation (under graduate course) with B Ed. (ii) Three years degree (level out of which one must be either history or geography in all three years of graduation as an elective/main subject and the second subject for at least one year/two semesters. (iii) Proficiency in Hindi & English. (iv) Knowledge of Computer Applications. (v) CTET Qualified | Rs.33000.00 per month |
| 5. | TGT, PET (Female) | 01 | (i) Four years integrated B.P.Ed course from NCTE recognized institution with at least 50% marks / Bachelor Degree in Physical Education/Physical Education and Sports offered NCTE recognized institution with at least 50% marks provided that physical education is studied in all the three years in graduation along with B.P.Ed. of at least one year duration (or its equivalent) from any NCTE recognized institution with at least 50% marks OR Bachelor Degree with Physical Education as an elective subject with 50% marks and participation in national or state or inter university competition in sports or games or athletics recognized by Association of Indian University or Indian Olympic Association along with B.P.Ed. or at least one year duration (or its equivalent) from any NCTE recognized institution with 50% marks. (ii). Proficiency in Hindi & English. (iii). Knowledge of Computer Applications. | Rs.33000.00 per month |
| 6. | Counsellor | 01 | (i). Master Degree in Psychology/Clinical Psychology from a recognized university (ii) One year diploma in guidance and counseling from a recognized university or institution. (iii) The candidate should have local language of the state concerned up to the level of Class- VIII (iv) Proficiency in Hindi & English. (v). Knowledge of Computer Applications. | Rs.35,400.00 per month |

Note:
- The guest teachers will only be engaged against the vacancies on 'per lecture' basis.
- The engagement is purely on adhoc basis and the guest teacher shall not claim any right to regularization of their services on account of this engagement.
- No TA/DA will be paid for attending the interview.
- For Detailed Guidelines/Terms & Conditions please visit district website. www.sundargarh.odisha.gov.in

Sd./- Principal
EMRS, Bhawanipur, Sundargarh

## GOVERNMENT OF ODISHA
No.13001/649/2526

## OFFICE OF MUNICIPAL COUNCIL, KABISURYANAGAR, DIST-GANJAM (H & U D DEPARTMENT)

E-procurement Notice
Tender Reference No. : EO/Mplty/KSN-01/2025-26
BID IDENTIFICATION NO :-
E-mail : ksnnac@rediffmail.com, Phone : 06810-295444
Lt. No.456//Dt.10.03.2026

| | | | |
|---|---|---|---|
| 1. | The Executive Officer, Kabisuryanagar Municipality, Dist-Ganjam invites Percentage Rate bids in Single Cover System in Online Mode for Execution of Civil Works in Kabisuryanagar Municipality area as specified in the Detailed Tender Call Notice (DTCN) from the eligible Class of Contractors, which is available at the e-procurement portal : **www.tendersodisha.gov.in.** | | |
| 2. | Name/Nature of the work | : | Civil Works |
| 3. | No. of work | : | 48 (Forty Eight) nos. |
| 4. | Estimated Cost Range of Works | : | Rs.2,36,210/- to Rs.16,93,413/- (excld. GST) |
| 5. | Eligible Class of Contractor | : | C & D, Govt. of Odisha |
| 6. | Date and time of Availability in Portal & Receipt of Bids | : | From 10.00 A.M. of dt.17.03.2026 to 05.30 P.M. of dt.31.03.2026 |
| 7. | Last date & time of submission of original financial tender documents in Tender Box | : | 05.30 P.M. of dt.02.04.2026 & 04.04.2026 |
| 8. | Date of Opening of Tender | : | 06.04.2026 at 11.00 A.M. |
| 9. | The Bidders have to participate in Online bidding only and further details can be seen from the Govt. Portal. | | |
| 10. | Any Corrigendum/Addendum will be displayed in the website : www.tendersodisha.gov.in only | | |
| 11. | Name & address of the Officer inviting tender | : | Executive Officer Office of the Municipal Council , Kabisuryanagar, Ganjam, Near Main Road, Kabisuryanagar, Dist-Ganjam, Pin-761104 |

OIPR-13001/13208/1/25-26/0004
Sd./- Executive Officer
Kabisuryanagar Municipality (G.M)

## वरीय पुलिस अधीक्षक का कार्यालय, राँची

**सर्वसाधारण के लिए सूचना**



नाम–अन्जुम, उम्र–35 वर्ष, उँचाई–5 फीट, रंग–गोरा, पहनावा–हरे रंग का सलवार सूट पहनी हुई है।

उपरोक्त लापता महिला अन्जुम, उम्र–35 वर्ष, पति–नासिर अंसारी, सा0–इस्लामिया, थाना–नई मंडी, जिला–गुलन्दशहर, (उ0प्र0), वर्तमान पता–ग्राम नौदी, थाना–चान्हो, जिला–राँची, जो दिनांक–17.02.2026 को घर से बगैर बताए कहीं चली जो आजतक अपने घर वापस नहीं आई है।

जिसके संबंध में चान्हो थाना सनहा संख्या–12/2026, दिनांक–20.02.2026 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**

पुलिस उपाधीक्षक, खलारी, राँची। –943170619
थाना प्रभारी, चान्हो, राँची। –9431706187

वरीय पुलिस अधीक्षक,
राँची

PR 375096 Police(25-26)#D




# ଘୋଡ଼ାବେପାର ନେଇ ନବୀନ-ଭାଜପା ମୁହାଁମୁହିଁ

- ଶାସକ ଭାଜପା ଘୋଡ଼ାବେପାର କରିବାକୁ ଚେଷ୍ଟା କରୁଛି: ନବୀନ
- ଆଣ୍ଟି ଭାଜପା ଭୋଟ ସୁରକ୍ଷିତ ରଖିବାକୁ କେନ୍ଦ୍ର ଚାହୁଁନି ବିଜେଡି ଭାଙ୍ଗିଯାଉ: ଜୟ
- କ୍ଷମତାରୁ ଯିବାପରେ ଘୋଡ଼ାବେପାର କରି ନ ପାରି ହତାଶ: ପ୍ରତାପ
- ଘୋଡ଼ାବେପାରକୁ ପ୍ରୋତ୍ସାହିତ କରୁଛି ଶାସକ ଦଳ: ଅରୁଣ

ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନକୁ ଆଉ ମଝିରେ ଗୋଟିଏ ଦିନ ବାକି ରହିଲା। ଏହି ଭିତରେ ବିଜେଡି ଏବଂ କଂଗ୍ରେସର କେତେଜଣ ବିଧାୟକଙ୍କୁ ନେଇ ସେମାନଙ୍କ ଦଳ ଚିନ୍ତାରେ ପଡ଼ିଯାଇଛି। କାରଣ ବିଜେଡି ଏବଂ କଂଗ୍ରେସର କେତେଜଣ ବିଧାୟକ ସେମାନଙ୍କ ଦଳୀୟ ବୈଠକ ବା ଅନ୍ୟ କାର୍ଯ୍ୟକ୍ରମରେ ସାମିଲ ହେଉ ନ ଥିବାବେଳେ ଯୋଗାଯୋଗ ମଧ୍ୟ ଏକ ପ୍ରକାର ଛିନ୍ନ କରିସାରିଛନ୍ତି। ଏହାରି ଭିତରେ ଶାସକ ଭାଜପା ପକ୍ଷରୁ ଘୋଡ଼ାବେପାର କରାଯାଉଥିବା ବିଜେଡି ସଭାପତି ନବୀନ ପଟ୍ଟନାୟକ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ନବୀନଙ୍କ ଅଭିଯୋଗକୁ ଶାସକ ଦଳ କଡ଼ା କାଉଣ୍ଟର କରିଛି।

ନବୀନ ଶନିବାର ବିଧାନସଭାରେ ରାଜ୍ୟ ସଭା ଭୋଟିଂକୁ ନେଇ ଚାଲିଥିବା ମକ୍ ପୋଲ୍ କାର୍ଯ୍ୟକ୍ରମ ଶେଷକରି ଫେରିବା ବେଳକୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ପୂର୍ବରୁ ଯାହା କହିଥିଲେ, ଶାସକ ଭାଜପା ପକ୍ଷରୁ ଘୋଡ଼ାବେପାର ପାଇଁ ଚେଷ୍ଟା କରାଯାଉଛି। ସେମାନଙ୍କ ଦଳ ପକ୍ଷରୁ ରାଜ୍ୟ ସଭା ପାଇଁ ହୋଇଥିବା ୩ ପ୍ରାର୍ଥୀ ଘୋଡ଼ାବେପାର ଲାଗି ସବୁ ପ୍ରକାର ଚେଷ୍ଟା ଚଳାଇଛନ୍ତି। ଗଣତନ୍ତ୍ର ବ୍ୟବସ୍ଥାରେ ଏହା ଏକ ଅପରାଧ ବୋଲି ନବୀନ କହିଛନ୍ତି।

ନବୀନଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଭାଜପା ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ନବୀନଙ୍କ ବିଜେଡି ହେଉଛି ଗୋଟିଏ ବୁଡ଼ିଲା ଡଙ୍ଗା। ଏହି ଡଙ୍ଗାରେ କେହି ବସିବା ପାଇଁ ଚାହୁଁନାହାନ୍ତି। ଆଗରୁ କହିଥିଲେ, ବିଜେଡିର ଆୟୁଷ ବହୁତ କମ୍। ଭାଜପା କେନ୍ଦ୍ରୀୟ ନେତୃତ୍ୱ ଯେତେବେଳେ ଚାହିଁବେ ବିଜେଡିକୁ ଖଣ୍ଡ ଖଣ୍ଡ କରିଦେବେ। ସେମାନେ ବିଜେଡିକୁ ବଞ୍ଚାଇ ରଖିବାକୁ ଚାହୁଁଛନ୍ତି। ବିଜେଡି ବଞ୍ଚିଲେ ଆଣ୍ଟି ଭାଜପା ଭୋଟ ସୁରକ୍ଷିତ ହୋଇ ରହିବ। ନବୀନଙ୍କ କ୍ରିୟା, କର୍ମ ୨୪ ବର୍ଷରେ ସେ ଦେଖାଇ ସାରିଛନ୍ତି। ଭାଜପା ଘୋଡ଼ାବେପାର କରୁନାହିଁ। ବିବେକ ଅନୁମୋଦିତ ଭୋଟ ପାଇଁ ଦଳ ଅନୁରୋଧ କରୁଛି। ଯାହାର ବିବେକ କହିବ ସେ ଭୋଟ ଶାସକ ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ଦେଇପାରିବ ବୋଲି ଜୟନାରାୟଣ କହିଛନ୍ତି।


ନବୀନ ପଟ୍ଟନାୟକ


ଜୟନାରାୟଣ ମିଶ୍ର


ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ବରିଷ୍ଠ ଭାଜପା ନେତା ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ଘୋଡ଼ାବେପାରରେ ନବୀନବାବୁଙ୍କଠାରୁ କେହି ଅଧିକ ମାହିର ହୋଇପାରିବେ ନାହିଁ। ନବୀନବାବୁ ବହୁ ଘୋଡ଼ାବେପାର କରିଛନ୍ତି। ପୂର୍ବରୁ ତାଙ୍କ ଭୋଟ ପାଇଁ ବିଜେଡିର ବହୁ ନେତା, ମନ୍ତ୍ରୀ ଆସି ତାଙ୍କୁ ଖୋସାମତ କରିଥିଲେ। ଘୋଡ଼ା ବେପାର ଶବ୍ଦ ବିଜେଡି ସଭାପତିଙ୍କ ମୁହଁରେ ଶୋଭାପାଉ ନାହିଁ। ସେ ଘୋଡ଼ାବେପାର କରୁଥିବେ। କ୍ଷମତାରୁ ଚାଲିଯିବା ପରେ ଏବେ ବୋଧହୁଏ ନବୀନ ଘୋଡ଼ାବେପାର କରିପାରୁ ନ ଥିବାରୁ ହତାଶ ହୋଇଯାଇଛନ୍ତି। ସେଥିଲାଗି ସେ ଘୋଡ଼ାବେପାର କଥା କହୁଛନ୍ତି ବୋଲି ପ୍ରତାପ କହିଛନ୍ତି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ସମସ୍ତେ ଏକାଠି ହୋଇ କେମିତି ଭୋଟ ଦେବୁ ଆଲୋଚନା ହେଲା। ଗୋଟିଏ ଦଳ ପାଖରେ ସଂଖ୍ୟା ନ ଥିବା ସତ୍ତ୍ୱେ ପ୍ରାର୍ଥୀ ଦେବା ଏବଂ ତାଙ୍କୁ ଜିତାଇବାର ଆସ୍ଫାଳନ କରିବା ନିଶ୍ଚିତ ଭାବେ ଘୋଡ଼ାବେପାରକୁ ପ୍ରୋତ୍ସାହିତ କରୁଛି। ଏଭଳି କାର୍ଯ୍ୟ ନୀତିନୈତିକତା ଠାରୁ ବହୁ ଦୂରରେ। ସମ୍ବିଧାନର ବିଧି ବ୍ୟବସ୍ଥାରେ ଏଭଳି କାର୍ଯ୍ୟ କରିବା ସହ ଏହାକୁ ନୀତି ଭାବେ ପ୍ରଚଳିତ କରିବାକୁ ଚେଷ୍ଟାକରିବା ଧୃଷ୍ଟତା ଛଡ଼ା କିଛି ନୁହେଁ ବୋଲି ଅରୁଣ କହିଛନ୍ତି।

## ଦିଲୀପ ଭୋଟ ଦେବା ପାଇଁ ଯୋଗାଯୋଗ କରିଥିଲେ: ଲକ୍ଷ୍ମଣ

ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)

ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ଶନିବାର ଗଣମାଧ୍ୟମ ଆଗକୁ ଆସି ନିଜର ପ୍ରତିକ୍ରିୟା ରଖି କାହାକୁ ଭୋଟ ଦେବେ ବୋଲି କହିଛନ୍ତି। ସେ କେତେଦିନ ହେବ ବିଧାନସଭା ଆସୁ ନ ଥିବାବେଳେ ତାଙ୍କୁ ନେଇ ଅନେକ ଚର୍ଚ୍ଚା ଉଠୁଥିଲା। ହେଲେ ସବୁ ଚର୍ଚ୍ଚାରେ ବ୍ରେକ୍ ଲଗାଇ ଲକ୍ଷ୍ମଣ କହିଛନ୍ତି, ରାଜ୍ୟ ସଭା ନିର୍ବାଚନ ନେଇ ଅନେକ ପ୍ରକାର ଚର୍ଚ୍ଚା ହେଉଛି। ଯେତେ ଯାହା ଚର୍ଚ୍ଚା ହେଲେ ମଧ୍ୟ ଭୋଟ ଦଳ ଯାହାକୁ ସମର୍ଥନ କରିଛି ତାକୁ ହିଁ ଦେବେ। କୌଣସି ପ୍ରକାର ଲୋଭ ତାଙ୍କର ନାହିଁ। ଦିଲୀପ ରାୟ ରାଜ୍ୟ ସଭାରେ ଭୋଟ ଦେବା ଲାଗି ଯୋଗାଯୋଗ କରିଥିଲେ। ହେଲେ ତାଙ୍କୁ ସିଧାସଳଖ ମନା କରିଦେଇଛନ୍ତି। କମନ୍ ପ୍ରାର୍ଥୀ ହୋଇଥିବା ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବେ। ସେ କୌଣସି ରାଜନୈତିକ ଚାପରେ ନ ଥିବା ଲକ୍ଷ୍ମଣ କହିଛନ୍ତି।


ଲକ୍ଷ୍ମଣ ମୁଣ୍ଡା

## ବିଦ୍ୟୁତ୍ ଆଘାତରେ ଦନ୍ତାହାତୀ ମୃତ, ଜଣେ ଅଟକ

ଢେଙ୍କାନାଳ, ୧୪।୩ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ସଦର ରେଞ୍ଜ ବିଯୋଳ ଗ୍ରାମ ହାତୀବାରୀ ନିକଟରେ ବିଦ୍ୟୁତ୍ ଆଘାତରେ ଶନିବାର ଭୋର ସମୟରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ମୃତ ହାତୀଟିର ବୟସ ପ୍ରାୟ ୨୫ରୁ ୩୦ବର୍ଷ ହେବ।

ହାତୀବାରୀଠାରେ ଚାଷୀ କୈଳାସ ପ୍ରଧାନ ତାଙ୍କ ବଗିଚାରେ ମକା, କାକୁଡି ଓ ବିଭିନ୍ନ ପନିପରିବା ଚାଷ କରିଛନ୍ତି। ବନ୍ୟପ୍ରାଣୀଙ୍କ ଉପଦ୍ରବରୁ ଫସଲକୁ ରକ୍ଷା କରିବା ପାଇଁ ଚାରି ପାଖରେ ସୋଲାର ସଂଯୋଗ କରିଥିଲେ। ଭୋର ସମୟରେ ଏକ ଗୋଠଛଡ଼ା ଦନ୍ତାହାତୀ ମକା ଖାଇବା ପାଇଁ ଜମିରେ ପଶିବାରୁ ସୋଲାର ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଅଞ୍ଚଳବାସୀ କହିଛନ୍ତି। ଅନ୍ୟପକ୍ଷରେ ଜମି ନିକଟରେ ଥିବା ଉଠା ଜଳସେଚନ ପଏଣ୍ଟରେ ହୁକିଂ କରାଯାଇଥିବା ତାର ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ଘଟିଥିବା ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି। ବନ ବିଭାଗ ପକ୍ଷରୁ ଚାଷୀ କୈଳାସ ପ୍ରଧାନଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

# କଲ୍‌ମା ବ୍ୟାରେଜ୍ ଖୋଲ, ଓଡ଼ିଶାକୁ ପାଣି ଦିଅ

### ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନର ବିକ୍ଷୋଭ

ଝାରସୁଗୁଡ଼ା, ୧୪।୩ (ଆଶିଷ ରଞ୍ଜନ ଦାଶ)

ଛତିଶଗଡ଼ କଲ୍‌ମା ବ୍ୟାରେଜ୍‌ଠାରେ ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ ପକ୍ଷରୁ ଶନିବାର ପୂର୍ବାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛତିଶଗଡ଼ ସରକାର କଲ୍‌ମା ବ୍ୟାରେଜ୍‌ର ସମସ୍ତ ଗେଟ୍ ବନ୍ଦକରି ପାଣି ରୋକିବା ସହ କେବଳ ଶିଳ୍ପସଂସ୍ଥାକୁ ଯୋଗାଉଥିବା ଅଭିଯୋଗ ହୋଇଛି। କଲ୍‌ମା ବ୍ୟାରେଜ୍ ପୂର୍ବରୁ ମଧ୍ୟ ବହୁ ବ୍ୟାରେଜ୍ ନିର୍ମାଣ କରି ଓଡ଼ିଶାକୁ ଆସୁଥିବା ମହାନଦୀର ପାଣିକୁ ସମ୍ପୂର୍ଣ୍ଣ ଭାବରେ ଅଟକାଇ ଦେଇଛି। କଲ୍‌ମା ବ୍ୟାରେଜ୍‌ରେ ପାଣି ରୋକାଯାଇଥିବାରୁ ଓଡ଼ିଶାର ହଜାର ହଜାର ଚାଷୀ, ମତ୍ସ୍ୟଜୀବୀ ଜୀବିକା ହରାଇଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଚାଷୀ ଓ ମତ୍ସ୍ୟଜୀବୀଙ୍କ ଜୀବିକା ବଞ୍ଚାଇବା ପାଇଁ ଅଣମୌସୁମୀ ସମୟରେ କଲ୍‌ମା ବ୍ୟାରେଜ ଖୋଲି ଓଡ଼ିଶାକୁ ପାଣି ଛଡ଼ାଯାଉ ବୋଲି ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ଛତିଶଗଡ଼ ସରକାର ବ୍ୟାରେଜ୍ ନିର୍ମାଣ କରିବା ସହ ମହାନଦୀର ଜଳକୁ ରୋକି ସାଢେ ୪ କୋଟି ଓଡ଼ିଶାବାସୀଙ୍କ ଜୀବନ ଜୀବିକା ସହିତ ଖେଳୁଛନ୍ତି। ଆସନ୍ତା ଏପ୍ରିଲ ୧୩ରେ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ତେଣୁ ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆଉ ୯ ମାସ ବଢ଼ାଯାଉ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। ଅପରପକ୍ଷେ ବର୍ଷାଋତୁ ସମୟରେ କିଛି ଦିନ ଛାଡିଦେଲେ ଓଡ଼ିଶାର ପ୍ରାୟ ୧୬ଟି ଜିଲା ମହାନଦୀ ଜଳ ଉପରେ ନିର୍ଭର କରିଥାନ୍ତି। ତେଣୁ ଛତିଶଗଡ଼ ସରକାର କେବଳ ନିଜର ସ୍ୱାର୍ଥ ସାଧନ ନ କରି ମହାନଦୀ ଉପରେ ଓଡ଼ିଶାର ଥିବା ଅଧିକାରକୁ ଖୋଲା ହସ୍ତରେ ସମର୍ପଣ କରନ୍ତୁ। ଏଥିସହ କେନ୍ଦ୍ର ସରକାର ମଧ୍ୟ ସମ୍ବେଦନଶୀଳ ଭାବରେ ଏହି ବିବାଦର ଉଚିତ୍ ସମାଧାନ କରନ୍ତୁ ବୋଲି ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନର କର୍ମକର୍ତ୍ତା କହିଛନ୍ତି। ଏହି ବିକ୍ଷୋଭରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ବିଶିଷ୍ଟ ଖବରଦାତା ସୁଦର୍ଶନ ଛୋଟରାୟ, ଅଭିଯାନର ଆବାହକ ଅନନ୍ତ ପଣ୍ଡା, ବିରଞ୍ଚି ସାହୁ, କଲ୍ୟାଣ ଆନନ୍ଦଙ୍କ ସମେତ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ବାସୀ ସାମିଲ ଥିଲେ।



କଲ୍‌ମା ବ୍ୟାରେଜଠାରେ ମହାନଦୀ ବଞ୍ଚାଅ ଜୀବିକା ବଞ୍ଚାଅ ଅଭିଯାନ ଟିମ୍‌ର ସଦସ୍ୟ ବିକ୍ଷୋଭ କରୁଛନ୍ତି।

# ରାଜ୍ୟ ସଭା ପ୍ରାର୍ଥୀ ଚୟନ ପୂର୍ବରୁ ବିଧାୟକଙ୍କ ସହ ଆଲୋଚନା କରାଯାଇନି: ସୋଫିଆ

### କଂଗ୍ରେସ ବିରୋଧରେ ବିଜେଡି ସର୍ବଦା ଷଡ଼ଯନ୍ତ୍ର କରି ଆସିଛି

କଟକ, ୧୪।୩ (ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସଭା ପ୍ରାର୍ଥୀ ଚୟନ ପୂର୍ବରୁ ବିଧାୟକଙ୍କ ସହ ଆଲୋଚନା କରାଯାଇନି ବୋଲି କହି ଅସନ୍ତୋଷ ଝାଡ଼ିଛନ୍ତି ବିଧାୟିକା ସୋଫିଆ ଫିର୍ଦ୍ଦୋସ। ବିଜେଡି ସହ କଂଗ୍ରେସର ବୁଝାମଣାକୁ ନେଇ ମଧ୍ୟ ସେ ବିଷୋଦଗାର କରିଛନ୍ତି। କଟକସ୍ଥିତ ଆବାସିକ କାର୍ଯ୍ୟାଳୟରେ ସୋଫିଆ କହିଛନ୍ତି, ରାଜ୍ୟ ସଭା ପ୍ରାର୍ଥୀ ଚୟନ ପୂର୍ବରୁ ବିଧାୟକମାନଙ୍କ ସହ ଆଲୋଚନା କରିଥିଲେ ଭଲ ହୋଇଥାନ୍ତା। ଏପରିକି ବେଙ୍ଗାଲୁରୁ ଯିବ ନେଇ ମୋ ସହ କୌଣସି ଆଲୋଚନା କରାଯାଇନାହିଁ। ସେଠାକୁ ଯିବାର କିଛି ଆବଶ୍ୟକତା ନାହିଁ। ନୂଆପଡ଼ା ଉପନିର୍ବାଚନ ସମୟରେ ମଧ୍ୟ ମୋତେ ଡକାଯାଇ ନ ଥିଲା। ମୋ ନିର୍ବାଚନମଣ୍ଡଳୀରେ କାହାକୁ ଦଳ ସହ ଯୋଡ଼ିଲେ ମୋତେ ଜଣାଉନାହାନ୍ତି। ବିଜେଡିର ରାଜ୍ୟ ସଭା ପ୍ରାର୍ଥୀଙ୍କୁ ସମର୍ଥନ କରିବା ଶୋଭାପାଉନି। ବିଜେଡି ଯୋଗୁ କଂଗ୍ରେସର ସ୍ଥିତି ଖରାପ ରହିଆସିଛି। କଂଗ୍ରେସ ବିରୋଧରେ ବିଜେଡି ସର୍ବଦା ଷଡ଼ଯନ୍ତ୍ର କରି ଆସିଛି। ବିଜେଡି ସବୁବେଳେ ଭାଜପା ସହ ହାତ ମିଶାଇ ରହି ଆସିଛି। ଭାଜପା ପରାମର୍ଶରେ ବହୁବାର ପ୍ରାର୍ଥୀ ବିଜେଡି ରାଜ୍ୟ ସଭାକୁ ପଠାଇଛି। ଉଭୟ ଦଳଠାରୁ କଂଗ୍ରେସ ଦୂରତା ବଜାୟ ରଖିବାର ଥିଲା ବୋଲି ବିଧାୟିକା ସୋଫିଆ କହିଛନ୍ତି।


ବିଧାୟିକା ସୋଫିଆ ଫିର୍ଦ୍ଦୋସ

# ୧୬ରୁ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍

### ଭାଗ ନେବେ ୧୫୯ ବିଶ୍ୱବିଦ୍ୟାଳୟ

ବାଲେଶ୍ୱର, ୧୪।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ମାର୍ଚ୍ଚ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ନୂଆପାଢ଼ି କ୍ୟାମ୍ପସ୍‌ରେ ଆସୋସିଏଶନ୍ ଅଫ୍ ଇଣ୍ଡିଆନ୍ ୟୁନିଭର୍ସିଟିଜ୍(ଏଆଇୟୁ), ନୂଆଦିଲ୍ଲୀଙ୍କ ଅଧୀନରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬ ଆୟୋଜିତ ହେବ। ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ଦେଶର ୨୫ଟି ରାଜ୍ୟରୁ ୧୫୯ଟି ବିଶ୍ୱବିଦ୍ୟାଳୟର ୯୩୨ଜଣ ଖେଳାଳିଙ୍କ ସହିତ ସେମାନଙ୍କ କୋଚ୍ ଓ ଟିମ୍ ମ୍ୟାନେଜରମାନେ ଅଂଶଗ୍ରହଣ କରିବେ। ଏହି କ୍ରୀଡ଼ା ସମାରୋହ ବିଶ୍ୱବିଦ୍ୟାଳୟରେ ପ୍ରଥମଥର ପାଇଁ ଆୟୋଜିତ ହେଉଛି। ଏହାର ସୁପରିଚାଳନା ପାଇଁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶନିବାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ପ୍ରଶାସନିକ କର୍ତ୍ତୃପକ୍ଷ, କର୍ମଚାରୀ ଓ ପ୍ରତିଯୋଗିତା ଆୟୋଜନ ସହ ଜଡିତ ବିଭିନ୍ନ କମିଟିର ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ସମ୍ପର୍କିତ ସବିଶେଷ ଆଲୋଚନା କରିଥିଲେ।

ତୃତୀୟ ପୃଷ୍ଠାରୁ

## ସାଙ୍ଗଙ୍କୁ ପିଟି...

କହିଛନ୍ତି। ଏନେଇ ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟଙ୍କୁ ପଚାରିବାରେ ତଦନ୍ତ ଚାଲିଛି। ରବିବାର ଏସ୍‌ପି ପ୍ରେସମିଟ୍ କରି ଘଟଣା ସମ୍ପର୍କରେ ଜଣାଇବେ ବୋଲି ଏସ୍‌ଡିପିଓ କହିଛନ୍ତି। ଏ ନେଇ ଥାନାରେ ଏକ ହତ୍ୟା ମାମଲା (ନଂ ୯୫/୨୬) ରୁଜୁ ହୋଇଛି।

## କୋର୍ଟରେ ପରିବାରର...

ଅଟୋ ଚାଳକ ଜଣକ ଗଣମାଧ୍ୟମ ଆଗରେ ଅଭିଯୋଗ କରିବା ସହ ଏଥିଯୋଗୁ ସାମୂହିକ ଆତ୍ମାହୁତି ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି।

ଡୁଆଝର ଗାଁରେ ସ୍ତ୍ରୀ(୨୭), ଝିଅ (୭) ଓ ପୁଅ (୫)ଙ୍କ ସହ ରୁହନ୍ତି ୪୦ ବର୍ଷୀୟ ଅଟୋ ଚାଳକ। ସେ ଅଟୋ ଚଳାଇ ତାଙ୍କ ପରିବାର ପ୍ରତିପୋଷଣ କରନ୍ତି। ଜିଲା ଦୌରା ଜଜ୍‌ଙ୍କ କୋର୍ଟ ପରିସରରେ ଶନିବାର ଅଟୋ ଚାଳକ ଓ ତାଙ୍କ ସ୍ତ୍ରୀ, ଝିଅ, ପୁଅ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରୁଥିବାବେଳେ ସେଠାରେ ଉପସ୍ଥିତ ଥିବା ଜନସାଧାରଣ ଓ ପୋଲିସ ସେମାନଙ୍କୁ ଉଦ୍ଧାର କରି ନୂଆପଡ଼ା ସଦର ଥାନାକୁ ନେଇଥିଲେ। ସେଠାରେ ସେମାନଙ୍କୁ ପ୍ରଥମେ ଗାଧୋଇ ଦିଆଯିବା ପରେ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଅଟୋ ଚାଳକଙ୍କ କହିବାନୁଯାୟୀ, ପ୍ରାୟ ୩ବର୍ଷ ହେବ ପଡ଼ୋଶୀ ଘର ଲୋକଙ୍କ ସହ ଜମିବାଡ଼ିକୁ ନେଇ ତାଙ୍କ ପରିବାରର ଶତ୍ରୁତା ଲାଗିରହିଛି। କିଛି ମାସ ତଳେ ତାଙ୍କ ପରିବାର ଖାଇସାରି ରାତିରେ ଶୋଇଥିବା ବେଳେ କେହି ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ହେଲେ ସୌଭାଗ୍ୟବଶତଃ ସେମାନେ ବର୍ତ୍ତି ଯାଇଥିଲେ। ଏ ନେଇ ଅଟୋ ଚାଳକ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରବର୍ତ୍ତୀ ସମୟରେ ତାଙ୍କ ଅଟୋରିକ୍ସାକୁ ମଧ୍ୟ ନିଆଁ ଲଗାଇ ଜାଳି ଦେଇଥିଲେ। ଏ ନେଇ ପୁଣିଥରେ ସେ ଖଡିଆଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏପରିସ୍ଥଳେ ଶୁକ୍ରବାର ରାତିରେ ପଡ଼ୋଶୀ ଘର ଲୋକ ଆସି ତାଙ୍କ ପରିବାରକୁ ଜୀବନରେ ମାରିଦେବାକୁ ଧମକ ଦେବା ସହ ତାଙ୍କ ସ୍ତ୍ରୀଙ୍କୁ ବଳାତ୍କାର କରିଥିବା ଅଟୋ ଚାଳକ ଅଭିଯୋଗ କରିଛନ୍ତି। ବାରମ୍ବାର ଥାନାରେ ଲିଖିତ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଶେଷରେ ଜୀବନ ହାରିବା ଛଡ଼ା ଅନ୍ୟ ଉପାୟ ନ ଥିବା ଭାବି ଆମ ପରିବାର ଆତ୍ମାହୁତି ନିଷ୍ପତ୍ତି ନେଇଥିଲୁ ବୋଲି ଅଟୋ ଚାଳକ ଜଣକ କହିଛନ୍ତି। ପୋଲିସର ଖାମଖିଆଲି ମନୋଭାବ ଯୋଗୁ ୪ ଜଣଙ୍କ ଜୀବନ ଚାଲିଯାଇଥାନ୍ତା। ତେଣୁ ତୁରନ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ନୂଆପଡ଼ା ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କୁ ପଚାରିବାରୁ ଅଟୋ ଚାଳକଙ୍କ ପରିବାରକୁ ପଚରାଉଚରା ଚାଲିଛି ବୋଲି କହିଛନ୍ତି। ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଉଛି। ସତ୍ୟାସତ୍ୟ ଜଣାପଡ଼ିବା ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଜେଲରୁ ମୁକୁଳିଲେ...

ରହିବା ଓ ଆଲୋଚନା ପାଇଁ ଅପିଲ୍ କରିଥିଲେ। ନିଯୁକ୍ତି ଅଭାବକୁ ନେଇ ଯୁବପିଢ଼ି ଅତିଷ୍ଠ ଥିବା ଏବଂ ସେମାନଙ୍କ ଦାବି ଶୁଣିବାକୁ ସରକାର ଚାହୁଁ ନ ଥିବାରୁ ଏହା ଜେନ୍ ଜି ଆନ୍ଦୋଳନ ବୋଲି ୱାଙ୍ଗ୍‌ଚୁକ୍ କହିଥିଲେ। ତେବେ ଆଇନଶୃଙ୍ଖଳା ବଜାୟ ରଖିବା ନାଁରେ ଲେହ ଜିଲା ମାଜିଷ୍ଟ୍ରେଟ୍ ୱାଙ୍ଗ୍‌ଚୁକ୍‌ଙ୍କୁ ଏନ୍‌ଏସ୍‌ଏରେ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବିକ୍ଷୋଭର ୨ ଦିନ ପରେ ୨୦୨୫ ସେପ୍ଟେମ୍ବର ୨୬ରେ ୱାଙ୍ଗ୍‌ଚୁକ୍‌ଙ୍କୁ ଅଟକ ରଖାଯାଇ ପରେ ଯୋଧପୁର ଜେଲକୁ ସ୍ଥାନାନ୍ତର କରାଯାଇଥିଲା।

ସୂଚନାଯୋଗ୍ୟ, ପାକିସ୍ତାନ ଓ ଚାଇନା ସୀମାକୁ ଲାଗିଥିବା ଲଦାଖ ୨୦୧୯ ଅଗଷ୍ଟ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରର ଅଂଶବିଶେଷ ଥିଲା। ଭାରତ ସରକାର ୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ରେ ମିଳିଥିବା ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର କରିନେବା ସହ ଏହାକୁ ଜମ୍ମୁ-କଶ୍ମୀର ଏବଂ ଲଦାଖ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିଥିଲେ। ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ଲେହ ଆପେକ୍ସ ବଡି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ ଆଲିଆନ୍ସ ସମର୍ଥନରେ ଲଦାଖର ଲୋକମାନେ ୨୦୨୧ରୁ ଆନ୍ଦୋଳନ ଚଳାଇଛନ୍ତି। ୨୦୨୪ ଅକ୍ଟୋବର ୧ରେ ୱାଙ୍ଗ୍‌ଚୁକ୍ ଏବଂ ଅନ୍ୟମାନେ ଲେହରୁ ଦିଲ୍ଲୀ ୧,୦୦୦ କି.ମି. ଶୋଭାଯାତ୍ରାରେ ବାହାରିଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ଅକ୍ଟୋବର ୨ ବିଳମ୍ବିତ ରାତିରେ ସେମାନଙ୍କୁ ପ୍ରଶାସନ ମୁକ୍ତ କରିଦେଇଥିଲା।

## 'ଆତ୍ମସମର୍ପଣକୁ...

ସ୍ଥାନରେ ହିଂସା ଘଟାଇବୁ। ଯେଉଁମାନେ ଆମକୁ ଅଟକାଇବେ ସେମାନଙ୍କୁ ଦଣ୍ଡ ଦିଆଯିବ। ଆମ ଲଢ଼େଇ ଜାରି ରହିବ ଓ ସରକାର ଏହି ନିନ୍ଦନୀୟ କାର୍ଯ୍ୟର ପରିଣାମ ମଧ୍ୟ ଭୋଗିବେ। ଆତ୍ମସମର୍ପଣ କରିଥିବା ବ୍ୟକ୍ତିମାନେ ଭିରୁ। ସରକାର ଓ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ସହ ଆମ ଲଢ଼େଇ ସିଧାସଳଖ ହେବ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ୩୧ ମାର୍ଚ୍ଚ ସୁଦ୍ଧା ମାଓବାଦୀମୁକ୍ତ ହେବା ନେଇ ଯେଉଁ ଆଶା ପ୍ରକଟ କରାଯାଉଥିଲା ତାହା ପୁଣି ଘୁଞ୍ଚିଲା ବୋଲି ଲୋକେ ଆଲୋଚନା କରୁଛନ୍ତି। ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଲଢ଼େଇ ଜାରିରହିବ ଚର୍ଚ୍ଚା ଜୋର ଧରିଛି।

No. 7001/48/2526

ବିଶ୍ୱ ଉପଭୋକ୍ତା ଅଧିକାର ଦିବସ-୨୦୨୬
ଅବସରରେ ମାନ୍ୟବର ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ
ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ
ବାର୍ତ୍ତା

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମ ରାଜ୍ୟରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ-୨୦୨୬ ମାର୍ଚ୍ଚ ୧୫ ତାରିଖ ଦିନ ପାଳନ କରାଯାଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ରାଜ୍ୟର ଅଗଣିତ ଉପଭୋକ୍ତାମାନଙ୍କର ଅଧିକାରର ସୁରକ୍ଷା କରିବା ସହିତ ସେମାନଙ୍କୁ ନିଜର କର୍ତ୍ତବ୍ୟ ବିଷୟରେ ସଚେତନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଉପଭୋକ୍ତା ସୁରକ୍ଷା ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ର ପ୍ରଣୟନ କରାଯାଇଅଛି । ଏହି ବିପ୍ଳବକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସରକାର ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ଖାଉଟି କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କ ସହାୟତାରେ ରାଜ୍ୟ ଓ ଜିଲ୍ଲା ସ୍ତରରେ ଉପଭୋକ୍ତାଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ ବିଭିନ୍ନ କର୍ମଶାଳା ଏବଂ ଆଲୋଚନାମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ଖାଉଟି ସୁରକ୍ଷା ନିମନ୍ତେ ଜିଲ୍ଲା ସ୍ତରରେ କାର୍ଯ୍ୟରତ ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରଗୁଡ଼ିକୁ ଲୋକାଭିମୁଖୀ କରିବା ପାଇଁ ମଧ୍ୟ ଆମେ ପ୍ରତିଶ୍ରୁତିବଦ୍ଧ ।

ଏହି ଦିବସର ପ୍ରତିପାଳନ ଉପଭୋକ୍ତା ସମାଜକୁ ଜାଗ୍ରତ କରିବା ପାଇଁ ତଥା ଏକ ଶକ୍ତ ସଚେତନ ଉପଭୋକ୍ତା ଗୋଷ୍ଠୀ ଗଠନ କରି ଖାଉଟି ବିପ୍ଳବକୁ ଅଧିକ ଲୋକାଭିମୁଖୀ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ।

ଉପଭୋକ୍ତା ସୁରକ୍ଷା ଜାଗରଣରେ ସାମିଲ ହୋଇ ଏହି ଆନ୍ଦୋଳନକୁ ଅଧିକ ସକ୍ରିୟ କରିବା ପାଇଁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଅଛି ।

(କୃଷ୍ଣ ଚନ୍ଦ୍ର ପାତ୍ର)

OIPR-7001/7001/2/25-26/0002

## ସଂକ୍ଷେପରେ

### ୮୪ ହଜାର ଚାଷୀ ପାଇଲେ ୨୨ତମ ପିଏମ୍ କିଷାନ କିସ୍ତି

**ନୂଆପଡ଼ା,୧୪।୩ (ମକାରୁ ବେମାଲ):** ନୂଆପଡ଼ା ଜିଲା ମୁଖ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପିଏମ୍ କିଷାନ କିସ୍ତି ପ୍ରଦାନ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ପ୍ରାୟ ୮୪,୫୦୩ ଜଣ ଚାଷୀ ୨୨ତମ କିସ୍ତି ଅର୍ଥ ଗ୍ରହଣ କରିଛନ୍ତି। ବ୍ଲକ ଅନୁସାରେ ବୋଡେନରେ ୧୩,୬୯୦ ଜଣ, ଖରିଆରରେ ୧୫,୮୦୦, କୋମନାରେ ୧୯,୯୫୬, ନୂଆପଡ଼ାରେ ୧୪,୮୩୩ ଓ ସିନାପାଲିରେ ୨୦,୨୨୪ ଜଣ ଚାଷୀ ଏହି ପିଏମ୍ କିଶାନର ଲାଭ ପାଇଛନ୍ତି। ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ୨୪ ଫେବୃଆରୀ ୨୦୧୯ରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ କେନ୍ଦ୍ରୀୟ ଯୋଜନା। ଏହାର ଉଦ୍ଦେଶ୍ୟ ହେଉଛି କୃଷକ ପରିବାରଙ୍କ ଆୟ ବୃଦ୍ଧି କରିବା, କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ସାଧନ ସଂଗ୍ରହରେ ସହାୟତା କରିବା ଓ ଅନାବଶ୍ୟକ ଋଣ ଜାଲରୁ କୃଷକମାନଙ୍କୁ ସୁରକ୍ଷା ଦେବା। ଏହି ଯୋଜନା ଅନୁସାରେ ଯୋଗ୍ୟ ଚାଷୀ ପରିବାରକୁ ପ୍ରତିବର୍ଷ ୬ ହଜାର ଟଙ୍କା ତିନୋଟି କିସ୍ତିରେ ସିଧାସଳଖ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଦିଆଯାଏ। ନୂଆପଡ଼ାରେ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ନୂଆପଡା ବିଧାୟକ ପ୍ରତିନିଧି ରାମଲାଲ ହଂସ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଶୀ, ଭାନୁ ପ୍ରତାପସିଂ ମାଝୀ ଅତିଥି ଭାବରେ ଯୋଗଦେଇଥିଲେ।

### ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ଖଡ଼ିଆଳ,୧୪।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ ସଭାପତିତ୍ୱ କରି ମହାବିଦ୍ୟାଳୟର ଶୈକ୍ଷିକ ଦିଗ ଉପରେ ଆଲୋକପାତ କରିଥିଲେ। ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଫଣିନ୍ଦ୍ର ଦେଓ ମୁଖ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ବାସୁଦେବ ସୁନାନୀ ମୁଖ୍ୟବକ୍ତା ଓ ନୂଆପଡ଼ା ନ୍ୟାଶନାଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମେଜର ଡ. ରାମଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ନାଟ୍ୟ ସଂସଦ ସମ୍ପାଦକ ଡ. ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା ଓ ସାଂସ୍କୃତିକ ସଂସଦର ଉପସଭାପତି ରାଜେଶ କୁମାର ପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଡ. ସୁବାସ ବିଶ୍ୱାଳ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ହେମନ୍ତ ସଗରିଆ ପରିଚାଳନା କରିଥିଲେ। ଶେଷରେ ସହକାରୀ ପ୍ରଫେସର ଜୟଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୬ ବର୍ଷ ପରେ ରବି ଚାଷ ପାଇଁ ମିଳିଲା କେନାଲ ପାଣି

**ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଜାରିଙ୍ଗ ଡିଷ୍ଟ୍ରିବ୍ୟୁଟାରୀ**

■ ୨ ହଜାର ହେକ୍ଟର ଜମିରେ ହେଲା ଧାନ ଚାଷ

**ଭବାନୀପାଟଣା,୧୪।୩(ଉତ୍ତମ କୁମାର ଦାଶ)**

ଦୀର୍ଘ ୨୬ ବର୍ଷ ପରେ ରବି (ଡାଲୁଅ) ଚାଷ ପାଇଁ କେନାଲରେ ପାଣି ପାଇଛନ୍ତି ଚାଷୀ। ଏହାକୁ ନେଇ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଅଧୀନ ଜାରିଙ୍ଗ ଡିଷ୍ଟ୍ରିବ୍ୟୁଟାରୀର ୬ ଗ୍ରାମର ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। କେନାଲ ଖୋଳାହେବାଠାରୁ ଏହି ଗାଁଗୁଡିକୁ ରବି ଚାଷ ପାଇଁ ପାଣି ଆସୁ ନ ଥିଲା। ଫଳରେ ଏଠାକାର ଅଧିକାଂଶ ଚାଷ ଜମି ପଡିଆ ପଡୁଥିଲା। ହାତଗଣତି କିଛି ଚାଷୀ ପରିଶ୍ରମ କରି


ଘଟଣାସ୍ଥଳରେ ନିରୀକ୍ଷଣ କରୁଛନ୍ତି ବିଭାଗୀୟ ଅଧିକାରୀ।

ନିଜସ୍ୱ ଉଦ୍ୟମରେ ଡାଲି ଜାତୀୟ ଫସଲ କରୁଥିଲେ। କେବଳ ଖରିଫ ସମୟରେ ଏହି ଗ୍ରାମର ଚାଷୀମାନେ କେନାଲ ପାଣି ପାଉଥିଲେ। ରବି ସମୟରେ ପାଣିର ସ୍ରୋତ କମ ଥିବାରୁ ଏହି ଗ୍ରାମଗୁଡିକ କେନାଲ ପାଣି ପହଞ୍ଚିପାରୁ ନ ଥିଲା। ତେବେ ମୁଖିଗୁଡା-ଦେପୁର ୦.୪୧ କେନାଲ ଲାଇନିଂ ପରେ ପାଣିର ସ୍ରୋତ ବଢିବା ସହ ଏହି ୬ ଗାଁ କେନ୍ଦୁପାଟି, କନ୍ଧବ୍ରାହ୍ମଣୀଗୁଡା, ନାନ୍ଦୋଲ, ଡଙ୍ଗାପଲା, ଲବଣୀପୁର ଓ ବାଦଲଦେଇକୁ କେନାଲ ପାଣି ପହଞ୍ଚି ପାରିଛି। ଫଳରେ ଏହିସବୁ ଗ୍ରାମର ୨ ହଜାର ହେକ୍ଟର ଚାଷ ଜମିରେ ଏବେ ରବି (ଧାନ) ଫସଲ ଚାଷ ହୋଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଏସ୍‌ଡିଓ ଲକ୍ଷ୍ମଣ କୁମାର ସେଠୀଙ୍କ ପ୍ରୟାସ କ୍ରମେ ଏହା ସମ୍ଭବ ହୋଇପାରିଥିବା ସ୍ଥାନୀୟ ଚାଷୀଙ୍କଠୁ ଜଣାପଡ଼ିଛି। ଚଳିତବର୍ଷ ପ୍ରଥମଥର କେନାଲରେ ପାଣି ପାଇ ଆମେ ରବି ଚାଷ କରୁଛୁ। ଯାହାକୁ ନେଇ ଆମେ ବେଶ ଉତ୍ସାହିତ ଅଛୁ। ଏଥିପାଇଁ ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କୁ ଆମେ ସାଧୁବାଦ ଜଣାଉଛୁ ବୋଲି ବାଦଲଦେଇ ପାଣି ପଞ୍ଚାୟତର ସଭାପତି ଲିଙ୍ଗରାଜ ମାଝୀ, କନ୍ଧବ୍ରାହ୍ମଣୀଗୁଡା ପାଣି ପଞ୍ଚାୟତର ଛବି ବିହାରୀ, ଯୁବ ଚାଷୀ ପ୍ରଶାନ୍ତ ସେନାପତି, ଧରଣୀ ବିଶ୍ୱାଳ, ଶରତ ସାହୁ, ଶିବରାମ ସୁନାନୀ, ଚନ୍ଦ୍ରହାସ୍ୟ ବିଶ୍ୱାଳ, ସୁରେନ୍ଦ୍ର ସେଠୀ ପ୍ରମୁଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରବି ପାଣି ପାଇ ଚାଷୀମାନେ କିଭଳି ଚାଷ କରିଛନ୍ତି ଓ କେନାଲରେ କେମିତି ପାଣି ଚାଲୁଛି ତାହାର ନିରୀକ୍ଷଣ କରିବା ପାଇଁ କିଛିଦିନ ତଳେ ଘଟଣାସ୍ଥଳକୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରାଜ କୁମାର ବେହେରା, ଏସ୍‌ଡିଓ ଲକ୍ଷ୍ମଣ କୁମାର ସେଠୀ ଓ ଯନ୍ତ୍ରୀ ଧୀରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ପହଞ୍ଚି ତଦାରଖ କରିଥିଲେ।

# ଆଶା, ଗାଁ କଲ୍ୟାଣ ସମିତିର ବାର୍ଷିକ ସମ୍ମିଳନୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡ଼ା,୧୪।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶୁକ୍ରବାର ପରସାଗୁଡାସ୍ଥିତ ବହୁମୁଖୀ ସଭାଗୃହଠାରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ମୁଖ୍ୟ ଅତିଥି, ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଧନେଶ୍ୱର ସେଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଏସ୍. ଗୀତା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସ୍ୱାସ୍ଥ୍ୟ ସେବାରେ ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତିର ମୁଖ୍ୟ ଭୂମିକା ରହିଛି ବୋଲି କହିଥିଲେ। ଏହି ଅବସରରେ ଜିଲାସ୍ତରୀୟ ଶ୍ରେଷ୍ଠ ଆଶା କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ନୂଆପଡା ସଦର ବ୍ଲକ ମାରାଗୁଡା ଗାଁର ଆଶାକର୍ମୀ ରେମତୀ ମାଝୀ ପ୍ରଥମ, ଖଡିଆଳ ବ୍ଲକର ଲାଞ୍ଜି ଗାଁ ଆଶାକର୍ମୀ ହେମକାନ୍ତି ଚଲାନ ଦ୍ୱିତୀୟ ଓ ବୋଡେନ ବ୍ଲକ ବୋଇରଗାଁର ଆଶା ଦମୟନ୍ତି ମାଝି ତୃତୀୟ ଶ୍ରେଷ୍ଠ ଆଶା ଭାବରେ ପୁରସ୍କୃତ ହୋଇଥିଲେ। ସେହିପରି ଶ୍ରେଷ୍ଠ କାର୍ଯ୍ୟଦକ୍ଷ ଜନ ଆରୋଗ୍ୟ ସମାଜ ଭାବେ ନୂଆପଡ଼ା ବ୍ଲକ ଭରୁଆମୁଣ୍ଡା (ମାରାଗୁଡା), କୋମନା ବ୍ଲକ ସିଆଲଲଟି, ଖଡିଆଳ ବ୍ଲକ ବାଦି, ବୋଡେନ ବ୍ଲକର ଖଇରା ଓ ସିନାପାଲି ବ୍ଲକର କରନବାହାଲି ପୁରସ୍କୃତ ହୋଇଥିଲେ। ସୁସ୍ଥ ଗାଁ ପାଇଁ ନୂଆପଡା ବ୍ଲକ ସାରାବଙ୍ଗ ପଞ୍ଚାୟତର ମାଉଲିଭଟା, କୋମନା ବ୍ଲକ ମାନିଗୁଡା ପଞ୍ଚାୟତର ଗନିଆରି, ଖଡିଆଳ ବ୍ଲକ ଚନାବେଡା ପଞ୍ଚାୟତର ଭୋଜପୁର, ବୋଡେନ ବ୍ଲକ ଖଇରା ପଞ୍ଚାୟତର ବାହାଲ ଓ ସିନାପାଲି ବ୍ଲକ ଗୋରଲା ପଞ୍ଚାୟତର ପତିଆଲପଡା ଗାଁ କଲ୍ୟାଣ ସମିତିକୁ ପୁରସ୍କୃତ କରାଯାଇଛି।

# ଟିଖାଲି ଡ୍ୟାମ୍ ଲୋକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା


କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

**ଖଡିଆଳ,୧୪।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଟିଖାଲି ଜଳେଶ୍ୱର ମନ୍ଦିର ପଡିଆରେ ଚାଲିଥିବା ଟିଖାଲି ଡ୍ୟାମ ଲୋକ ମହୋତ୍ସବ ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ମହୋତ୍ସବ କମିଟି ଉପ ସଭାପତି ରମେଶ କୁମାର ଠାକୁର ଅଧ୍ୟକ୍ଷତା କରିଥିବା ବେଳେ ଖଡିଆଳ ଏନ୍‌ଏସି ଚେୟାରମ୍ୟାନ ଉଜ୍ଜ୍ୱଳ ଗୁପ୍ତା ମୁଖ୍ୟ ଅତିଥି, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ପ୍ରାଧ୍ୟାପକ ସାମୁଏଲ ଦାନୀ ମୁଖ୍ୟ ବକ୍ତା ଓ ପଞ୍ଚାୟତ ସମିତି କୋମନାର ଚେୟାରମ୍ୟାନ ଅନୁସାୟ କୁମ୍ଭାର, ପଞ୍ଚାୟତ ସମିତି ନୂଆପଡ଼ାର ତାରେଶ୍ୱର ସାହୁ, ପଞ୍ଚାୟତ ସମିତି ବୋଡ଼େନର ପ୍ରେମଶିଳା ନାଗ, ସିନାପାଲି ବିଡିଓ କର୍ମୀ ଓରାମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବ ଉପଦେଷ୍ଟା ପୁରୁଷୋତ୍ତମ ତାଣ୍ଡି ଅତିଥି ପରିଚୟ ଓ ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପ ବିସ୍ଥାପିତ ସହାୟତା ମଞ୍ଚ ସଭାପତି ନୀଳକଣ୍ଠ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖଡିଆଳ ଲିଟିଲଷ୍ଟାର ପବ୍ଲିକ ସ୍କୁଲର ଓଡ଼ିଶୀ, ଖଡିଆଳ ମହାତ୍ମା ଗାନ୍ଧୀ ବିଜ୍ଞାନ ଯୁକ୍ତ ୨ କଲେଜର ବଜାଶାଲ, ନଟରାଜ ଡ୍ୟାନ୍ସ ଏକାଡେମୀ କଟକ ମୟୁରି, ବୋଡ଼େନ ଧୋବେଇ ଉଚ୍ଚ ବିଦ୍ୟାଳୟର ଆଦିବାସୀ ଲୋକ ନୃତ୍ୟ, ହୀରାଖଣ୍ଡ ସାଂସ୍କୃତିକ ଅନୁଷ୍ଠାନ ବରଗଡ଼ ଓଡ଼ିଶୀ, ଜୟମାତାଦୀ ସାଂସ୍କୃତିକ ଅନୁଷ୍ଠାନ ଖଡିଆଳର ବଜାସାଲ, ନଟରାଜ ଡ୍ୟାନ୍ସ ଏକାଡେମୀ ନୂଆପଡାର ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା।

### ପୋଖରୀରୁ ଗଳିତ ମାନବ ଅଙ୍ଗ ଉଦ୍ଧାର

**ଜୟପାଟଣା,୧୪।୩(ଓମ୍ ପ୍ରକାଶ ବୈଠାରୁ):** କଳାହାଣ୍ଡି ଜିଲା ଜୟପାଟଣା ବିମଳା ବାଗବନ୍ଧ ପୋଖରୀରୁ ଗଳିତ ମାନବ ଅଙ୍ଗ ଉଦ୍ଧାର ହେବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସ୍ଥାନୀୟ କିଛି ପିଲା ମାଛ ଧରିବା ପାଇଁ ପୋଖରୀରେ ଜାଲ ପକାଇଥିଲେ। ଜାଲଟି ଭାରି ଲାଗିବାରୁ ସେମାନେ ମାଛ ଭାବି ଉପରକୁ ଉଠାଇ ଆଣିଥିଲେ। କିନ୍ତୁ ଜାଲ ମଧ୍ୟରେ ଗଳିତ ମଣିଷ ଅଙ୍ଗ ଦେଖି ଭୟରେ ସେଠାରୁ ଦୌଡ଼ି ପଳାଇ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଜୟପାଟଣା ପୋଲିସ ଓ ଅଗ୍ନିଶମ ବାହିନୀ ନ୍‌ପହଞ୍ଚି ଛାନ୍‌ଭିନ ଆରମ୍ଭ କରିଥିଲେ। ଉଦ୍ଧାର ହୋଇଥିବା ଏହି ଗଳିତ ଅଙ୍ଗ ୭ମାସ ଧରି ନିଖୋଜ ଥିବା ସ୍ଥାନୀୟ ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କର ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି। ପୋଲିସ ସମସ୍ତ ଦିଗକୁ ନଜରରେ ରଖି ତଦନ୍ତ ଜାରି ରଖିଛି। ଫରେନସିକ ଟିମ୍ ଏବଂ ଡିଏନ୍‌ଏ ଟେଷ୍ଟର ରିପୋର୍ଟ ଆସିଲେ ରହସ୍ୟ ଉନ୍ମୋଚିତ ହେବ ବୋଲି ଥାନା ଅଧିକାରୀ ଅର୍ଚ୍ଚନା ନାଏକ କହିଛନ୍ତି।

# ଧର୍ମଗଡ଼ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ


ଲୋକ ଅଦାଲତରେ ମାମଲାର ଫଇସଲା କରାଯାଉଛି।

**ଧର୍ମଗଡ, ୧୪।୩ (ଘାସିରାମ ଜଗତ)**

ତାଲୁକ ଆଇନସେବା ସମିତି ଧର୍ମଗଡ ଅନୁକୂଲ୍ୟରେ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଅତିରିକ୍ତ ଜିଲା ଦୌରା ଜଜ୍ ତଥା ତାଲୁକ ଆଇନସେବା ସମିତି ଅଧ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶନିବାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ ମୋଟରଯାନ ଜନିତ ମାମଲାର ଫଇସଲା କରାଯାଇ ହିତାଧିକାରୀଙ୍କୁ ୧ କୋଟି ୩୮ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ୫ ଦେୱାନୀ ଓ ୬ଟି ବ୍ୟାଙ୍କ ଋଣ ଖିଲାପୀ ମକଦ୍ଦମାର ସମାଧାନ କରାଯାଇ ୭ ଲକ୍ଷ ୪୩ ହଜାର ୫୦୪ ଟଙ୍କା ଆଦାୟ କରାଯାଇଥିଲା। ୫ଟି ବ୍ୟାଙ୍କ ଋଣ ଖିଲାପିଙ୍କ କେସ ଫଇସଲା କରାଯାଇ ୨ ଲକ୍ଷ ୧୨ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିଭଳି ଉପଖଣ୍ଡ ବିଭାଗୀୟ ବିଚାରପତି ଧର୍ମଗଡଙ୍କ ତତ୍ତ୍ୱାବଧାନରେ ୮୬ଟି କେସର ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ବରିଷ୍ଠ ଦେୱାନୀ ବିଚାରପତି ପି. ସୀତାଲକ୍ଷ୍ମୀ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପରିମିତା ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଧିରେନ୍ଦ୍ରନାଥ ପାତ୍ର, ଆଇନଜୀବୀ ସମୀର କୁମାର ମୁଣ୍ଡ, ମିହିର ରଞ୍ଜନ ପଟ୍ଟଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜୈବିକ ପଦ୍ଧତି ଚାଷରେ ସଫଳ ଚାଷୀ ଜଗନ୍ନାଥ

**କର୍ଲାମୁଣ୍ଡା,୧୪।୩(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ କଂସିଲ ଗ୍ରାମର ଚାଷୀ ଜଗନ୍ନାଥ ପୁଟେଲ ଜୈବିକ ପଦ୍ଧତିରେ ଚାଷକରି ଏବେ ଅଞ୍ଚଳରେ ଜଣେ ସଫଳ ଚାଷୀ ଭାବେ ପରିଚିତ ହୋଇଛନ୍ତି। ଜଗନ୍ନାଥ ପ୍ରାୟ ୩୦ ଡେସିମିଲ ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଛନ୍ତି। ପୂର୍ବରୁ ସେ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରି ଚାଷ କରୁଥିଲେ। ଗତ ରବିଋତୁରେ ସେ ପ୍ରାୟ ୨୨ ହଜାର ଟଙ୍କା ନିବେଶ କରିଥିଲେ ଏବଂ ସମସ୍ତ ଖର୍ଚ୍ଚ କାଟିବା ପରେ ପ୍ରାୟ ୩୮ ହଜାର ଟଙ୍କା ଆୟ କରିଥିଲେ। କିନ୍ତୁ ୨୦୨୫ରେ ହଣ୍ଡେଡ ବିକଳ୍ପ ଜୀବନଧାରା ଫାର୍ମର୍ସ ଫିଲ୍ଡ ସ୍କୁଲ ସହଯୋଗରେ ସେ ପ୍ରାକୃତିକ କୃଷି ପଦ୍ଧତି ଅନୁସରଣ କଲେ।


କ୍ଷେତରେ ପତ୍ନୀଙ୍କ ସହ ଜଗନ୍ନାଥ।

ପରିବାର ସଦସ୍ୟଙ୍କ ସହଯୋଗରେ ସେ ଯୋଜନାବଦ୍ଧ ଭାବରେ ଚାଷକରିବା ଆରମ୍ଭକଲେ। ଚାଷରେ ସେ ବର୍ତ୍ତମାନ ଦେଶୀ ଜିଆଖତ, ବିଜାମୃତ ଦ୍ୱାରା ବିହନ ବିଶୋଧନ, ଜୀବାମୃତ, ଘନଜୀବାମୃତ ଓ ହାଣ୍ଡିଖତ ବ୍ୟବହାର କରୁଛନ୍ତି। ଏହା ସହିତ ନିମାସ୍ତ୍ର, ନିମତେଲ ଓ ଯେଲୋ-ବ୍ଲୁ ଷ୍ଟିକି ଟ୍ରାପ୍ ବ୍ୟବହାରକରି କୀଟପତଙ୍ଗ ନିୟନ୍ତ୍ରଣ କରୁଛନ୍ତି। ସେ ମିଶ୍ରିତ ଚାଷ, ସହଚର ଚାଷ ଓ ଇଣ୍ଟରକ୍ରପିଂ ଭଳି ପଦ୍ଧତି ଅନୁସରଣକରି ଉତ୍ପାଦନ ବଢ଼ାଇଛନ୍ତି। ପ୍ରଥମଥର ପାଇଁ ସେ ନିଜେ ମଡେଲ କମ୍ପୋଷ୍ଟ ପିଟ ତିଆରି କରି ଜୈବିକ ଖତ ପ୍ରସ୍ତୁତ କଲେ। ଏଥିରେ ଚାଷ ଖର୍ଚ୍ଚ ହ୍ରାସ ପାଇଲା। ବର୍ତ୍ତମାନ ତାଙ୍କ ସମୁଦାୟ ଚାଷ ଖର୍ଚ୍ଚ ପ୍ରାୟ ୧୫ ହଜାର ଟଙ୍କା ମଧ୍ୟରେ ସୀମିତ ରହୁଛି। ଅକ୍ଟୋବରଠାରୁ ଜାନୁଆରୀ ପର୍ଯ୍ୟନ୍ତ ପନିପରିବା ବିକ୍ରିକରି ସେ ପ୍ରାୟ ୬୨ ହଜାର ଟଙ୍କା ଆୟ କରିଥିଲେ। ସମସ୍ତ ଖର୍ଚ୍ଚ କାଟିବା ପରେ ପ୍ରାୟ ୪୭ ହଜାର ଟଙ୍କା ଲାଭ ପାଇଛନ୍ତି। ପୂର୍ବବର୍ଷ ତୁଳନାରେ ସେ ପ୍ରାୟ ୯ ହଜାର ଟଙ୍କା ଅଧିକ ଆୟ କରିପାରିଛନ୍ତି। ଜଗନ୍ନାଥ କହନ୍ତି, ପ୍ରଥମେ ପ୍ରାକୃତିକ କୃଷି ପଦ୍ଧତି ଅନୁସରଣ କରିବା କଷ୍ଟକର ଥିଲା। କିନ୍ତୁ ନିୟମିତ ପରାମର୍ଶ ଓ ଅନ୍ୟ ଚାଷୀମାନଙ୍କ ଅନୁଭବ ଦେଖି ଆତ୍ମବିଶ୍ୱାସ ବଢ଼ିଥିଲା। ବର୍ତ୍ତମାନ କମ୍ ଖର୍ଚ୍ଚରେ ଭଲ ଆୟ ହେଉଥିବା ସେ କହିଛନ୍ତି।

### ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷଣ

**ଖଡ଼ିଆଳ,୧୪।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ଐତିହ୍ୟ ବିଦ୍ୟାଳୟରେ ଶନିବାର ଜିଲା କୃଷି କାର୍ଯ୍ୟାଳୟ ନୂଆପଡ଼ା ଆନୁକୂଲ୍ୟରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରଭୁଦତ୍ତ ପୁରୋହିତ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ଉକ୍ତ କାର୍ଯ୍ୟକ୍ରମର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୃତ୍ତିକା ପରୀକ୍ଷଣ ପରୀକ୍ଷାଗାର ନୂଆପଡ଼ାରୁ ଆସିଥିବା ବୈଷୟିକ ସହାୟକ ଯଦୁନାଥ ମହାଉତୀ ଓ ଯତୀନ୍ଦ୍ର ମୋହନ ବର୍ଗେ ପ୍ରଶିକ୍ଷାର୍ଥୀ ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା ଓ ଛାତ୍ରୀଛାତ୍ରଙ୍କୁ ମୃତ୍ତିକା ପରୀକ୍ଷଣର ଆବଶ୍ୟକତା ଓ ପ୍ରକ୍ରିୟା ବିଷୟରେ ବୁଝାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ପ୍ଲେ ସ୍କୁଲର ୨୬ ତମ ବାର୍ଷିକ ଉତ୍ସବ

**ଭବାନୀପାଟଣା,୧୪।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ପ୍ରଥମ ପ୍ଲେ ସ୍କୁଲ ଭବାନୀପାଟଣାସ୍ଥିତ ଲଭ ଡେଲ ସ୍କୁଲର ୨୬ ତମ ବାର୍ଷିକ ଉତ୍ସବ ଶନିବାର ଟାଉନ ହଲଠାରେ ଅନୁଷ୍ଠିତ ହୋଇଛି। ମିନାକ୍ଷୀ ଫାଉଣ୍ଡେଶନ ଅଧ୍ୟକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ମୁଖ୍ୟ ଅତିଥି, ଶିକ୍ଷାବିତ୍ ତଥା ନାଟ୍ୟକାର ଡ. ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଓ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ମହାନ୍ତି, ମିନାକ୍ଷୀ ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶିକା ଅନ୍ୱେଷା ପି ଶର୍ମା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ଏଲିନା ପତି ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଏହି ବିଦ୍ୟାଳୟର ପୁରାତନ ଛାତ୍ରୀ ସୌମ୍ୟା ସୁଚରିତା ରାୟଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବରେ ପ୍ରଜ୍ଞା ପରମିତା ରାୟଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ରାୟଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦ୍‌ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


ସୌମ୍ୟା ସୁଚରିତା ରାୟଗୁରୁଙ୍କୁ ସମ୍ମାନିତ କରାଯାଉଛି।

# କଳାହାଣ୍ଡିରେ ପ୍ରଥମ ରାଷ୍ଟ୍ରୀୟ୍ ଲୋକ ଅଦାଲତ



ଜିଲା କୋର୍ଟରେ ଚାଲିଥିବା ଲୋକ ଅଦାଲତରେ ମାମଲାର ବିଚାର ଚାଲିଛି।

**ଭବାନୀପାଟଣା,୧୪।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଶନିବାର ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ଜିଲା ଆଇନସେବା ପ୍ରାଧିକରଣ ସଚିବ ସ୍ନିଗ୍ଧା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଅଦାଲତରେ ୧୮୩୪ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୪ କୋଟି ୨ ଲକ୍ଷ ୫୪ ହଜାର ୨୬୯.୨୯ ଟଙ୍କା ପ୍ରଦାନ କରାଯାଇଥିଲା। ୨୬ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୨ କୋଟି ୩୮ ଲକ୍ଷ ୫୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ପାରିବାରିକ ବିବାଦ ମକଦ୍ଦମା ୮ଟି ଫଇସଲା କରାଯାଇଥିଲା। ୨୮ଟି ଦେୱାନି ମକଦ୍ଦମା ଫଇସଲା କରାଯାଇ ୭ ଲକ୍ଷ ୪୩ ହଜାର ୫୦୪ଟଙ୍କା, ବିଚାରଯୋଗ୍ୟ ୧୯୧ ଫୌଜଦାରି ମକଦ୍ଦମା ଫଇସଲା କରାଯାଇ ୧୧ ହଜାର ୧୫୦ଟଙ୍କା, ଏନ୍‌ଆଇ ଆକ୍ଟ ମାମଲା (୧୩୮) ୧୫ଟି ଫଇସଲା କରାଯାଇ ୬୫ ଲକ୍ଷ ୧୧ ହଜାର ୫୬୭ ଟଙ୍କା, ରାଜସ୍ୱ ମକଦ୍ଦମା ୧୧୧୯ ଫଇସଲା କରାଯାଇ ୨ ଲକ୍ଷ ୧ ହଜାର ୭୩୪ ଟଙ୍କା, ୪୪୬ ପ୍ରାକ୍ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧ କୋଟି ୯ ଲକ୍ଷ ୨୨ ହଜାର ୩୧୪.୨୯ ଟଙ୍କା ଆଦାୟ କରାଯାଇଥିଲା। ଏଥିରେ ଜିଲା ଜଜ୍ ତଥା ସଦସ୍ୟ ପ୍ରଥମ ମୋଟରଯାନ ଦୁର୍ଘଟଣା ନ୍ୟାୟାଧିକାରୀ ଅନୁପ ରଞ୍ଜନ ପଟ୍ଟନାୟକ, ପରିବାର ଅଦାଲତ ଜଜ୍ ରାଜଶ୍ରୀ ମହାପାତ୍ର, ବରିଷ୍ଠ ଦେୱାନୀ ଜଜ୍ ସୁଦିପ୍ତା ଦେହୁରି, ଜିଲା ଆଇନସେବା ପ୍ରାଧିକରଣ୍ ସଚିବ ସ୍ନିଗ୍ଧା ପଣ୍ଡା ଉପସ୍ଥିତ ରହି ଅଦାଲତ ପରିଚାଳନା କରିଥିଲେ।

### ଲୋକ ଅଦାଲତରେ ୪୧୮୩ ମାମଲାର ସମାଧାନ

**ନୂଆପଡ଼ା,୧୪।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ନୂଆପଡା ସୁନୀଲ କୁମାର ଦାସ, ଅତିରକ୍ତ ଜିଲା ଦୌରା ଜଜ୍ ଖଡିଆଳ ପ୍ରଣମ କୁମାର ରାଉତ, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ବରିଷ୍ଠ ଦେୱାନୀ ଜଜ୍ ଖଡିଆଳ ଇଶା ପତି, ଏସ୍‌ଡିଜେଏମ୍ ସ୍ୱାତକୀ ଦାଶ ପ୍ରମୁଖ ଅଂଶ ଗ୍ରହଣ କରଥିଲେ। ୩ ହଜାର ୭୭୨ଟି ବିଭିନ୍ନ ମାମଲା ଯଥା ପାରିବାରିକ, ଚେକ ବାଉନ୍ସ, ଦେୱାନି, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଓ ରାଜସ୍ୱ ମାମଲା ଗୁଡିକ ବିଚାର କରାଯାଇ ୩ କୋଟି ୭ ଲକ୍ଷ ୬୨ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୪୧୧ଟି ବ୍ୟାଙ୍କ ବକେୟା ଋଣ ଓ ବିଦ୍ୟୁତ ଶୁଳ୍କ ଦେୟ ମାମଲାର ସମାଧାନ କରାଯାଇ ୬୮ ଲକ୍ଷ ୪ ହଜାର ୯୬୦ ଟଙ୍କା ଆଦାୟ ହୋଇଥିଲା । ମୋଟ ୪ ହଜାର ୧୮୩ଟି ମାମଲା ସମାଧାନ କରି ୩ କୋଟି ୭୫ ଲକ୍ଷ ୬୬ ହଜାର ୯୬୦ ଟଙ୍କା ଆଦାୟ କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ ଲୋକ ଅଦାଲତ କରିଚାଳନା କରିଥିଲେ ।


ଅଦାଲତରେ ବିଭିନ୍ନ ମାମଲାର ସମାଧାନ କରାଯାଉଛି।

# ୩,୨୮୫ ମାମଲା ଫଇସଲା

## ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ

**ସୁନ୍ଦରଗଡ,୧୪।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ସ୍ଥାନୀୟ ଜିଲା ଦୌରାଜଜ କାର୍ଯ୍ୟାଳୟ ପରିସରରେ ଚଳିତବର୍ଷ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୮୪୧୧ ମାମଲା ମଧ୍ୟରୁ ୩୨୮୫ଟିର ବିଚାର କରାଯାଇ ୧୦,୧୮,୯୯୦୫୨ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାଯାଇଛି। ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଶିଖଖରାଣୀ ରଥ ଓ ଜିଲା ଆଇନସେବା ପ୍ରାଧିକରଣର ସଚିବ ଡ. ରୀନତି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରିଲିଟିଗେସନ ସମ୍ବନ୍ଧୀୟ ୧୩୩୯୭ ମାମଲା ମଧ୍ୟରୁ ୨୦୬ଟି ବ୍ୟାଙ୍କ ଋଣ ଆଦାୟ ମାମଲା, ୫ଟି ଶ୍ରମ ନିଯୁକ୍ତି



ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଚାରପତିମାନେ ମାମଲାଗୁଡିକ ଫଇସଲା କରୁଛନ୍ତି।

ବିବାଦୀୟ ମାମଲା, ୩୦ଟି ସାର୍ବଜନୀନ ଉପଯୋଗୀତା ସେବା ମାମଲା, ୮୪ଟି ପରିବହନ ବିଭାଗ ମାମଲା, ୩୨ଟି ବିଏସଏନଏଲ ଓ ଟିପିଡବ୍ଲ୍ୟୁ ମାମଲା ଗୁଡିକର ଫଇସଲା କରାଯାଇଛି। ସେହିପରି ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ୫୦୧୪ ମାମଲା ମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ ମାମଲା ୩ଟି,ଏନଆଇ ଆକ୍ଟ ଧାରା୧୩୮ଅନ୍ତର୍ଗତ ୩୦ଟି, ବ୍ୟାଙ୍କ ଋଣ ଆଦାୟ ୩୨ଟି, ମୋଟର ଯାନ ଦୁର୍ଘଟଣା ଜନିତ ମାମଲା ୪୭ଟି, ବୈବାହିକ ସମ୍ବନ୍ଧୀୟ ୩୩ଟି,ରାଜସ୍ୱ ମାମଲା ୧୪୬୭ଟି, ଅନ୍ୟାନ୍ୟ ଦେୱାନୀ ମାମଲା ୯ଟି ଓ ଅନ୍ୟାନ୍ୟ ଫୌଜଦାରୀ ମାମଲା ୭୮୭ଟି ମାମଲା ଫଇସଲା ହୋଇଛି। ଏଥିରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଡ. ରାଧାକାନ୍ତ ମିଶ୍ର, ସିଜେଏମ ରଘୁନନ୍ଦନ ଦାଶ, ଅତିରିକ୍ତ ଜିଲା ଦୌରାଜଜ ଚିନ୍ମୟ ଗୋଛାୟତ, ସିନିୟର ସିଭିଲ ଜଜ ସଞ୍ଜୟ କୁମାର, ଶୁଭବ୍ରତ ଆଚାର୍ଯ୍ୟ, ସିନିୟର ସିଭିଲ ଜଜ (ମହିଳା କୋର୍ଟ)ଶ୍ରଦ୍ଧା ମାଦୋଦିଆ,ଏସଡିଜେଏମ ସୁକନ୍ୟା ଶତପଥୀ, ଜେଏମଏଫସି (ଗ୍ରାମାଞ୍ଚଳ)ପ୍ରତିଭାଦାସ, ଜେଏମଏଫସି ଦୀପ୍ତିମୟୀ ଏବଂ ଜେଏମଏଫସି ରୋଜାଲିନଦାଶଙ୍କ ସମେତ ଆଇନଜୀବୀ, ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ୱାମୀ, ପରିବାରଲୋକଙ୍କ ନାଁରେ ନିର୍ଯାତନା ଅଭିଯୋଗ

**ସୁନ୍ଦରଗଡ,୧୪।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ଅନ୍ତର୍ଗତ ସିକିପାଣି ଗ୍ରାମର ଜଣେ ମହିଳା ତାଙ୍କ ସ୍ୱାମୀ ଓ ତାଙ୍କ ପରିବାର ଲୋକଙ୍କ ନାମରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଶନିବାର ଧରୁଆଡିହି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଥାନା କେସ୍ ନଂ. ୬୩/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ଦ୍ୱିଦିବସୀୟ ଭଲିବଲ ଚାମ୍ପିୟନଶିପ ଉଦ୍‌ଘାଟିତ

**ସୁନ୍ଦରଗଡ,୧୪।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଭବାନୀ ଭବନ ଇନଡୋର ଷ୍ଟାଡିୟମଠାରେ ତୃତୀୟ ଭଲିବଲ ଚାମ୍ପିୟନଶିପ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ସୁନ୍ଦରଗଡ ଷ୍ଟାଡିୟମ ଭଲିବଲ କ୍ଲବ ତରଫରୁ ଆୟୋଜିତ ଏହି ଚାମ୍ପିୟନଶିପରେ ସୁନ୍ଦରଗଡ, ଝାରସୁଗୁଡା ଜିଲା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ମୋଟ ୧୨ଦଳ ଭାଗ ନେଇଛନ୍ତି। ବିଧାୟକ ଯୋଗେଶ କୁମାର ସିଂହଙ୍କ ତରଫରୁ ଜୟନ୍ତ ନାଏକ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆୟୋଜକ କମିଟିର ଆବାହକ ପ୍ରଭାତ ଚୌଧୁରୀ, ମୟଙ୍କ ସାହା, ସଂଗ୍ରାମ ସିଂ ଓ ସଦସ୍ୟଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଚାମ୍ପିୟନଶିପରେ ରେଫରୀ ଚିନ୍ତାମଣି ବାହାଦୂର ଓ ଆକାଶ ପ୍ରଧାନ ଖେଳ ପରିଚାଳନା କରୁଛନ୍ତି। ଅନୁଭବ ଦଳବେହେରା ଖେଳର ଉଦ୍‌ଘୋଷକ ରହିଛନ୍ତି।

### ସ୍ନାତକ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ବଡ଼ଗାଁ,୧୪।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଶନିବାର ଯୁକ୍ତ ୩ତୃତୀୟ ବାର୍ଷିର କଳା ଛାତ୍ରୀଛାତ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନ ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ପଣ୍ଡା ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କୁ ମହତ୍ତ୍ୱପୂର୍ଣ୍ଣ ଉପଦେଶ ଦେଇ ଭବିଷ୍ୟତରେ ନିଜେ ନିଜର ସ୍ୱପ୍ନ ସାକାର କରିବାକୁ ବୁଝାଇଥିଲେ। ଅଧ୍ୟାପିକା ବନଜା ରାଣୀ ଷଡଙ୍ଗୀ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପିକା ମାଳବିକା ସାମଲ ଶିକ୍ଷାକୁ ପାଥେୟ କରି ଆଗକୁ ଆଗେଇ ଯିବା ପାଇଁ କହିଥିଲେ। ଅଧ୍ୟାପକ ତାପସ କର କାହାଣୀ ମାଧ୍ୟମରେ ବୁଝାଇ ଅନ୍ୟର ସହାୟତା କରି ସଫଳଗାମୀ ହେବାକୁ ଅନୁପ୍ରାଣିତ କରିଥିଲେ। ଅଧ୍ୟାପକ ଲକ୍ଷ୍ମୀକାନ୍ତ ସାହୁ ସତ ମାର୍ଗରେ ପରିଚାଳିତ ହୋଇ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁଶାନ୍ତ କୁମାର ବିଶି ପରିଚାଳନା କରିଥିଲାବେଳେ କ୍ରୀଡା ଶିକ୍ଷକ ଜିଦେନ୍ଦ୍ର ବୁଡା ଧନ୍ୟବାଦ ଅର୍ପଣ କରିଥିଲେ।

### ସଂସ୍କୃତ ପଣ୍ଡିତ ନେତ୍ରାନନ୍ଦଙ୍କ ପରଲୋକ

**କୁଆଁରମୁଣ୍ଡା,୧୪।୩(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ମାଳି ବଗିଚା ନିବାସୀ ସଂସ୍କୃତ ପଣ୍ଡିତ ନେତ୍ରାନନ୍ଦ ଦୁବେଙ୍କ ଶନିବାର ପୂର୍ବାହ୍ନ ୧୧ଟାରେ ବାର୍ଦ୍ଧକ୍ୟ ଜନିତ



ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ମୃତ ଦୁବେ କୁଆଁରମୁଣ୍ଡା ଜମିଦାରଙ୍କ ରାଜ ପୁରୋହିତ ଥିଲା ବେଳେ ରାଜବାଟୀ ନିକଟସ୍ଥ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଥିଲେ। ଏହାସହ ସେ କୁଆଁରମୁଣ୍ଡା ସିଟି ସ୍କୁଲ, ହରିହର ସ୍କୁଲ ଆଦିରେ ସଂସ୍କୃତ ପଣ୍ଡିତ ରହି ଶିକ୍ଷାଦାନ କରି ଅବସର ଗ୍ରହଣ କରିଥିଲେ। ସେ ଜଣେ ଧର୍ମ ପରାୟଣ, ମେଳାପୀ, ମିଷ୍ଟଭାଷୀ,ପରୋପକାରୀ ବ୍ୟକ୍ତି ଭାବେ କୁଆଁରମୁଣ୍ଡା ସମେତ ଆଖପାଖ ଅଞ୍ଚଳରେ ବେଶ ସୁପରିଚିତ ଥିଲେ। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ବେଦବ୍ୟାସ ଶ୍ମଶାନ ଘାଟକୁ ନିଆଯାଇ ସେଠାରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ପୂର୍ବରୁ ବଡ ପୁଅଙ୍କ ମୃତ୍ୟୁ ହୋଇଯାଇଥିବାରୁ ସାନ ପୁଅ ସନ୍ଦୀବ ମୁଖାଗ୍ନୀ ଦେଇଛନ୍ତି। ପଣ୍ଡିତ ଦୁବେଙ୍କ ବିୟୋଗରେ କୁଆଁରମୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ଟେନ୍‌ସା,୧୪।୩(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର କାଲଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁରୁ ଇମତାଜ ମହମ୍ମଦ ଗତ ୧୩ ତାରିଖରେ ଚାକିରୀରୁ ଅବସର ନେଇଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ପୂର୍ବତନ ଛାତ୍ରୀଛାତ୍ର, ପୂର୍ବତନ ସାଥୀ ଓ କାଲଟା ଅଞ୍ଚଳର ସମସ୍ତ ପ୍ରତିଷ୍ଠିତ ବ୍ୟକ୍ତି ସମୂହ ଉପସ୍ଥିତ ଥିଲେ। ମଞ୍ଚରେ କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ପ୍ରମୋଦ ସାମଲ, ସୁରେଶ ମୁଦୁଲି, ହରେକୃଷ୍ଣ ମହାନ୍ତି, ସହଦେବ ନାଏକ, ସରପଞ୍ଚ ପାନମତି ଦେହୁରୀ, ସିଆରସିସି ଅମ୍ବିକା ଶଙ୍କର ଚକ୍ରବର୍ତ୍ତୀ, ପ୍ରଧାନଶିକ୍ଷକ ଭାଗିରଥି ନାୟକ, ମହେନ୍ଦ୍ର ସାହୁ, ନୃସିଂହ ଚରଣ ଦାସ, ଜୟନ୍ତ ମହାନ୍ତି, ପରମେଶର ନାଏକ ପ୍ରମୁଖ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଇମତାଜ ମହମ୍ମଦଙ୍କୁ ସମ୍ମାନ ଜଣାଇ ଉପହାର ପ୍ରଦାନ, ସମ୍ବର୍ଦ୍ଧନା ଜ୍ଞାପନ ସହ ସୁସ୍ଥ ଜୀବନ କାମନା କରିଥିଲେ। ବିଦ୍ୟାଳୟ ପକ୍ଷରୁ ଦେବାନନ୍ଦ ବାରିକ,କଳ୍ପନା ସାହୁ, ଅଭିମନ୍ୟୁ ବାରିକ, ରଘୁ ନାଏକ, ରାଜେନ୍ଦ୍ର ରାମ ପ୍ରମୁଖ ସଭା ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ୧୯୯୨ ଅଗଷ୍ଟ ୨୬ରେ ମହମ୍ମଦ ଉକ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଭାବେ ଯୋଗଦାନ କରିଥିଲେ।

# ଏଲ୍‌ପିଜି ସିଲିଣ୍ଡର ଗୋଦାମରେ ଯାଞ୍ଚ


ବୀରମିତ୍ରପୁର ପୌରାଞ୍ଚଳର ଏକ ଗ୍ୟାସ୍ ବିତରଣ ଗୋଦାମରେ ଯାଞ୍ଚ କରାଯାଉଛି।

**କୁଆଁରମୁଣ୍ଡା,୧୪।୩(ମହେନ୍ଦ୍ର କୁମାର ସାହୁ)**

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିବା କାରଣରୁ ଏବେ ରୋଷେଇ ଗ୍ୟାସ୍ ପାଇଁ ଗ୍ରାହକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥଳେ ଜାଳେଣି ଗ୍ୟାସ୍ ଗୋଦାମରେ ଯଥେଷ୍ଟ ପରିମାଣରେ ମହଜୁଦ ଅଛି ଓ ଲୋକମାନେ ଏଥିପାଇଁ ଭୟଭୀତ ନ ହେବାକୁ ରାଜ୍ୟ ସରକାର ପରାମର୍ଶ ଦେଉଛନ୍ତି। ଅନ୍ୟପକ୍ଷରେ ଗ୍ୟାସ୍ ବିତରକମାନେ କୌଣସି ପ୍ରକାରେ କୃତ୍ରିମ ଅଭାବ ନ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଥିବା ବେଳେ ଶନିବାର ବୀରମିତ୍ରପୁର ପୋଲିସ ପୌରାଞ୍ଚଳରେ ଥିବା ଗ୍ୟାସ୍ ଏଜେନ୍ସିଗୁଡିକର ଗୋଦାମଘରେ କେତେ ପରିମାଣର ଗ୍ୟାସ୍ ସିଲିଣ୍ଡର ଅଛି ଓ ଲୋକମାନଙ୍କୁ ଦୈନିକ କେତେ ଗ୍ୟାସ୍ ବିତରଣ କରାଯାଉଛି ତାହାକୁ ଯାଞ୍ଚ କରିଛି। ଏହି ଯାଞ୍ଚ ବେଳେ କୌଣସି ପ୍ରକାର ଅନିୟମିତତା ହୋଇ ନ ଥିବା ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି। ଯାଞ୍ଚ କାର୍ଯ୍ୟ ସମୟାନୁଯାୟୀ ଚାଲିବାକୁ ଥିବା ବେଳେ ରବିବାର କୁଆଁରମୁଣ୍ଡା ଅଞ୍ଚଳର ପଦମପୁର ରୋଡ୍‌ରେ ଥିବା ଏକ ଗ୍ୟାସ୍ ବିତରଣ ଗୋଦାମରେ ଯାଞ୍ଚ କରାଯିବ ବୋଲି ଆଇଆଇସି ନାଗ୍ ସୂଚନା ଦେଇଛନ୍ତି। ଏହି ସମୟରେ ପୋଲିସ ସହ ଯୋଗାଣ ବିଭାଗ କର୍ମଚାରୀ ଉପସ୍ଥିତ ରହି ସମସ୍ତ ପ୍ରକାରର ଯାଞ୍ଚ କରିଛନ୍ତି।

## ବନ୍ଧମୁଣ୍ଡାରେ ବିଶେଷ ସଫେଇ ଅଭିଯାନର ଆୟୋଜନ

**ବନ୍ଧମୁଣ୍ଡା,୧୪।୩(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଡି-କ୍ୟାବିନ ରୋଡ ଅଞ୍ଚଳରେ ଶନିବାର ବିଶେଷ ସଫାଇ ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନର ନେତୃତ୍ୱ ବନ୍ଧମୁଣ୍ଡାର ଭାଜପା ମଣ୍ଡଳ ଅଧ୍ୟକ୍ଷ ଲଖନ ଲୋହାର କରିଥିଲେ। ଅଭିଯାନ ସମୟରେ ରାସ୍ତା, ନାଳ ଓ ଫିଟନେସ ପାର୍କର ବ୍ୟାପକ ସଫେଇ କରାଯାଇଥିଲା। ଏହି ଅବସରରେ ଲଖନ ଲୋହାର ତାଙ୍କ କର୍ମୀମାନଙ୍କ ସହିତ ରାଉରକେଲା ନଗର ପାଳିକାର କମିଶନର ଦିନାହ ଦସ୍ତାଗିର, ସୁପରଭାଇଜର ଜର୍ଜ ଟେଟେ ଏବଂ ସହଯୋଗୀ ସଫାଇ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ ପ୍ରଶାସନ ଓ ଜନପ୍ରତିନିଧିମାନଙ୍କର ସମନ୍ୱୟ ଓ ସହଯୋଗରେ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ହେଉଛି। ଆଗାମୀ ଦିନରେ ମଧ ବନ୍ଧମୁଣ୍ଡାରେ ସ୍ୱଚ୍ଛତା ଓ ଜନହିତ ସମ୍ବନ୍ଧୀୟ ଏଭଳି ଅଭିଯାନ ଜାରି ରହିବ।

# ୧,୩୨ ହଜାର ୯୦୬ ହିତାଧିକାରୀଙ୍କ ଖାତାକୁ ଗଲା ଟଙ୍କା

## ପିଏମ୍ କିଷାନର ୨୨ତମ କିସ୍ତି ରାଶି ଚାଷୀଙ୍କୁ ହସ୍ତାନ୍ତର

**ସୁନ୍ଦରଗଡ,୧୩।୩(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲାର କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଓ କୃଷକ ଶସକ୍ତିକରଣ ବିଭାଗର ମିଳିତ ସହଯୋଗରେ କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ରଠାରେ ପ୍ରଧାନମନ୍ତ୍ରୀ କିସାନ ସମ୍ମାନନିଧିର ୨୨ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଓ ଏକ ସଭା ଶୁକ୍ରବାର ଆୟୋଜିତ ହୋଇଥିଲା। ଆସାମର ଗୌହାଟୀଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୯ କୋଟିରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀମାନଙ୍କୁ ପି.ଏମ. କିସାନର ୨୨ତମ କିସ୍ତି ଡିବିଟି ମାଧ୍ୟମରେ ୧୮ ହଜାର କୋଟି ଟଙ୍କା ହସ୍ତାନ୍ତର ଓ ଉତ୍ତର-ପୂର୍ବ ଭାରତର ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବା ସହିତ ଚାଷୀଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଏହି ୨୨ ତମ କିସ୍ତି ସୁନ୍ଦରଗଡ ଜିଲାର ୧ ଲକ୍ଷ ୩୨ହଜାର ୯୦୬ ଜଣ ହିତାଧିକାରୀଙ୍କ ଖାତାକୁ ୨୬ କୋଟି ୫୮ଲକ୍ଷ ୧୨ ହଜାର ଟଙ୍କା ହସ୍ତାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର, ସମ୍ମାନିତ ଅତିଥି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଯୋଗଦେଇ ପିଏମ କିସାନର ସହାୟତା ରାଶି ଚାଷୀଭାଇଙ୍କୁ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ(ଜଳ ବିଭାଜିକା) ପ୍ରସନ୍ନ କୁମାର ପାତ୍ର, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ପାଣିଗ୍ରାହୀ, ଆଞ୍ଚଳିକ କୃଷି ଓ ଗବେଷଣା ଉପକେନ୍ଦ୍ର, କିରେଇର ମୁଖ୍ୟ ଡ. ସଜୀବ କୁମାର ବିଶ୍ୱାସୀ, କୃଷି ଜିଲା ଅଧିକାରୀ ଡ. ସିଦ୍ଧାର୍ଥ ସ୍ୱରୂପ ଜେନା, ନରେଶ ମହାନନ୍ଦିଆ, ଶରତ ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ଅଗ୍ରଣୀ ଚାଷୀ ହିରୋଦ ପଟେଲ, ସତ୍ୟବ୍ରତ ନାଏକ, ସୁରେଶ ଚନ୍ଦ୍ର ପଟେଲ ଓ ଅଶୋକ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ.ଲକ୍ଷ୍ମୀପ୍ରିୟା ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ମୁଖ୍ୟ ଜିଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ ଜେମସ ବାଗେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ମୃତ୍ତିକା ରସାୟନବିତ ଦିପ୍ତି ପଟେଲ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମଚାରୀ ଏବଂ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଜାତୀୟ କର୍ମଶାଳା ଉଦ୍‌ଯାପିତ

**ସୁନ୍ଦରଗଡ,୧୪।୩ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଓ ଭୂ-ବିଜ୍ଞାନ ସଙ୍ଗଠନ, ସରକାରୀ ମହିଳା ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଏବଂ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ପୂର୍ବତନ ଛାତ୍ରୀଛାତ୍ର ସଂଘର ମିଳିତ ପ୍ରୟାସରେ ଆୟୋଜିତ ୨ଦିନିଆ ଜାତୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହେଇଯାଇଛି। କର୍ମଶାଳାର ଦ୍ୱିତୀୟ ଦିନରେ ପ୍ରଥମ ପ୍ରାଯୁକ୍ତିକ ଅଧିବେଶନରେ ଜିନ୍ଦଲ ପାୱାର ଲିମିଟେଡର କୋଇଲା ଖଣି ବିଭାଗର ସହ-ଉପାଧ୍ୟକ୍ଷ ସୁରେଶ ପାଲ କୋଇଲା ଅନ୍ୱେଷଣ ଓ ଖଣିଜ ଉତ୍ତୋଳନ ବିଷୟରେ ଆଲୋଚନା କରିଥିଲେ। କର୍ମଶାଳାର ପ୍ରଥମ


ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର।

ପ୍ରାଯୁକ୍ତିକ ଅଧିବେଶନକୁ ଅଧ୍ୟାପିକା ଡ. ସୁପ୍ରିୟା ପ୍ରିୟଦର୍ଶିନୀ ନାୟକ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ପ୍ରାଯୁକ୍ତିକ ଅଧିବେଶନରେ ଏନଏଚପିସି ଲିମିଟେଡ ଉପମହାପ୍ରବନ୍ଧକ ଶୈଳେନ୍ଦ୍ର ସିଂହ ବରିହା ଅଭିଯାନ୍ତ୍ରିକୀ ପ୍ରକଳ୍ପ ପାଇଁ ଭୂ-ପ୍ରାଯୋଗିକ ଅନୁସନ୍ଧାନ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୃଜନୀ ପଣ୍ଡା ଦ୍ୱିତୀୟ ପ୍ରାଯୁକ୍ତିକ ଅଧିବେଶନକୁ ପରିଚାଳନା କରିଥିଲେ। ଶେଷରେ ଆୟୋଜିତ ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ସୁଧୀର କୁମାର ଦାଶ ଏବଂ ପୃଷ୍ଠପୋଷକ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ବବିତା ଭିତ୍ରିଆ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ସୁରେଶ ପାଲ ଓ ଶୈଳେନ୍ଦ୍ର ସିଂହ ବରିହା ଉପସ୍ଥିତ ଥିଲେ। ଏହାସହିତ ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଭୂବିଜ୍ଞାନ ବିଭାଗର ପୂର୍ବତନ ଛାତ୍ରୀଛାତ୍ର ସଂଘର ସଭାପତି ଡ. ଅଶୁତୋଷ ନାଏକ ମଧ ଏହି ଅବସରରେ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ଅତିଥି ଭାବେ କର୍ମଶାଳାର ସହ ସଂଯୋଜକ ମନୋଜ କୁମାର ନାୟକ, ଅଧ୍ୟାପିକା ତଥା କର୍ମଶାଳାର ଆୟୋଜକ ସଚିବ ପ୍ରଜ୍ଞା ପରମିତା ଦାସ, ଏମସିଏଲ (ମହାନଦୀ କୋଲଫିଲ୍ଡସ ଲିମିଟେଡ)ର ଭୂବିଜ୍ଞାନୀ ଯତୀନ ଲଳିତ ଏବଂ ଆୟୋଜନ ସମିତିର ସଦସ୍ୟ ଡ. ସୁପ୍ରିୟା ପ୍ରିୟଦର୍ଶିନୀ ନାୟକ, ଡ.ମାନସ ରଞ୍ଜନ ଜେନା ଓ ସୃଜନୀ ପଣ୍ଡା ଉପସ୍ଥିତ ଥିଲେ। ସଂଯୋଜକ ଭାବେ ଶିବ ପ୍ରସାଦ ମହାନ୍ତି ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ପ୍ରବୀଣ କୁମାର ପଟେଲ ଧନ୍ୟବାଦ ଜ୍ଞାପନ କରିଥିଲେ।

# ରାଜଗାଙ୍ଗପୁରରେ ହାତୀ ଆତଙ୍କ

**ରାଜଗାଙ୍ଗପୁର,୧୪।୩(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ଚୁଙ୍ଗିମାଟି, ପାନପୋଷ ତଥା ସାଗଯୋର ପଞ୍ଚାୟତରେ ୪ ଦିନ ହେବ ଏକ ଗୋଠଛଡ଼ା ଦନ୍ତା ବୁଲୁଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଜଗାଙ୍ଗପୁର ବନ ବିଭାଗ ରେଞ୍ଜର ଗୁରୁଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଦନ୍ତା କୌଣସି ପ୍ରକାର କ୍ଷୟକ୍ଷତି କରିନାହିଁ।

# ଶିବିରରେ ୩୯ ୟୁନିଟ୍ ରକ୍ତ ସଂଗୃହୀତ

**କୁତ୍ରା,୧୪।୩(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ବୁଡାକଟା ସ୍ଥିତ ସ୍କାନଷ୍ଟିଲ ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚେୟାରମ୍ୟାନ ରେଜେସ ଗଡୋଡିଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ସ୍ଥିତ ସରକାରୀ ମେଡିକାଲର ଡା. ପବିତ୍ର କୁମାର ପଲେଇ, କୌଶିକ ରଣା, ଶୁଭେନ୍ଦୁ ନାଏକ ପ୍ରମୁଖ ଯୋଗଦେଇ ସଫଳତାର ସହିତ ରକ୍ତଦାନ ଶିବିର ପରିଚାଳିତ କରିଥିଲେ। କାରଖାନା ମୁଖ୍ୟ ଅଙ୍କୁର ମଦାନ ଶିବିରର ଶୁଭାରମ୍ଭ କରିଥିଲେ। ଏହାସହିତ ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଶିବିରରେ ୩୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ମ୍ୟାନେଜର ଦିପକ ଶର୍ମା, ଏଚଆର ମୁଖ୍ୟ ପ୍ରଭୁରାମ ଦେ, ବିପିନ ସାହୁ, ରମାକାନ୍ତ ସାହୁ, ଏଲକେ ରାମକୃଷ୍ଣ, ସରୋଜ ମହାକୁଲ, ସୁବାସ ମଲ୍ଲିକ, ସନ୍ତୋଷ ପାଶ୍ୱାନ, ଯୋଗେଶ ଶର୍ମା ପ୍ରମୁଖ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।


ଶିବିରରେ ଯୋଗଦେଇଥିବା କର୍ମଚାରୀ ଓ ଅନ୍ୟମାନେ।

# ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର

**ସୁନ୍ଦରଗଡ,୧୪।୩ (ଜୟ ନାରାୟଣ ମେଣ୍ଡୁଲି)**

ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬ ପରିପ୍ରେକ୍ଷୀରେ ଶନିବାର ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର ଟାଙ୍ଗରପାଲି ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ନରେଶ ପୁରୋହିତଙ୍କ ଅଧ୍ୟକ୍ଷତାରେ ତସଲାଡ଼ିହି ସ୍ଥିତ ଫାର୍ମହାଉସ ଠାରେ ଏହା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଉପସ୍ଥିତ ଅତିଥି ଓ କାର୍ଯ୍ୟକର୍ତ୍ତା ପଣ୍ଡିତ ଦିନଦୟାଲ ଉପାଧ୍ୟାୟ, ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ଭାରତମାତାଙ୍କ ଫଟୋଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ କରି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଜିଲା ସାଧାରଣ ସମ୍ପାଦକ ରୁପେଶ ପଟେଲ ପ୍ରଶିକ୍ଷଣର ଉଦ୍ଦେଶ୍ୟ, ସ୍ୱରୂପ, ପରିଚାଳନା ଉପରେ ସୂଚନା ଦେଇଥିଲେ। ଏହି ଶିବିରରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ର ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ହେଉଛି ଭାଜପାର ଏକ ଦେଶବ୍ୟାପୀ ପଦକ୍ଷେପ। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବୁଥ ଠାରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଦଳୀୟ କର୍ମୀମାନଙ୍କୁ ଆଦର୍ଶଗତ ସ୍ପଷ୍ଟତା, ନେତୃତ୍ୱ ଏବଂ ସଙ୍ଗଠନଗତ ଶୃଙ୍ଖଳା ଉପରେ ତାଲିମ ଦେବା। ଏହି ତାଲିମର ଲକ୍ଷ୍ୟ କର୍ମୀମାନଙ୍କୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦର୍ଶନ, ଯେପରିକି ଅଖଣ୍ଡ ମାନବବାଦ, ଅନ୍ତ୍ୟୋଦୟ ଏବଂ ସରକାରୀ କଲ୍ୟାଣକାରୀ ଯୋଜନା, ଦଳୀୟ ସଦସ୍ୟମାନଙ୍କ ମଧ୍ୟରେ ଶୃଙ୍ଖଳା ଏବଂ ଏକତାର ଗୁରୁତ୍ୱ। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ପାଇଁ ଦଳର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବାରେ ଏକ ଉତ୍ସର୍ଗୀକୃତ କର୍ମୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ଜିଲା ସ୍ତରୀୟ ବରିଷ୍ଠ ନେତା ଓ ପ୍ରଶିକ୍ଷଣ ଟୋଲୀର ବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ଅଜୟ ନାଏକ, ପୂର୍ବତନ କାର୍ଯ୍ୟକାରୀ ଜିଲା ସଭାପତି ଯଶୋବନ୍ତ ନାଏକ, ଜିଲା ସାଧାରଣ ସମ୍ପାଦକ ଅମୀର ନାଏକ, ଜିଲା କୋଷାଧ୍ୟକ୍ଷ ଦିନେଶ କର, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ସ୍ୱଚ୍ଛ ଭାରତ ରାଜ୍ୟ ସହ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ପରକ୍ଷିତ ସାହୁ ପ୍ରମୁଖ ବୈଚାରିକ ପୃଷ୍ଠ ଭୂମି, ଇତିହାସ ଓ ବିକାଶ, କାର୍ଯ୍ୟ ବିସ୍ତାର ପାଇଁ ଆମର ଦୃଷ୍ଟି କୋଣ, କାର୍ଯ୍ୟ ପଦ୍ଧତି, ଡବଲ ଇଞ୍ଜିନ ସରକାରଙ୍କ କାର୍ଯ୍ୟାନ୍ୱୟନ,ବୁଥ ସଞ୍ଚାଳନ, ମନ କି ବାତ ଆଦି ବିଷୟ ବସ୍ତୁ ଉପରେ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଶତାଧିକ ମଣ୍ଡଳ ପଦାଧିକାରୀ, ମଣ୍ଡଳ କାର୍ଯ୍ୟକାରିଣୀ ସଦସ୍ୟ, ମଣ୍ଡଳ ମୋର୍ଚ୍ଚା ସଭାପତି, ସାଧାରଣ ସମ୍ପାଦକ, ଶକ୍ତିକେନ୍ଦ୍ର ପ୍ରମୁଖ, ପ୍ରଭାରୀ, ମଣ୍ଡଳ ପ୍ରଭାରୀ, ମଣ୍ଡଳର ରାଜ୍ୟ, ଜିଲା ସ୍ତରୀୟ ପଦାଧିକାରୀ, ବିଭିନ୍ନ ସେଲର ପ୍ରମୁଖ, ଦଳର ସରପଞ୍ଚ, ସମିତି ସଭ୍ୟ, ବୁଥ ସଭାପତି ଓ ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।


ପ୍ରଶିକ୍ଷଣ ଶିବିରରେ ଦଳୀୟ ନେତୃବୃନ୍ଦ।

# ସଂକ୍ଷେପରେ

## ଜଳିଗଲା ଧାନବସ୍ତା, ପାଳଗଦା


ନିଆଁ ଲାଗ ଧାନ, ପାଳ ଗଦା ଜଳିଯାଇଛି।

ଅମରପାଲି,୧୪।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଗ୍ରାମରେ ଚାଷ ଜମିରୁ ନିଆଁ ଲାଗି ଜଣେ ବ୍ୟକ୍ତିଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ଚାଷ ଜମିରେ ନିଆଁ ଲଗାଇ ଦେଇଥିଲେ। ସେହି ନିଆଁକ୍ରମେ ବ୍ୟାପି ଗ୍ରାମର ଚମ୍ପେଶ୍ୱର ସାହୁଙ୍କ ବାଡ଼ି ଭିତରକୁ ପଶି ଯାଇଥିଲା। ଫଳରେ ନିଆଁ ଲାଗି ଚମ୍ପେଶ୍ୱରଙ୍କ ଧାନ ବସ୍ତା ଓ ପାଳ ଗଦା ଜାଳି ଯାଇଥିଲା। ସ୍ଥାନୀୟ ଲୋକେ ନିଆଁକୁ ଲିଭାଇ ଥିଲେ।

## ରୁଦ୍ରାଭିଷେକ, ବୃନ୍ଦାବତୀ –ଜଳନ୍ଧର ବିବାହ

### ରାମେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୀରମହାରାଜପୁର,୧୪।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଁଟିପାଲିଠାରେ ନବନିର୍ମିତ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶନିବାର ସକାଳ ଆଠଟାରୁ ରୁଦ୍ରାଭିଷେକ, ପ୍ରାଣ ପ୍ରତିଷ୍ଠା ସହିତ ୨୪ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ସନ୍ଧ୍ୟାରେ ଜଳନ୍ଧର ଦରବାରରେ ରାଜ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଏମ୍‌ପି ନୋମିନି ନଳିନୀ ପଣ୍ଡା ଯୋଗଦେଇଥିଲେ। ଦରବାରରେ ପୌରାଣିକ ବିଷୟବସ୍ତୁ ଉପରେ ଆଧାରିତ ଲୀଳା ନାଟକରେରେ ବୃନ୍ଦାବତୀ ଓ ଜଳନ୍ଧରଙ୍କ ବିବାହ ଅନୁଷ୍ଠିତ ହୋଇଥିଲା।

## ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

ବିନିକା,୧୪।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଜୁଲୁଣ୍ଡା ରାଜୀବ ଭବନଠାରେ ଶନିବାର ଭାଜପା ପକ୍ଷରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନୁଷ୍ଠିତ ହୋଇଛି। ଜୁଲୁଣ୍ଡା ମଣ୍ଡଳ ସଭାପତି ଉପେନ୍ଦ୍ର ପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ବେଣୁଧର ଦାସ, ସମ୍ମାନିତ ଅତିଥିଭାବେ ମଣ୍ଡଳ ପ୍ରଭାରୀ ବିଜୟ ମହାକୁର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ବିଶ୍ୱମ୍ବର ମିଶ୍ର, ନବକୃଷ୍ଣ ଦନ୍ତା, ସୁମନ୍ତ ଜଗଦଲା ମଞ୍ଚାସୀନ ଥିଲେ। ପ୍ରଶିକ୍ଷକଭାବେ ଅଶୋକ ପୂଝାରୀ ଯୋଗଦେଇ ସରକାରଙ୍କ ସଫଳତା ଓ ବିକାଶ ଉପରେ ବୁଝାଇଥିଲେ ।

## ପୂର୍ବତନ ସରପଞ୍ଚ ରୁଦ୍ରନାରାୟଣ ସିଂ ସାମନ୍ତଙ୍କ ପରଲୋକ

ଅମରପାଲି,୧୪।୩(ପୀତାମ୍ବର ସାହୁ)

ବୀରମହାରାଜପୁର ବ୍ଲକ ପିତାମହୁଲ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ରୁଦ୍ରନାରାୟଣ ସିଂ ସାମନ୍ତଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ରୁଦ୍ର ନାରାୟଣ



ଡୁଲେଶ୍ୱର ଗ୍ରାମର ଗୌନ୍ତିଆ ଥିଲେ। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଶୁକ୍ରବାର ହଠାତ ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ରୁଦ୍ର ନାରାୟଣ ସୁବର୍ଣ୍ଣପୁର ଜିଲା କଂଗ୍ରେସର ଜଣେ ଜଣାଶୁଣା ଚେହେରା ଥିଲେ । ପିତାମହୁଲ ପଞ୍ଚାୟତରୁ ସେ ୩ଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ନିଜ ଗ୍ରାମ ଡୁଲେଶ୍ୱରରେ ରାଧାମୋହନ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ତିନି ପୁଅ ବୀରେନ୍ଦ୍ରନାରାୟଣ, ରାଜେନ୍ଦ୍ରନାରାୟଣ ଓ ଦେବେନ୍ଦ୍ରନାରାୟଣ ଏବଂ ଦୁଇ ଝିଅ ଉପସ୍ଥିତ ଥିଲେ। ଗ୍ରାମ ପରିକ୍ରମା ସହିତ ଏକ ଶୋଭାଯାତ୍ରାରେ ମହାନଦୀ କୂଳ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ବୀରେନ୍ଦ୍ର ନାରାୟଣ ମୁଖାଗ୍ନି ଦେଇଥିଲେ।

# ଡିଆର୍‌ସିଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

### ମରାଡୁଗୋଛା ପାକ୍ସରେ ନିଯୁକ୍ତି ଦୁର୍ନୀତି

### ଭିଆର୍‌ଏସ୍ ଦିନ ପୁଅ, ଜ୍ୱାଇଁଙ୍କୁ ନିଯୁକ୍ତି

ସୋନପୁର,୧୪।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମରାଡୁଗୋଛା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ନିଯୁକ୍ତି ଦୁର୍ନୀତିକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା। ଏହି ବେଆଇନ ନିଯୁକ୍ତିରେ ଉପନିବନ୍ଧକ ସମବାୟ ସମିତି ସମୂହ ସୁବର୍ଣ୍ଣପୁର ବିଭାଜନ(ଡିଆରସିଏସ୍) ଡ. ସଞ୍ଜୟ କୁମାର ତ୍ରିପାଠୀଙ୍କ ଭୂମିକା ସନ୍ଦେହଜନକ ରହିଛି। ଧରିତ୍ରୀରେ ପ୍ରଥମେ ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ସରକାରୀ ନିଯୁକ୍ତି କ୍ଷେତ୍ରରେ ପରିବାରବାଦକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ନିଯୁକ୍ତି ପ୍ରଦାନ ସମ୍ପର୍କିତ କାଗଜପତ୍ର ଦେଖିବା ପରେ ନିଜେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏହି ଘଟଣାରେ ଡିଆରସିଏସ୍ ଡ. ତ୍ରିପାଠୀଙ୍କ ସମ୍ପୃକ୍ତି ଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ରାଜ୍ୟ ସରକାରଙ୍କୁ ସୁପାରିଶ କରିଛନ୍ତି।

ମରାଡୁଗୋଛା ପାକ୍ସର ସମ୍ପାଦକ ତଥା ସିଇଓ ନବୀନ ଦାଶ, ଜଗୁଆଳି ମକୁନ୍ଦ ନାଏକ ଓ ପିଅନ ମନୋଜ ଦାସ ଚାକିରିରେ ଥିବା ସମୟରେ ନିଜ ପୁଅଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଯୋଜନା ଅନୁଯାୟୀ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନବୀନ, ମକୁନ୍ଦ ଓ ମନୋଜ ସ୍ୱେଚ୍ଛାକୃତ ଅବସର(ଭିଆର୍‌ଏସ୍) ପାଇଁ ଆବେଦନ କରିଥିଲେ। ପାକ୍ସ ପରିଚାଳନା ପରିଷଦରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ତେବେ ଆଶ୍ଚର୍ଯ୍ୟଜନକ ଭାବେ ପାକ୍ସ ପରିଚାଳନା ପରିଷଦର ନିଯୁକ୍ତି ପ୍ରସ୍ତାବକୁ ପର୍ଯ୍ୟାଲୋଚନା ନକରି ଡିଆରସିଏସ୍ ନିଜ କ୍ଷମତାର ଅପବ୍ୟବହାର କରି ଏଥିପାଇଁ ପ୍ରଶାସନିକ ଅନୁମୋଦନ ପ୍ରଦାନ କରିଥିଲେ। ଗତ ଫେବୃଆରୀ ୧୯ ତାରିଖରେ ପାକ୍ସ ସମ୍ପାଦକ, ଜଗୁଆଳି ଓ ପିଅନ ଭିଆର୍‌ଏସ୍ ନେଇଥିଲା ବେଳେ ସେହି ଦିନ ୪ଜଣ ନିଯୁକ୍ତି ପାଇଛନ୍ତି। ଗୋଟିଏ ଦିନରେ ସରକାରୀ ନିୟମକୁ ଉଲ୍ଲଂଘନ କରି ସବୁ କାମ କରାଯାଇଛି। ପାକ୍ସ ସମ୍ପାଦକ ନବୀନଙ୍କ ପୁଅ ଅମ୍ବରୀଶଙ୍କୁ ଉକ୍ତ ପାକ୍ସର ଭାରପ୍ରାପ୍ତ ସିଇଓ ତଥା ସମ୍ପାଦକ ଓ ଜ୍ୱାଇଁ ତଥା ବରଗଡ ଜିଲା ବରପାଲି ବ୍ଲକ ରେମେଡ ଗାଁର ଅନିଲ କୁମାର ଦାସଙ୍କୁ ସହସମ୍ପାଦକ ଭାବେ ନିଯୁକ୍ତି କରିବାରେ ସଫଳ ହୋଇଥିଲେ। ପାକ୍ସର ଜଗୁଆଳି ଥିବା ମକୁନ୍ଦ ନାଏକଙ୍କ ପୁଅ ଅମିତଙ୍କୁ ଜଗୁଆଳି ଓ ପିଅନ ମନୋଜ ଦାସଙ୍କ ପୁଅ ଆଜାଦ୍‌ଙ୍କୁ ପିଅନ ଭାବେ ନିଯୁକ୍ତି ଦିଆଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ପାକ୍ସ ସମ୍ପାଦକଙ୍କ ନିକଟ ସମ୍ପର୍କୀୟଙ୍କୁ ସମ୍ପୃକ୍ତ ପାକ୍ସରେ ନିଯୁକ୍ତି ଦିଆ ଯାଇ ପାରିବ ନାହିଁ। ମାତ୍ର ଏଠାରେ ସରକାରଙ୍କ ନିୟମକୁ ଅଣଦେଖା କରାଯାଇଛି। ନିଯୁକ୍ତି ପାଇଁ କମିଟି ଗଠନ କରାଯାଇନାହିଁ। ବିଜ୍ଞାପନ ପ୍ରକାଶ ନକରି ଲୁଚାଛପାରେ ଉତ୍ତରାଧିକାର ସୂତ୍ରରେ ନିଜ ପୁଅ ଓ ଜ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଛି। ସମ୍ପାଦକଙ୍କ ଜ୍ୱାଇଁ ଅନୀଲଙ୍କ ଘର ପାକ୍ସ କାର୍ଯ୍ୟକାରୀ ସୀମା ବାହାରେ ବରଗଡ ଜିଲାରେ। ମାତ୍ର ତାଙ୍କୁ ସହସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏ କ୍ଷେତ୍ରରେ ସୋନପୁର ଏଆରସିଏସ୍‌ଙ୍କୁ ଅନ୍ଧକାରରେ ରଖାଯାଇଛି। ଜିଲାପାଳ ଡ. ନୃପରାଜ ସାହୁ କୁହନ୍ତି, ସେ ଅଭିଯୋଗ ପାଇବା ପରେ ପାକ୍ସ କାର୍ଯ୍ୟାଳୟକୁ ତଦନ୍ତ ପାଇଁ ଯାଇଥିଲେ। ସେହି ସମୟରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଭିଆରଏସ୍ ନେଇଥିବା ନବୀନ ଦାସ ଓ ଅନ୍ୟମାନେ କାର୍ଯ୍ୟାଳୟରେ ଉପସ୍ଥିତ ରହି ସବୁ କାମ କରୁଥିଲେ। ପୁଅ କି ଜ୍ୱାଇଁ କେହି ନଥିଲେ। ଏହି ଘଟଣାରେ ଡିଆରସିଏସ୍‌ଙ୍କୁ କୈଫିୟତ ତଲବ କରିବା ସହ ଫାଇଲ ମଗାଇଥିଲି। ନିଯୁକ୍ତି ପ୍ରକ୍ରିୟାରେ ଚଞ୍ଚକତାର ପ୍ରମାଣ ମିଳିବା ପରେ ଡିଆରସିଏସ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିଛି। ତେବେ ସରକାର ଏହି ଘଟଣାରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଜିଲାବାସୀ ଅପେକ୍ଷା କରି ରହିଛନ୍ତି।


ଅମରପାଲି ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଶନିବାର ବାହାରିଥିବା ପ୍ଲାଷ୍ଟିକମୁକ୍ତ ସଚେତନତା ଶୋଭାଯାତ୍ରା।

# ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା ଶୋଭାଯାତ୍ରା

### ଚିତ୍ରାଙ୍କନ ପ୍ରତିଯୋଗିତାରେ ୫୦ ଛାତ୍ରୀଛାତ୍ର

ଅମରପାଲି,୧୪।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ଶନିବାର ପ୍ଲାଷ୍ଟିକମୁକ୍ତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଇକୋକ୍ଲବ ଏବଂ ହତିଲିମୁଣ୍ଡା ବନ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମ। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ହାତିଲିମୁଣ୍ଡା ବନପାଳ ଶଙ୍କର ବାଗ, ବନରକ୍ଷୀ ଶିବଶମ୍ଭୁ ସା, ଗୌଡଗାଡ ବିଟ୍‌ର ବନରକ୍ଷୀ ରାମେଶ୍ୱର ମୁର୍ମୁ, ଶିକ୍ଷକ ଶ୍ୟାମସୁନ୍ଦର ସେଠୀ, ପଦ୍ମନାଭ ପ୍ରଧାନ, ଇକୋ କ୍ଲବର ସମ୍ପିତ ପ୍ରଧାନ, ବ୍ରହ୍ମାନନ୍ଦ ପ୍ରଧାନ,ନଟବର ରଣା ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକର ବ୍ୟବହାରର କୁପରିମାଣ ବିଷୟରେ ଆଲୋଚନା କରିଥିଲେ। ଏହା ପରେ ବନକର୍ମଚାରୀଙ୍କ ସହିତ ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଗ୍ରାମ୍ୟ ପରିକ୍ରମା କରିଥିଲେ। ପରେ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ନଟିଆ ଚରଣ ସାହୁ, ଗୋବର୍ଦ୍ଧନ ନାଏକ ଓ ଜଗନ୍ନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିବିରରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ

ବିନିକା,୧୪।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଜ୍ୟୋତିରଞ୍ଜନ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥିଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିନିକା ଏନଏସି ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଭୋଇ, ଆତ୍ମା ଅଧ୍ୟକ୍ଷ ମାହେଶ୍ୱର ମହାକୁର ଯୋଗ ଦେଇଥିଲେ। ଏଥିରେ ୩୬ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବୁର୍ଲା ବ୍ଲଡ଼ବ୍ୟାଙ୍କର ଡ଼. ବଳରାମ ବେହେରା, ମଣ୍ଟୁ ପଧାନ. ଦେବାଶିଷ ମିଶ୍ର, କରୁଣା ଭୋଇ, ପାଇନୁ ଭୋଇ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଭରସା ପରିବାର ମୁଖ୍ୟ ଟୁକୁ ଦ୍ୱାରି, ଲକ୍ଷ୍ମଣ ପାତ୍ର, ମୁକେଶ ବରର୍ତ୍ତୀ, ସଦାନନ୍ଦ ପଧାନ ପ୍ରମୁଖ ସହଯୋଗ କରିଥିଲେ।

# ଦେଶର ଉନ୍ନତିରେ ମହିଳାଙ୍କ ବଡ଼ ଅବଦାନ ରହିଛି

ତରଭା ୧୪।୩(ମାନଭଞ୍ଜନ ମିଶ୍ର)

ତରଭା ବିଜ୍ଞାପିତ ଅଂଚଳ ପରିଷଦ ସଭାଗୃହ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ବନ୍ଦିତା ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳାଙ୍କ ଅଧିକାର ଉପରେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ଏମ୍‌ପି ପ୍ରତିନିଧି ମାନସ ସାହୁ ଦେଶର ଉନ୍ନତିରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ମତ ରଖିଥିଲେ।


ଅତିଥିମାନଙ୍କ ଗହଣରେ ପୁରସ୍କୃତ ମହିଳା ପ୍ରତିଭାମାନେ।

ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପୂର୍ବତନ ଏଇଏସ କଲେଜ ଅଧ୍ୟକ୍ଷା ମିନତୀ ମିଶ୍ର ଯୋଗଦେଇ ମହିଳା ହିଂସା, ବାଲ୍ୟ ବିବାହ ଉପରେ ମତ ରଖିଥିଲେ। ପରିମଳ ବିଶେଷଜ୍ଞ ହରିହର ଭୋଇ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ। କଠିନ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପରିମଳ କର୍ମଚାରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏଥିରେ ତରଭା ଡାକ୍ତରଖାନାର ଡ଼ ସଙ୍ଗୀତା ବିଶି, ଫାର୍ମାଶିଷ୍ଟ ଚନ୍ଦନ ପଧାନ, ଏଏନ୍‌ଏମ ରୀତା ମେହେର ଯୋଗଦେଇ ୩୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ହରିହର ଭୋଇଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀରାମଲୀଳା ଉତ୍ସବ ପ୍ରସ୍ତୁତି ବୈଠକ

ବଘିଆପଡ଼ା,୧୪।୩(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ଲୋକକଲା ଗ୍ରାମ ନାରାୟଣନଗରଠାରେ ଚଳିତ ମାସ ୨୭ ତାରିଖରୁ ହେବାକୁ ଥିବା ଶ୍ରୀରାମଲୀଳା ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଯୁଗ୍ମ ମନ୍ଦିର ପରିସରରେ ଶ୍ରୀ ଶ୍ରୀ ରାମଲୀଳା ସାଂସ୍କୃତିକ ପରିଷଦର ବରିଷ୍ଠ ସଦସ୍ୟ ବିଦେଶୀ ମେହେରଙ୍କ ସଭାପତିତ୍ୱରେ ଗତ ଶୁକ୍ରବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସମ୍ପାଦକ ଗୋପାଳକୃଷ୍ଣ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ଶ୍ରୀ ଜଗନ୍ନାଥ ଓ ଶ୍ରୀରାମ ଯୁଗ୍ମ ମନ୍ଦିରର ସଭାପତି ରାଜେନ୍ଦ୍ର ମେହେର ଉତ୍ସବକୁ ଆକର୍ଷଣୀୟ କରିବାକୁ ମତ ଦେଇଥିଲେ। ବୈଠକରେ ୪୦ ଫୁଟ ରାବଣ ତିଆରି କରି ରାବଣପୋଡ଼ି କରାଯିବାକୁ ଆଲୋଚନା କରାଗଲା। ଉକ୍ତ ରାମଲୀଳା ସମୟରେ ଗ୍ରାମ ମଧ୍ୟରେ ଆମିଷ ଭକ୍ଷଣ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା। ମନ୍ଦିର ନିର୍ମାଣ କମିଟି ଉପସଭାପତି ଉପେନ୍ଦ୍ର ମେହେର, ଫକୀର ମେହେର, ହରି ମେହେର, ବୁଦ୍ଧଦେବ ମେହେର, ନେପାଳ ମେହେର, ନବକିଶୋର ମେହେର, ରାଜା ମେହେର, ପୀତାମ୍ବର ମେହେର, ରବି ମେହେର, ସୁଶାନ୍ତ ମେହେର, ଛବି ମେହେର, ଶଶିଭୂଷଣ ମେହେର, ପୌଲସ୍ତି ମେହେର, ଧର୍ମୁଧର ମେହେରଙ୍କ ସମେତ ରାମଲୀଳା ସାଂସ୍କୃତିକ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସଦସ୍ୟ ବିଜୟ ସାହୁ ଧନ୍ୟବାଦ ଦେଇଥିଲେ।

# ଅବ୍ୟବସ୍ଥା ଘେରରେ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା

- ଖାଲିପଡ଼ିଥିବା ପଦବୀ ପୂରଣ ଦାବି
- ୭୨ରୁ ଅଛନ୍ତି ମାତ୍ର ୧୭ ନର୍ସ

ପଦ୍ମପୁର,୧୪।୩(ପ୍ରଦୀପ୍ତ ଦାଶ)

ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଇ ସରକାର ବିଭିନ୍ନ ଯୋଜନା ରୂପାୟନ କରୁଛନ୍ତି। ଏଥିପାଇଁ ବିପୁଳ ଅର୍ଥ ମଧ ଖର୍ଚ୍ଚ କରୁଛନ୍ତି। ମାତ୍ର ବରଗଡ଼ ଜିଲାର ଉପାନ୍ତ ପଦ୍ମପୁର ଉପଖଣ୍ଡର ଉପଖଣ୍ଡୀୟ ଡାକ୍ତରଖାନାରେ ବିଭିନ୍ନ ବିଶେଷଜ୍ଞ ଡାକ୍ତର ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଏହାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ପଡ଼ୋଶୀ ଛତିଶଗଡ଼ ସମେତ ବଲାଙ୍ଗୀର ଜିଲାର ରୋଗୀ ନିର୍ଭର କରିଥାନ୍ତି। କିନ୍ତୁ ଆବଶ୍ୟକ ଡାକ୍ତର ସହ ନର୍ସ, ପାରାମେଡିକାଲ ଷ୍ଟାଫ୍‌ଙ୍କ ଅଭାବ ଚିକିତ୍ସା ବ୍ୟବସ୍ଥାକୁ ପକ୍ଷାଘାତ କରିଦେଇଛି। ସେହିପରି ଉପଖଣ୍ଡରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହୁରି ସଙ୍ଗିନ ଅବସ୍ଥା ଥିବାରୁ ରୋଗୀ ପଦ୍ମପୁର ଆସିଥାନ୍ତି। ମାତ୍ର ବିଶେଷଜ୍ଞ ଡାକ୍ତର ଅଭାବରୁ ସେମାନେ ବାଧହୋଇ ବେସରକାରୀ ନର୍ସିଂହୋମ୍ କିମ୍ବା ପ୍ରାଇଭେଟ୍‌ରେ ଦେଖୁଥିବା ଡାକ୍ତରଙ୍କ ପାଖକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ଡାକ୍ତରଖାନାରେ ସର୍ଜରି ଭଳି ବିଭାଗ ଦୀର୍ଘଦିନ ହେବ ଖାଲିପଡ଼ିଥିବା ବେଳେ ସ୍ତ୍ରୀ ରୋଗ ବିଶେଷଜ୍ଞରେ ଜଣେ ମାତ୍ର ଅଛନ୍ତି। ଭେଷଜ ବିଶେଷଜ୍ଞ ୩ଟି ପୋଷ୍ଟରୁ ଜଣେ ଅଛନ୍ତି। ନିଶ୍ଚେତକ ବିଶେଷଜ୍ଞ ପଦ ଖାଲିପଡ଼ିଛି। ସିନିୟର ମେଡିକାଲ ଅଫିସର ୨ ପଦବୀ ଖାଲି ଥିବାବେଳେ ଏଲ୍‌ଟିଆରଏମ୍‌ଓ ୧୦ ପଦବୀ ଖାଲି ଅଛି। ସେହିପରି ୭୨ ନର୍ସରୁ ମାତ୍ର ୧୭ ଜଣ ଥିବାରୁ କେମିତି ଇନ୍‌ଡୋର ଚିକିତ୍ସା ହେଉଛି ତାହା ଅନୁମେୟ। ରେଡିଓଗ୍ରାଫର, ଆଟେଣ୍ଡାଣ୍ଟ, ସୁଇପର ପଦବୀ ମଧ ଅଧାରୁ ଅଧିକ ଖାଲିପଡ଼ିଛି। ଫଳସ୍ୱରୂପ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବିଭିନ୍ନ ସମୟରେ ନାଗରିକମାନଙ୍କ ତରଫରୁ ଅଭିଯୋଗ କରାଯାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିପାରିଲା ନାହିଁ। ତେବେ ସରକାର ଶୀଘ୍ର ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ସହ ଖାଲିପଡ଼ିଥିବା ପଦବୀ ପୂରଣ ପାଇଁ ଦାବି ହେଉଛି।



ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା।

# ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ



ଲୋକ ଅଦାଲତରେ ଉପସ୍ଥିତ ଜିଲାଜଜ୍ ଓ ବରିଷ୍ଠ ଆଇନଜୀବୀ।

### ୧୦୫୯ ମାମଲା ଫଇସଲା, ୬୩.୯୫ଲକ୍ଷ ଜରିମାନା ଆଦାୟ

ସୋନପୁର,୧୪।୩(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ–୨୦୨୬ ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲାଜଜ ଧନୁର୍ଦ୍ଧର ସେନାପତିଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଭାରପ୍ରାପ୍ତ ସଚିବ ଜିଲା ଆଇନ ସେବା ପ୍ରାଧିକରଣ ତଥା ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପରମିତା ପ୍ରତିହାରୀ, ସିନିଅର ସିଭିଲ ଜଜ ଗଗନ ସାହୁ, ସିଭିଲ ଜଜ(ସିନିଅର ଡିଭିଜନ) ପରିବାର କୋର୍ଟ ବବିତା ପାତ୍ର, ସୋନପୁର ଏସ୍‌ଡିଜେଏମ୍ ପ୍ରଣତି ରଥ, ବରିଷ୍ଠ ଓକିଲ ବ୍ୟୋମକେଶ ଦାଶ, ଅଜିତ ନାରାୟଣ ହୋତା, ସୀତାରାମ ପ୍ରସାଦ ମିଶ୍ର, ବିନୋଦ ମେହେର, ନରେନ୍ଦ୍ର କ୍ଷେତି ଓ ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ୍ ରିକୋଭରି, ବିଦ୍ୟୁତ୍ ଜନିତ ମାମଲା ଓ ମୋଟର ଯାନ ଦୁର୍ଘଟଣା ଭଳି ୩୧୮୭ଟି ପ୍ରି ଲିଟିଗେସନ ମାମଲା ଚିହ୍ନଟ ହୋଇଥିବା ବେଳେ ୩୦୯ଟିର ଫଇସଲା କରାଯାଇ ମୋଟ ୨୭ଲକ୍ଷ ୭୮ହଜାର ୧୫୮ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିଭଳି ଜମିଜମା, ରାଜସ୍ୱ, ଖାଉଟି, ବୈବାହିକ, ଅପରାଧ, ରଫାଯୋଗ୍ୟ ଓ ଚେକ୍ ବାଉନ୍ସ ଭଳି ୯୮୫ଟି ମାମଲା ଚିହ୍ନଟ ହୋଇଥିଲା ବେଳେ ୭୫୦ଟି ମାମଲାର ଫଇସଲା କରାଯାଇ ୩୬ଲକ୍ଷ ୧୬ହଜାର ୮୬୫ଟଙ୍କା ଜରିମାନା ଆଦାୟ କରାଯାଇଛି। ଲୋକ ଅଦାଲତରେ ସର୍ବମୋଟ ୪୧୭୨ଟି ମାମଲା ଚିହ୍ନଟ ହୋଇଥିବା ବେଳେ ୧୦୫୯ ମାମଲାର ଫଇସଲା କରାଯାଇ ୬୩ଲକ୍ଷ ୯୫ହଜାର ୨୩ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜ୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଗୌରୀଶଙ୍କର ପାଣିଗ୍ରାହୀ, ଜ୍ୟୋସ୍ନାରାଣୀ ବେହେରା, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଘ, କାହ୍ନୁ ଚରଣ ରଥ, ଅନାମ ସାହୁ, ବେଣୁଧର ମଲ୍ଲିକ ଓ ରଞ୍ଜନ କୁମାର ଭୋଇ ସହଯୋଗ କରିଥିଲେ।

## ଲୋକ ଅଦାଲତ: ୮୯୪ ମାମଲା ଫଇସଲା



ଜିଲା ଦୌରାଜଜ୍ ମାମଲା ଫଇସଲା କରୁଛନ୍ତି।

ବୌଦ୍ଧ,୧୪।୩(ଅଜିତ୍ କୁମାର ବାରିକ)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ନ୍ୟାୟାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଲୋକ ଅଦାଲତରେ ୮୪୧ ବିଚାରାଧୀନ କେସ୍ ଓ ୫୩ ଗୋଟି ପ୍ରାକ୍ ମକଦ୍ଦମା ଫଇସଲା କରି ୬୯ ଲକ୍ଷ ୪୬ ହଜାର ୨୯୫ ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ଅତିରିକ୍ତ ଜିଲା ଦୌରାଜଜ୍ ଅଖିଳ କୁମାର ପଶ୍ଚିମକବାଟ, ମହିଳା ଅଦାଲତ ବିଚାରପତି ସୁନନ୍ଦା ସାହୁ, ରେଜିଷ୍ଟ୍ରାର ଜୟ ପ୍ରକାଶ ନାଏକ, ସବ୍‌ଜଜ୍ ଅନୁଶିଳା ରୋଏ, ଆଇନ ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ, ଏସ୍‌ଡିଜେଏମ୍ ନିରଞ୍ଜନ ଦାଶ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ସୁସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ହରଭଙ୍ଗାରେ ରାଷ୍ଟ୍ରୀୟ ଲୋକ ଅଦାଲତ


ହରଭଙ୍ଗା କୋର୍ଟ ପରିସରରେ ବିଚାରପତି ମାମଲାର ଫଇସଲା କରୁଛନ୍ତି।

ହରଭଙ୍ଗା(ନରେନ୍ଦ୍ର କୁମାର ସାହୁ)

ତାଲୁକ ଆଇନସେବା କମିଟି ହରଭଙ୍ଗା ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା କମିଟିର ଅଧ୍ୟକ୍ଷ ପ୍ରୀତିଶ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଏହି ଲୋକ ଅଦାଲତରେ ସର୍ବମୋଟ ୨୪ଟି ମାମଲାର ଫଇସଲା ହୋଇଥିବା ବେଳେ ବ୍ୟାଙ୍କଜନିତ ମାମଲା ଫଇସଲା କରାଯାଇ ୧୬ ଲକ୍ଷ ୩୫ ହଜାର ୯୨୦ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ସରକାରୀ ଓକିଲ ଅଜିତ୍ ପରିଡ଼ା, ସମସ୍ତ ଆଇନଜୀବୀ, ବ୍ୟାଙ୍କ କର୍ତ୍ତୃପକ୍ଷ ଓ କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**୨୪ପ୍ରହର ନାମଯଜ୍ଞ, ସାଧୁସନ୍ଥଙ୍କ ନଗର ପରିକ୍ରମା**

ସମ୍ବଲପୁର(ବି.ଶଙ୍କର): ସମ୍ବଲପୁର ଜିଲା ସିନ୍ଦୁରପଙ୍କ କେନଘାଟିସ୍ଥିତ ଶ୍ରୀରାମ ବାଟିକା ୨୪ପ୍ରହର ନାମଯଜ୍ଞ କମିଟି ଆୟୋଜିତ ଅଖଣ୍ଡ ୨୪ପ୍ରହର ନାମଯଜ୍ଞ ଶନିବାର ଶୁଭାରମ୍ଭ ହୋଇଛି। ଏଥିରେ ସାମିଲ ହେବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଶତାଧିକ ସାଧୁସନ୍ଥ ସମ୍ବଲପୁର ଆଗମନ କରିଛନ୍ତି। ସେମାନେ ସମଲେଶ୍ୱରୀ ମନ୍ଦିରରେ ମା'ଙ୍କ ଦର୍ଶନ କରିବା ସହ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଶ୍ରୀରାମ ବାଟିକା ୨୪ପ୍ରହର ନାମଯଜ୍ଞ କମିଟି ପକ୍ଷରୁ ଆୟୋଜିତ ଏହି ସାଧୁସନ୍ଥ ଶୋଭାଯାତ୍ରା ସହରବାସୀଙ୍କ ମଧ୍ୟରେ ଶାନ୍ତିର ବାର୍ତ୍ତା ଦେଇଥିଲା।

**ସଂକ୍ଷେପରେ**

## ୪୦କେଜି ଗଞ୍ଜେଇ ଜବତ, ୩ ଗିରଫ

ରେଢ଼ାଖୋଲ,୧୪।୩(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଅବକାରୀ ବିଭାଗ ଶନିବାର ବଡବାହାଲଠାରେ ଚଢ଼ାଉ କରି ୪୦କେଜି ଗଞ୍ଜେଇ ଜବତ କରିଛି। ଏଥିସହ ଗଞ୍ଜେଇ ଚାଲାଣ କରୁଥିବା ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମଧ୍ୟପ୍ରଦେଶ କୁରେହି ଥାନା ବାହାରପୁରର ପରେଶ ଅହିରାୱାର(୨୫), କୁରେହି ଥାନା କବିରବାଦର ବବଲୁ ଚୌଧୁରୀ (୪୨) ଓ ଝାରଖଣ୍ଡ ରାଜ୍ୟ ବନ୍ଧ୍ରା ଥାନା ଆକାଶ ଗ୍ରାମର ଅରମାନ ଆନସାରୀ(୧୯)। ସେମାନେ ଫୁଲବାଣୀରୁ ଗଞ୍ଜେଇ ଧରି ପୂର୍ବାହ୍ନରେ ରେଢ଼ାଖୋଲ ରେଳଷ୍ଟେଶନକୁ ଆସୁଥିଲେ। ଏହିସମୟରେ ବିଶେଷ ସୂତ୍ରରୁ ଖବରପାଇ ରେଢ଼ାଖୋଲ ଅବକାରୀ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳ ସଦଳବଳ ଚଢାଉ କରିଥିଲେ।

## ହୋମିଓପାଥି କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୧୪।୩(ପ୍ରମୋଦ ବହିଦାର)

ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଏବଂ ରିସର୍ଚ୍ଚ (ଓଏମ୍‌ଏଚ୍‌ଆର୍), ସମ୍ବଲପୁର ପକ୍ଷରୁ ସ୍ଥାନୀୟ ବେଦିକ କଲେଜ୍‌ରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ହୋମିଓପାଥି କଲେଜ ଛାତ୍ରସଂଘ ଓ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ କଲେଜର ୭୬ଜଣ ଛାତ୍ରୀଛାତ୍ରଙ୍କ ସହିତ ଶିକ୍ଷକ, କର୍ମଚାରୀ ଓ ଅଭିଭାବକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ହୋମିଓପାଥି କଲେଜ ଅଧକ୍ଷ ଡା. ଦିପ୍ତିକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ୱ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ସମସ୍ତ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ସହ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୀତା ମାର୍ଗଦର୍ଶନ କାର୍ଯ୍ୟକ୍ରମ

ନାକଟିଦେଉଳ,୧୪।୩(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ସ୍କୁଲ ଓ ଗଣଶିକ୍ଷା ବିଭାଗର ଦକ୍ଷତା ବିକାଶ ଅଭିଯାନକ୍ରମରେ ଗୀତା ମାର୍ଗଦର୍ଶନ ସମ୍ପର୍କରେ ସ୍ୱତନ୍ତ୍ର ଶିକ୍ଷଣ ତଥା ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ସଭାରେ ସମ୍ମାନିତ ବକ୍ତାଭାବେ ଇଞ୍ଜିନିୟର ବିଭୂତି ନାରାୟଣ ମାଝୀ ଯୋଗଦେଇ ଗୀତା ଦର୍ଶନର ଶ୍ରେୟ ଓ ପ୍ରେୟ ମାର୍ଗ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଶିକ୍ଷକ ନେତା ରାଜେନ୍ଦ୍ର ପଣ୍ଡା ଏବଂ ପାଣିମୁରା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରୋଦ କୁମାର ସାହୁ ଯୋଗଦେଇ ଭାରତର ଆଧାତ୍ମିକ ବିକାଶରେ ଗୀତା ଦର୍ଶନର ଭୂମିକା ତଥା ଭଗବତ ଗୀତାର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହେବା ସହ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। କିସିଣ୍ଡା ଉଚ୍ଚ ବିଦ୍ୟାଳୟ ଶିକ୍ଷୟତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଓପନ କ୍ୟାରମ ଚାମ୍ପିୟନ୍‌ଶିପ ଉଦ୍‌ଘାଟିତ

ସମ୍ବଲପୁର,୧୪।୩(ବି.ଶଙ୍କର)

ସମ୍ବଲପୁର ଜିଲା ଧନୁପାଲି ମହାବୀରପଡାସ୍ଥିତ ପଞ୍ଚମୁଖୀ ଯୁବକ ସଂଘ ପକ୍ଷରୁ ଅଭୟ ପଟ୍ଟନାୟକ ସ୍ମାରକୀ ଜିଲାସ୍ତରୀୟ ଓପନ କ୍ୟାରମ ଚାମ୍ପିୟନଶିପ-୨୦୨୬ ଶନିବାର ସମ୍ବଲପୁର ମହାନଗର ନିଗମ ଆଦିତ୍ୟ କଲ୍ୟାଣ ମଣ୍ଡପରେ ଉଦ୍‌ଘାଟିତ ହୋଇଛି। ରେଙ୍ଗାଲିର ପୂର୍ବତନ ବିଧାୟକ ନଉରୀ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ପଞ୍ଚମୁଖୀ ଯୁବକ ସଂଘ ପରାମର୍ଶଦାତା ଶିକ୍ଷାବିତ୍ ରାଜେନ୍ଦ୍ର ପାଣ୍ଡା, ବରିଷ୍ଠ ବିଜେଡି ନେତା ଦେବେନ ପତି ଓ ଶୋଭନ ପଟ୍ଟନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଫାଇନାଲ ମ୍ୟାଚ ୧୫ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହେବ ବୋଲି ଅନିଲ ମିଶ୍ର ସୂଚିତ କରିଛନ୍ତି। ପ୍ରଦୀପ ପାଢ଼ୀ, ଅର୍ପଣ ପ୍ରଧାନ, ବିକାଶ ମିଶ୍ର, ଶରତ ଚନ୍ଦ୍ର ପାଢ଼ୀ, ରାହୁଲ ଠାକୁର, ବଂଶୀଧର ବେହେରାଙ୍କ ସହ ପଞ୍ଚମୁଖୀ ଯୁବକ ସଂଘ ସଦସ୍ୟ ସହଯୋଗ କରିଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**କାର୍ ଧକ୍କାରେ ଜଣେ ମୃତ, ୭ ଗୁରୁତର ଘଟଣା**

କୁଚିଣ୍ଡା,୧୪।୩ (ବିରଞ୍ଚି ଦର୍କା)



ଆନ୍ଦୋଳନକାରୀଙ୍କ ସହ ଏସ୍‌ଡିପିଓ ଆଲୋଚନା କରୁଛନ୍ତି।

ସମ୍ବଲପୁର ଜିଲା ମହୁଲପାଲି ଥାନା ଟାଇଁସର କଦୋପଡ଼ାଠାରେ ଶୁକ୍ରବାର ରାତି ପ୍ରାୟ ସାଢେ ୧୦ଟାରେ ଯାତ୍ରା ଦେଖି ଘରକୁ ଫେରୁଥିବା ୮ଜଣଙ୍କୁ ଏକ କାର୍ ଧକ୍କା ଦେଇଥିଲା। ଏଥିରେ ସମସ୍ତେ ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ କାରକୁ ନେଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ କଦୋପଡାର କଞ୍ଚନୀ ପଟେଲ(୬୦)ଙ୍କ ମୃତ୍ୟୁ ଘଟିଥିଲା। ଆହତ ବାସନ୍ତୀ ପଟେଲ, ପାର୍ବତୀ ପଟେଲ, ବିଳାସିନୀ ପଟେଲ, ଶିବାନୀ ପଟେଲ, ବନ୍ଦିତା ପଟେଲ, କାବେରୀ ପଟେଲ ଓ ରଞ୍ଜିତା ଡନସେନାଙ୍କୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ରଞ୍ଜିତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାତିରେ ବୁର୍ଲାରୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଖବରପାଇ କୁଚିଣ୍ଡା ଉପଜିଲାପାଳ ସରୱନନ ସ, ଏସ୍‌ଡିପିଓ ପ୍ରଦୀପ କୁମାର ଦାସ କୁଚିଣ୍ଡା ଡ଼ାକ୍ତରଖାନା ଯାଇ ଆହତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

ସୂଚନା ଅନୁଯାୟୀ, କୁଚିଣ୍ଡା ବ୍ଲକ ଟାଇଁସରଠାରେ ଚାଲିଥିବା ଧନୁଯାତ୍ରା ଦେଖିବା ପାଇଁ ମୃତକଙ୍କ ସହ ଅନ୍ୟ ଗୁରୁତରମାନେ ଯାଇଥିଲେ। ଯାତ୍ରା ଦେଖି ଚାଲି କରି ଘରକୁ ଫେରୁଥିବା ବେଳେ କଦୋପଡାରୁ ଟାଇଁସର ପଟୁ କୁଚିଣ୍ଡା ଆଡ଼କୁ ଏକ କାର ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଏ ନେଇ ପୋଲିସ ମହୁଲପାଲି ଥାନାରେ ଶନିବାର ଏକ ମାମଲା (ନଂ.୩୧/୨୬) ରୁଜୁ କରି ଦୁର୍ଘଟଣା ଘଟାଇଥିବା କାର (ନଂ ଓଡି-୧୫ଏକ୍ସ ୪୯୭୮)କୁ ଜବତ କରିଛି। ଡ୍ରାଇଭର କୁଚିଣ୍ଡା ଏନଏସି ସଇଡାର ଟିକନ ମହାନନ୍ଦଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। କୁଚିଣ୍ଡା ଡାକ୍ତରଖାନାରେ ଶନିବାର ବ୍ୟବଚ୍ଛେଦ ପରେ କଞ୍ଚନୀଙ୍କ ମୃତଦେହ କଦୋପଡାରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ କୁଚିଣ୍ଡା-ବଣାଇ ରାଜ୍ୟ ରାଜପଥକୁ ଅପରାହ୍ନ ୧ଟାରୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳକୁ କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ, ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ସମେତ ସମସ୍ତ ଆହତଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏ ଏବଂ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ ପ୍ରତିଶ୍ରୁତି ପରେ ୪ଘଣ୍ଟା ଧରି ଚାଲିଥିବା ରାସ୍ତାରୋକୋ ହଟିଥିଲା।

## ଜନସେବା କେନ୍ଦ୍ର ମାଲିକ ଗିରଫ

**ଲୋକ ଅଦାଲତରେ ମାମଲା ସମାଧାନ ପାଇଁ ଠକେଇ**

ସମ୍ବଲପୁର,୧୪।୩(ପ୍ରମୋଦ ବହିଦାର)



ଗିରଫ ଅଭିଯୁକ୍ତ।

ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲା ସମାଧାନ କରିଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଶତାଧିକ ବ୍ୟକ୍ତିଙ୍କଠାରୁ ଟଙ୍କା ଆଦାୟ କରିଥିବା ଜଣେ ଯୁବକଙ୍କୁ ଗିରଫ କରିଛି ସମ୍ବଲପୁର ଟାଉନ ଥାନା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ଟାଉନ ଥାନା ଅନ୍ତର୍ଗତ ମୁଦିପଡ଼ା ଆମ୍ବେଦକର ନଗରର ଆୟୁବ ଖାନ(୩୨)। ତାଙ୍କ ନିକଟରୁ ପୋଲିସ ଏକ ଲାପ୍‌ଟପ୍, ପ୍ରିଣ୍ଟର, ମୋବାଇଲ ଫୋନ୍‌ସହିତ ୮୮ଟି ଆଧାର କାର୍ଡ ଓ ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ)ର ଆବେଦନ ଫର୍ମ ଜବତ କରିଛି। ଏ ସମ୍ପର୍କରେ ଶନିବାର ଅପରାହ୍ନରେ ଏସ୍‌ଡିପିଓ ତୋଫାନ ବାଗ ତାଙ୍କ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ପୀରବାବା ଛକରେ ଆୟସା କମ୍ୟୁନିକେଶନ ନାମରେ ଥିବା ଏକ ଜନସେବା କେନ୍ଦ୍ର ଖୋଲି ଆୟୁବ ସମ୍ବଲପୁରରେ ଶନିବାର ହେବାକୁ ଥିବା ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ମାମଲାର ସମାଧାନ କରିଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କଠାରୁ ଶହେ ଟଙ୍କା ଲେଖାଏ ଆଦାୟ କରିଥିଲେ। ଏ ସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହା ଦେଖି ସମ୍ବଲପୁର ଡିଏଲ୍‌ଏସ୍‌ଏର ଜଣେ ପାରା ଲିଗାଲ ଭଲ୍ୟୁଣ୍ଟିୟର(ପିଏଲ୍‌ଭି) ସରୋଜ ବାଗ ଟାଉନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ଟାଉନ ଥାନାରେ ଏକ ମାମଲା(ନଂ.୯୦/୨୬) ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଆୟୁବ ଖାନ୍‌ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ଶିବିର ଏକତା, ପାରସ୍ପରିକ ବୁଝାମଣା ବୃଦ୍ଧି କରେ

**ଏସ୍‌ୟୁରେ ଜାତୀୟ ସଂହତି ଶିବିର**



ଜାତୀୟ ସଂହତି ଶିବିର ଉଦ୍‌ଯାପନୀ ଉତ୍ସବରେ ଅତିଥି, ବକ୍ତା ଓ ପୁରସ୍କୃତ ପ୍ରତିଭା।

ସମ୍ବଲପୁର,୧୪।୩(ବି.ଶଙ୍କର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍‌ୟୁ)ସ୍ଥିତ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସପ୍ତଦିବସାତ୍ମକ ଜାତୀୟ ସଂହତି ଶିବିର ଶନିବାର ଜ୍ୟୋତିବିହାର ପରିସରସ୍ଥ ବିଜୁପଟ୍ଟନାୟକ ପ୍ରେକ୍ଷାଳୟରେ ଉଦ୍‌ଯାପିତ ହୋଇଛି। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସଂଯୁକ୍ତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ୟୁ ପ୍ରଫେସର ଅମିୟ କୁମାର ପଟେଲ, ଓଡିଶା ରାଜ୍ୟ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ଡ.ସରିତା ପଟେଲ, ରାଜ୍ୟ ଏନ୍‌ଏସ୍‌ଏସ୍ ଯୁବ ଅଧିକାରୀ ଅଜିତ କୁମାର ଖୁସୱା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଅତିଥିମାନେ ମାଇ ଭାରତ ପୋର୍ଟାଲ, ନେତୃତ୍ୱ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଡ. ବୀରେନ୍ଦ୍ର ବେହେରା ସଂଯୋଜନା କରିଥିଲେ। ଶିବିରରେ ବିହାର, ହରିୟାଣା, ତେଲଙ୍ଗାନା, ଉତ୍ତରପ୍ରଦେଶ, ଆସାମ, ଝାରଖଣ୍ଡ, ଗୁଜୁରାଟ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, କର୍ନାଟକ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମେତ ଓଡିଶାର ୨୨୦ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀ ଯୋଗ ଦେଇଥିଲେ। ଯୁବମାନଙ୍କ ମଧ୍ୟରେ ଏକତା ଓ ପାରସ୍ପରିକ ବୁଝାମଣା ବୃଦ୍ଧି କରିବା, ରାଷ୍ଟ୍ର ନିର୍ମାଣରେ ଯୁବମାନଙ୍କ ଭୂମିକା, ବିବିଧତା ମଧ୍ୟରେ ଏକତା, ନିଃସ୍ୱାର୍ଥପର ସମାଜ ସେବା ଉପରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଡ. ଯୋଗମାୟା ପଣ୍ଡା, ଡ. ପ୍ରତାପ ଚନ୍ଦ୍ର ପଣ୍ଡା, ଡ. ରଘୁନାଥ ମଣ୍ଡଳ ସମ୍ମାନୀତ ଅତିଥି ଅତିଥି ଥିଲେ। କୋର କମିଟି ସଦସ୍ୟ ଶାନ୍ତନୁ ପଧାନ, ରାଜୀବ ସାହୁ, ଦିବ୍ୟକାନ୍ତି ବିଲୁଙ୍ଗ, ସୁଶାନ୍ତ କୁମାର ପଟେଲ, ଡ.ଅଜିତ କୁମାର ନାଥ, ପ୍ରତୀକ୍ଷା ସେଠ, ଡ.ସିଦ୍ଧାନ୍ତ ମହାନ୍ତି, ଡ. ପୁଷ୍ପାଞ୍ଜଳି ରାବଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମ୍ବଲପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ସମ୍ବଲପୁର,୧୪।୩(ପ୍ରମୋଦ ବହିଦାର)

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ସମ୍ବଲପୁର ସଦର ମହକୁମା ସମେତ କୁଚିଣ୍ଡା ଓ ରେଢ଼ାଖୋଲ ତାଲୁକସ୍ତରୀୟ କୋର୍ଟଗୁଡ଼ିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ସମ୍ବଲପୁର ସିଭିଲ୍ କୋର୍ଟ ପରିସରରେ ଜିଲାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ପ୍ରଜ୍ଞା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଦାଲତରେ ୬୦୧୮ଟି ମାମଲାର ଫଇସଲା କରାଯାଇଛି। ସେଥିମଧ୍ୟରେ ମୋଟର ଯାନ ଦୁର୍ଘଟଣାଜନିତ ୧୫ଟି ମାମଲାର ସମାଧାନ କରାଯାଇ ୧ କୋଟି ୬୧ ଲକ୍ଷ ୪୦ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ ଆଦେଶ ଦିଆଯାଇଛି। ୧୨୩ଟି ଏନଆଇ ଆକ୍ଟ ମାମଲାର ସମାଧାନ ସ୍ୱରୂପ ୩ କୋଟି ୭୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ ହୋଇଛି। ଏଥିସହ ୫୮୪ଟି ଫୌଜଦାରୀ, ୨୪ଟି ଦେୱାନୀ ଏବଂ ୮ଟି ପାରିବାରିକ ମାମଲାର ସମାଧାନ କରାଯାଇଛି। ରାଜସ୍ୱ ବିଭାଗରେ ସର୍ବାଧିକ ୫୨୬୪ଟି ମାମଲାର ଫଇସଲା ହୋଇଛି। ଆରଟିଓଙ୍କ ସୂଚନା ଅନୁସାରେ ୧୦୭ଟି ଇ-ଚାଲାଣ ମାମଲାରୁ ୨ ଲକ୍ଷ ୧୯ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଏହି କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୌମ୍ୟା ପ୍ରଧାନ ଓ ସିଭିଲ କୋର୍ଟ ରେଜିଷ୍ଟ୍ରାର ନିହାର ରଞ୍ଜନ ଲେଙ୍କା ପରିଚାଳନା କରିଥିଲେ। ଅନ୍ୟପକ୍ଷେ, ଲୋକ ଅଦାଲତ ପରିସରରେ ବିଦ୍ୟୁତ୍ ବିଭାଗ ଓ ଟାଟା ପାୱାର ବିରୋଧରେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଫଳରେ ଲୋକ ଅଦାଲତକୁ ଆସିଥିବା କମ୍ପାନୀ ଅଧିକାରୀମାନେ ଅଧାରୁ ଉଠି ଚାଲିଯାଇଥିଲେ। ଫଳରେ ବିଦ୍ୟୁତ୍ ବିଲ୍ ସଂକ୍ରାନ୍ତୀୟ ନୋଟିସ୍ ପାଇ ସମାଧାନ ଆଶାରେ ଆସିଥିବା ଅନେକ ଗ୍ରାହକ ହଇରାଣ ହେଉଥିବା ଅଭିଯୋଗ କରିଥିଲେ।

## ୨୧ରୁ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ

ସମ୍ବଲପୁର,୧୪।୩(ବି.ଶଙ୍କର)

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପ୍ରଯୋଜିତ ଏବଂ ଶ୍ରୀକଳରାଲ ଆସୋସିଏଶନ୍ ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ସକାଶେ ପ୍ରସ୍ତୁତି ଚାଲିଛି। ଆଗାମୀ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ନାଟ୍ୟ ଉତ୍ସବ ହେବ। ଏହି ଉତ୍ସବରେ ପ୍ରତ୍ୟେକ ସନ୍ଧ୍ୟା ୭ଟାରେ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଛି। ସଂକ୍ଷିପ୍ତ ସଭା ପରେ ଲବ୍ଧ ପ୍ରତିଷ୍ଠିତ ନାଟ୍ୟ ସଂସ୍ଥାଗୁଡ଼ିକ ଦ୍ୱାରା ଗୋଟିଏ ପୂର୍ଣ୍ଣାଙ୍ଗ ନାଟକ ପ୍ରଦର୍ଶିତ ହେବ। ଶନିବାର ସମ୍ବଲପୁରସ୍ଥିତ ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ସମ୍ପାଦକ ସତ୍ୟରଞ୍ଜନ ବେହେରା ଏହା କହିଛନ୍ତି।

## ସମ୍ବଲପୁର ମୁଖ୍ୟ ରାସ୍ତାରେ ନର୍ଦ୍ଦମା ପାଣି



ଚାରଭାଟି ପେଟ୍ରୋଲ ପମ୍ପ ସାମନା ରାସ୍ତାରେ ଡ୍ରେନ ପାଣି।

ସମ୍ବଲପୁର,୧୪।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୪ ନମ୍ବର ୱାର୍ଡ ଦେଇ ଯାଇଥିବା ଜେଲଛକ-ଧନୁପାଲି ରାସ୍ତାର ଚାରଭାଟି ପେଟ୍ରୋଲ ପମ୍ପ ନିକଟ ମୁଖ୍ୟରାସ୍ତାରେ ନର୍ଦ୍ଦମା ପାଣି ଭାସୁଛି। ସହରର ଏହା ଏକ ପ୍ରମୁଖ ରାସ୍ତା ହୋଇଥିବା ଯୋଗୁ ଶନିବାର ଦିନସାରା ଲୋକେ ନର୍ଦ୍ଦମା ପାଣି ଦେଇ ଯାତାୟାତ କରିବାକୁ ବାଧ୍ୟ ହୋଇଛନ୍ତି। ତେବେ କିଛି ଦିନ ହେବ ଡ୍ରେନଜାମ ହୋଇଯିବା ଯୋଗୁ ପାଣି ରାସ୍ତା ଉପରକୁ ଉଠି ଆସୁଛି। ତେବେ ଶୁକ୍ରବାରଠାରୁ ପରିସ୍ଥିତି ଗୁରୁତର ହୋଇଥିଲା। ନିଗମ ପକ୍ଷରୁ ଜେସିବି ସାହାଯ୍ୟରେ ଡ୍ରେନ ସଫା କରିବାକୁ ଉଦ୍ୟମ କରାଯାଇଥିଲା। ତେବେ ପେଟ୍ରୋଲ ପମ୍ପ ସମ୍ମୁଖ ଡ୍ରେନ ଖୋଲାଯିବା ସମ୍ଭବ ନ ହେବାରୁ ରାସ୍ତାରେ ପାଣି ବୋହିଥିଲା। ରାସ୍ତା ସମ୍ପ୍ରସାରଣ ସମୟରେ ଜେଲଛକରୁ ଚାରଭାଟି ଯାଏ ଡ୍ରେନ ନିର୍ମାଣ କରାଯାଇଥିବା ବେଳେ ଚାରଭାଟୀ ପେଟ୍ରୋଲ ପମ୍ପ ନିକଟରେ ଜମି ଅଧିଗ୍ରହଣ ସମସ୍ୟାକୁ ନେଇ ନିର୍ମାଣ ହୋଇପାରି ନ ଥିଲା। ଫଳରେ ଏବେ ଡ୍ରେନ ସମସ୍ୟା ଦେଖିବାକୁ ମିଳୁଛି। ମହାନଗର ନିଗମର ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି, ଏହି ରାସ୍ତା ପୂର୍ତ୍ତ ବିଭାଗର ଅଧିନରେ ରହିଛି। ତେବେ ଜମି ଅଧିଗ୍ରହଣ ହୋଇପାରୁ ନ ଥିବାରୁ ଡ୍ରେନ ନିର୍ମାଣ ହୋଇପାରନାହିଁ। ତେବେ ଲୋକଙ୍କ ସମସ୍ୟା ଦେଖି ମହାନଗର ନିଗମ ଡ୍ରେନ ସଫା କରିବାକୁ ଚେଷ୍ଟା କରୁଥିବା ସାହୁ କହିଛନ୍ତି।

## ରେଢ଼ାଖୋଲର ବିଭିନ୍ନ ଜଙ୍ଗଲରେ ନିଆଁ

**ଆୟତ୍ତ ପାଇଁ ବନ ବିଭାଗ ତତ୍ପର ଅଛି: ଡିଏଫ୍‌ଓ**

ରେଢ଼ାଖୋଲ,୧୪।୩(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢ଼ାଖୋଲ ବନଖଣ୍ଡ ଅଧୀନ ରେଢାଖୋଲ କଙ୍କଡାଖୋଲ, ଲହାପଙ୍କ, ଚାରମାଳ ଆଦି ଜଙ୍ଗଲରେ ଗତ ଦୁଇ ଦିନ ହେବ ନିଆଁ ଲାଗିଛି। କେନ୍ଦୁପତ୍ର ଓ ମହୁଲ ସଂଗ୍ରହ ପାଇଁ ନିଆଁ ଲଗାଇ ଦିଆଯାଉଥିବାରୁ ତାହା ବ୍ୟାପି ଚାରିଆଡେ ମାଡି ଯାଉଛି। ଏଥିଯୋଗୁ ରେଢ଼ାଖୋଲ ସହରରେ ଧୂଆଁମୟ ପରିବେଶ ସୃଷ୍ଟି ହୋଇଛି। ଫଳରେ ସମ୍ପୃକ୍ତ ଜଙ୍ଗଲରେ ଥିବା ପଶୁପକ୍ଷୀ ଏବଂ ମୂଲ୍ୟବାନ ବୃକ୍ଷଲତା କ୍ଷତିଗ୍ରସ୍ତ ହୋଇଥିବା ପରିବେଶବିତ୍‌ମାନେ ଆଶଙ୍କାବ୍ୟକ୍ତ କରିଛନ୍ତି। ଡିଏଫଓ ଡ଼.ଏଲାଭରେ ସନ କେ କହିଛନ୍ତି, ମୁଖ୍ୟତଃ କେନ୍ଦୁପତ୍ର ସଂଗ୍ରହ ପାଇଁ ଜଙ୍ଗଲରେ ନିଆଁ ଲଗାଯାଉଛି। ଡ୍ରୋନ ସାହାଯ୍ୟରେ ନିଆଁ ଲାଗିଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇ ଲିଭାଯାଉଛି। ଶନିବାର ସୁଦ୍ଧା ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ଜାରି ରହିଛି ବୋଲି ସେ କହିଛନ୍ତି।

## ମୃତ୍ୟୁ ପରେ ଚକ୍ଷୁଦାନ କଲେ ପରିବାର ଲୋକେ





ପରିବାର ଲୋକଙ୍କୁ ଚକ୍ଷୁଦାନ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ସମ୍ବଲପୁର,୧୪।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବଡବଜାର କେଉଁଟ ପଡ଼ାର ସ୍ୱର୍ଗତ ୱାନଜି ନାଏକଙ୍କ ସ୍ତ୍ରୀ କାନ୍ତି ନାଏକଙ୍କ ଶନିବାର ୭୦ବର୍ଷ ବୟସରେ ପରଲୋକ ହୋଇଯାଇଥିଲା। ସମାଜର ବ୍ୟକ୍ତିମାନଙ୍କ ମଧ୍ୟରେ ଆଲୋଚନା ପରେ ତାଙ୍କ ପରିବାର ଲୋକେ ଚକ୍ଷୁଦାନ ପାଇଁ ସହମତି ପ୍ରକାଶ କରିଥିଲେ। ଚକ୍ଷୁ ସଂଗ୍ରହ ନିମନ୍ତେ ଜ୍ୟୋତି ଅନୁଷ୍ଠାନ ସହ ଯୋଗାଯୋଗ କରାଯାଇଥିଲା। ବୁର୍ଲା ଚକ୍ଷୁ ବ୍ୟାଙ୍କର ଡାକ୍ତର ଅଜୟ ସିଂହ, ଡାକ୍ତର ଅପର୍ଣ୍ଣା ପାଢ଼ୀ, ଚକ୍ଷୁ ସଂଗ୍ରହ ସହାୟକ ସୁରେଶ ଚନ୍ଦ୍ର ତ୍ରିପାଠୀ କାନ୍ତିଙ୍କ କେଉଁଟପଡା ବାସଭବନକୁ ଯାଇ ଚକ୍ଷୁ ସଂଗ୍ରହ କରିଥିଲେ। ତାଙ୍କପୁଅ ସରୋଜ କୁମାର ନାଏକ, ଝିଅ ଲିଲି ନାଏକ, ଜ୍ୟୋତି ଅନୁଷ୍ଠାନ ସଭାପତି ଡ଼ ପରେଶ ଚନ୍ଦ୍ର ଦାନୀ, ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, ସରୋଜ କୁମାର ସାହୁ ଚକ୍ଷୁ ସଂଗ୍ରହରେ ସହଯୋଗ କରିଥିଲେ। ପରଲୋକ ପରେ ଶରୀରର ଅଂଶକୁ କ୍ଷତାକ୍ତ କରିବା ବାରଣ ରହିଥିବା ବିଶ୍ୱାସ ଥିବାରୁ ସମ୍ବଲପୁର କୈବର୍ତ୍ତ ସମାଜର ବରିଷ୍ଠ ଲୋକେ ଚକ୍ଷୁଦାନ ଭଳି କାର୍ଯ୍ୟକୁ ଗ୍ରହଣ କରିଥିବାରୁ ଜ୍ୟୋତି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଚକ୍ଷୁଦାନ ପରେ ପରିବାର ଲୋକଙ୍କୁ ଚକ୍ଷୁଦାନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଦେଶ ବିଦେଶ ଭ୍ରମଣର ସୁଯୋଗ ପାଇବେ ଲୋକେ

**ଗ୍ରୀଷ୍ମାବକାଶ ପାଇଁ ଆଇଆର୍‌ସିଟିସିର ପର୍ଯ୍ୟଟନ ପ୍ୟାକେଜ୍**

ସମ୍ବଲପୁର,୧୪।୩(ପ୍ରମୋଦ ବହିଦାର)





ଆଇଆର୍‌ସିଟିସିର ଖବତଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଗ୍ରୀଷ୍ମାବକାଶକୁ ଅଧିକ ମନୋରଞ୍ଜନଧର୍ମୀ କରିବା ପାଇଁ ଭାରତୀୟ ରେଳଖାଦ୍ୟ ଏବଂ ପର୍ଯ୍ୟଟନ ନିଗମ(ଆଇଆର୍‌ସିଟିସି) ପକ୍ଷରୁ ଆକର୍ଷଣୀୟ ପର୍ଯ୍ୟଟନ ପ୍ୟାକେଜ୍ ଘୋଷଣା କରାଯାଇଛି। ସମ୍ବଲପୁର କ୍ଷେତରାଜପୁରଠାରେ ଏକ ହୋଟେଲରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆରସିଟିସିର କାର୍ଯ୍ୟନିର୍ବାହୀ ସଂଘମିତ୍ରା ରାଉଳ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପିଲାମାନଙ୍କ ପରୀକ୍ଷା ଶେଷ ହେବା ପରେ ଅପ୍ରେଲ୍, ମେ ଓ ଜୁନ୍ ମାସ ପାଇଁ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ଭ୍ରମଣ ପାଇଁ ଆଇଆର୍‌ସିଟିସି ପକ୍ଷରୁ ବିଭିନ୍ନ ପ୍ୟାକେଜ୍ ପ୍ରସ୍ତୁତ କରାଯାଇଛି। ଅପ୍ରେଲ୍ ମାସରେ ଅନ୍ତର୍ଜାତୀୟ ଭ୍ରମଣ ପାଇଁ ନେପାଳ ଓ ଭିଏତନାମ ପ୍ୟାକେଜ୍ ରହିଛି। ସେଥିମଧ୍ୟରେ ୬ ରାତି ଓ ୭ ଦିନର ନେପାଳ ପ୍ୟାକେଜ୍, ୮ ରାତି ଓ ୯ ଦିନର ଭିଏତନାମ ପ୍ୟାକେଜ୍ ରହିଛି। ସେହିପରି ଘରୋଇ ଭ୍ରମଣ ପ୍ୟାକେଜ୍ ମଧ୍ୟରେ ଶିଲଂ, ମେଘାଳୟ, ଚେରାପୁଞ୍ଜି ଓ କାଜିରଙ୍ଗା ଭଳି ହିଲ୍ ଷ୍ଟେଶନ ବା ଶୈଳ ନିବାସଗୁଡ଼ିକୁ ସାମିଲ କରାଯାଇଛି। ମେ ମାସରେ କଟ୍ରା, ଧର୍ମଶାଳା, ଅମୃତସର ସହିତ ମହାରାଷ୍ଟ୍ରର ମହାବଳେଶ୍ୱର, ଲୋନାବାଲା ଓ ପୁଣେ ଭ୍ରମଣ ସୁଯୋଗ ରହିଛି। କଶ୍ମୀର ଏବଂ ଅରୁଣାଚଳ ପ୍ରଦେଶ ପାଇଁ ମଧ୍ୟ ପ୍ୟାକେଜ୍ ରହିଛି। ଜୁନ୍‌ରେ ଚାରିଧାମ ଯାତ୍ରା ସହିତ ଶିମଳା, ମନାଲି, ଚଣ୍ଡିଗଡ଼ ଏବଂ ମହାରାଷ୍ଟ୍ରର ତ୍ରିମ୍ବକେଶ୍ୱର, ଭୀମାଶଙ୍କର ଓ ଗୃଷ୍ଣେଶ୍ୱର ଜ୍ୟୋତିର୍ଲିଙ୍ଗ ଦର୍ଶନ ପ୍ୟାକେଜ୍‌ର ବ୍ୟବସ୍ଥା ରହିଛି। ସେ କହିଛନ୍ତି, ଏହି ସମସ୍ତ ପ୍ୟାକେଜରେ ଭୁବନେଶ୍ୱରରୁ ଯିବା ଆସିବା ପାଇଁ ବିମାନ ଟିକେଟ୍, ରହିବା ପାଇଁ ହୋଟେଲ୍, ଜଳଖିଆ, ମଧ୍ୟାହ୍ନ ଓ ରାତ୍ରି ଭୋଜନ ଖାଇବା ସହିତ ଏସି ଗାଡ଼ିର ସୁବିଧା ରହିଛି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆଇଆରସିଟିସିର ଜଣେ ଟୁର୍ ମ୍ୟାନେଜର ସାଥିରେ ରହିବେ। ଆନ୍ତର୍ଜାତୀୟ ଯାତ୍ରା କ୍ଷେତ୍ରରେ ଏଣ୍ଟ୍ରିଫିସ୍ ଏବଂ ସମସ୍ତ ଟିକସ ଏହି ପ୍ୟାକେଜରେ ଅନ୍ତର୍ଭୁକ୍ତ କରାଯାଇଛି। ସରକାରୀ କର୍ମଚାରୀମାନେ ଏହି ଯାତ୍ରା ପାଇଁ ଏଲଟିସି ସୁବିଧା ପାଇପାରିବେ। କୌଣସି କାରଣବଶତଃ ବିଦେଶ ଯାତ୍ରା ବାତିଲ ହେଲେ ଗ୍ରାହକଙ୍କୁ ସମ୍ପୂର୍ଣ୍ଣ ରାଶି ଫେରସ୍ତ ଦିଆଯିବା ବ୍ୟବସ୍ଥା ରହିଛି। ବର୍ତ୍ତମାନ ସମସ୍ତ ପର୍ଯ୍ୟଟନ ପ୍ୟାକେଜ୍ ପାଇଁ ବୁକିଂ ପ୍ରକ୍ରିୟା ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଆଇଆର୍‌ସିଟିସି ପରାମର୍ଶଦାତା ଗିରିଜା ପ୍ରସାଦ ଦାସ ଉପସ୍ଥିତ ଥିଲେ।

# ଗରିଆପାଲି ଟ୍ରିପଲ ମର୍ଡର ଘଟଣା: ଅଭିଯୁକ୍ତ ଗିରଫ

## ପାଣିଟାଙ୍କି ଉପରେ ଲୁଚିବା ସହ ବିଷ ପିଇଥିଲେ


ରମେଶ ଗରିଆ


ପାଣି ଟାଙ୍କିରେ ଚଢ଼ିଥିବା ଅଭିଯୁକ୍ତ ରମେଶ ଗରିଆ।

ଦେବଗଡ଼,୧୪।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଧୀନ ଗରିଆପାଲି ଗ୍ରାମରେ ସ୍ତ୍ରୀ, ବୋହୂ ଏବଂ ନାତୁଣୀଙ୍କୁ ହତ୍ୟା କରି ଫେରାର ଥିବା ଅଭିଯୁକ୍ତ ରମେଶ ଗରିଆ(୫୫)ଙ୍କୁ ପୋଲିସ ଶନିବାର ଏକ ପାଣିଟାଙ୍କି ଉପରୁ ଗିରଫ କରିଛି। ପୋଲିସ ତାଙ୍କୁ ଧରିବା ପୂର୍ବରୁ ଅଭିଯୁକ୍ତ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗରିଆପାଲି ଗ୍ରାମର ଓଭରହେଡ୍ ପାଣିଟାଙ୍କିରେ ଅଭିଯୁକ୍ତ ଲୁଚିଥିବା ଗାଁର କେତେଜଣ ଲୋକ ଶନିବାର ସକାଳେ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ରମେଶ ପାଣିଟାଙ୍କି ଉପରେ ଛିଡ଼ା ହୋଇଥିବାବେଳେ ଉପରକୁ କେହି ଆସିଲେ ଡେଇଁ ପଡ଼ିବାର ଭୟ ଦେଖାଇଥିଲେ। ପରେ ପୋଲିସ ଅଗ୍ନିଶମ ବାହିନୀର ସହାୟତା ନେଇଥିଲା। କିଛି ସମୟ ପାଇଁ ରମେଶ ପାଣିଟାଙ୍କି ଉପରେ ଶୋଇ ପଡ଼ିବାରୁ କୌଶଳକ୍ରମେ ତାଙ୍କୁ କାବୁ କରାଯାଇଥିଲା। ଚିକିତ୍ସା ପାଇଁ କୁଣ୍ଢେଇଗୋଳା ଡାକ୍ତରଖାନାକୁ ନିଆଯାଇଥିବାବେଳେ ବିଷ ପିଇ ରମେଶ ଆତ୍ମହତ୍ୟା ଉଦ୍ୟମ କରିଥିବା ଡାକ୍ତର ଜାଣିପାରିଥିଲେ। ପଟାସ ପାଣି ପିଆଇ ବିଷ ବାହାର କରିବାକୁ ଚେଷ୍ଟା କରାଯାଇଥିବାବେଳେ ଚିକିତ୍ସାରେ ଅଭିଯୁକ୍ତ ସହଯୋଗ କରି ନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଦେବଗଡ଼ ଏବଂ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଗତ ବୁଧବାର ବିଳମ୍ବିତ ରାତିରେ ଗରିଆପାଲି ଗ୍ରାମର ଘର ଭିତରେ ରମେଶ ଓ ତାଙ୍କ ସ୍ତ୍ରୀ ଗୁଲଙ୍କ ମଧ୍ୟରେ କୌଣସି କଥାକୁ କେନ୍ଦ୍ରକରି ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରମେଶ ଘରେ ଥିବା ଏକ ବଡ଼ହାତୁଡ଼ିରେ ଗୁଲଙ୍କୁ ଆକ୍ରମଣ କରିଥିଲେ। ଗୁଲ ଆହତ ହେବା ପରେ ଜୀବନ ବଞ୍ଚାଇବାକୁ ବୋହୂ ଲିପି, ୫ବର୍ଷର ନାତୁଣୀ ଇଶାନୀ ଏବଂ ଝିଆରୀ ପାୟଲ ଗରିଆ ଶୋଇଥିବା କୋଠରିକୁ ପଶିଯାଇଥିଲେ। ହେଲେ ରମେଶ ସେଠାକୁ ଯାଇ ସ୍ତ୍ରୀ ଗୁଲଙ୍କୁ ହାତୁଡ଼ିରେ ପୁଣି ଆକ୍ରମଣ କରିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଲିପି ନିଦରୁ ଉଠି କିଛି ବୁଝିବା ପୂର୍ବରୁ ତାଙ୍କୁ ଏବଂ ନାତୁଣୀଙ୍କୁ ହତ୍ୟା କରିଥିଲେ। ପାୟଲ ଜୀବନ ବଞ୍ଚାଇ ଖୋଲା ଝରକା ଦେଇ ବାହାରକୁ ଚାଲି ଯାଇ ବାପା ହେମନ୍ତଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ହେମନ୍ତ ଘଟଣାସ୍ଥଳରେ ପହଞ୍ଚିବାପରେ ରମେଶ ସ୍ତ୍ରୀ, ବୋହୂ ଏବଂ ନାତୁଣୀଙ୍କୁ ମାରି ଦେଇଥିବା କହି ଫେରାର ହୋଇଯାଇଥିଲେ। ଖବରପାଇ କୁଣ୍ଢେଇଗୋଳା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ହାତୁଡ଼ି ଓ ଏକ ଟାଙ୍ଗିଆ ଜବତ କରିଥିଲା। ଏଥିସହ ମୃତଦେହଗୁଡ଼ିକ ବ୍ୟବଚ୍ଛେଦ କରାଯାଇ ସତ୍କାର କରାଯାଇଛି। ଏନେଇ ରମେଶଙ୍କ ପୁଅ ଧୀରେନ୍‌ଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା(ନଂ.୮୮/୨୬) ରୁଜୁ କରିଥିଲା।

ଅପରପକ୍ଷେ ହତ୍ୟାକାଣ୍ଡ ପରେ ରମେଶ ଫେରାର ହୋଇଯାଇ ନିକଟସ୍ଥ ଜଙ୍ଗଲ ଭିତରେ ବୁଲାବୁଲି କରୁଥିଲେ। କିନ୍ତୁ ପୋଲିସ ଚାରିଆଡ଼େ ଖୋଜାଖୋଜି କରୁଥିବାରୁ ସେ ଉପାୟ ନ ପାଇ ଶନିବାର ବାହାରକୁ ଆସି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଠିକ୍ ସମୟରେ ତାଙ୍କୁ କାବୁ କରାଯାଇଥିବାବେଳେ ପୋଲିସ ହେପାଜତରେ ଚିକିତ୍ସା ଚାଲିଛି। ସେ ସୁସ୍ଥ ହେଲା ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦେବଗଡ଼ ଏସ୍‌ପି ଅନିଲ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ହତ୍ୟାକାରୀ ମା'ଙ୍କ ଝୁଲନ୍ତା ମୃତଦେହ ଜବତ

## ୨ ଝିଅଙ୍କୁ କୂଅରେ ଫିଙ୍ଗି ହତ୍ୟା ପରେ ଥିଲେ ଫେରାର

କୁଚିଣ୍ଡା,୧୪।୩(ବିରଞ୍ଚି ଦର୍ଦ୍ଦା)

ସମ୍ବଲପୁର ଜିଲା ମହୁଲପାଲି ଥାନା ଜରାବଗା ପଞ୍ଚାୟତ ଅଧୀନ ସର୍ଗିଡିହି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଜଣେ ମା' ତାଙ୍କ ଦୁଇ ଶିଶୁକନ୍ୟାଙ୍କୁ କୂଅରେ ପକାଇ ହତ୍ୟା ପରେ ଫେରାର ମାରିଥିଲେ। ଶନିବାର ସକାଳୁ ହତ୍ୟାକାରୀ ମା'ଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଦୁମୁକୁର ଏକ ନାଳ ନିକଟରେ ଥିବା ଗଛରୁ ଜବତ କରିଛି। ମୃତାଙ୍କ ସ୍ୱାମୀ ଜେମ୍‌ସ ମାଡକିଙ୍କ ଏତଲାକ୍ରମେ ମହୁଲପାଲି ଥାନା ପୋଲିସ ଏକ ମାମଲା ରୁଜୁକରି ଉଭୟ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ସର୍ଗିଡିହି ଗ୍ରାମର ଜେମ୍‌ସ ମାଡକିଙ୍କ ସ୍ତ୍ରୀ ସଞ୍ଜୁ ୬ବର୍ଷ ଓ ୪ମାସର ୨ ଶିଶୁକନ୍ୟାଙ୍କୁ ନେଇ ଘରୁ କୁଆଡେ ପଳାଇଥିଲେ। ଅପରାହ୍ନରେ ସେ ଏକୁଟିଆ ଘରକୁ ଫେରିବାରୁ ପିଲାମାନେ କୁଆଡ଼େ ଗଲେ ବୋଲି ଜେମ୍‌ସ ସ୍ତ୍ରୀଙ୍କୁ ପଚାରିଥିଲେ। ଝିଅମାନଙ୍କୁ ଘର ପାଖ ଚାଷଜମିରେ ଥିବା କୂଅରେ ପକାଇ ଦେଇଛି କହି ସଞ୍ଜୁ ଘରୁଦୌଡ଼ି ପଳାଇଥିଲେ। ଜେମ୍‌ସ କୂଅ ପାଖକୁ ଯାଇ ଗ୍ରାମବାସୀଙ୍କ ସହାୟତାରେ ଶିଶୁକନ୍ୟାମାନଙ୍କୁ ଉଦ୍ଧାରକରି ଗୋବିନ୍ଦପୁର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ଦୁଇଝିଅଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମହୁଲପାଲି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଜେମ୍‌ସ ମାଡକିଙ୍କ ରିପୋର୍ଟକ୍ରମେ ଏକ ମାମଲା(ନଂ.୩୦/୨୬)ରୁଜୁ ହୋଇଥିଲା। ଶନିବାର ସକାଳୁ ଫେରାର ହୋଇଯାଇଥିବା ସଞ୍ଜୁ ଦୁମୁକୁ ଗ୍ରାମର ଏକ ନାଳ ପାଖରେ ଥିବା ଗଛରେ ଝୁଲନ୍ତା ଅବସ୍ଥାରେ ଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଆଉ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶିଶୁ କନ୍ୟାଙ୍କୁ ତାଙ୍କ ମା'ସଞ୍ଜୁ ହତ୍ୟା କରିଥିବା ଜେମ୍‌ସ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିବା ମହୁଲପାଲି ଆଇଆଇସି ଇନ୍ଦ୍ରଦେବ ଓରାମ କହିଛନ୍ତି। ପରିବାର ଲୋକେ ସଞ୍ଜୁଙ୍କ ମାନସିକ ଅବସ୍ଥା ଭଲ ନଥିବା କହୁଥିବାବେଳେ ପୋଲିସ କିନ୍ତୁ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରୁଥିବା କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ କହିଛନ୍ତି।

# ଆଉ ୨ ଅଭିଯୁକ୍ତ ଗିରଫ, ୩ ଲକ୍ଷ ଟଙ୍କା ଜବତ

## କୋଚନିଆମ୍ବା ଗ୍ରାମରେ ବେକରେ ଭୁଜାଲି ଲଗାଇ ୭୦ ଲକ୍ଷ ଡକାୟତି ଘଟଣା

## ଗିରଫ ସଂଖ୍ୟା ୯କୁ ବୃଦ୍ଧି

ଉମରକୋଟ, ୧୪।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ କୋଚନିଆମ୍ବା ଗ୍ରାମରେ ଗତ ଫେବୃଆରୀ ୨୨ ମଧ୍ୟ ରାତ୍ରିରେ ଅମୂଲ୍ୟ ଜେନାଙ୍କ ଘରେ ପଶି ତାଙ୍କ ବେକରେ ଭୁଜାଲି ଲଗାଇ ୭୦ ଲକ୍ଷ ଟଙ୍କା ଡକାୟତି ଘଟଣାରେ ଉମରକୋଟ ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପାପଡ଼ାହାଣ୍ଡି ଥାନା ଧରନାବେଡ଼ା ଗ୍ରାମର ଖିରଜ ଭକ୍ତ ଓ ଚଇତନ ହରିଜନ। ସେମାନଙ୍କଠାରୁ ନଗଦ ୩ ଲକ୍ଷ ୨ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ ପୂର୍ବରୁ ୭ଜଣଙ୍କୁ ଗିରଫ କରଯାଇଥିବାବେଳେ ଗିରଫ ସଂଖ୍ୟା ୯କୁ ବୃଦ୍ଧି ପାଇଛି ବୋଲି ନବରଙ୍ଗପୁର ଜିଲା ଅତିରିକ୍ତ ଏସ୍‌ପି ଆଦିତ୍ୟ କୁମାର ସେନ୍ ଉମରକୋଟ ଥାନାରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ କେତେଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ମଧ୍ୟ ଅତିଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, କଚନିଆମ୍ବା ଗ୍ରାମର ଅମୂଲ୍ୟ ଜେନା ତାଙ୍କ ଜମି ବିକ୍ରି କରି ୭୦ଲକ୍ଷ ଟଙ୍କା ଘରେ ରଖିଥିଲେ। ଏହି ଖବର ତାଙ୍କର କେତେଜଣ ସମ୍ପର୍କୀୟ ଜାଣି ତାହାକୁ ଆଣିବାକୁ ଡକାୟତି ଯୋଜନା କରିଥିଲେ। ଫେବୃଆରୀ ୨୨ ମଧ୍ୟରାତ୍ରିରେ ସେମାନେ ଡକାୟତି କରିଥିଲେ। ଏହି ଘଟଣାରେ ମାର୍ଚ୍ଚ ୩ ତାରିଖରେ ଉମରକୋଟ ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟରେ ଡକାୟତି ଯୋଜନା କରିଥିବା ଅମୂଲ୍ୟଙ୍କ ୨ସମ୍ପର୍କୀୟ ଥିଲେ। ପ୍ରଥମେ ଗିରଫ ହୋଇଥିବା ୭ ଜଣଙ୍କଠାରୁ ୨୧ ଲକ୍ଷ ୩୩ ହଜାର ଟଙ୍କା, ବହୁ ସୁନା ଅଳଙ୍କାର ଓ ଏକ କାର୍ ଜବତ କରାଯାଇଥିଲା। ଶନିବାର ଜବତ ଟଙ୍କାକୁ ମିଶାଇ ବର୍ତ୍ତମାନ ପୋଲିସ ମୋଟ ୨୪.୩୫ଲକ୍ଷ ଟଙ୍କା ଜବତ କରିଛି।

# ଦୋଷୀ ସାବ୍ୟସ୍ତ ହେଲେ ନାବାଳକ

## ବ୍ୟବସାୟୀଙ୍କ ଘରୁ ଲକ୍ଷାଧିକ ଟଙ୍କା ଚୋରି ମାମଲା

ଦେବଗଡ଼,୧୪।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ଦୋଳମଣ୍ଡପ ସାହିର ବ୍ୟବସାୟୀ ମୋହନଲାଲ ଗୋଏଲଙ୍କ ଘରୁ ଲକ୍ଷାଧିକ ଟଙ୍କା ଚୋରି ମାମଲାର ବିଚାରକରି କିଶୋର ନ୍ୟାୟ ପରିଷଦ ଜଣେ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ ବର୍ଷ ପାଇଁ ବାଳସୁଧାର ଗୃହରେ ରହିବାକୁ ଦଣ୍ଡାଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୨୪ରେ ଗୋଏଲ୍‌ଙ୍କ ଘରୁ ୫ ଲକ୍ଷ ୪୮ ହଜାର ୬୫ ଟଙ୍କା ଏବଂ ଏକ ଆଇପ୍ୟାଡ୍ ଚୋରି ହୋଇଥିଲା। ଏନେଇ ଗୋଏଲ୍ ୨୦୨୪ ଜୁନ୍ ୨୮ ତାରିଖରେ ଦେବଗଡ଼ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରିଥିଲା। ତତ୍କାଳୀନ ଏସ୍‌ଆଇ ରୁଦ୍ର ନାରାୟଣ ପ୍ରଧାନ ଏହି ମାମଲାର ତଦନ୍ତ କରି ଦେବଗଡ଼ ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ଅଟକ ରଖିବା ସହ ସମୀର ଦେହୁରୀ ନାମକ ଜଣେ ଯୁବକଙ୍କୁ ଗିରଫ କରିଥିଲେ। ଏଥିସହ ଉଭୟଙ୍କ ନିକଟରୁ ୨ଲକ୍ଷ ୪୬ ହଜାର ଟଙ୍କା, ଗୋଟିଏ ଆଇପ୍ୟାଡ୍, ଗୋଟିଏ ସ୍କୁଟର, ଗୋଟିଏ ସାଇକେଲ ଓ ୪ଟି ମୋବାଇଲ ଫୋନ ଜବତ କରିଥିଲେ। ପରେ ସମ୍ପୃକ୍ତ ନାବାଳକଙ୍କୁ ଦେବଗଡ଼ କିଶୋର ନ୍ୟାୟ ପରିଷଦରେ ହାଜର କରିବା ସହ ଗିରଫ ଅଭିଯୁକ୍ତ ସମୀରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତ ଅଧିକାରୀ ଏସ୍‌ଆଇ ପ୍ରଧାନ ଅଧିକ ତଦନ୍ତ କରି ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଦେବଗଡ଼ କିଶୋର ନ୍ୟାୟ ପରିଷଦରେ ଏହି ମାମଲା ବିଚାର ହୋଇଥିବାବେଳେ ୧୦ ଜଣଙ୍କ ସାକ୍ଷ୍ୟ ଏବଂ ପ୍ରାପ୍ତ ପ୍ରମାଣ ଆଧାରରେ ସମ୍ପୃକ୍ତ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ତାଙ୍କୁ ୧ ବର୍ଷ ପାଇଁ ରାଉରକେଲାସ୍ଥିତ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର, ଯୁବକ ଅଟକ

ପାଟଣା,୧୪।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଶୁକ୍ରବାର ଜଣେ ୨୧ ବର୍ଷୀୟ ଯୁବକ ବଳାତ୍କାର କରିଛନ୍ତି। ଏନେଇ ଶନିବାର ପୀଡ଼ିତାଙ୍କ ପରିବାର ପକ୍ଷରୁ ପାଟଣା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ନାବାଳିକା ଶୁକ୍ରବାର ତାଙ୍କ ପଡ଼ୋଶୀଙ୍କ ଘରକୁ କୌଣସି କାମରେ ଯାଇଥିଲେ। ନାବାଳିକାଙ୍କୁ ଅଭିଯୁକ୍ତ ଏକୁଟିଆ ପାଇ ବଳାତ୍କାର କରିଥିଲେ। ଏନେଇ ନାବାଳିକା ଜଣକ ଘର ଲୋକଙ୍କୁ କହିବା ପରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ନାବାଳିକାଙ୍କ ଡାକ୍ତରୀମାଇନା କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଏନେଇ ପାଟଣା ଥାନାରେ ଏକ ମାମଲା(ନଂ. ୧୨୩/୨୬) ରୁଜୁ ହୋଇଛି। ଥାନା ଅଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି, ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚାଲିଛି। ନାବାଳିକାଙ୍କୁ ମହିଳା ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଷ୍ଟେଟ୍‌ମେଣ୍ଟ ରେକର୍ଡ ପାଇଁ ଘଟଗାଁ ପଠାଯାଇଛି।

# ୨ ମାଓବାଦୀ କମାଣ୍ଡର ଗିରଫ

■ଗିରଫଙ୍କ ମଧ୍ୟରେ ଜୋନାଲ କମାଣ୍ଡର ଓ ସାଥୀ
■ଉଭୟଙ୍କ ନାମରେ ଥିଲା ୧୨ ଲକ୍ଷ ଟଙ୍କା ପୁରସ୍କାର ରାଶି
■ଏକେ - ୪୭, ୨୧ ଜୀବନ୍ତ ଗୁଳି, ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ
■ଓଡ଼ିଶା- ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ବିରୋଧୀ ଅଭିଯାନ



ଗିରଫ ୨ ମାଓବାଦୀ କମାଣ୍ଡର।

ବଣାଇଁ,୧୪।୩(ପ୍ରଦୀପ ତ୍ରିପାଠୀ)

ମାଓବାଦୀ ବିରୋଧୀ ଅଭିଯାନକୁ ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଂଲଗ୍ନ ଉପଦ୍ରୁତ ଅଞ୍ଚଳରେ ଉଭୟ ରାଜ୍ୟର ପୋଲିସ ବଳ ଓ ଅର୍ଦ୍ଧସାମରିକ ବଳ ଅପରେଶନ ଜାରି ରଖିଛନ୍ତି। ଏହି କ୍ରମରେ ଶନିବାର ଝାଡ଼ଖଣ୍ଡର ଲାତେହାର ଜିଲା ପୋଲିସ ସିପିଆଇ ମାଓବାଦୀ ସଙ୍ଗଠନର ୨ଜଣ ମାଓବାଦୀ କମାଣ୍ଡରଙ୍କୁ ଗିରଫ କରିଛି। ସେମାନେ ହେଲେ ସିପିଆଇ ମାଓବାଦୀ ସଙ୍ଗଠନର ଜୋନାଲ କମାଣ୍ଡର ମୃତ୍ୟୁଞ୍ଜୟ ଭୂୟାଁ ଓ ମାଓବାଦୀ ସଙ୍ଗଠନର ସବ୍‌ଜୋନାଲ କମାଣ୍ଡର ବାବୁଲୁ ରାମ। ଗିରଫ ମାଓବାଦୀଙ୍କ ପାଖରୁ ଗୋଟିଏ ଅତ୍ୟାଧୁନିକ ଏ କେ ୪୭ ରାଇଫଲ, ୨୧ଟି ଜୀବନ୍ତ ଗୁଳି, ନଗଦ ୧ ଲକ୍ଷ ୬୦ ହଜାର ଟଙ୍କା ଜବତ ହୋଇଛି। କିନ୍ତୁ ସେମାନଙ୍କ ସହ ଥିବା ଅନ୍ୟ ୩ଜଣ ସାଥୀ ସେଠାରୁ ପଳାଇବାରେ ସଫଳ ହୋଇଥିବା ଲାତେହାରର ପୋଲିସ ଅଧୀକ୍ଷକ କୁମାର ଗୌରବ ପ୍ରେସ୍ ମିଟ୍‌ରେ ସୂଚନା ଦେଇଛନ୍ତି।

ପୋଲିସ କହିବା ମୁତାବକ, ଜୋନାଲ କମାଣ୍ଡର ମୃତ୍ୟୁଞ୍ଜୟ ଓ ସବ୍ ଜୋନାଲ କମାଣ୍ଡର ବାବୁଲ ମାଓବାଦୀ ସଙ୍ଗଠନର ଏକ ଦଳ ସହ ନେତରହାଟ, ମହୁଆଡାଣ୍ଡ ଅଞ୍ଚଳରେ ଲୁଚି ରହିଥିଲେ। ସୂଚନା ମିଳିବା ପରେ ପୋଲିସ ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଞ୍ଚଳରେ ସର୍ଚ୍ଚ ଅଭିଯାନ ଆରମ୍ଭ କରିଥିଲା। ପୋଲିସ ଟିମ୍ ଛିପାଦୋହର ଥାନା ଅଞ୍ଚଳରେ ଅଭିଯାନ ଚଳାଇଥିବାବେଳେ ୨ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ସେମାନଙ୍କ ସହ ଥିବା ଅନ୍ୟ ୩ଜଣ ସାଥୀ ସେଠାରୁ ପଳାଇବାରେ ସଫଳ ହୋଇଥିଲେ। ଦୀର୍ଘଦିନ ଧରି ବିଭିନ୍ନ ମାଓବାଦୀ ହିଂସା ଘଟାଇବାରେ ଏମାନେ ସମ୍ପୃକ୍ତ ଥିଲେ। ମୃତ୍ୟୁଞ୍ଜୟଙ୍କୁ ଧରିଲେ ବା ତାଙ୍କ ସମ୍ପର୍କରେ ସୂଚନା ଦେଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା। ବାବୁଲୁଙ୍କ ନାଁରେ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା।

ଏଠାରେ ସୂଚନାଯୋଗ୍ୟ, ଇତିମଧ୍ୟରେ ମାଓବାଦୀ ବିରୋଧୀ ଅଭିଯାନ ପାଇଁ ଉଭୟ ଓଡ଼ିଶା – ଝାଡ଼ଖଣ୍ଡ ସୀମା ସଂଲଗ୍ନ ଉଭୟ ରାଜ୍ୟରେ କେନ୍ଦ୍ରୀୟ ସୁରକ୍ଷା ବଳ ଓ ରାଜ୍ୟ ପୋଲିସ ବଳ ମିଳିତ ଭାବେ କୋମ୍ବିଂ ଅପରେଶନ ଜାରି ରଖିଛନ୍ତି। ଦୁର୍ଦ୍ଧର୍ଷ କୋବ୍ରା ୨୦୯ ନମ୍ବର ବାଟାଲିୟନର ଅନେକ ସିପାହି ମାଓବାଦୀଙ୍କ ପ୍ରତି ଆକ୍ରମଣର ଶିକାର ସାଜିଥିଲେ ହେଁ ଏବେ ସୁଦ୍ଧା ୨୪ ଜଣ ହାଡକୋର ମାଓବାଦୀଙ୍କୁ ନିପାତ କରି ସାରିଲେଣି। କିନ୍ତୁ ଏବେବି ଦୁର୍ଦ୍ଧାନ୍ତ ମାଓବାଦୀ ନେତା ମିଶ୍ରି ବେସ୍ରା ଓ ୫୭ ରୁ ଊର୍ଦ୍ଧ୍ୱ ସାଥୀ ସଙ୍ଗଠନକୁ ମଜଭୁତ କରିବା ପାଇଁ ଲୋକଙ୍କ ପାଖକୁ ଯାଉଥିବା ଏବଂ ସାହାଯ୍ୟ ଭିକ୍ଷା କରୁଥିବା ଜଣାପଡିଛି।

**Business**

# ୪୩ତମ ବାର୍ଷିକ ଖଣି ସୁରକ୍ଷା ପକ୍ଷ
# ଖଣିରେ ସୁରକ୍ଷିତ କାର୍ଯ୍ୟ ପଦ୍ଧତିକୁ ଗୁରୁତ୍ୱ




ଭୁବନେଶ୍ୱର,୧୪।୩ (ଅନୁରାଧା ମହାରଣା)

ଖଣି ସୁରକ୍ଷା ମହାନିର୍ଦ୍ଦେଶକ (ଡିଜିଏମ୍‌ଏସ୍)ର ଭୁବନେଶ୍ୱର ଅଞ୍ଚଳ- ୧ ଏବଂ ୨ ପକ୍ଷରୁ ଶନିବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ୪୩ତମ ବାର୍ଷିକ ଖଣି ସୁରକ୍ଷା ପକ୍ଷ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ମାଇନ୍ସ ସେଫ୍‌ଟି(ଡିଜିଏମ୍‌ଏସ) ଧାନବାଦର ମହାନିର୍ଦ୍ଦେଶକ ଉଜ୍ଜ୍ୱଳ ତାହ ଯୋଗଦେଇଥିଲେ। ଡେପୁଟି ଡାଇରେକ୍ଟର ଜେନେରାଲ ଅଫ ମାଇନ୍ସ ସେଫ୍‌ଟି(ସାଉଥ୍ ଇଷ୍ଟର୍ନ ଜୋନ୍) ରାଞ୍ଚିର ଶ୍ୟାମସୁନ୍ଦର ପ୍ରସାଦ, ଇଷ୍ଟର୍ନ ଜୋନ୍ ମାଇନିଂ ଆସୋସିଏଶନ ସଭାପତି ରାଜୀବ ଲୋଚନ ମହାନ୍ତି, ଡାଇରେକ୍ଟର ଅଫ୍ ମାଇନ୍ସ ସେଫ୍ଟି(ଭୁବନେଶ୍ୱର-୧) ଅବନିଶ ମିଶ୍ର, ଡାଇରେକ୍ଟର ଅଫ୍ ମାଇନ୍ସ ସେଫ୍ଟି (ଭୁବନେଶ୍ୱର-୨) ନସିନା ବାଲାସୁବ୍ରମନ୍ୟମ, ଦେବାଶିଷ ଜେନା, ଜେନେରାଲ ମ୍ୟାନେଜର (ଓଏମ୍‌କ୍ୟୁ) ଟାଟା ଷ୍ଟିଲ, ସଂଘ ପ୍ରତିନିଧି, ଖଣି ଏଜେଣ୍ଟ, ମ୍ୟାନେଜର, ଅଧିକାରୀ, ବିଭିନ୍ନ ଖଣି କମ୍ପାନୀର କର୍ମଚାରୀ ଉପସ୍ଥିତ ଥିଲେ। ଖଣିରେ ସୁରକ୍ଷିତ କାର୍ଯ୍ୟ ପଦ୍ଧତିରେ ଉନ୍ନତି ଆଣିବା, ଖଣିରେ ଦୁର୍ଘଟଣାକୁ ଯଥେଷ୍ଟ ହ୍ରାସ କରିବା ଏବଂ 'ଶୂନ୍ୟ କ୍ଷତି' ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଖଣି କମ୍ପାନୀ ଏବଂ ଭେଣ୍ଡର ପାର୍ଟନରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଷ୍ଟଲକୁ ଅତିଥି ପରିଦର୍ଶନ କରିଥିଲେ। ଏଥିରେ ସର୍ବୋତ୍ତମ ନିରାପତ୍ତା ଅଭ୍ୟାସ ଏବଂ ନିରାପତ୍ତା ଉପକରଣ ପ୍ରଦର୍ଶିତ ହୋଇଥିଲା।

## ଟାଟା ଷ୍ଟିଲ୍ ଖଣିଗୁଡ଼ିକୁ ୨୩ ପୁରସ୍କାର

ଯୋଡ଼ା,୧୪।୩(ମାନସ ମହାନ୍ତି)

୪୩ତମ ବାର୍ଷିକ ଖଣି ସୁରକ୍ଷା ପକ୍ଷ -୨୦୨୫ ପାଳନ ଅବସରରେ ଟାଟା ଷ୍ଟିଲ୍ ୨୩ଟି ପୁରସ୍କାର ହାସଲ କରିଛି। ଏ-୧ ସମୁଦାୟ ବର୍ଗର ପ୍ରଦର୍ଶନରେ କାଟାମାଟି ଲୌହଖଣି ପ୍ରଥମ, ସେହି ବର୍ଗରେ ଖଣ୍ଡବନ୍ଧ ଲୌହ ଖଣିକୁ ଦ୍ୱିତୀୟ ସ୍ଥାନ ମିଳିଛି। କାଟାମାଟି ଲୌହଖଣି ଜେନେରାଲ ୱାର୍କିଂ ଏବଂ ଟ୍ରେନିଂ ବିଭାଗଗୁଡ଼ିକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମେକାନିକାଲ ମେଣ୍ଟେନାନ୍ସ, ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ବିଭାଗରେ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଖଣ୍ଡବନ୍ଧ ଲୌହ ଖଣି ମେକାନିକାଲ ମେଣ୍ଟେନାନ୍ସ, ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛି। ଇନୋଭେଟିଭ ଡିଜିଟାଇଜେଶନ ବିଭାଗରେ ତୃତୀୟ ସ୍ଥାନ ହାସଲ କରିଛି। ଯୋଡ଼ା ଇଷ୍ଟ ଲୌହ ଖଣିକୁ ଇନୋଭେଟିଭ ଡିଜିଟାଇଜେଶନ ଏବଂ ଟ୍ରେନିଂରେ ପ୍ରଥମ ସ୍ଥାନ ଏବଂ ଡ୍ରିଲିଂ ବ୍ଲାଷ୍ଟିଂ ତଥା ଇଲେକ୍ଟ୍ରିକାଲ ବିଭାଗଗୁଡ଼ିକରେ ଦ୍ୱିତୀୟ ସ୍ଥାନ ମିଳିଛି। ଭୋକେସନାଲ ଟ୍ରେନିଂ ଏବଂ ଅକୁପେସନାଲ ହେଲଥ ପାଇଁ ଯୋଡ଼ା ଇଷ୍ଟକୁ ପୃଥକ ଭାବରେ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି।

# 'ନିରାପଦ ଉତ୍ପାଦ, ଆତ୍ମବିଶ୍ୱାସୀ ଉପଭୋକ୍ତା'

ଭୁବନେଶ୍ୱର,୧୪।୩ (ଅନୁରାଧା ମହାରଣା)



## ଆଜି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପ୍ରତିବର୍ଷ ୧୫ ମାର୍ଚ୍ଚରେ ସାରାବିଶ୍ୱରେ ପାଳିତ ହୁଏ। ଉପଭୋକ୍ତା ଅଧିକାର ଏବଂ ଆବଶ୍ୟକତା ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ। ଏହି ଦିବସରେ ସମସ୍ତ ଗ୍ରାହକଙ୍କ ଅଧିକାରକୁ ସମ୍ମାନ ଏବଂ ସୁରକ୍ଷା ଦିଆଯାଉ ବୋଲି ଦାବି କରିବା ସହ ଉପଭୋକ୍ତା ବିରୋଧରେ ବଜାରର ଅତ୍ୟାଚାର ଏବଂ ସାମାଜିକ ଅନ୍ୟାୟର ପ୍ରତିବାଦ କରିବାକୁ ବିଭିନ୍ନ ମଞ୍ଚରେ ବାର୍ତ୍ତା ଦିଆଯାଇଥାଏ। ଚଳିତ ବର୍ଷର ବିଷୟବସ୍ତୁ 'ନିରାପଦ ଉତ୍ପାଦ, ଆତ୍ମବିଶ୍ୱାସୀ ଉପଭୋକ୍ତା' ରହିଛି।

ଏହା ଆଜିର ଡିଜିଟାଲ ଓ ବିଶ୍ୱବ୍ୟାପୀ ବଜାରରେ ଉତ୍ପାଦର ସୁରକ୍ଷା, ଗୁଣବତ୍ତା ଓ ମାନ୍ୟତା ଉପରେ ଗୁରୁତ୍ୱ ଦେଇଥାଏ। ଉପଭୋକ୍ତାମାନଙ୍କୁ ନିରାପଦ ସାମଗ୍ରୀ ପ୍ରାପ୍ତି ଓ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଭାରତରେ ଏହି ଥିମ୍ ଅଧୀନରେ ଉପଭୋକ୍ତା ସଚେତନତା, ନକଲି ଉତ୍ପାଦ ବିରୋଧରେ ଅଭିଯାନ ଓ ଆଇନଗତ ସୁରକ୍ଷା (ଯଥା ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯) ଉପରେ ଗୁରୁତ୍ୱ ଦିଆଯାଉଛି। ଏହାଦ୍ୱାରା ଉପଭୋକ୍ତାମାନେ ଅଧିକ ସଶକ୍ତ ଓ ସଚେତନ ହୋଇ ନ୍ୟାୟପୂର୍ଣ୍ଣ ବଜାରରେ ଭାଗନେବେ। ଏହି ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଆମେରିକାର ରାଷ୍ଟ୍ରପତି ଜନ ଏଫ୍ କେନେଡିଙ୍କ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ। ସେ ୧୫ ମାର୍ଚ୍ଚ ୧୯୬୨ରେ ଆମେରିକା କଂଗ୍ରେସକୁ ଏକ ସ୍ୱତନ୍ତ୍ର ବାର୍ତ୍ତା ପଠାଇଥିଲେ, ଯେଉଁଥିରେ ସେ ଉପଭୋକ୍ତା ଅଧିକାର ପ୍ରସଙ୍ଗକୁ ଉଲ୍ଲେଖ କରିଥିଲେ। ୧୯୮୩ ମସିହାରେ ଉପଭୋକ୍ତା ଆନ୍ଦୋଳନ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଅଭିଯାନ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତ୍ୟେକ ବର୍ଷର ଏହି ଦିନକୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଭାବେ ବ୍ୟବହାର କରିଥାଏ।

# ବେଦାନ୍ତ ଝାରସୁଗୁଡ଼ାରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଭୁବନେଶ୍ୱର,୧୪।୩ (ଅନୁରାଧା ମହାରଣା)

ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମର ମେଗା ପ୍ଲାଣ୍ଟରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ଦଶନ୍ଧି ଧରି ଖଣି ଏବଂ ଧାତୁ ଶିଳ୍ପ ମଧ୍ୟରେ ମୁଖ୍ୟ ଭୂମିକାଗୁଡ଼ିକୁ ମୁଖ୍ୟତଃ କେବଳ ପୁରୁଷ ବୃତ୍ତିଗତମାନଙ୍କ ପାଇଁ ଉପଯୁକ୍ତ ଭାବରେ ବିବେଚନା କରାଯାଉଥିଲା। ମାତ୍ର ବେଦାନ୍ତ ଝାରସୁଗୁଡ଼ାରେ ମହିଳା। ବେଦାନ୍ତ ଝାରସୁଗୁଡ଼ାରେ ଲୋକୋମୋଟିଭ୍ ୟାର୍ଡରେ ମହିଳାମାନେ ଲୋକୋମୋଟିଭ ସାମଗ୍ରୀ ପରିବହନଠାରୁ ଆରମ୍ଭକରି ପ୍ଲାଣ୍ଟରୁ ୬୦ରୁ ଅଧିକ ଦେଶର ଗ୍ରାହକମାନଙ୍କୁ ଆଲୁମିନିୟମ ଉତ୍ପାଦ ଯୋଗାଣ ଦିଗରେ ସତର୍କତା ସହିତ କାର୍ଯ୍ୟକାରୀ କରିଛନ୍ତି। ଏହା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟରେ ମହିଳାମାନେ ନିଜକୁ ନିୟୋଜିତ କରିପାରିଛନ୍ତି। ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ପ୍ରଗତି କେବଳ ପ୍ରଯୁକ୍ତିବିଦ୍ୟା ଏବଂ ସ୍କେଲ ଦ୍ୱାରା ନୁହେଁ, ବରଂ ଆମର କାର୍ଯ୍ୟକୁ ଶକ୍ତି ଦେଉଥିବା ଲୋକଙ୍କ ଦ୍ୱାରା ପରିଚାଳିତ ହୁଏ। ବେଦାନ୍ତ ଝାରସୁଗୁଡ଼ାରେ ଆମେ ମହିଳା ବୃତ୍ତିଗତମାନଙ୍କ ପାଇଁ ମୁଖ୍ୟ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଲାଗି ସକ୍ରିୟ ଭାବରେ ରାସ୍ତା ନିର୍ମାଣ କରୁଛୁ। ପ୍ଲାଣ୍ଟରେ ମହିଳାମାନେ ଦୋକାନ ମହଲା ଏବଂ ନେତୃତ୍ୱ ଭୂମିକା ଉଭୟରେ ବି ଦାୟିତ୍ୱ ଗ୍ରହଣ କରୁଛନ୍ତି, ଯାହା ପ୍ଲାଣ୍ଟର କାର୍ଯ୍ୟଶକ୍ତିର ବିବିଧ ପ୍ରକୃତିର ପ୍ରତିନିଧିତ୍ୱ କରେ। ବେଦାନ୍ତ ଝାରସୁଗୁଡ଼ା ସୁରକ୍ଷା ଏବଂ କାଷ୍ଟ ହାଉସ୍ କାର୍ଯ୍ୟରେ ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର ସଦସ୍ୟମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ଏହାର ଅନ୍ତର୍ଭୁକ୍ତୀକରଣ ପ୍ରୟାସକୁ ବିସ୍ତାର କରିଛି।



ଏଲ୍‌ପିଜି ସଙ୍କଟ ପ୍ରତିବାଦରେ କେରଳର ଥିରୁଭାନନ୍ତପୁରମ୍‌ଠାରେ ଶନିବାର ମହିଳା କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଆମେରିକାର ସବୁ ଘାଟି ବନ୍ଦ କରିବାକୁ ଇରାନ୍‌ର ଧମକ

## ନିୟୋଜନ କଲା ଅଧିକ ଶକ୍ତିଶାଳୀ କ୍ଷେପଣାସ୍ତ୍ର

ତେହରାନ୍, ୧୪।୩

ଇରାନ୍‌ର ଖାର୍ଗ ଦ୍ୱୀପ ଉପରେ ଆମେରିକାର ଆକ୍ରମଣ ପରେ ଇରାନ୍ ଆହୁରି ପ୍ରତିଶୋଧ ପରାୟଣ ହୋଇପଡ଼ିଛି। ଉପସାଗରୀୟ ଅଞ୍ଚଳରେ ରହିଥିବା ଆମେରିକା ସାମରିକ ଘାଟିଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ଇରାନ୍ ବିଭିନ୍ନ ଦେଶକୁ କହିଛି। ନଚେତ୍ ଇରାନ୍ ପକ୍ଷରୁ ସେହିସବୁ ଦେଶ ଉପରେ ଆକ୍ରମଣ ଜୋର୍‌ଦାର କରାଯିବ ବୋଲି ସୁପ୍ରିମ ଲିଡର୍ ମୋଜ୍‌ତବା ଖାମେନେଇ ଶନିବାର ଧମକ ଦେଇଛନ୍ତି। ଏହି କ୍ରମରେ ଇରାନ୍ ଶତ୍ରୁପକ୍ଷ ବିରୋଧରେ ଅଧିକ ଶକ୍ତିଶାଳୀ କ୍ଷେପଣାସ୍ତ୍ର ନିୟୋଜନ କରିବା ଆରମ୍ଭ କରିଛି। ଆମେରିକାର ଏକ ଘନିଷ୍ଠ ସହଯୋଗୀ ରାଷ୍ଟ୍ର ଭାବେ ୟୁଏଇକୁ ଟାର୍ଗେଟ କରି ଇରାନ୍ ଏହାର ପ୍ରମୁଖ ଭିତ୍ତିଭୂମିଗୁଡ଼ିକ ଉପରେ ଆକ୍ରମଣ ଜୋର୍‌ଦାର କରିଛି। ଯଦି ୟୁଏଇରେ ରହିଥିବା ଆମେରିକୀୟ ସାମରିକ ଘାଟି ବନ୍ଦ ନ ହୁଏ ତେବେ ଏହାର ବନ୍ଦର, ବିମାନ ବନ୍ଦର ଏବଂ ତୈଳ ପ୍ରତିଷ୍ଠାନଗୁଡ଼ିକ ଉପରେ ଭୟଙ୍କର ଆକ୍ରମଣ ହେବ ବୋଲି ଇରାନ୍ ଧମକ ଦେଇଛି। ଗୋଟିଏ ଦିନରେ ୟୁଏଇ ଇରାନ୍‌ର ୯ କ୍ଷେପଣାସ୍ତ୍ର ଏବଂ ୩୩ ଡ୍ରୋନ୍‌କୁ ପ୍ରତିହତ କରିବାକୁ ପଡ଼ିଛି। ଏଭଳି ସ୍ଥିତିରେ ହର୍ମୁଜ୍ ଷ୍ଟ୍ରେଟ୍ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବ ବୋଲି ଆଶଙ୍କା ଉପୁଜିଛି। କାରଣ ଏହି ସାମୁଦ୍ରିକ ପଥକୁ ଲାଗି ୟୁଏଇର ପ୍ରମୁଖ ବନ୍ଦର ଓ ତୈଳ ପ୍ରତିଷ୍ଠାନ ରହିଛି। ୟୁଏଇ ଉପରେ ପୁଣି ଜୋର୍‌ଦାର ଆକ୍ରମଣ କରିବାକୁ ଇରାନ୍ ଧମକ ଦେବା ପରେ ଅନେକ ଦେଶ ଏଠାକୁ ବିମାନ ଉଡ଼ାଣ ବନ୍ଦ କରିଦେଇଛନ୍ତି। ଭାରତର ଇଣ୍ଡିଗୋ ଏୟାରଲାଇନ୍ସ ଉପସାଗରୀୟ ଦେଶର ୬ ପ୍ରମୁଖ ସହରକୁ ବିମାନ ଉଡ଼ାଣ ବନ୍ଦ ଘୋଷଣା କରିଛି। ସେହିପରି କାନାଡ଼ା ମେ' ୧ ପର୍ଯ୍ୟନ୍ତ ଟରଣ୍ଟୋ-ଦୁବାଇ ବିମାନ ଉଡ଼ାଣ ବନ୍ଦ କରିବାକୁ ଶନିବାର ଘୋଷଣା କରିଛି। ତୈଳ ପ୍ରତିଷ୍ଠାନ ବ୍ୟତୀତ ଇରାନ ୟୁଏଇର ବଡ଼ ସହରରେ ଥିବା ହୋଟେଲ, ବିମାନ ବନ୍ଦର ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରିଛି।



## ଆମେରିକା ସାମରିକ ଘାଟି ନିକଟରେ ଉ.କୋରିଆର ୧୦ କ୍ଷେପଣାସ୍ତ୍ର ମାଡ଼

ସିଓଲ, ୧୪।୩

ଇରାନ୍ ଉପରେ ଆମେରିକାର ଘନ ଘନ ଆକ୍ରମଣ ଭିତରେ ଉତ୍ତର କୋରିଆ ପୂର୍ବ ସାଗର ଉପକୂଳରେ ଆମେରିକାର ସେନା ଘାଟି ନିକଟରେ ୧୦ କ୍ଷେପଣାସ୍ତ୍ର ମାଡ଼ କରିଛି। ଉ. କୋରିଆ ଛାଡିଥିବା ଏହି ୧୦ ବାଲିଷ୍ଟିକ୍ ମିଶାଇଲ ଜାପାନର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ବାହାରେ ମାଡ଼ ହୋଇଛି। ବର୍ତ୍ତମାନ ପୂର୍ବ ସାଗରରେ ଆମେରିକା ଓ ଦକ୍ଷିଣ କୋରିଆ ପକ୍ଷରୁ ଫ୍ରିଡମ୍ ସିଲ୍ଡ(ଏଫ୍‌ଏସ୍) ନାମରେ ମିଳିତ ସମରାଭ୍ୟାସ ଚାଲୁରହିଛି। ଇରାନ୍ ବିରୋଧରେ ଆମେରିକା ଦ.କୋରିଆରେ ଏୟାର ଡିଫେନ୍ସ ସିଷ୍ଟମ୍ ମଧ୍ୟ ମୁତୟନ କରିଛି। ଜାପାନ ଏବଂ ଦ. କୋରିଆ ଉପକୂଳ ନିକଟରେ ଉ. କୋରିଆ କ୍ଷେପଣାସ୍ତ୍ର ମାଡ଼ ସମ୍ପୃକ୍ତ ଅଞ୍ଚଳ ଉତ୍ତେଜନା ବୃଦ୍ଧି କରିଥିବା କୁହାଯାଇଛି।

# ପଶ୍ଚିମବଙ୍ଗରେ ୧୮,୬୮୦ କୋଟିର ପ୍ରକଳ୍ପ ଉନ୍ମୋଚିତ

## ମମତା ସରକାରଙ୍କ ଅବଗଣନା ଆରମ୍ଭ ହୋଇଛି: ମୋଦି

କୋଲକାତା, ୧୪।୩(ପି.ଟି.)

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସେଠାରେ ୧୮,୬୮୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉନ୍ମୋଚନ କରିଛନ୍ତି। ରାଜ୍ୟରେ ଭାରତ ବିକାଶର ନୂଆ ଅଧ୍ୟାୟ ଲେଖାହୋଇଛି। ସଡ଼କ, ରେଳଲାଇନ, ବନ୍ଦର ସହ ସମ୍ପୃକ୍ତ ନୂଆ ପ୍ରକଳ୍ପଗୁଡ଼ିକ ପଶ୍ଚିମବଙ୍ଗ ଏବଂ ପୂର୍ବ ଭାରତକୁ ଏକ ନୂଆ ଗତି ଦେବା ସହ ବ୍ୟବସାୟ ଓ ଉଦ୍ୟୋଗ ବୃଦ୍ଧି କରିବ। ଏହା କୃଷକ, ବ୍ୟବସାୟୀ, ଉଦ୍ୟୋଗୀ ଓ ଛାତ୍ରୀଛାତ୍ରଙ୍କ ପାଇଁ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଏକ ରାଲିକୁ ସମ୍ବୋଧନ କରିବା ଅବସରରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଟାର୍ଗେଟ କରିଛନ୍ତି। ଅନୁପ୍ରବେଶକାରୀ ଭୋଟବ୍ୟାଙ୍କର ସୁରକ୍ଷା ପାଇଁ ଟିଏମ୍‌ସି ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରୁଥିଲା। ଏହି ସରକରଙ୍କ ଅବାରିତ ଓ ବେଆଇନ ଆପ୍ରବାସନ ନୀତି ଯୋଗୁ ପଶ୍ଚିମବଙ୍ଗର ବିଭିନ୍ନ ଭାଗରେ ଜନସାଂଖ୍ୟିକ ସନ୍ତୁଳନ ବଦଳିଥିବା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ମମତା


ନରେନ୍ଦ୍ର ମୋଦି

ବାନାର୍ଜୀ ସରକାରଙ୍କ ଅବଗଣନା ଆରମ୍ଭ ହୋଇଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ମୋଦି କହିଛନ୍ତି, ପଶ୍ଚିମବଙ୍ଗର ବିଭିନ୍ନ ଭାଗରେ ଜନସାଂଖ୍ୟିକ ପରିବର୍ତ୍ତନ ଘଟିଛି। ବେଙ୍ଗଲୀ ହିନ୍ଦୁମାନଙ୍କୁ ଜାଣିଶୁଣି ସଂଖ୍ୟାଲଘୁ କରିଦିଆଯାଇଛି। ନିର୍ଯାତିତ ହିନ୍ଦୁ ଶରଣାର୍ଥୀମାନଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ଟିଏମ୍‌ପି ବିରୋଧ କରୁଛି। ବେଆଇନ ଭୋଟରଙ୍କ ନାମ ତାଲିକାରୁ ହଟିଯିବା ଆଶଙ୍କାରେ ଶାସକ ଦଳ ଏସ୍‌ଆଇଆର୍‌କୁ ଭୟ କରୁଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ରାଲି ପୂର୍ବରୁ ଟିଏମ୍‌ସି, ଭାଜପା ସମର୍ଥକଙ୍କ ମଧ୍ୟରେ ସଂଘର୍ଷ

କୋଲକାତା, ୧୪।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୋଲକାତାର ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଶନିବାର ରାଲି କରିବାର ଅଧଘଣ୍ଟା ପୂର୍ବରୁ ସେଠାରୁ ୫ କି.ମି. ଦୂର କେନ୍ଦ୍ରୀୟ କୋଲକାତାର ଗିରୀଶ ପାର୍କ ନିକଟରେ ଟିଏମ୍‌ସି ଏବଂ ଭାଜପା ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ହିଂସାକାଣ୍ଡରେ ଜଣେ ଭାଜପା ନେତା ଏବଂ ଜଣେ ପୋଲିସ ଅଫିସର ଆହତ ହୋଇଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାର ରାଜ୍ୟବ୍ୟାପୀ 'ପରିବର୍ତ୍ତନ ଯାତ୍ରା'ର ଶନିବାର ଉଦ୍‌ଯାପନ ଥିବାବେଳେ ଏହା ପୂର୍ବରୁ ଶାସକ ଓ ବିରୋଧୀ ଦଳ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ହିଂସାକାଣ୍ଡ ବେଳେ ପଶ୍ଚିମବଙ୍ଗ ମନ୍ତ୍ରୀ ଶଶୀ ପାଞ୍ଜାଙ୍କ ଗିରୀଶ ପାର୍କ ଅଞ୍ଚଳରେ ଥିବା ଘରକୁ ଟେକାମାଡ଼ ହୋଇଥିବା ଅଭିଯୋଗ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ସଂଘର୍ଷ ବେଳେ ଉଭୟ ଦଳର ସମର୍ଥକମାନେ ପରସ୍ପରକୁ ଟେକାମାଡ଼ କରିବା ସହ ସ୍ଲୋଗାନ ଦେଇଥିଲେ। ଭାଜପା ସମର୍ଥକମାନେ ପ୍ରଧାନମନ୍ତ୍ରୀଙ୍କ ସମର୍ଥନରେ ସ୍ଲୋଗାନ ଦେଇ ରାଲି ସ୍ଥଳକୁ ଯାଉଥିବାବେଳେ ସେମାନଙ୍କ ଉପରେ ଆକ୍ରମଣ ଆରମ୍ଭ ହୋଇଥିଲା ବୋଲି ଦଳ ପକ୍ଷରୁ ଅଭିଯୋଗ ହୋଇଛି। ସଂଘର୍ଷରେ ବହୁ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଟିଏମ୍‌ସି କର୍ମୀମାନେ ଏହାକୁ ଖଣ୍ଡନ କରିବା ସହ ଭାଜପା ସମର୍ଥକମାନେ ପ୍ରଥମେ ଗାଳିଗୁଲଜ କରିବା ସହ ଟେକାମାଡ଼ କରିଥିଲେ ବୋଲି କହିଛନ୍ତି।

# ୯୨,୦୦୦ ଟନ୍ ଗ୍ୟାସ୍ ନେଇ ଭାରତ ଆସୁଛି ୨ ଜାହାଜ

ନୂଆଦିଲ୍ଲୀ, ୧୪।୩

ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ସ୍ଥିତି ଭାରତ ପାଇଁ ବିଭିନ୍ନ ଦିଗରୁ ସମସ୍ୟା ସୃଷ୍ଟି କରିଛି। ବିଶେଷତଃ ତୈଳ ଓ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ୧୪୦ କୋଟି ଜନସଂଖ୍ୟା ଭାରତର ଚିନ୍ତା ବଢ଼ିଛି। ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଉପସାଗରୀୟ ଦେଶଗୁଡ଼ିକରୁ ତୈଳବାହୀ ଜାହାଜଗୁଡ଼ିକୁ ଇରାନ ଛାଡିବନି ବୋଲି କହିବା ପରେ ଭାରତ ପାଇଁ ଚିନ୍ତା ବଢ଼ିଥିଲା। ଭାରତ ସରକାରଙ୍କ ପକ୍ଷରୁ ଇରାନ ସହ କୂଟନୈତିକ ସ୍ତରରେ ଆଲୋଚନା ପରେ ଗ୍ୟାସ୍ ନେଇ ଆସୁଥିବା ଦୁଇଟି ଭାରତୀୟ ଜାହାଜ ହର୍ମୁଜ୍ ଷ୍ଟ୍ରେଟ୍ ଅତିକ୍ରମ କରି ଭାରତ ଅଭିମୁଖେ ଅଗ୍ରସର ହୋଇଛି। ଭାରତରେ ଅବସ୍ଥାପିତ ଇରାନ୍ ରାଷ୍ଟ୍ରଦୂତ ମହମ୍ମଦ ଫତାଲି ଏହା ସ୍ପଷ୍ଟ କରିଛନ୍ତି। ଦୁଇ ଦେଶ ମଧ୍ୟରେ ରହିଆସିଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଏବଂ ଦ୍ୱିପାକ୍ଷିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଇରାନ ଦୁଇ ଭାରତୀୟ ଜାହାଜକୁ ହର୍ମୁଜ୍ ଦେଇ ଯିବାକୁ ଅନୁମତି ଦେଇଛି ବୋଲି ସେ କହିଛନ୍ତି।

ଶିପିଂ କର୍ପୋରେଶନ ଅଫ୍ ଇଣ୍ଡିଆର ୨ ଜାହାଜ ଶିବାଲିକ୍ ଏବଂ ନନ୍ଦାଦେବୀ ଆସନ୍ତା ୧୬ କିମ୍ବା ୧୭ ସୁଦ୍ଧା ଗୁଜରାଟର କାଣ୍ଡଲା ଓ ମୁନ୍ଦ୍ରା ବନ୍ଦରରେ ପହଞ୍ଚିବେ। ନନ୍ଦାଦେବୀରେ ପ୍ରାୟ ୪୭ ହଜାର ଟନ୍ ଗ୍ୟାସ୍ ରହିଥିବାବେଳେ ଉଭୟ ଜାହାଜରେ ୯୨,୭୦୦ ମେଟ୍ରିକ୍ ଟନ୍ ଏଲ୍‌ପିଜି ଥିବା କୁହାଯାଇଛି। ଏହା ଭାରତରେ ପହଞ୍ଚିଲେ ଗ୍ୟାସ୍ ସମସ୍ୟା କିଛି ପରିମାଣରେ ଲାଘବ ହେବ ବୋଲି କୁହାଯାଉଛି।


ହର୍ମୁଜ୍ ଷ୍ଟ୍ରେଟ୍ ପାର୍ ହେବା ପରେ ଭାରତ ଅଭିମୁଖେ ଆସୁଥିବା ଏଲ୍‌ପିଜି ବୋଝେଇ ଜାହାଜ।

## 'ଶିଳ୍ପ' ସଂଜ୍ଞା: ୯ ଜଣିଆ ପୀଠରେ ୧୭ରେ ଶୁଣାଣି

ନୂଆଦିଲ୍ଲୀ, ୧୪।୩(ପି.ଟି.)

ଶିଳ୍ପ ବିବାଦ ଆଇନ, ୧୯୪୭ ଅଧୀନରେ ଶିଳ୍ପ ଶବ୍ଦର ସଂଜ୍ଞାକୁ ନେଇ ବିବାଦୀୟ ପ୍ରସଙ୍ଗର ଶୁଣାଣି ଆସନ୍ତା ୧୭ ତାରିଖରୁ ସୁପ୍ରିମକୋର୍ଟର ୯ ଜଣିଆ ସାମ୍ବିଧାନିକ ପୀଠରେ ହେବାକୁ ଯାଉଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ବି.ଭି. ନାଗରତ୍ନା, ପି.ଏସ୍. ନରସିଂହା, ଦୀପଙ୍କର ଦତ୍ତା, ଉଜ୍ଜଳ ଭୂୟାଁ, ସତୀଶ ଚନ୍ଦ୍ର ଶର୍ମା, ଜୟମାଲ୍ୟ ବାଗ୍‌ଚୀ, ଆଲୋକ ଆରାଧେ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ବୃହତ୍ତର ପୀଠ ମାମଲାର ଶୁଣାଣି କରିବେ। ୯ ଜଣିଆ ପୀଠ ଦ୍ୱାରା ଉକ୍ତ ବୃହତ୍ ପ୍ରସଙ୍ଗର ଶୁଣାଣି କରିବାକୁ ଫେବୃଆରୀ ୧୬ରେ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେଇଥିଲେ।

# ୧୬ରେ ସଂସଦ ଘେରାଉ କରିବ ଯୁବକଂଗ୍ରେସ

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମାକୁ ବିରୋଧ

ନୂଆଦିଲ୍ଲୀ, ୧୪।୩(ପି.ଟି.)

ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା ପାଇଁ କେନ୍ଦ୍ରର ଘୋଷଣା ଦେଶ ପାଇଁ କ୍ଷତିକାରକ ହେବ ବୋଲି ଅଭିଯୋଗ କରି ଯୁବ କଂଗ୍ରେସ ଆସନ୍ତା ୧୬ ତାରିଖରେ 'ସଂସଦ ଘେରାଉ' ଆନ୍ଦୋଳନ କରିବାକୁ ଶନିବାର ଘୋଷଣା କରିଛି। ଜାତୀୟ ରାଜଧାନୀରେ ଏକ ଖବରଦାତା ସମ୍ମିଳନୀରେ ଦିଲ୍ଲୀ ଯୁବକଂଗ୍ରେସ ସଭାପତି ଅକ୍ଷୟ ଲାକ୍ରା କହିଛନ୍ତି, ସାରା ଦେଶରୁ କଂଗ୍ରେସ ଯୁବ ସଂଗଠନର କର୍ମୀମାନେ ସେମାନଙ୍କ ରାଷ୍ଟ୍ରୀୟ ଅଧକ୍ଷ ଉଦୟଭାନୁ ଚିବ୍‌ଙ୍କ ସହ ଜନ୍ତର ମନ୍ତରଠାରେ ଏକତ୍ରିତ ହୋଇ କେନ୍ଦ୍ର ସରକାରଙ୍କ ନୀତି ଓ ଭାରତ-ଆମେରିକା ଟ୍ରେଡ୍ ଡିଲ୍ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବେ। ଉକ୍ତ ବାଣିଜ୍ୟ ଚୁକ୍ତିନାମା କିପରି କୃଷକ, ବୟନ ସେକ୍ଟରର କ୍ଷତି କରିବ ଏବଂ ଭାରତର ଡାଟା ସୁରକ୍ଷା ସହ ସାଲିସ କରିବ, ସେ ନେଇ ଭାରତୀୟ ଯୁବ କଂଗ୍ରେସ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବ। ଦିଲ୍ଲୀରେ ଏଆଇ ସମିଟ୍ ସମୟରେ ଯୁବକଂଗ୍ରେସ ସଦସ୍ୟମାନେ ବିକ୍ଷୋଭ କରିଥିଲେ। ଏଆଇ ଇମ୍ପାକ୍ଟ ସମିଟ୍ ସ୍ଥଳରେ ଖୋଲାଦେହରେ ବିକ୍ଷୋଭ କରିବାରୁ ଚିବ୍‌ଙ୍କୁ ଗିରଫ କରାଯାଇଥିଲା। ଆନ୍ଦୋଳନ ଗଣତନ୍ତ୍ରର ଏକ ଅବିଚ୍ଛିନ୍ନ ଅଙ୍ଗ ବୋଲି ଉଭୟ ସେସନ୍ କୋର୍ଟ ଏବଂ ଦିଲ୍ଲୀ ହାଇକୋର୍ଟ ସ୍ୱୀକାର କରିଥିଲେ ବୋଲି ଲାକ୍ରା କହିଛନ୍ତି। ଭାରତ-ଆମେରିକା ଟ୍ରେଡ୍ ଡିଲ୍ ଯୋଗୁ ଭାରତୀୟଙ୍କ ଡାଟା ଆମେରିକାରେ ଉପଲବ୍ଧ ହେବ ଏବଂ ଘରୋଇ ସେକ୍ଟରଗୁଡ଼ିକୁ ଏହା ପ୍ରଭାବିତ କରିବ ବୋଲି ଲାକ୍ରା ଅଭିଯୋଗ କରିଛନ୍ତି।

**GOVERNMENT COLLEGE OF ENGINEERING, KEONJHAR**
**ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, କେନ୍ଦୁଝର**
(An Affiliated College of BPUT, Odisha)
At-Jamunalia, P.O.: Old Town, Dist: Keonjhar, Pin-758002 (Odisha)
Web: www.gcekjr.ac.in/ Mail Id: principal@gcekjr.ac.in

No.470 Dated: 11.03.2026

**Walk-in-Interview for Engagement of One Electrician on Outsource (Purely Temporary Basis)**

**No.11001/56/2526:** Applications are invited from eligible candidates for engagement to the Post of 'Electrician' on an outsourcing basis. The engagement shall be purely temporary. Candidates are required to appear with the duly filled-in prescribed application form, alongwith the original certificates/ documents for verification. The Application format can be downloaded from the official website of the college (www.gcekjr.ac.in). One set of self-attested photocopies of all relevant documents must be produced at the time of document verification. The candidates are required to send their application form with all documents in the prescribed format shown in below by mail to registrar@gcekjr.ac.in by 27.03.2026.

Sd./- Principal
OIPR-11001/11067/1/25-26/0011 Govt. College of Engineering, Keonjhar

**ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗିର**
**OFFICE OF THE DISTRICT FISHERIES OFFICER, BOLANGIR**
Phone No & Fax No:- 06652234204, E-mail: dfo.bolangir24@gmail.com

ବିଜ୍ଞପ୍ତି ସଂଖ୍ୟା ୨୩୯୮, ତାରିଖ ୧୧.୦୩.୨୦୨୬

**କାର୍ଯ୍ୟରେ ଯୋଗ ଦେବା ସମ୍ବନ୍ଧୀୟ ଜରୁରୀ ବିଜ୍ଞପ୍ତି**

No.6001/38/2526:ଏତଦ୍ୱାରା ଶ୍ରୀ ରଞ୍ଜିତ କୁମାର ପଣ୍ଡା, ପିତା-ସ୍ୱର୍ଗତଃ ସତ୍ୟାନନ୍ଦ ପଣ୍ଡା, ସ୍ଥାୟୀ ନିବାସୀ-ହେମଗିରି, ଜିଲ୍ଲା-ସୁନ୍ଦରଗଡ଼, ଯିଏ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗିରଙ୍କ ଅଧୀନରେ ଚୁକ୍ତିଭିତ୍ତିକ କନିଷ୍ଠ ଯନ୍ତ୍ରୀ (ସିଭିଲ) ରୂପେ କାର୍ଯ୍ୟରତ ଅଛନ୍ତି, ତାଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ବିନା କୌଣସି ପୂର୍ବ ସୂଚନା ବା ଉପରିସ୍ଥ ଅଧିକାରୀଙ୍କ ଅନୁମତିରେ ନିଜର ସରକାରୀ କର୍ତ୍ତବ୍ୟରୁ ତା.୦୧.୦୨.୨୦୧୮ ରିଖଠାରୁ ଅନୁପସ୍ଥିତ ଅଛନ୍ତି । ଏହା ଆପଣଙ୍କ ଚୁକ୍ତିଭିତ୍ତିକ ସର୍ତ୍ତାବଳୀ ଓ ନିୟମାବଳୀର ଏବଂ ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମାବଳୀର ଘୋର ଉଲ୍ଲଘଂନ ଅଟେ । ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକଙ୍କ ପତ୍ର ସଂଖ୍ୟା ୧୦୮୫, ତା.୧୫.୦୧.୨୦୨୬ ରିଖ ଅନୁଯାୟୀ ଆପଣଙ୍କୁ ନିମ୍ନୋକ୍ତ ନିର୍ଦ୍ଦେଶ ଦିଆଯାଉଅଛି ଯେ,
୧. ଆପଣ ଏହି ବିଜ୍ଞାପନ ପ୍ରକାଶ ପାଇବାର ୭ (ସାତ) ଦିନ ମଧ୍ୟରେ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗିରରେ କାର୍ଯ୍ୟରେ ଯୋଗ ଦିଅନ୍ତୁ ।
୨. ଯଦି ଆପଣ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟରେ ଯୋଗ ନ ଦିଅନ୍ତି, ତେବେ ଆପଣଙ୍କ ବିରୁଦ୍ଧରେ ଦୃଢ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣଙ୍କର ଚୁକ୍ତିଭିତ୍ତିକ ନିଯୁକ୍ତିକୁ ରଦ୍ଦ କରାଯିବ ।
ଏହା ସହିତ ଆପଣଙ୍କ ବିରୁଦ୍ଧରେ ସ୍ଥାନୀୟ ଥାନାରେ ଏଫ୍.ଆଇ.ଆର୍. (FIR) ମଧ୍ୟ ଦାୟର କରାଯାଉଅଛି । ଏହାକୁ ଅତ୍ୟନ୍ତ ଜରୁରୀ ମନେ କରନ୍ତୁ ।

ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲା ମତ୍ସ୍ୟ ଅଧିକାରୀ, ବଲାଙ୍ଗୀର
District Fisheries Officer, Bolangir
OIPR-6001/6103/1/25-26/0001

ଆମ ଶିମିଳିପାଳ ଆମ ଗର୍ବ OUR SIMILIPAL OUR PRIDE
**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com
**Office Order No. 72 //, Dated. 12.03.2026**
**01st Corrigendum to Bid invited vide this Office Tender Call Notice No.1102, dtd.06.03.2026**
**No.8001/157/2526** : In pursuance to this Office Tender Call Notice No.1102, dtd.06.03.2026, for Supply and installation of Audio-Visual System for Conference Hall required for different location under Similipal North Wildlife Division, Jashipur, Mayurbhanj, Odisha, the following changes have been made in NIT & DTCN.

**The Office Order No.62, dtd.10.03.2026, issue towards cancellation of the above tender call notice is hereby withdrawn**

| Sl. No. As per Original TCN | Items | As per Original TCN | As per 01st Corrigendum to TCN & DTCN |
|---|---|---|---|
| 4. | Date & time of availability of tender document | From 09.03.2026 (during office time) to 10.30 A.M. of 16.03.2026 | Till 10.30 A.M. of 17.03.2026 |
| 5. | Receipt of bid documents | On or before 16.03.2026 by 11.00 A.M. | On or before 17.03.2026 by 11.00 A.M. |
| 6. | Date & time of opening of technical bid | Dt.16.03.2026 at 12.30 hours onwards | Dt.17.03.2026 at 11.30 A.M. hours onwards |

OIPR-8001/8133/1/25-26/0025 Sd./- Deputy Director, Similipal (North) WL Division, Jashipur

**OFFICE OF THE DIVISIONAL FOREST OFFICER, BRAHMAPUR FOREST DIVISION**
At - Courtpeta Square, Brahmapur- 760 004, Phone-0680 2281354,
Mobile - 7653908594 e-mail-dfo.berhmapur@odisha.gov.in
**Letter No. 2084/5F-OR 175 of 2021-22**
**Dated, Brahmapur 07th March 2026**

**CONFISCATION NOTICE OF GREY COLOR MARUTI OMINI**

**No.8001/152/2526** : It is to inform all concerned through this publication that one Grey color Maruti Omini bearing Regd. Number CG-05A-2806, Engine number-2472245, Chassis Number-575214 was seized Agraharam Village Junction, Near Chamakhandi Chakka for illegal transportation of Forest Produce i.e, Wood Charcoal 20 Bag (each Bag 2 Tin) on dated 09.09.2021. The vehicle were seized from the possession of 1. Sri Rashid Mohammad, Age-47 Year, S/o-MA Razak, At- Khaja Street, Brahmapur, PS - Town Police Station, Ganjam, 2. Sri Chandra, S/o- PL Sahu, Street- Dhamtari, Vill- Raipur (C.G), State- Chhattisgarh, Pin- 493773, is the Regd. owner of the seized vehicle. The afore said vehicle along with the seized produce may confiscated for its involvement in OR Case No. 175 of 2021- 22 of Brahmapur Range for non-submission of replay to show cause and non- attendance of the accused person/owner therefore on the date of hearing fixed before the forum of the Authorized Officer on dated 25.02.2026.

The final dated of hearing to the aforementioned case is fixed to 18.03.2026 at 11.00 A.M in the forum of the Authorized Officer-cum-Assistant Conservator of Forests, Brahmapur Division for giving another opportunity of being heard in the matter. Failure to attend the hearing by any claimant/ accused on the date fixed above and within 30 days from the date of publication of this notice in relation to the above vehicle, the vehicle may be confiscated under section 56 of the Odisha Forest act, 1972 exparte.

Sd./- Authorized Officer-cum-A.C.F
Brahmapur Forest Division
OIPR-8001/8116/1/25-26/0002

No.34001/208/2526
obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)
**No.1634** **Date : 09.03.2026**
File : PCF-1406
**NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | Development of Applique Hub at Jagannathpur village of Pipili, Odisha on turnkey basis |
| 2. | Bid Identification No. | : | 54/Tender/OBCC/2025-26 |
| 3. | Class of Contractor | : | Super Class |
| 4. | Bid Security Fee/EMD (In online mode/In shape of e-Bank Gurantee) | : | ₹ 58,40,000/- |
| 5. | Bid Processing Fee (Online mode only) | : | ₹ 58,400/- (Including GST) |
| 6. | Date of availability of bid document in e-procurement portal | : | From Dt.17.03.2026 up to 5.00 P.M. of Dt.06.04.2026 |
| 7. | Last Date & time of receipt of online bid | : | Up to 5.00 P.M. on Dt.06.04.2026 |
| 8. | Last Date of Pre-Bid Queries | : | Till 05.00 P.M. on Dt.19.03.2026 |
| 9. | Date & Time for Pre-bid meeting | : | At 12.00 Noon on Dt.20.03.2026 (Through Video Conferencing) https://meet.google.com/hqs-wyqs-jid |
| 10. | Date of Bid Opening | : | At 11.30 A.M. on Dt.07.04.2026 |
| 11. | Time for completion | : | 24 (Twenty-Four) Calendar Months |
| 12. | Further details can be seen from the e-Procurement portal https://www.tendersodisha.gov.in | | |
| 13. | OBCC has the right to accept or reject the Notice/RFP without assigning any reason thereof. | | |

OIPR-34001/34161/1/25-26/0030 Sd./- Chief Engineer-II

**ସଂକ୍ଷେପରେ ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍ ପରିବାରବର୍ଗ


ବିଶାଲ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କିଆରିରୁ ୩ଶହ କଲରା ଗଛ ଉପାଡ଼ିଲେ ଦୁର୍ବୃତ୍ତ

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ଜମୁର୍ଡ଼ା ଗ୍ରାମର ପରିବା ଚାଷୀଙ୍କ କିଆରି ଉପରେ ଦୁର୍ବୃତ୍ତଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ଗ୍ରାମର ଗଜିନ ମାଝୀଙ୍କ କଲରା କିଆରୀଙ୍କୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛନ୍ତି। କିଆରିରେ ରହିଥିବା ପ୍ରାୟ ୩୦୦ କଲରା ଗଛକୁ ଦୁର୍ବୃତ୍ତମାନେ ଉପାଡ଼ି ନେଇଛନ୍ତି। ଏ ନେଇ ଶନିବାର ଗଜିନ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୋଲିସ ଅନୁସନ୍ଧାନୀ କୁକୁର ସହିତ ସେହି କଲରା କିଆରିକୁ ପହଞ୍ଚି ତଦନ୍ତ ଚଲାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ।


ଦୁର୍ବୃତ୍ତମାନେ ନଷ୍ଟ କରିଥିବା କଲରା କିଆରି।

ସୂଚନା ଅନୁଯାୟୀ, ଗଜିନ ନିଜ ୪୦ଡେସିମିଲ ଜମିରେ ୩୦୦ କଲରା ଗଛ ଲଗାଇବା ସହିତ କୋବିଚାଷ କରିଥିଲେ। କଲରା ଏବଂ କୋବି ମଧ୍ୟ ଭଲ ହୋଇଥିଲା। ତେବେ ଶନିବାର ସକାଳେ କିଆରିକୁ ଯିବାବେଳେ କଲରା ଗଛ ଗୁଡ଼ିକୁ କେହି ଉପାଡ଼ି ଦେଇଥିବା ଦେଖି ସେ ଭାଙ୍ଗି ପଡ଼ିଥିଲେ ଏବଂ ପୋଲିସରେ ଏତଲା ଦେଇଥିଲେ। ପ୍ରକାଶଥାଉକି, ଗତବର୍ଷ ଡିସେମ୍ବରରେ ମଧ୍ୟ ଦୁର୍ବୃତ୍ତମାନେ ଉକ୍ତ ଗ୍ରାମରେ ଏକାଧିକ ଚାଷୀଙ୍କ ପରିବା ଫସଲକୁ ନଷ୍ଟ କରି ଦେଇଥିଲେ।

# ଅସ୍ତିତ୍ୱ ହରାଇଲା ସଂଗ୍ରହାଳୟର ପୁରୁଣା କୋଠା



**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କଲେଜ ରୋଡ୍ ପାର୍ଶ୍ୱରେ ରହିଥିବା ସଂଗ୍ରହାଳୟର ପୁରୁଣା କୋଠା ବିପଦସଙ୍କୁଳ ଅବସ୍ଥାକୁ ଆସିଯାଇଥିବାରୁ ଶନିବାର ତାକୁ ଭାଙ୍ଗି ଦିଆଯାଇଛି। ଅନ୍ୟପଟେ ଦୀର୍ଘଦିନରୁ ସଂଗ୍ରହାଳୟରେ ରହିଥିବା ବିରଳ ସାମଗ୍ରୀଗୁଡ଼ିକୁ ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାରକୁ ସ୍ଥାନାନ୍ତର କରାଯାଇଛି। ୧୯୯୭ରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ତଥା ତତ୍କାଳୀନ ବରଗଡ଼ ଜିଲାପାଳ ଅନୁ ଗର୍ଗ ବରଗଡ଼ରେ ଏକ ସଂଗ୍ରହାଳୟର ପରିକଳ୍ପନା କରିଥିଲେ। ସେଥିରେ ସ୍ଥାନୀୟ ବହୁମୁଖୀ ପ୍ରତିଭା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ପ୍ରମୁଖ ଭୂମିକା ରହିଥିଲା। ତେବେ ୧୯୯୭ରେ ସ୍ଥାପିତ ଉକ୍ତ ସଂଗ୍ରହାଳୟରେ ସଂସ୍କୃତି ଓ ଏତିହ୍ୟର ଗାଥା ବହନ କରୁଥିବା ବିଭିନ୍ନ ସାମଗ୍ରୀ ରହିଥିଲା। ସେଥିମଧ୍ୟରେ ବିଭିନ୍ନ ଦେବଦେବୀ, ପ୍ରତ୍ନତାତ୍ତ୍ୱିକ, ବୟନ ଶିଳ୍ପ ଓ କାଠ ସାମଗ୍ରୀ, ଅସ୍ତ୍ର, ଅଳଙ୍କାର ଆଦି ରହିଥିଲା। ତେବେ ସଂଗ୍ରହାଳୟଟି ବିପଦସଂକୁଳ ଅବସ୍ଥାକୁ ଆସି ଯାଇଥିବାବେଳେ ସେଠାରେ ସେହି ସାମଗ୍ରୀସବୁ ଅସୁରକ୍ଷିତ ହୋଇପଡ଼ିଥିଲା। ଫଳରେ ପରବର୍ତ୍ତୀ ସମୟରେ ସେହି ସାମଗ୍ରୀଗୁଡ଼ିକୁ ସ୍ଥାନୀୟ ଗାନ୍ଧୀ ସ୍ମୃତି ପାଠାଗାରକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପଟେ ବରଗଡ଼ ସହରରେ ନୂତନ ସଂଗ୍ରହାଳୟ ନିର୍ମାଣର ପରିକଳ୍ପନା ଚାଲିଥିବା ସୂଚନା ମିଳିଛି।


ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଅଙ୍ଗ ନଦୀରେ ପୂଜା ଅର୍ଚ୍ଚନା କରାଯାଉଛି।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

**ପାଇକମାଳ,୧୪।୩(ବଡ଼ ଶତପଥୀ)**

ପାଇକମାଳ ବ୍ଲକ ଜାମସେଠ ଓମ ଷ୍ଟୋନ କ୍ରସର ପରିସରରେ ଥିବା ଶ୍ରୀଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାନୋତ୍ସବ ଓ ଅଷ୍ଟପ୍ରହର ନାମ ଯଜ୍ଞ ପାଇଁ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗାଁର ମା ମାଉସୀମାନେ କଳସ ଶୋଭାଯାତ୍ରା ବାହାରି ଅଙ୍ଗ ନଦୀରେ ପୂଜା ଅର୍ଚ୍ଚନା କରି ପୂର୍ଣ୍ଣ କଳସ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବରେ ଶତ୍ରୁଘ୍ନ ସାହୁ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ସାହୁ ପୂଜା ଦାୟିତ୍ୱ ତୁଲାଉ ଥିବା ବେଳେ ମୁଖ୍ୟ ପୂଜକ ଭାବେ ପଣ୍ଡିତ କିଶୋର ଦାଶ ପୂଜା କାର୍ଯ୍ୟ ସମ୍ପାଦନା କରୁଛନ୍ତି। ରବିବାର ପ୍ରାତଃ ମନ୍ଦିର ପୂଜାର୍ଚ୍ଚନା ପରେ ଅଖଣ୍ଡ ନାମଯଜ୍ଞ ନାମାରମ୍ଭ ହୋଇ ମଙ୍ଗଳବାର ପୂର୍ଣ୍ଣାହୂତି ନାମଯଜ୍ଞ ସମ୍ପନ୍ନ ହେବ। ସମସ୍ତ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି।

# ରୋଗୀ ସୁରକ୍ଷା ସଚେତନତା ସପ୍ତାହ ପାଳନ


କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକାବୃନ୍ଦ।

**ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ପକ୍ଷରୁ ଶନିବାର କଲାପାଣିସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରାଷ୍ଟ୍ରୀୟ ରୋଗୀ ସୁରକ୍ଷା ସଚେତନତା ସପ୍ତାହ ପାଳନ ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ, ସାମାଜିକ ଏବଂ ଅର୍ଥନୈତିକ ପ୍ରଭାବର ଭୟାବହତା ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ସୁରକ୍ଷା, ବିଶ୍ୱାସ ମଜବୁତ୍ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ବିକାଶ ନର୍ସିଂ କଲେଜର ତୃତୀୟ ସେମିଷ୍ଟାରର ଛାତ୍ରୀଛାତ୍ରମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ ତଥା ରୋଗୀମାନଙ୍କ ସ୍ୱାସ୍ଥ୍ୟ ଉପରେ ଆଧାରିତ ଏକ ରୋଲ୍ ପ୍ଲେ ଏବଂ ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମଟି ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ଦିପାଞ୍ଜଳୀ ପଟେଲଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଅଧ୍ୟାପିକା ଦେବସ୍ମିତା ସାହୁ, ଆଞ୍ଚଳ ସାହୁ ଏବଂ ବିଏସସି ନର୍ସିଂ ତୃତୀୟ ସେମିଷ୍ଟାରର ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଡା. ମନୋରଞ୍ଜନ ହୋତା, ମେଡ଼ିକାଲ ଅଫସର ଡଃ ମୌସୁମୀ ଆର୍.ଆଇ ଖାଡ଼ଙ୍ଗା, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଶୋଭ୍ୟା ଛତ୍ରିଆ, ଆଶା କର୍ମଚାରୀ ସରସ୍ୱତୀ ମହାପାତ୍ରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

# ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ଚିହ୍ନଟ ଉପରେ ଗୁରୁତ୍ୱ

**ସୋନପୁର,୧୪।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବଡଭଇଁରୋ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନାରାୟଣ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରି କହିଥିଲେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଦ୍ୱାରା ଶିଶୁଙ୍କ ପ୍ରତିଭାର ବିକାଶ ହୋଇଥାଏ। ଏହାଦ୍ୱାରା ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ଚିହ୍ନଟର ସୁଯୋଗ ସୃଷ୍ଟି ହୁଏ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ସତ୍ୟବତୀ ଦଳବେହେରା, ପୂର୍ବତନ ସରପଞ୍ଚ ଶିବ ପ୍ରସାଦ କୁଅଁର, ସିଆରସିସି ଶଙ୍କର ମହଲା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସାଲଖାନ ମାଝୀ, ମେଣ୍ଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାଶ, ପାଣିମୁରା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୋହନ କୁଅଁର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଭଲ ପାଠ ପଢିବା ସହ ନୃତ୍ୟ, ଗୀତ ଓ କ୍ରୀଡାରେ ରୁଚି



ଅତିଥିଙ୍କ ଗହଣରେ ଉତ୍ସବରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

**ବଡଭଇଁରୋ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ରଖିବାକୁ ପରାମର୍ଶ ଦେଇଥିଲେ। ବଡଭଇଁରୋ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ବଡ ମଣିଷ ହେବାକୁ ନିଷ୍ଠାର ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ବଡଭଇଁରୋ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ବେହେରା ସଭାରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକମ ପରିବେଷଣ କରିଥିଲେ। ଶିକ୍ଷକ ତେଜରାଜ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ।


# Classified Everyday

**0674-2580101, 9692975378**




**BRIDE WANTED**

ଚାକିରି କରୁଥିବା ଉଚ୍ଚ ଶିକ୍ଷିତ ପୁଅ (31) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି: ବଣିଆ। ଯୋଗାଯୋଗ: 9238600228. D-3602

Brahmin boy, 34 yrs, 5'9" working in MNC company at New Delhi and only son of Doctor's family residing in own house at Bhubaneswar. Needs a Suitable Match. Contact: 6371910953. D-3643

ଚାକିରି କରି ଏକାକୀ ରହୁଥିବା 50 ବୟସ ଖଣ୍ଡାୟତ (Divorce) ପୁଅ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। Mobile-9861141891. D-3646

Wanted Service bride for handsome Tanti Boy, 1996, 5'10", B-Tech serving Engineer Deloitte Bangalore. "SUNASANSAR" 9937512659. D-3648




**SALE**

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

ଜମି ବିକ୍ରି: ଭୁବନେଶ୍ୱରସ୍ଥିତ ଥାନା-ଚନ୍ଦକା, ମୌଜା- ଗିରିଙ୍ଗାପୁଟ ଅଞ୍ଚଳରେ ଥିବା ୩୯୦ ଡେସିମିଲ ଏବଂ ୧୯୦ ଡେସିମିଲ ସ୍ଥିତିବାନ୍ ଘରୋଇ ଜମି ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ୯୯୩୭୫୬୬୧୯୭ରେ ଯୋଗାଯୋଗ କରନ୍ତୁ। ଧ-୩୬୩୯

**PlotsaleAIIMS Hospital, Bhubaneswar, Duplex near Retang Station. 9777433701.** D-24

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

Land for construction on sharing basis in BMC area. No brokers allowed. Contact: 9861336970/ 9861304988. D-3644

**A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse.** D-3540

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23




**Godown and Showrrom near Pathargadia, Sibamandira 200ft. Road. Mob. 9938060592.** D-3544

**Fully furnished office spaces of different sizes available in a office complex, near Esplanade mall/ Bomikhal square. Corporate sector preferred. Contact No. 9861120421.** D-3640




All types of physiotherapy and massage contact 9556924059 / 7656969134. D-3591

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**AFFIDAVIT**

By virtue of an affidavit sworn before Executive Magistrate, Balasore, dated- 12.03.2026, I, Aruna Kumar Jena, Address: At- Balaramgadi, P.O.- Olipur, P.S.- Sadar, Dist.- Balasore, Odisha, PIN- 756027 declare that I have changed my name from Arun Kumar Jena to Aruna Kumar Jena. Henceforth, I shall be known as Aruna Kumar Jena for all purposes.
Aruna Kumar Jena
D-3642

By virtue of an affidavit sworn before Executive Magistrate, Soro, Balasore, dated- 19.01.2026. I, Puspalata Ghadei, W/o.- Ranjit Ghadei, Vill.- Mahisasuri, P.O.- Kesharipur, Via/P.S.- Soro, Dist.- Balasore, Odisha, PIN Code- 756045 declare that I have changed my surname from Puspalata Khuntia to Puspalata Ghadei. Henceforth, I shall be known as Puspalata Ghadei for all Purposes.
Sd./- Puspalata Ghadei
D-3641

By virtue of an affidavit sworn before Executive Magistrate, Tangi-Choudwar on dated 13.03.2026. I, Chittaranjan Parida, S/o.- Karunakar Parida, At- Plot No.- 309/2636, Unit-41, Chandrasekharpur, P.S.- Chandrasekharpur, Bhubaneswar, Dist.- Khorda, PIN- 751016, Odisha, I declare that I have changed my daughter's name from Joshitha Parida to KIRTHI PARIDA and her date of birth is 10.12.2010. Henceforth, she shall be known as KIRTHI PARIDA for all purpose.
Chittaranjan Parida
D-3645

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଲିଙ୍ଗରାଜ ରଥ
ଆଇନଜୀବୀ, ସୁପ୍ରିମ୍ କୋର୍ଟ
ଶ୍ୟାମାକାଳୀ ଲେନ୍, ବାଲିସାହୀ, ପୁରୀ
ଲୀଳାଖେଳା:
୨୯.୦୭.୧୯୬୯ ରୁ ୦୭.୦୩.୨୦୨୬

ବାବୁ, ଆମ ମୁହଁରେ ହସ ଭରି ପ୍ରଭୁ ଏତେ ଶୀଘ୍ର ତୁମକୁ କୋଳେଇ ନେବେ ବୋଲି ଭାବି ନଥିଲୁ। ଶ୍ରଦ୍ଧା ଓ ସ୍ନେହର ଏହି ଅନନ୍ୟ ଆତ୍ମାକୁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା ମଙ୍ଗଳା ସଦ୍‌ଗତି ପ୍ରଦାନ କରନ୍ତୁ।

ଶୋକ ସନ୍ତପ୍ତ
ହତଭାଗ୍ୟ: ପ୍ରଭାତନଳିନୀ, ସ୍ମୃତିମୟୀ, ସ୍ୱସ୍ତିକ, ରବି, ଅଳକା, ସନ୍ଦୀପ, ପ୍ରତାପ, କାଳିନ୍ଦର, ମୋନା, ଡଃ ଶ୍ରୀବତ୍ସ, ବୁଲ, ଦାମୋଦର, ମାମୀ, ଡଃ ବନମାଳୀ, ପମି, ଫୁକୁଲୀ, ରାନୁ, ଯୀଶୁ, ଜିତୁ, ମାମା, ସୀମା, ରୀମା, ତୁତୁଲ, ଟ୍ୱିଙ୍କିଲ, ରିଙ୍କିଲ ଓ ବନ୍ଧୁ ପରିବାର ବର୍ଗ
ଧ-୩୬୪୭

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ


ବିଶାଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସଦସ୍ୟତା ସକ୍ରିୟ କରି ସହାୟତା ହଡ଼ପ

**ରାଉରକେଲା, ୧୪।୩(ସଙ୍ଗୀତା ଜେନା)**

ରାଉରକେଲା ଜିଲା ଶ୍ରମ କାର୍ଯ୍ୟାଳୟ ଅଧୀନରେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ରାଶି ହଡପ କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟକୁ ଆଧାର କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଅନ୍ୟପକ୍ଷେ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ଅଭିଯୋଗ ଅନୁସାରେ, କଳକାରଖାନା, ଖଣିଖାଦାନପୂର୍ଣ୍ଣ ସୁନ୍ଦରଗଡ଼ ଜିଲାର ରାଉରକେଲା ଶ୍ରମ କାର୍ଯ୍ୟାଳୟରେ ୨ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ନିର୍ମାଣ ଶ୍ରମିକ ରହିଛନ୍ତି।


ରାଉରକେଲା ଯୁଗ୍ମ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ।

ଜଣେ ପଞ୍ଜୀକୃତ ନିର୍ମାଣ ଶ୍ରମିକ କ୍ରମାଗତ ୩ ବର୍ଷ ବାର୍ଷିକ ଦେୟ ଦେଇ ନ ଥିଲେ ତାଙ୍କର ସଦସ୍ୟତା ରଦ୍ଦ ହୋଇଥାଏ। ଏହାପରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ନିଯୁକ୍ତି, ନିୟନ୍ତ୍ରଣ ଓ ସର୍ତ୍ତାବଳୀ) ସଂଶୋଧନ ନିୟମାବଳୀ-୨୦୧୯ ଅଧିନିୟମ ୨୬୭(୧) ଏବଂ(୩) ଅନୁଯାୟୀ ସଦସ୍ୟତାର ପୁନରାରମ୍ଭ (ରିଜମ୍ପସନ) କରିବାକୁ ପଡିଥାଏ। ସଦସ୍ୟତା ପୁନରାରମ୍ଭ ଆବେଦନ ଅନୁମୋଦନ ହେଲେ ବାର୍ଷିକ ଦେୟ ପଇଠ କରି ସଦସ୍ୟତାକୁ ସକ୍ରିୟ କରାଯାଇଥାଏ। ତେବେ ଏହି ନିୟମକୁ ଅଣଦେଖା କରି ଅଧିକାଂଶ ଶ୍ରମିକଙ୍କ ମୃତ୍ୟୁ ପରେ ସେମାନଙ୍କ ସଦସ୍ୟତାକୁ ସକ୍ରିୟ କରି ସହାୟତା ରାଶି ହଡପ କରାଯାଇଥିବା ଅଭିଯୋଗ ହୋଇଛି। ବାର୍ଷିକ ଦେୟ ଠିକ୍ ଭାବେ ପଇଠ କରି ନ ଥିବା ତଥା ସରକାରଙ୍କ କୌଣସି ସହାୟତା ରାଶି ପାଇବାକୁ ନ ଥିବା ଶ୍ରମିକ ମୃତ୍ୟୁବରଣ କରିବା ପରେ କିଛି ମଧ୍ୟସ୍ଥ ଏବଂ ଶ୍ରମିକ ସଙ୍ଗଠନ ପ୍ରଥମେ ଶ୍ରମ କାର୍ଯ୍ୟାଳୟରୁ ତଥ୍ୟ ସଂଗ୍ରହ କରୁଛନ୍ତି। ପରେ ମୃତ ଶ୍ରମିକମାନଙ୍କ ଉତ୍ତରାଧିକାରୀମାନଙ୍କୁ ଠାବ କରିବା ସହ ଏହାର ପୁନରାରମ୍ଭ (ରିଜମ୍ପସନ୍) ଆବେଦନ କରାଯାଉଛି। ଏହି ଆବେଦନ ମଞ୍ଜୁର ହେବା ପରେ ଉକ୍ତ ମୃତ୍ୟୁକାଳୀନ ସହାୟତା ରାଶିକୁ ହଡ଼ପ କରାଯାଉଛି।

ବର୍ଷ ବର୍ଷ ଧରି ଉକ୍ତ କାର୍ଯ୍ୟାଳୟ ଅଧୀନରେ ବଡ଼ଗାଁ, ରାଜଗାଙ୍ଗପୁର, ବିଶ୍ରା, କୁଆରମୁଣ୍ଡା ସମେତ ଜିଲାର ଅନ୍ୟାନ୍ୟ ଅଞ୍ଚଳର ଶହ ଶହ ମୃତ୍ୟୁକାଳୀନ ସହାୟତା ଆବେଦନ ମାମଲା ପଡ଼ିରହିଛି। ଏହି ମାମଲାଗୁଡିକର ଫଇସଲା ହେଉ ନ ଥିବାବେଳେ କିଛି ନିର୍ଦ୍ଦିଷ୍ଟ ଶ୍ରମ ସଙ୍ଗଠନ ଦ୍ୱାରା ଆବେଦନ କରାଯାଉଥିବା ଏଭଳି ରିଜମ୍ପସନ ଆବେଦନକୁ ଅଗ୍ରାଧିକାର ଭିତ୍ତିରେ କୁଆଡେ ମଞ୍ଜୁର କରାଯାଉଥିବା ଅଭିଯୋଗ ହେଉଛି। କେବଳ ମୃତ୍ୟୁକାଳୀନ ନୁହେଁ ବରଂ ବିବାହ ସହାୟତା ରାଶି ମଧ୍ୟ ହିତାଧିକାରୀମାନଙ୍କୁ ମିଳିପାରିନାହିଁ। ଏହି ଘଟଣା ଜଣାପଡିବା ପରେ ଶ୍ରମିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ଏହି ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ରାଉରକେଲା ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ଜେନାଙ୍କୁ ପଚରାଯିବାରୁ ସେ କହିଲେ, ପ୍ରତ୍ୟେକ ବର୍ଷ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଉଛି। ତେବେ ଏପରି ଅଭିଯୋଗ ଆସିଲେ ଆଗାମୀ ଦିନରେ ନିଶ୍ଚିତ ଯାଞ୍ଚ କରାଯିବ ବୋଲି ସେ କହିଥିଲେ।

# କାର୍ଯ୍ୟଚାପରେ ହୋଟେଲ କର୍ମଚାରୀଙ୍କ ମୃତ୍ୟୁ ଅଭିଯୋଗ

**ରାଉରକେଲା, ୧୪।୩(ସଙ୍ଗୀତା ଜେନା)**

ଉଦିତନଗର ଥାନା ଅଞ୍ଚଳରେ ଥିବା ଏକ ପୁରୁଣା ହୋଟେଲରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଏସ୍ କେ ଜମାଲୁଦ୍ଦିନ୍(୫୪)। ମୃତକଙ୍କ ସ୍ତ୍ରୀଏ ସମ୍ପର୍କରେ ଉଦିତନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦେବାକୁ ଶ୍ରମିକ ସଙ୍ଗଠନ ଦାବି କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନ.୯/୨୬) ରୁଜୁ କରିଛି।

ସୂଚନା ଅନୁଯାୟୀ, ସେକ୍ଟର-୧୫ରେ ଜମାଲୁଦ୍ଦିନ୍ ସପରିବାର ରହୁଥିଲେ। ପ୍ରାୟ ୧୪ ବର୍ଷ ହେଲା ସେ ଉକ୍ତ ହୋଟେଲରେ କାମ କରିଆସୁଥିଲେ। ତାଙ୍କୁ ଛୁଟି ମିଳୁ ନ ଥିବା ଯୋଗୁ ସେ ଉକ୍ତ ହୋଟେଲରେ ରହୁଥିଲେ। ଗତ ୧୨ତାରିଖରେ ସ୍ତ୍ରୀ ଅଖତରି ତାଙ୍କୁ ହୋଟେଲରେ ଭେଟିଥିଲେ। ଘରୋଇ ଖର୍ଚ୍ଚ ବାବଦ ଟଙ୍କା ଦେବା ପରେ ଜମାଲୁଦ୍ଦିନ ବର୍ତ୍ତମାନ କର୍ମଚାରୀ ଅଭାବ ଯୋଗୁ ଛୁଟି ମିଳୁ ନ ଥିବା ଏବଂ କାର୍ଯ୍ୟ ଚାପ ସମ୍ପର୍କରେ କୁଆଡେ ତାଙ୍କୁ କହିଥିଲେ। ୧୩ ତାରିଖ ସନ୍ଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ତାଙ୍କୁ ଆରଜିଏଚ୍ ନିଆଯାଇଥିଲା। ସେଠାରେ ଡାକ୍ତର ଜମାଲୁଦ୍ଦିନଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅସଙ୍ଗଠିତ ନିର୍ମାଣ ଶ୍ରମିକ ସଂଘ (ଏଏନ୍‌ଏସ୍‌ଏସ୍)ର ସାଧାରଣ ସମ୍ପାଦକ ରମେଶ ସାହୁ କହିଛନ୍ତି, ଜମାଲୁଦ୍ଦିନଙ୍କ ଦେହ ଖରାପ ସତ୍ତ୍ୱେ ତାଙ୍କୁ ଅଧିକ କାର୍ଯ୍ୟଚାପରେ ରଖାଯାଉଥିଲା। ଉକ୍ତ ସଂସ୍ଥାରେ ୩୫ ଜଣ କର୍ମଚାରୀ ଥିଲେ ମଧ୍ୟ ଇପିଏଫ୍ ଏବଂ ଇଏସ୍‌ଆଇସି, ଗ୍ରୁପ୍ ବୀମା ନାହିଁ। ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ସହିତ ପରିବାରର ଜଣେ ସଦସ୍ୟଙ୍କୁ କର୍ମନିଯୁକ୍ତି ପ୍ରଦାନ କରିବାକୁ ଶ୍ରମ ବିଭାଗ ନିକଟରେ ଦାବିପତ୍ର ଦିଆଯାଇଛି ବୋଲି ସାହୁ କହିଛନ୍ତି।

# ରାସ୍ତାରେ ଦନ୍ତାହାତୀ, ଯାତ୍ରୀ ଭୟଭୀତ

**ରାଉରକେଲା, ୧୪।୩(ଦିନେଶ ମିଶ୍ର):**

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ମାଣ୍ଡିଆକୁଦର ବିଜୁ ଏକ୍ସପ୍ରେସ୍ ୱେ ଉପରେ ଶନିବାର ଏକ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ରାଉରକେଲାରୁ ସମ୍ବଲପୁରକୁ ସଂଯୋଗ କରୁଥିବାବେଳେ ପ୍ରତିଦିନ ହଜାର ହଜାର ଯାନବାହନ ଚଳାଚଳ କରୁଛି। କିନ୍ତୁ ଶନିବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟା ସମୟରେ ଉକ୍ତ ହାତୀ ମାଣ୍ଡିକୁଦର ରାସ୍ତା ଉପରକୁ ଆସିଯିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ଉକ୍ତ ରାସ୍ତାରେ ଯାନ ଚଳାଚଳ ଠପ୍ ହୋଇଥିଲା। ହାତୀଟି ଗଛ ଡାଳ ଭଙ୍ଗାରୁଜା କରିଥିଲା। ଫଳରେ ଅଧ ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଉପୁଜିଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବାରୁ ପୋଲିସ ଓ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ହାତୀକୁ ଘଉଡାଇଥିଲେ। ଏହାପରେ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।


ମାଣ୍ଡିଆକୁଦର ବିଜୁ ଏକ୍ସପ୍ରେସ୍ ୱେ ଉପରେ ଦନ୍ତା ହାତୀ।

# ରାଉରକେଲାରେ ତାଲିମ ନେଲେ ଛତିଶଗଡ଼ ଏସ୍‌ଏଚ୍‌ଜି ମହିଳା

**ରାଉରକେଲା, ୧୪।୩(ସଙ୍ଗୀତା ଜେନା)**

ଛତିଶଗଡ଼ ରାଜ୍ୟ ରାୟଗଡ଼ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ପ୍ରାୟ ଶହେ ଜଣ ମହିଳା ଏସ୍‌ଏଚ୍‌ଜି ସଦସ୍ୟ ଶୁକ୍ରବାର ରାଉରକେଲା ଗସ୍ତରେ ଆସି ଶନିବାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉକ୍ତ ବିଭାଗର 'ଦିଶା ଭ୍ରମଣ କାର୍ଯ୍ୟକ୍ରମ' ଅନୁଯାୟୀ ଏହି ସଦସ୍ୟାମାନେ ମହିଳା ସ୍ୱାବଲମ୍ବନ ତାଲିମ ଗ୍ରହଣ କରିଥିଲେ। ବିଶ୍ରା ବ୍ଲକ ଅନ୍ତର୍ଗତ ଝିରପାଣି ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି କେନ୍ଦ୍ରରେ ଆୟୋଜିତ ତାଲିମ କେନ୍ଦ୍ରରେ ସେମାନେ ମାଣ୍ଡିଆରୁ ପ୍ରସ୍ତୁତ ଛତୁଆ, ଲଡୁ, ବିସ୍କୁଟ, ନମ୍‌କିନ୍, ମିଷ୍ଟାନ୍ନ ସମେତ ୨୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବ୍ୟଞ୍ଜନ ତାଲିମ ନେଇଥିଲେ। ସିଡିପିଓ ସୁନୀତା ଖାଲଖୋ, ପୁନମ୍ ମିତ୍ତଲ, ସୁପରଭାଇଜର ଦୀପା ସିଂହ, ପୁଷମିତା ଚୌହାନ ପ୍ରମୁଖ ନେତୃତ୍ୱ ନେଇଥିଲେ। ଦିବ୍ୟଜ୍ୟୋତି ଏସଏଚ୍‌ଜିର ଆବାହିକା ପ୍ରେମା ଦାସ, ଦମୟନ୍ତୀ ପାଣିଗ୍ରାହୀ ପ୍ରମୁଖ ଉକ୍ତ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶନିବାର ଉକ୍ତ ଦଳ ସକାଳ ୧୧ଟାରେ ଛତିଶଗଡ଼ ଅଭିମୁଖେ ଯାତ୍ରା କରିଥିଲେ।



ତାଲିମ ନେଇଥିବା ମହିଳା ସଦସ୍ୟ।

# ମଣିଷପଣିଆ ଦେଖାଇଲେ ସୃଷ୍ଟି

## ପୋଲିସକୁ ହସ୍ତାନ୍ତର କଲେ ୨ ମୋବାଇଲ

**ରାଉରକେଲା, ୧୪।୩(ଦିନେଶ ମିଶ୍ର):**

ଆଜିଭି ବଞ୍ଚିଛି ମଣିଷପଣିଆ । ନା ଲୋଭ ଅଛି ନା କାହାର ହକ୍‌କୁ ଛଡାଇ ନେବାର ଅଧିକାର ରହିଛି। ଯାହାଙ୍କର ଜିନିଷ ତାଙ୍କୁ ଫେରାଇଦେବା ହିଁ ପ୍ରକୃତ ମଣିଷପଣିଆ ଭାବି ଜଣେ କିନ୍ନର ପୋଲିସକୁ ୨ଟି ମୋବାଇଲ ଫେରାଇଛନ୍ତି। ସୂଚନା ଅନୁସାରେ, ଗତ ୧୨ ତାରିଖରେ ରାଉରକେଲା ଟ୍ରାଫିକ୍ ଗେଟ୍ ପାର୍କ ଅଞ୍ଚଳରେ ବାସନ୍ତୀ କଲୋନୀର ସୃଷ୍ଟି କିନ୍ନର ମାର୍କେଟିଂ କରୁଥିଲେ। ସେ ତାଙ୍କ ଗାଡି ରଖୁଥିବାବେଳେ ସେଠାରେ ୨ଟି ସ୍ମାର୍ଟ ଫୋନ ପଡିଥିବା ଦେଖି ମାର୍କେଟ ଥିବା ଲୋକଙ୍କୁ କାହାର ମୋବାଇଲ ହଜିଯାଇଥିବା ନେଇ ପଚାରିଥିଲେ। ମାତ୍ର ହଜି ଯାଇଥିବା ୨ଟି ମୋବାଇଲର ପ୍ରକୃତ ହିତାଧିକାରୀ କିଏ ଜଣାପଡି ନ ଥିଲା। ଫଳରେ ସୃଷ୍ଟି ରାଉରକେଲା କିନ୍ନର ଆସୋସିଏଶନ ସଭାପତି ଜୟା ତ୍ରିପାଠୀଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଶନିବାର ପୂର୍ବାହ୍ନ ସାଢେ ୧୧ଟାରେ ସୃଷ୍ଟି ପ୍ଲାଣ୍ଟସାଇଟ୍ ଥାନାକୁ ଯାଇ ମୋବାଇଲକୁ ପୋଲିସକୁ ଦେଇଥିଲେ। ଥାନାଧିକାରୀ ବିଭସ୍ଥ ରଞ୍ଜନ ପ୍ରଧାନ ତାଙ୍କୁ ଧନ୍ୟବାଦ ଦେବା ସହ ଏହି ମୋବାଇଲକୁ ପ୍ରକୃତ ଦାବିଦାରଙ୍କୁ ଡାକି ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସୁଶୀଳାବତୀ ମହିଳା କଲେଜରେ ଆଲୋଚନାଚକ୍ର

**ରାଉରକେଲା, ୧୪।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟର ହିନ୍ଦୀ ଭାଷା ଏବଂ ସାହିତ୍ୟ ବିଭାଗ ତଥା ଅନୁସନ୍ଧାନ ଏବଂ ବିକାଶ ସେଲ୍‌ର ମିଳିତ ଆନୁକୂଲ୍ୟରେ ଶନିବାର ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଇପ୍‌ସିବା ଏକ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ସ୍ୱୟଂଚାଳିତ ମହାବିଦ୍ୟାଳୟ ହିନ୍ଦୀ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ନମିତା ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଆରମ୍ଭରେ ବିଭାଗୀୟ ମୁଖ୍ୟ ଡ. କେତକୀ ବୁଢ଼ା ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ବୁଢ଼ା ଆଦିବାସୀ କବୟିତ୍ରୀମାନଙ୍କର ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ହିନ୍ଦୀ ବିଭାଗର ଅତିଥି ଅଧ୍ୟାପିକା ଡକ୍ଟର ଦେବସ୍ମିତା ବଳ, ଶ୍ରେୟସୀ ସାହୁ, ଲଳିତା କୁମାରୀ ଏବଂ ରେଶମା ଓରାମ ଆଲୋଚନାଚକ୍ରର ବିଷୟ ସମ୍ବନ୍ଧିତ ନିଜ ନିଜର ପ୍ରପତ୍ର ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀମାନେ ଯୋଗଦାନ କରିଥିଲେ।

# ୪୬୪ ମାମଲା ସମାଧାନ, ୫.୬ ଲକ୍ଷ ଆଦାୟ

**ରାଉରକେଲା, ୧୪।୩(ସଙ୍ଗୀତା ଜେନା)**

ରାଉରକେଲା ବିରଜାପାଲୀ ସିଭିଲକୋର୍ଟରେଶନିବାର ପୂର୍ବାହ୍ନ ୧୦ଟାରେ ବର୍ଷର ପ୍ରଥମ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୬୪ଟିମାମଲା ସମାଧାନ ହୋଇଥିବାବେଳେ ୫କୋଟି ୬ଲକ୍ଷ ୨୬ ହଜାର ଟଙ୍କା ଆଦାୟ କରାଯାଇଛି। ୨୨ଟି ଏନ୍‌ଆଇ ମାମଲାରେ ୧କୋଟି ୪୬ଲକ୍ଷ ୧୫ ହଜାର ଟଙ୍କା, ବ୍ୟାଙ୍କ ରିକଭରି ୬ଟି ମାମଲାରେ ୯ଲକ୍ଷ ୨୫ ହଜାର ଟଙ୍କା, ୩୮ଟି ମୋଟର ଦୁର୍ଘଟଣା ଜନିତ ମାମଲାରେ ୩ କୋଟି ୩୩ ଲକ୍ଷ ୩୫ ହଜାର ଟଙ୍କା, ୬ଟି ସିଭିଲ ମାମଲାରେ ୧୭ଲକ୍ଷ ୪୯ହଜାର ଟଙ୍କା ଆଦାୟ ହୋଇଛି। ସେହିପରି ଅଦାଲତ ବାହାରେ


ଅଦାଲତରେ ବେଞ୍ଚ ସଦସ୍ୟ।

### ପ୍ରଥମ ଲୋକ ଅଦାଲତ

୧୯୦ଟି ମାମଲା ଆପୋଷ ସମାଧାନ ହୋଇଛି। ୧୬୧ଟି ବ୍ୟାଙ୍କ ରିକଭରି ମାମଲାରେ ୨କୋଟି ୫୬ଲକ୍ଷ ୪ ହଜାର ଓ ୨୯ଟି ବିଏସ୍‌ଏନ୍‌ଏଲ୍ ମାମଲାରେ ୪୩ ହଜାର ୫୨୦ଟଙ୍କା ସଂଗ୍ରହ କରାଯାଇଛି। ଲୋକ ଅଦାଲତରେ ପ୍ରଥମ ଏଡିଜେ ଏମ୍. ଆର୍. ଶତପଥୀ, ଦ୍ୱିତୀୟ ଏଡିଜେ ରଞ୍ଜିତା ଜ୍ୟୋତିଷ, ପରିବାର କୋର୍ଟର ଲିଲି ସେନାପତି, ସିଭିଲ କୋର୍ଟ ବିଚାରପତି ମୋନାଲିସା ପଟ୍ଟନାୟକ, ଏସ୍‌ଡିଜେଏମ୍ (ପି) ପ୍ରବୀଣ ମଣ୍ଡଳ, ଜେଏମ୍‌ଏଫ୍‌ସି (ଗ୍ରାମୀଣ) ଅମିତ ବେହେରା, ଜେଏମ୍‌ଏଫ୍‌ସି ଶର୍ମିଷ୍ଠା ପାଢ଼ୀ ପ୍ରମୁଖ ବିଭିନ୍ନ ମାମଲାର ବିଚାର କରିଥିଲେ। ବରିଷ୍ଠ ଆଇନଜୀବୀ ଗିରୀଶ ଚନ୍ଦ୍ର ମହାପାତ୍ର, ଅମୂଲ୍ୟ ମହାପାତ୍ର, ନିର୍ମଳ ସ୍ୱାଇଁ, ସୁନୀଲ ବିଶି, ମନୋଜ ପଟ୍ଟନାୟକ, ସୁରେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
**0674-2580101, 9692975378**


MATRIMONIAL

## BRIDE WANTED

ଚାକିରି କରୁଥିବା ଉଚ୍ଚ ଶିକ୍ଷିତ ପୁଅ (31) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି: ବଣିଆ। ଯୋଗାଯୋଗ: 9238600228. D-3602

Brahmin boy, 34 yrs, 5'9" working in MNC company at New Delhi and only son of Doctor's family residing in own house at Bhubaneswar. Needs a Suitable Match. Contact: 6371910953. D-3643

ଚାକିରି କରି ଏକାକୀ ରହୁଥିବା 50 ବୟସ ଖଣ୍ଡାୟତ (Divorce) ପୁଅ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। Mobile- 9861141891. D-3646

Wanted Service bride for handsome Tanti Boy, 1996, 5'10", B-Tech serving Engineer Deloitte Bangalore. "SUNASANSAR" 9937512659. D-3648


REAL ESTATE

## SALE

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

ଜମି ବିକ୍ରି: ଭୁବନେଶ୍ୱରସ୍ଥିତ ଥାନା- ଚନ୍ଦକା, ମୌଜା- ଗିରିଙ୍ଗାପୁଟ ଅଞ୍ଚଳରେ ଥିବା ୩୯୦ ଡେସିମିଲ ଏବଂ ୧୯୦ ଡେସିମିଲ ସ୍ଥିତିବାନ୍ ଘରୋଇ ଜମି ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ୯୯୩୭୫୬୬୧୯୭ରେ ଯୋଗାଯୋଗ କରନ୍ତୁ। ଧ-୩୬୩୯

**PlotsaleAIIMS Hospital, Bhubaneswar, Duplex near Retang Station. 9777433701.** D-24

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

Land for construction on sharing basis in BMC area. No brokers allowed. Contact: 9861336970/ 9861304988. D-3644

**A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse.** D-3540

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23


FOR RENT

**Godown and Showrrom near Pathargadia, Sibamandira 200ft. Road. Mob. 9938060592.** D-3544

**Fully furnished office spaces of different sizes available in a office complex, near Esplanade mall/ Bomikhal square. Corporate sector preferred. Contact No. 9861120421.** D-3640


Healthcare

All types of physiotherapy and massage contact 9556924059 / 7656969134. D-3591

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## AFFIDAVIT

By virtue of an affidavit sworn before Executive Magistrate, Balasore, dated- 12.03.2026, I, Aruna Kumar Jena, Address: At- Balaramgadi, P.O.- Olipur, P.S.- Sadar, Dist.- Balasore, Odisha, PIN- 756027 declare that I have changed my name from Arun Kumar Jena to Aruna Kumar Jena. Henceforth, I shall be known as Aruna Kumar Jena for all purposes.
Aruna Kumar Jena
D-3642

By virtue of an affidavit sworn before Executive Magistrate, Soro, Balasore, dated- 19.01.2026. I, Puspalata Ghadei, W/o.- Ranjit Ghadei, Vill.- Mahisasuri, P.O.- Kesharipur, Via/P.S.- Soro, Dist.- Balasore, Odisha, PIN Code- 756045 declare that I have changed my surname from Puspalata Khuntia to Puspalata Ghadei. Henceforth, I shall be known as Puspalata Ghadei for all Purposes.
Sd./- Puspalata Ghadei
D-3641

By virtue of an affidavit sworn before Executive Magistrate, Tangi-Choudwar on dated 13.03.2026. I, Chittaranjan Parida, S/o.- Karunakar Parida, At- Plot No.- 309/2636, Unit-41, Chandrasekharpur, P.S.- Chandrasekharpur, Bhubaneswar, Dist.- Khorda, PIN- 751016, Odisha, I declare that I have changed my daughter's name from Joshitha Parida to KIRTHI PARIDA and her date of birth is 10.12.2010. Henceforth, she shall be known as KIRTHI PARIDA for all purpose.
Chittaranjan Parida
D-3645

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଲିଙ୍ଗରାଜ ରଥ
ଆଇନଜୀବୀ, ସୁପ୍ରିମ୍ କୋର୍ଟ
ଶ୍ୟାମାକାଳୀ ଲେନ୍, ବାଲିସାହୀ, ପୁରୀ
ଲୀଳାଖେଳା:
୨୯.୦୭.୧୯୬୯ ରୁ ୦୭.୦୩.୨୦୨୬

ବାବୁ, ଆମ ମୁହଁରେ ହସ ଭରି ପ୍ରଭୁ ଏତେ ଶୀଘ୍ର ତୁମକୁ କୋଳେଇ ନେବେ ବୋଲି ଭାବି ନଥିଲୁ। ଶ୍ରଦ୍ଧା ଓ ସ୍ନେହର ଏହି ଅନନ୍ୟ ଆତ୍ମାକୁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା ମଙ୍ଗଳା ସଦ୍‌ଗତି ପ୍ରଦାନ କରନ୍ତୁ।

ଶୋକ ସନ୍ତପ୍ତ
ହତଭାଗ୍ୟ: ପ୍ରଭାତନଳିନୀ, ସ୍ମୃତିମୟୀ, ସ୍ୱସ୍ତିକ, ରବି, ଅଳକା, ସନ୍ଦୀପ, ପ୍ରତାପ, କାଳିନ୍ଦର, ମୋନା, ଡଃ ଶ୍ରୀବତ୍ସ, ବୁଲ, ଦାମୋଦର, ମାମୀ, ଡଃ ବନମାଳୀ, ପମି, ଫୁଲୁଲୀ, ରାନ୍ତୁ, ଯାଶୁ, କିତୁ, ମାମା, ସାମା, ରାମା, ତୁତୁଲ, ବ୍ରିଙ୍କିଲ, ରିଙ୍କିଲ ଓ ବନ୍ଧୁ ପରିବାର ବର୍ଗ
ଧ-୩୬୪୭

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ଭାଜପାର କାର୍ଯ୍ୟକର୍ତ୍ତା ବୈଠକ

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ବ୍ଲକ ଦାମେଇପାଲି ପଞ୍ଚାୟତ କେନ୍ଦୁବାହାଲଠାରେ ପଞ୍ଚାୟତସ୍ତରୀୟ ଭାଜପାର କାର୍ଯ୍ୟକର୍ତ୍ତା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚାୟତ ପ୍ରମୁଖ ସଞ୍ଜୀବ ପଟେଲ ଅଧକ୍ଷତା କରିଥିଲେ ।ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା ,ସମ୍ମାନିତ ଅତିଥି ଭାବେ ଭାଜପା ନେତା ପ୍ରବୋଧାନନ୍ଦ ପାଣିଗ୍ରାହୀ, ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ବିକାଶ ବେହେରା, ପଞ୍ଚାୟତ ପ୍ରଭାରୀ ଉପେନ୍ଦ୍ର ଭୋଇ ଯୋଗ ଦେଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଆଲୋଚନା ହୋଇଥିଲା।। ଅଭୟ ତ୍ରିପାଠୀ ବୈଠକ ପରିଚାଳନା କରିଥିଲେ।

### ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ...........................


ଗୁନ୍‌ଗୁନ୍ ପରିବାରବର୍ଗ


ବିଶାଲ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# ଭିନ୍ନକ୍ଷମ ମଥୁରାଙ୍କୁ ନେଇ ବଢୁଛି ଚିନ୍ତା

**ଲୋଇସିଂହା,୧୪।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଲୋଇସିଂହା ପଞ୍ଚାୟତ ଅଧୀନ ସଜିଆ ଗ୍ରାମର ମଥୁରା ଧରୁଆ(୪୬)। ତାଙ୍କ ଅଣ୍ଟାର ତଳକୁ କାମ କରୁନାହିଁ। ବିଶେଷ କରି ଦୁଇ ଗୋଡ ଅଚଳ ଥିବାରୁ ଘୋଷାରି ଘୋଷାରି ହୋଇ ଯିବା ଆସିବା କରଥାନ୍ତି। ଏକପ୍ରକାର ସେ ଶତ ପ୍ରତିଶତ ଭିନ୍ନକ୍ଷମ। କିନ୍ତୁ ବଲାଙ୍ଗୀର ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗତବର୍ଷ ସେପ୍ଟେମ୍ବର ୨୪ ତାରିଖରେ ତାଙ୍କୁ ମିଳିଥିବା ୟୁଡିଆଇଡି ପରିଚୟପତ୍ରରେ ୪୫ ପ୍ରତିଶତ ଭିନ୍ନକ୍ଷମ ବୋଲି ଦର୍ଶାଯାଇଛି। ଏହି ପରିଚୟପତ୍ର ୨୦୩୦ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ବୋଲି ଦର୍ଶାଯାଇଛି। ଏଣୁ ସେ ବର୍ଦ୍ଧିତ ବିକଳାଙ୍ଗ ଭତ୍ତାରୁ ବଞ୍ଚିତ ରହିଛନ୍ତି। ଭତ୍ତା ବାବଦକୁ ୧ ହଜାର ଟଙ୍କା ତାଙ୍କୁ ମିଳୁଛି। ପ୍ରକାଶ ଯେ, ସୁଜିଆ ଗ୍ରାମର ଭଗବତୀ ଧରୁଆ ଓ ପର୍ଶୁ ଧରୁଆଙ୍କ ୨ ଝିଅ, ଗୋଟିଏ ପୁଅ। ୨ ଝିଅଙ୍କ ମଧ୍ୟରେ ମଥୁରା ବଡ


ମଥୁରା ଧରୁଆ ।

। ସେ ଜନ୍ମରୁ ଭଲ ଥିଲେ । ବଡ ହେବା ପରେ ଆସ୍ତେ ଆସ୍ତେ ତାଙ୍କ ବାମ ଆଖି କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇଥିଲା । ଏହାପରେ ୨୦୦୯ ମସିହାରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଥୁରାଙ୍କୁ ମିଳିଥିବା ଭିନ୍ନକ୍ଷମ ପ୍ରମାଣପତ୍ରରେ ୩୦ ପ୍ରତିଶତ ଭିନ୍ନକ୍ଷମ ଥିବା ଉଲ୍ଲେଖ ରହିଛି। ତେବେ ଜନ୍ମଗତ ତ୍ରୁଟି ଯୋଗୁ ପରବର୍ତ୍ତୀ ସମୟରେ ତାଙ୍କ ଦୁଇ ଗୋଡ ଅଚଳ ହୋଇପଡିଛି । ଫଳରେ ପରିବାର ଲୋକଙ୍କ ସହାୟତାରେ ଦୈନନ୍ଦିନ କାର୍ଯ୍ୟ କରିଥାନ୍ତି। ଗତ ସେପ୍ଟେମ୍ବରରେ ତାଙ୍କୁ ବଲାଙ୍ଗୀର ମୁଖ୍ୟ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଆଯାଇଥିଲା। ଏଥର ଶତପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିବ ବୋଲି ପରିବାର ଲୋକେ ଆଶାବାଦୀ ଥିଲେ। କିନ୍ତୁ ୪୫ ପ୍ରତିଶତ ପ୍ରମାଣପତ୍ର ମିଳିଥିବାରୁ ପରିବାର ଲୋକେ ହତାଶ ହୋଇ ପଡିଛନ୍ତି । ଅପରପକ୍ଷେ ଭିନ୍ନକ୍ଷମ ହୋଇଥିଲେ ସୁଦ୍ଧା ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ତାଙ୍କୁ ୩ ଚକିଆ ସାଇକେଲ ମିଳି ପାରିନାହିଁ। ଗ୍ରାମର ଜଣେ ବଦାନ୍ୟ ବ୍ୟକ୍ତି ଏକ ପୁରୁଣା ୩ ଚକିଆ ସାଇକେଲ ପ୍ରଦାନ କରିଥିବା ଜଣାଯାଇଛି। ମଥୁରାଙ୍କ ବାପା ପର୍ଶୁ କହିଛନ୍ତି, ଝିଅକୁ ସରକାରୀ ସହାୟତାରେ ଘର ମିଳିଛି ସତ, ହେଲେ ଶତ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ହେଁ ତାହା ପ୍ରମାଣପତ୍ରରେ ଉଲ୍ଲେଖ ନାହିଁ । ଆମକୁ ବୟସ ହେଲାଣି । ଆଗକୁ ଝିଅକୁ କିଏ ଦେଖାଚାହାଁ କରିବ, ୧ ହଜାର ଭତ୍ତା ଟଙ୍କାରେ କିପରି ଚଳିବ ସେହି ଚିନ୍ତା ଘାରିଛି।

# ବିଲୁପ୍ତହେବାକୁ ବସିଲାଣି ଶ୍ୱେତ ପଳାଶଫୁଲ

**ଖପ୍ରାଖୋଲ,୧୪।୩(ଅଭୟ ତ୍ରିପାଠୀ)**

ବିଭିନ୍ନ ଔଷଧୀୟ ବୃକ୍ଷ, ଗୁଳ୍ମ ଲତାରେ ଭରା ବଲାଙ୍ଗୀର ଓ ବରଗଡ ଜିଲା ସୀମାନ୍ତରେ ରହିଛି ଗନ୍ଧମାର୍ଦ୍ଦନ ପାହାଡ। ଏହି ପାହାଡ଼ରେ ଏକ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ବୃକ୍ଷ ଲତା ଥିବା ନେଇ ଜୈବ ବିବିଧତା ବୋର୍ଡ ସର୍ଭେରୁ ଜଣାଯାଇଛି। ଯାହାକୁ ନେଇ ସରକାର ଗନ୍ଧମାର୍ଦ୍ଦନକୁ ଜୈବ ବିବିଧତା ଐତିହ୍ୟ ସ୍ଥଳୀର ମାନ୍ୟତା ଦେଇଛନ୍ତି। କେବଳ ଗନ୍ଧମାର୍ଦ୍ଦନ ପାହାଡ ନୁହେଁ, ଏହାର ଚାରି ପାଖରେ ଥିବା ଜଙ୍ଗଲ, ପାହାଡ, ପଡ଼ିଆ ଭୂମି, ଚାଷ ଜମିରେ ମଧ୍ୟ ଅନେକ ପ୍ରକାର ଔଷଧୀୟ ଗୁଳ୍ମ ଲତା ଦେଖିବାକୁ ମିଳିଥାଏ। ଫଳରେ ବୈଦ୍ୟମାନେ ଏହା ସଂଗ୍ରହ କରି ବିଭିନ୍ନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଥାନ୍ତି। ଏପରି ଏକ ଔଷଧୀୟ ବୃକ୍ଷ ହେଲା ପଳାଶ ବୃକ୍ଷ। ଯାହାକୁ ସ୍ଥାନୀୟ ଭାଷାରେ ପଳସା, ଫଳସା ବୋଲି କୁହାଯାଇଥାଏ। ଏହି ବୃକ୍ଷ ସାଧାରଣତଃ ଜଙ୍ଗଲ ତଳି, ପାହାଡ ତଳି ଅଞ୍ଚଳ, ପଡ଼ିଆ ଜମି ଓ ଚାଷ ଜମି ହିଡ଼ରେ ଦେଖାଯାଇଥାଏ। ପଳାଶ ବୃକ୍ଷରେ ନାଲି ରଙ୍ଗର ଫୁଲ ଫୁଟିବା ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳିଥାଏ । ହେଲେ ଖପ୍ରାଖୋଲରେ ବିଲୁପ୍ତ ପ୍ରାୟ ଶ୍ୱେତ ପଳାଶ ବା ଧଳା ପଳସା ଏହି ଅଞ୍ଚଳର ଏକ ଚାଷ ଜମିରେ ଦେଖିବାକୁ ମିଳିଛି। ଏହି ଶ୍ୱେତ ପଳାଶର ଅନେକ ଔଷଧୀୟ ଗୁଣ ଥିବା ବେଳେ ତନ୍ତ୍ର ସାଧନାରେ ଏହା ବ୍ୟବହାର ହେଉଥିବା ଜଣାଯାଇଛି। ଏହି ଶ୍ୱେତ ପଳାଶ ବୃକ୍ଷର ସୁରକ୍ଷା ସହିତ ତାର ମଞ୍ଜି ସଂଗ୍ରହ କରି ବଂଶ ବିସ୍ତାର ପାଇଁ ବନ ବିଭାଗ ବ୍ୟବସ୍ଥା କରିବାକୁ ପରିବେଶ କର୍ମୀମାନେ ଦାବି କରିଛନ୍ତି। ଅନେକ



ଖପ୍ରାଖୋଲ ଅଞ୍ଚଳର ଏକ ଚାଷ ଜମିରେ ଥିବା ଶ୍ୱେତ ପଳାଶ ଗଛ ।

### ରହିଛି ଔଷଧୀୟ ଗୁଣ

ଦିନରୁ ଏହି ଗଛ ଚାଷ ଜମିରେ ରହିଛି, ହେଲେ ପାଖରେ ଆଉ ଏପରି ଗଛ ହେଉ ନ ଥିବା ସେହି ଅଞ୍ଚଳର ବାସିନ୍ଦା ଉମାକାନ୍ତ ପ୍ରଧାନ ପ୍ରକାଶ କରିଛନ୍ତି। ସାଧାରଣତଃ ନାଲି ପଳାଶ ଦେଖାଯାଇଥାଏ, ହେଲେ ଶ୍ୱେତ ପଲାସ କ୍ୱଚିତ୍ ଦେଖାଯାଇଥାଏ ବୋଲି ଆୟୁର୍ବେଦ କବିରାଜ ଶାନ୍ତନୁ ବୁଦ୍ଧିଆ କହିଛନ୍ତି। ଏନେଇ ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନାଙ୍କୁ ପଚାରିବାରେ ମୁଁ ପ୍ରଥମ କରି ଏଠାରେ ଶ୍ୱେତ ପଳାଶ ଦେଖିଲି । ଏହାର ସୁରକ୍ଷା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବି ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ବିଧାନସଭାରେ ଗନ୍ଧମାର୍ଦ୍ଦନ ପାହାଡ ଅଞ୍ଚଳରେ କେତେଶ୍ୱେତ ପଳାଶ ବୃକ୍ଷ ରହିଛି ସେ ନେଇ ପ୍ରଶ୍ନ ଉଠିଥିଲା।

# ବଲାଙ୍ଗୀରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

**ବଲାଙ୍ଗୀର,୧୪।୩(ବୀରେନ୍ଦ୍ର କୁମାର ଖଙ୍କର)**

ବଲାଙ୍ଗୀର ଜିଲା ନ୍ୟାୟାଳୟ ସହିତ ଜିଲାର ସମସ୍ତ ତାଲୁକ ସ୍ତର ଓ ତୁଷୁରା କୋର୍ଟରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତ ଜିଲା କୋର୍ଟ ପରିସରରେ ଭାରପ୍ରାପ୍ତ ଜିଲା ନ୍ୟାୟାଧୀଶ ମଳୟ ରଞ୍ଜନ ଦାଶ ଓ ଜିଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଦୀପ ମିଶ୍ରଙ୍କ ଉପସ୍ଥିତିରେ ପରିଚାଳିତ ହୋଇଥିଲା। ଲୋକ ଅଦାଲତରେ ୧୫ଟି ଦେୱାନୀ ମକଦ୍ଦମା ଓ ୮ଟି ବ୍ୟାଙ୍କ ମକଦ୍ଦମାର ଫଇସଲା କରାଯାଇଥିଲା। ୧୪ଟି ମୋଟରର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ମୋଟ ୪୭ ଲକ୍ଷ ୬ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଦେଶ ଦିଆଯାଇଥିଲା। ୩୮୬ଟି ଫୌଜଦାରୀ ମକଦ୍ଦମା ଓ ପାରିବାରିକ ମିଳାମିଶାରେ ୪ଟି ମାମଲା ଫଇସଲା ହୋଇଥିଲା। ୮୮୭ଟି ରାଜସ୍ୱ ମାମଲାର ବିଚାର କରାଯାଇ ଫଇସଲା ହୋଇଥିଲା। ୧୫୨୦ଟି ପ୍ରାକ୍ ମକଦ୍ଦମାର ସମାଧାନ ହୋଇଥିଲା। ମୋଟ ୧୦, ୮୩୪ଟି ମକଦ୍ଦମା ଫଇସଲା କରାଯାଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପିଏଲଏ ଚେୟାରମ୍ୟାନ ବିମଳ କୁମାର ଚାନ୍ଦ, ଅତିରିକ୍ତ ଜିଲା ଜଜ୍ (ଦ୍ୱିତୀୟ) ଅଞ୍ଜଳି ପାଢ଼ୀ, ସିଭିଲ କୋର୍ଟ ରେଜିଷ୍ଟ୍ରାର ଶଙ୍ଖ ଚକ୍ରବର୍ତ୍ତୀ, ସିଭିଲ ଜଜ୍ (ବରିଷ୍ଠ) ବୈଶାଳୀ ନାୟକ, ଅତିରିକ୍ତ ସିଭିଲ ଜଜ୍ (ବରିଷ୍ଠ) ଅନ୍ନପୂର୍ଣ୍ଣା ଷଡଙ୍ଗୀ, ଦୀପାରାଣୀ ଜେନା, ସିଭିଲ ଜଜ୍ ଶାଶ୍ୱତୀ ମହାପାତ୍ର, ଜେଏମ୍ଏଫ୍‌ସି ଦୀପାଳୀ ଦାସ, ଅର୍ଘ୍ୟରୂପା ମିଶ୍ର ଏବଂ ଜିଲା ବାର ଆସୋସିଏଶନର ଅଧିବକ୍ତାମାନେ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟ କରଣ ବ୍ୟାଙ୍କ, ଜଳ ବିଭାଗ, ବିଦ୍ୟୁତ୍ ବିଭାଗ ଓ ଅନ୍ୟ ବିଭାଗର କର୍ମଚାରୀମାନେ ଲୋକ ଅଦାଲତରେ ଭାଗ ନେଇଥିଲେ।

# ବନ୍ଧପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ


କ୍ରୀଡା ଉତ୍ସବ ଅବସରରେ କୃତୀ ପ୍ରତିଯୋଗୀଙ୍କ ଗହଣରେ ଅତିଥି ବୃନ୍ଦ ।

**ଦେଓଗାଁ,୧୪।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତ ମୁଖ୍ୟାଳୟସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ଉପେନ୍ଦ୍ର କୁମାର ମେହେରଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ କୁଞ୍ଜବିହାରୀ ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରଦୀପ କୁମାର ଜେନା, ଶିକ୍ଷକ ଭୀମସେନ ଦଣ୍ଡସେନା, ରାଜୁ ମଲ୍ଲିକ, ସୁଦାମ ଭୋଇ, ବିଷ୍ଣୁପ୍ରିୟା ନାଏକ, ଅଳକା ସାହୁ , ପରିଚାଳନା କମିଟି ସଦସ୍ୟା ଇନ୍ଦୁମତି କୁମ୍ଭାର, ଶିବାନୀ ପୋଢ଼, ବଳଦେବ ଚନ୍ଦନ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ସମୟାନୁବର୍ତ୍ତିତ ହେବା ସହ ଶୃଙ୍ଖଳିତ ହେବା ପାଇଁ ଅତିଥିଗଣ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ଓ ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ଅଶୋକ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ନିର୍ବାଚନ ଲଢ଼ିବାରେ ଅନୁସୂଚିତ ଜାତିକୁ ଉପେକ୍ଷା

**ଲାଠୋର,୧୪।୩(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତରେ ବିଗତ ୨୦ ବର୍ଷ ହେବ ଅନୁସୂଚିତ ଜାତିକୁ ପଞ୍ଚାୟତ ନିର୍ବାଚନ ରେ ଉପେକ୍ଷିତ କରାଯାଇଥିବା ନେଇ ଆଶାୟୀ ସରପଞ୍ଚ ପ୍ରାର୍ଥୀମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, କରୁଆଁଝର, ଚାଉଲଡିଆ, ସାନଗୁର୍ଜିଭଟା, ମସିଣା ଏବଂ ଝଲିଆଲିଟି ଗ୍ରାମକୁ ନେଇ କରୁଆଁଝର ପଞ୍ଚାୟତ ଗଠିତ। ଏହି ଅଞ୍ଚଳରେ ୩୪ ଶହରୁ ଅଧିକ ଭୋଟର ରହିଛନ୍ତି । ସେଥିମଧ୍ୟରୁ ୩୦ ପ୍ରତିଶତ ଏସ୍‌ସି ଭୋଟର ଅଛନ୍ତି। ଏତେ ସଂଖ୍ୟକ ଭୋଟର ରହିଥିବା ବେଳେ ସେମାନେ ମଧ୍ୟ ପ୍ରତିନିଧିତ୍ୱ କରିବାର ଅଧିକାର ରହିଛି। ହେଲେ ତାଙ୍କୁ ଉପେକ୍ଷିତ କରାଯାଇଥିବା କୁହାଯାଉଛି। ଗତ ୨୦୦୨ରେ କରୁଆଁଝର ପଞ୍ଚାୟତରେ ସରପଞ୍ଚ ସିଟ୍(ଏସ୍‌ସି) ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିଲା। ଏଥିରେ ମସିଣା ଗ୍ରାମର ହେମଲତା ବାରିକ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏହାପର


କରୁଆଁଝର ପଞ୍ଚାୟତ କାର୍ଯ୍ୟାଳୟ।

### ୨୦ ବର୍ଷ ହେଲା ଆସିନି ଏସ୍‌ସି ସିଟ୍

ଠାରୁ ଆଜିଯାଏ ଦୀର୍ଘ ୨୦ ବର୍ଷ ହେବ ଅନୁସୂଚିତ ଜାତି ବର୍ଗର ଆଶାୟୀ ପ୍ରାର୍ଥୀମାନଙ୍କ ପାଇଁ ସରପଞ୍ଚ ପଦବୀରେ ନିର୍ବାଚନ ଲଢିବାର ସୁଯୋଗ ସୃଷ୍ଟି କରାଯାଇନାହିଁ। ୨୦୦୭ରେ କରୁଆଝର ପଞ୍ଚାୟତରେ ଅନୁସୂଚିତ ଜନଜାତି ପୁରୁଷ ସିଟ ଆସିଥିଲା। ଏଥିରେ ସାନଗୁର୍ଜିଭଟା ଗ୍ରାମର ଗଣେଶ ରାମ ଭୋଇ ନିର୍ବାଚିତ ହୋଇଥିଲେ। ୨୦୧୨ରେ ଓବିସି ପୁରୁଷ ସିଟ୍ ହୋଇଥିଲା। ଏଥିରେ କରୁଆଁଝର ଗ୍ରାମର ଜଳନ୍ଧର ଭୋଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ୨୦୧୭ରେ ଅନୁସୂଚିତ ଜନଜାତି ମହିଳା ସିଟ ହୋଇଥିଲା। ସେ ସମୟରେ ବିଜୟଲକ୍ଷ୍ମୀ ବାଗ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ୨୦୨୨ରେ ଓବିସି ମହିଳା ସଂରକ୍ଷଣ ସିଟ ହେବାରୁ ଜପସ୍ୱିନୀ ସାହୁ ନିର୍ବାଚନ ଜିତି ବର୍ତ୍ତମାନ ପର୍ଯ୍ୟନ୍ତ ସେ ପଞ୍ଚାୟତ କାର୍ଯ୍ୟଭାର ସମ୍ଭାଳି କାମ କରୁଛନ୍ତି। ଫଳରେ ଅନୁସୂଚିତ ଜାତିର ଯେଉଁ ମହିଳା ପୁରୁଷ ତୃଣମୂଳ ସ୍ତରରେ ରାଜନୀତି କରୁଛନ୍ତି ସେମାନଙ୍କୁ ଉପେକ୍ଷିତ କରାଯାଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ନୂଆ ସରକାର ଆସିଛି। ସରକାର ଉପଯୁକ୍ତ ବିଚାର କରି ପଦକ୍ଷେପ ଗ୍ରହଣ କରିବେ ବୋଲି ସେମାନେ ଆଶାବାଦୀ ଅଛନ୍ତି।


# Classified Everyday

**0674-2580101, 9692975378**


MATRIMONIAL

## BRIDE WANTED

ଚାକିରି କରୁଥିବା ଉଚ୍ଚ ଶିକ୍ଷିତ ପୁଅ (31) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି: ବଣିଆ। ଯୋଗାଯୋଗ: 9238600228. D-3602

Brahmin boy, 34 yrs, 5'9" working in MNC company at New Delhi and only son of Doctor's family residing in own house at Bhubaneswar. Needs a Suitable Match. Contact: 6371910953. D-3643

ଚାକିରି କରି ଏକାକୀ ରହୁଥିବା 50 ବୟସ ଖଣ୍ଡାୟତ (Divorce) ପୁଅ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। Mobile- 9861141891. D-3646

Wanted Service bride for handsome Tanti Boy, 1996, 5'10", B-Tech serving Engineer Deloitte Bangalore. "SUNASANSAR" 9937512659. D-3648


REAL ESTATE

## SALE

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

ଜମି ବିକ୍ରି: ଭୁବନେଶ୍ୱରସ୍ଥିତ ଥାନା- ଚନ୍ଦକା, ମୌଜା- ଗିରିଙ୍ଗାପୁଟ ଅଞ୍ଚଳରେ ଥିବା ୩୯୦ ଡେସିମିଲ ଏବଂ ୧୯୦ ଡେସିମିଲ ସ୍ଥିତିବାନ୍ ଘରୋଇ ଜମି ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ୯୯୩୭୫୬୬୧୯୭ରେ ଯୋଗାଯୋଗ କରନ୍ତୁ। ଧ-୩୬୩୯

**PlotsaleAIIMS Hospital, Bhubaneswar, Duplex near Retang Station. 9777433701.** D-24

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

Land for construction on sharing basis in BMC area. No brokers allowed. Contact: 9861336970/ 9861304988. D-3644

**A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse.** D-3540

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23




**Godown and Showrrom near Pathargadia, Sibamandira 200ft. Road. Mob. 9938060592.** D-3544

**Fully furnished office spaces of different sizes available in a office complex, near Esplanade mall/ Bomikhal square. Corporate sector preferred. Contact No. 9861120421.** D-3640




All types of physiotherapy and massage contact 9556924059 / 7656969134. D-3591

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## AFFIDAVIT

By virtue of an affidavit sworn before Executive Magistrate, Balasore, dated- 12.03.2026, I, Aruna Kumar Jena, Address: At- Balaramgadi, P.O.- Olipur, P.S.- Sadar, Dist.- Balasore, Odisha, PIN- 756027 declare that I have changed my name from Arun Kumar Jena to Aruna Kumar Jena. Henceforth, I shall be known as Aruna Kumar Jena for all purposes.
Aruna Kumar Jena D-3642

By virtue of an affidavit sworn before Executive Magistrate, Soro, Balasore, dated- 19.01.2026. I, Puspalata Ghadei, W/o.- Ranjit Ghadei, Vill.- Mahisasuri, P.O.- Kesharipur, Via/P.S.- Soro, Dist.- Balasore, Odisha, PIN Code- 756045 declare that I have changed my surname from Puspalata Khuntia to Puspalata Ghadei. Henceforth, I shall be known as Puspalata Ghadei for all Purposes.
Sd./- Puspalata Ghadei D-3641

By virtue of an affidavit sworn before Executive Magistrate, Tangi-Choudwar on dated 13.03.2026. I, Chittaranjan Parida, S/o.- Karunakar Parida, At- Plot No.- 309/2636, Unit- 41, Chandrasekharpur, P.S.- Chandrasekharpur, Bhubaneswar, Dist.- Khorda, PIN- 751016, Odisha, I declare that I have changed my daughter's name from Joshitha Parida to KIRTHI PARIDA and her date of birth is 10.12.2010. Henceforth, she shall be known as KIRTHI PARIDA for all purpose.
Chittaranjan Parida D-3645

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଲିଙ୍ଗରାଜ ରଥ
ଆଇନଜୀବୀ, ସୁପ୍ରିମ୍ କୋର୍ଟ
ଶ୍ୟାମାକାଳୀ ଲେନ୍, ବାଲିସାହୀ, ପୁରୀ
ଲୀଳାଖେଳା:
୨୯.୦୭.୧୯୬୯ ରୁ ୦୭.୦୩.୨୦୨୬

ବାବୁ, ଆମ ମୁହଁରେ ହସ ଭରି ପ୍ରଭୁ ଏତେ ଶୀଘ୍ର ତୁମକୁ କୋଳେଇ ନେବେ ବୋଲି ଭାବି ନଥିଲୁ। ଶ୍ରଦ୍ଧା ଓ ସ୍ନେହର ଏହି ଅନନ୍ୟ ଆତ୍ମାକୁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା ମଙ୍ଗଳା ସଦ୍‌ଗତି ପ୍ରଦାନ କରନ୍ତୁ।

ଶୋକ ସନ୍ତପ୍ତ
ହତଭାଗ୍ୟ: ପ୍ରଭାତନଳିନୀ, ସ୍ମୃତିମୟୀ, ସ୍ୱସ୍ତିକ, ରବି, ଅଳକା, ସନ୍ଦୀପ, ପ୍ରତାପ, କାଳିନ୍ଦର, ମୋନା, ଡଃ ଶ୍ରୀବତ୍ସ, ବୁଲ, ଦାମୋଦର, ମାମୀ, ଡଃ ବନମାଳୀ, ପମି, ଫୁଲୁଲୀ, ରାନ୍ଟୁ, ଯୀଶୁ, ଜିତୁ, ମାମା, ସୀମା, ରୀମା, ତୁତୁଲ, ଟ୍ୱିଙ୍କିଲ, ରିଙ୍କିଲ ଓ ବନ୍ଧୁ ପରିବାର ବର୍ଗ
ଧ-୩୬୪୭

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍ ପରିବାରବର୍ଗ


ବିଶାଲ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କାମକରୁନି ଟ୍ରାଫିକ୍ ସିଗ୍‌ନାଲ, ଟାଇମର୍

**ଝାରସୁଗୁଡ଼ା,୧୪।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହର ବେହେରାମାଲସ୍ଥିତ କିଷାନ ଛକରେ ଥିବା ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ଥିବା ଟ୍ରାଫିକ୍ ସିଗ୍‌ନାଲ୍ ଓ ଟାଇମର କାମ କରୁନାହିଁ। ଏଥିଯୋଗୁ ଯାନବାହନ ଚଳାଚଳରେ ସମସ୍ୟା ହେଉଥିବାବେଳେ ଦୁର୍ଘଟଣା ଆଶଙ୍କା ରହିଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଛି। ସୂଚନା ଅନୁଯାୟୀ, କିଷାନ ଛକ ହେଉଛି ଝାରସୁଗୁଡ଼ା ସହରର ମୁଖ୍ୟ ଟ୍ରାଫିକ୍ ସ୍ଥଳ। ଏହି ବାଟଦେଇ ପ୍ରତିଦିନ ବହୁସଂଖ୍ୟକ ଯାନବାହନ ଚଳାଚଳ କରୁଛନ୍ତି। ବେହେରାମାଲରେ ଜିଲାପାଳଙ୍କ କାର୍ଯ୍ୟାଳୟ ସହିତ ବହୁ ସରକାରୀ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ, ରାଉରକେଲା, ବିଟିଏମ ଅଞ୍ଚଳ, ବ୍ରଜରାଜନଗର, ବେଲପାହାଡ଼, ରାୟଗଡ ଆଦି ଅଞ୍ଚଳକୁ ଉକ୍ତ ଟ୍ରାଫିକ୍ ଦେଇ ଯିବାଆସିବା କରିବାକୁ ପଡୁଛି। ହେଲେ ଟ୍ରାଫିକ୍ ସିଗ୍‌ନାଲ୍ ଓ


କିଷାନ ଛକରେ ଅଚଳ ହୋଇଥିବା ଟ୍ରାଫିକ୍ ସିଗ୍‌ନାଲ୍।

### ଦୁର୍ଘଟଣା ଆଶଙ୍କା, ଲୋକେ ଅସନ୍ତୁଷ୍ଟ

ଟ୍ରାଫିକ୍ ଟାଇମର ପ୍ରାୟ ୧୦ ମାସ ହେବ ଅଚଳ ହୋଇପଡିଥିବାରୁ ଲୋକମାନଙ୍କ ଯାତାୟାତରେ ସମସ୍ୟା ହେଉଛି। ଅପରପକ୍ଷେ ଟ୍ରାଫିକ୍ ପୋଲିସ ଭିଡ଼ ନିୟନ୍ତ୍ରଣ କରିବାରେ ହଇରାଣ ହେଉଛନ୍ତି। ତୁରନ୍ତ ଟ୍ରାଫିକ୍ ଟାଇମର ଓ ସିଗ୍‌ନାଲ୍ କାର୍ଯ୍ୟକ୍ଷମ କରିବା ପାଇଁ ସହରବାସୀ ଦାବି କରିଛନ୍ତି। ଏନେଇ ସହରର ଟ୍ରାଫିକ ଦାୟିତ୍ୱରେ ଥିବା ଟାଉନ ଥାନା ଆଇଆଇସି ରଞ୍ଜନ ବରିହାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ପିଏମ୍ କିଷାନ ଉତ୍ସବ ଦିବସ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀ।

**ଝାରସୁଗୁଡ଼ା,୧୪।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ପିଏମ୍ କିଷାନ ଉତ୍ସବ ଦିବସ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଦେଶର କୋଟି କୋଟି ଅନ୍ନଦାତାଙ୍କୁ ପିଏମ୍ କିଷାନ ଯୋଜନାର ୨୨ତମ କିସ୍ତି ପ୍ରଦାନ କରିବା ସହ ସମସ୍ତଙ୍କୁ ସମ୍ବୋଧିତ କରିଥିଲେ। ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ), ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି, ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ଏବଂ ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ଉତ୍ସାହିତ କରିଥିଲେ। ଜିଲାର ୫ଟି ବ୍ଲକ୍‌ରୁ ଆସିଥିବା ୧୦୦ରୁ ଅଧିକ କୃଷକ ଆଭାସୀ ଜରିଆରେ ସିଧାପ୍ରସାରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ ଏବଂ କୃଷକ କଲ୍ୟାଣକାରୀ ଯୋଜନା ବିଷୟରେ ଜାଣିବାକୁ ପାଇଥିଲେ। ଏହି ଅବସରରେ ଓଡ଼ିଶାର ୩୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଇଁ ପ୍ରାୟ ୬୮୪ କୋଟିର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଆଭାସୀ ମାଧ୍ୟମରେ ପ୍ରଦାନ କରାଯାଇଥିବା ଏହି ସହାୟତା ରାଶି ଝାରସୁଗୁଡ଼ା ଜିଲାର କୃଷକଙ୍କ ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି।

# ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ବେଲପାହାଡ଼,୧୪।୩(ସୁବାସ ପ୍ରଧାନ)**

ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ବେଲପାହାଡ଼ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ମଧ୍ୟପ୍ରଦେଶ ସତନା ଜିଲା ଉଞ୍ଚହାରା ଅଞ୍ଚଳର ଶୁଭମ୍ ଭାଇୟା ସିଙ୍ଗରାଉଲ (୧୯)। ପୋଲିସ କୌଣସି ସୂତ୍ରରୁ ଖବରପାଇ ଶୁଭମ୍‌ଙ୍କୁ ବେଲପାହାଡ଼ ଅଞ୍ଚଳରୁ କାବୁ କରିଥିଲା। ଏଥିସହ ତାଙ୍କଠାରୁ ୪ କେଜି ୩୨୦ ଗ୍ରାମ୍ ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ, ଗୋଟିଏ ସିମ୍‌କାର୍ଡ, ୭୨୦ ଟଙ୍କା ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୩/୨୬) ରୁଜୁ ହୋଇଛି।

# ଦେବଗଡ଼: ୩ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ


ଦେବଗଡ଼ରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲାର ବିଚାର ଚାଲିଛି।

**ଦେବଗଡ଼,୧୪।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ସିଭିଲ କୋର୍ଟ, ରିଆମାଳ ଏବଂ ବାରକୋଟ କୋର୍ଟ ପରିସରରେ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦେବାଶିଷ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ଦେବଗଡ଼ର ସମସ୍ତ କୋର୍ଟ, ବିଭିନ୍ନ ବ୍ୟାଙ୍କ, ସଡ଼କ ଓ ପରିବହନ ବିଭାଗ କର୍ମଚାରୀ ଭାଗ ନେଇଥିଲେ। ଉପରୋକ୍ତ ୩ କୋର୍ଟରେ ଅନୁଷ୍ଠିତ ଲୋକ ଅଦାଲତରେ ୧୦ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୭୯ ଲକ୍ଷ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ବିଚାରଯୋଗ୍ୟ ୬ଟି ଫୌଜଦାରି ମାମଲାର ଫଇସଲା ହୋଇଥିଲା। ଏଥିସହ ୨ଟି ଏନ୍‌ଆଇ ଦଫା ବିଚାର ହୋଇ ୩ ଲକ୍ଷ ୫୨ ହଜାର ୪୫୮ ଟଙ୍କା ଆଦାୟ କରାଯାଇଥିଲା। ୫୬୩୬ ରାଜସ୍ୱ ମାମଲା, ୪ଟି ଟ୍ରାଫିକ୍ ଚାଲାଣ ମାମଲା ଏବଂ ୩୧ଟି ବ୍ୟାଙ୍କରଣ ମାମଲାରେ ୮ ଲକ୍ଷ ୩୮ ହଜାର ୨୦୦ ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ଦେବଗଡ଼ ସିଭିଲ କୋର୍ଟ ଜିଲା ଦୌରାଜଜ୍ ଦେବାଶିଷ ରାଉତ, ଅତିରିକ୍ତ ଜିଲାଜଜ୍ ମଧୁମିତା ମହାନ୍ତି, ରେଜିଷ୍ଟ୍ରାର ତଥା ଜିଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ବିଶ୍ୱଜିତ୍ ମହାପାତ୍ର, ମହିଳା କୋର୍ଟ ବିଚାରପତି ସାନ୍ତାଶ୍ରୀ ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଧନଞ୍ଜୟ ନାୟକ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଶ୍ରୀ ଶୁଭସ୍ମିତା ଶୁଭଦର୍ଶିନୀ ପାତ୍ର ମାମଲାର ବିଚାର କରିଥିଲେ। ସେହିପରି ରିଆମାଳ କୋର୍ଟରେ ଜେଏମ୍‌ଏଫ୍‌ସି ବିନାୟକ ପ୍ରସାଦ ସାହୁ ଏବଂ ବାରକୋଟ କୋର୍ଟରେ ଜେଏମ୍‌ଏଫ୍‌ସି ଅଙ୍କିତା ଗୁରୁ ମାମଲାର ବିଚାର କରିଥିଲେ। ଲୋକ ଅଦାଲତରେ ଜିଲା ବାର୍ ଆସୋସିଏଶନ ସଭାପତି ସଚ୍ଚିକାନ୍ତ ଦାଶ, ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ, ପ୍ରମଥେଶ ଗୁରୁଙ୍କ ସମେତ ବହୁଆଇନଜୀବୀ ଉପସ୍ଥିତ ରହିଥିଲେ।

# ଚନ୍ଦନ ମେଳା ପ୍ରସ୍ତୁତି ବୈଠକ

**ଦେବଗଡ଼,୧୪।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ୍ ଅଧୀନ କଲା ଗ୍ରାମରେ ଆସନ୍ତା ଏପ୍ରିଲ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଚନ୍ଦନ ମେଳା ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ସ୍ଥାନୀୟ କ୍ଲବ୍ ଘରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତବର୍ଷ ଚନ୍ଦନ ମେଳାର ଆୟବ୍ୟୟର ହିସାବ ଉପସ୍ଥାପନ ସହ ନୂତନ କମିଟି ଗଠନ କରାଯାଇଛି। ଚଳିତବର୍ଷର ନୂତନ ସଭାପତି ଭାବେ କଳିଙ୍ଗ କୀର୍ତ୍ତି ପ୍ରଧାନ, ଉପସଭାପତି ପ୍ରହ୍ଲାଦ ପ୍ରଧାନ, ସମ୍ପାଦକ ଶ୍ରୀକାନ୍ତ ସାହୁ, ସହସମ୍ପାଦକ ସୁଦାମ ଚନ୍ଦ୍ର ବେହେରାଙ୍କୁ କମିଟି ପକ୍ଷରୁ ମନୋନିତ କରାଯାଇଛି।

# କୁକୁରଜଙ୍ଘାରେ ଶ୍ମଶାନ, କଲ୍ୟାଣମଣ୍ଡପ ନିର୍ମାଣ ଦାବି

**ଝାରସୁଗୁଡ଼ା,୧୪।୩(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ୍ ହିର୍ମା ପଞ୍ଚାୟତ ଅଧୀନ କୁକୁରଜଙ୍ଘା ଗ୍ରାମରେ ଶ୍ମଶାନ ଓ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। କୁକୁରଜଙ୍ଘା ଏକ ରାଜସ୍ୱ ଗ୍ରାମ ହୋଇଥିବାବେଳେ ଏଠାକାର ଲୋକସଂଖ୍ୟା ୧ହଜାରରୁ ଊର୍ଦ୍ଧ୍ୱ ହେବ। ଏହି ଗ୍ରାମର କାହାରି ମୃତ୍ୟୁ ଘଟିଲେ ଏକ କମ୍ପାନୀର ନଳା ପାର୍ଶ୍ୱରେ ମୃତଦେହ ସତ୍କାର କରାଯାଇଥାଏ। ଏଥିସହ ଗ୍ରାମରେ ବିବାହ, ବ୍ରତୋପନୟନ ଭଳି ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ଭୋଜି ତଥା ବୈଠକ କରିବା ପାଇଁ ଏକ କମ୍ୟୁନିଟି ହଲ୍ କିମ୍ବା କଲ୍ୟାଣମଣ୍ଡପ ନାହିଁ। ତୁରନ୍ତ ଶ୍ମଶାନ, କଲ୍ୟାଣମଣ୍ଡପ କିମ୍ବା କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ଗ୍ରାମର ଅକ୍ଷୟ ମିଶ୍ର, ଅନିଲ ସିଂ, ତରଣୀ ବାରିକ, ବସନ୍ତ ଦାଶଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଝାରସୁଗୁଡା ବିଡିଓ ଅନିଲ ଆଚାର୍ଯ୍ୟ କହିଛନ୍ତି, ଯେଉଁ ଗ୍ରାମରେ ଶ୍ମଶାନ ଓ କଲ୍ୟାଣମଣ୍ଡପ ନାହିଁ, ସେଠାକାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ତାଲିକା ମଗାଯାଇଛି। ଏହି ତାଲିକା ପାଇବା ପରେ ଡିଆର୍‌ଡିଏ କୁ ପଠାଯିବ। ଡିଆର୍‌ଡିଏରୁ ମଞ୍ଜୁରୀ ପରେ ଶ୍ମଶାନ ଓ କଲ୍ୟାଣମଣ୍ଡପ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ବୁଧବାର କୁକୁରଜଙ୍ଘା ଜଗନ୍ନାଥ ମନ୍ଦିର ପରିଦର୍ଶନରେ ଯାଇଥିବାବେଳେ ଗ୍ରାମବାସୀ ତାଙ୍କୁ ଏହି ସମସ୍ୟା ବିଷୟରେ ଜଣାଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

# ପୋଷ୍ଟମାଷ୍ଟରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଲଖନପୁର,୧୪।୩(ଗୌତମ ସାହୁ)**

ଲଖନପୁର ବ୍ଲକ୍‌ସୀମାନ୍ତ କନକତୋରା ବ୍ରାଞ୍ଚ ପୋଷ୍ଟ ଅଫିସ୍‌ର ପୋଷ୍ଟ ମାଷ୍ଟର ପୁରନ୍ଦର ସାଙ୍କୁ କନକତୋରା ସଚେତନ ନାଗରିକଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଶନିବାର ଜ୍ଞାପନ କରାଯାଇଛି। ଗାଁ କଲ୍ୟାଣ ମଣ୍ଡପ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। କନକତୋରା ନିବାସୀ ପୁରନ୍ଦର ଗତ ୪ ତାରିଖରେ ଚାକିରିରୁ ଅବସର ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିରାଟ ବିଶ୍ୱାଳ, ମହେନ୍ଦ୍ର ଚଇନି, ଗୁରୁଦେବ ଭୋଇ, ବିନୋଦ ବିଶ୍ୱାଳ, କାଳୀଚରଣ ମେହେରଙ୍କ ସମେତ ଅନେକ ସଚେତନ ନାଗରିକ ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

ଚାକିରି କରୁଥିବା ଉଚ୍ଚ ଶିକ୍ଷିତ ପୁଅ (31) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି: ବଣିଆ। ଯୋଗାଯୋଗ: 9238600228. D-3602

Brahmin boy, 34 yrs, 5'9" working in MNC company at New Delhi and only son of Doctor's family residing in own house at Bhubaneswar. Needs a Suitable Match. Contact: 6371910953. D-3643

ଚାକିରି କରି ଏକାକୀ ରହୁଥିବା 50 ବୟସ ଖଣ୍ଡାୟତ (Divorce) ପୁଅ ପାଇଁ ଯେକୌଣସି ଜାତିର ଝିଅ ଆବଶ୍ୟକ। Mobile-9861141891. D-3646

Wanted Service bride for handsome Tanti Boy, 1996, 5'10", B-Tech serving Engineer Deloitte Bangalore. "SUNASANSAR" 9937512659. D-3648


REAL ESTATE

## SALE

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

ଜମି ବିକ୍ରି: ଭୁବନେଶ୍ୱରସ୍ଥିତ ଥାନା- ଚନ୍ଦକା, ମୌଜା- ଗିରିଙ୍ଗାପୁଟ ଅଞ୍ଚଳରେ ଥିବା ୩୧୦ ଡେସିମିଲ ଏବଂ ୧୯୦ ଡେସିମିଲ ସ୍ଥିତିବାନ୍ ଘରୋଇ ଜମି ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ୯୯୩୭୫୬୬୧୯୭ରେ ଯୋଗାଯୋଗ କରନ୍ତୁ। ଧ-୩୬୩୯

**PlotsaleAIIMS Hospital, Bhubaneswar, Duplex near Retang Station. 9777433701.** D-24

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

Land for construction on sharing basis in BMC area. No brokers allowed. Contact: 9861336970/ 9861304988. D-3644

**A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse.** D-3540

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23




**Godown and Showrrom near Pathargadia, Sibamandira 200ft. Road. Mob. 9938060592.** D-3544

**Fully furnished office spaces of different sizes available in a office complex, near Esplanade mall/ Bomikhal square. Corporate sector preferred. Contact No. 9861120421.** D-3640




All types of physiotherapy and massage contact 9556924059 / 7656969134. D-3591

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## AFFIDAVIT

By virtue of an affidavit sworn before Executive Magistrate, Balasore, dated- 12.03.2026, I, Aruna Kumar Jena, Address: At- Balaramgadi, P.O.- Olipur, P.S.- Sadar, Dist.- Balasore, Odisha, PIN- 756027 declare that I have changed my name from Arun Kumar Jena to Aruna Kumar Jena. Henceforth, I shall be known as Aruna Kumar Jena for all purposes.
Aruna Kumar Jena D-3642

By virtue of an affidavit sworn before Executive Magistrate, Soro, Balasore, dated- 19.01.2026. I, Puspalata Ghadei, W/o.- Ranjit Ghadei, Vill.- Mahisasuri, P.O.- Kesharipur, Via/P.S.- Soro, Dist.- Balasore, Odisha, PIN Code- 756045 declare that I have changed my surname from Puspalata Khuntia to Puspalata Ghadei. Henceforth, I shall be known as Puspalata Ghadei for all Purposes.
Sd./- Puspalata Ghadei D-3641

By virtue of an affidavit sworn before Executive Magistrate, Tangi-Choudwar on dated 13.03.2026. I, Chittaranjan Parida, S/o.- Karunakar Parida, At- Plot No.- 309/2636, Unit- 41, Chandrasekharpur, P.S.- Chandrasekharpur, Bhubaneswar, Dist.- Khorda, PIN- 751016, Odisha, I declare that I have changed my daughter's name from Joshitha Parida to KIRTHI PARIDA and her date of birth is 10.12.2010. Henceforth, she shall be known as KIRTHI PARIDA for all purpose.
Chittaranjan Parida D-3645

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଲିଙ୍ଗରାଜ ରଥ
ଆଇନଜୀବୀ, ସୁପ୍ରିମ୍ କୋର୍ଟ
ଶ୍ୟାମାକାଳୀ ଲେନ୍, ବାଲିସାହୀ, ପୁରୀ
ଲୀଳାଖେଳା:
୨୯.୦୭.୧୯୬୯ ରୁ ୦୭.୦୩.୨୦୨୬
ବାବୁ, ଆମ ମୁହଁରେ ହସ ଭରି ପ୍ରଭୁ ଏତେ ଶୀଘ୍ର ତୁମକୁ କୋଳେଇ ନେବେ ବୋଲି ଭାବି ନଥିଲୁ। ଶ୍ରଦ୍ଧା ଓ ସ୍ନେହର ଏହି ଅନନ୍ୟ ଆତ୍ମାକୁ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା ମଙ୍ଗଳା ସଦ୍‌ଗତି ପ୍ରଦାନ କରନ୍ତୁ।
ଶୋକ ସନ୍ତପ୍ତ
ହତଭାଗ୍ୟ: ପ୍ରଭାତନଳିନୀ, ସ୍ମୃତିମୟୀ, ସ୍ୱସ୍ତିକ, ରବି, ଅଳକା, ସନ୍ଦୀପ, ପ୍ରତାପ, କାଳିନ୍ଦୀ, ମୋନା, ଡଃ ଶ୍ରୀବତ୍ସ, ବୁଲ, ଦାମୋଦର, ମାମୀ, ଡଃ ବନମାଳୀ, ପମି, ଫୁଲୁଲୀ, ରାନୁ, ଯାଶୁ, କିତୁ, ମାମା, ସାମା, ରାମା, ତୁତୁଲ, ବ୍ରିଙ୍କିଲ, ରିଙ୍କିଲ ଓ ବନ୍ଧୁ ପରିବାର ବର୍ଗ
ଧ-୩୬୪୭

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ମୁଁ ସବୁଠୁ ପରଫେକ୍ଟ

**ପ୍ରତ୍ୟେକ କାର୍ଯ୍ୟରେ ନିଜକୁ ପରଫେକ୍ଟ କରିବାକୁ ଅନେକ ଯୁବତୀଯୁବକ ଚାହାନ୍ତି। ଯଦିଓ ସବୁଥିରେ ପରିପୂର୍ଣ୍ଣ ଅବା ନିଖୁଣ ହେବାର ଉଦ୍ୟମ ଏକ ଭଲ କଥା ହେଲେ କେବେ କେବେ ଏହା ଏପରି ନିଶାରେ ପରିଣତ ହୋଇଯାଏ ଯେ, ଯଦି ସେଥିରେ ସାମାନ୍ୟ ତ୍ରୁଟି ହୁଏ ଏହା ସେମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ ବି ପ୍ରଭାବିତ କରିଥାଏ...**



ଏଭଳି କେତେଜଣ ଯୁବତୀଯୁବକ ଅଛନ୍ତି, ଯେଉଁମାନଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ନିଜର ବେଷ୍ଟ ଦେବାର ଏକପ୍ରକାରର ନିଶା ଥାଏ। ଠିକ୍ ସମୟରେ ଆସାଇନ୍‌ମେଣ୍ଟ କରିବା, ପାଠପଢ଼ା ହେଉ କିମ୍ବା ନିଜର ଜିନିଷପତ୍ର ସଜାଡ଼ି ରଖିବା ପର୍ଯ୍ୟନ୍ତ ସବୁକିଛି ପରଫେକ୍ଟ କରି ଅନ୍ୟଠୁ ପ୍ରଶଂସା ଶୁଣିବାକୁ ସେମାନେ ପସନ୍ଦ କରନ୍ତି। ହେଲେ ନିଜକୁ ସବୁଥିରେ ପରଫେକ୍ଟ ଓ ବେଷ୍ଟ ଦେଖାଇବା ନିଶା ଯେ କେବେକେବେ ଅଜାଣତରେ ସେମାନଙ୍କୁ ଚିନ୍ତାଗ୍ରସ୍ତ କରିପକାଏ, ସେ ଦିଗରେ ସେମାନେ ଆଦୌ ଯତ୍ନଶୀଳ ନ ଥା'ନ୍ତି। ମାନସିକ ରୋଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଯୁବପିଢ଼ିଙ୍କର ପରଫେକ୍ସନିଷ୍ଟ ହେବା ଅଭ୍ୟାସ ଧୀରେ ଧୀରେ ଏପରି ନିଶାରେ ପରିଣତ ହୋଇଯାଏ ଯେ, ଯଦି ସେଥିରେ ସାମାନ୍ୟ ତ୍ରୁଟି ହୁଏ ; ଏହା ସେମାନଙ୍କ ମାନସିକ ଶାନ୍ତିକୁ ପ୍ରଭାବିତ କରିଥାଏ।

**ପରଫେକ୍ସନିଜମ୍ କ'ଣ:** ଏହା ଏକ ମାନସିକ ପ୍ରବୃତ୍ତି ବା ସ୍ଥିତି, ଯେଉଁଥିରେ ଜଣେ ସବୁ କାମକୁ ସମ୍ପୂର୍ଣ୍ଣ ଶହେ ପ୍ରତିଶତ ଠିକ୍ ଭାବେ କରିବାକୁ ଚେଷ୍ଟା କରିଥା'ନ୍ତି। ଆଉ ସାମାନ୍ୟ ଭୁଲ୍ ବି ସେମାନଙ୍କୁ ଏକ ବଡ଼ ଅସଫଳତା ଭଳି ମନେହୋଇଥାଏ। ଏହା ମୁଖ୍ୟତଃ ତିନି ପ୍ରକାରର ହୋଇଥାଏ, ଯଥା:

– ପ୍ରଥମରେ ଯେଉଁମାନେ ସମ୍ପୂର୍ଣ୍ଣ ଆତ୍ମକେନ୍ଦ୍ରିକ ହୋଇଥା'ନ୍ତି ଏବଂ ନିଜେ ହିଁ ସବୁ କାମକୁ ଠିକ୍ ଭାବେ କରିବାକୁ ଚେଷ୍ଟା କରିଥା'ନ୍ତି।

– ଦ୍ୱିତୀୟରେ ଯେଉଁମାନେ ସାମାଜିକ ଦୃଷ୍ଟିକୋଣରୁ ନିଜକୁ ପରଫେକ୍ଟ ଦର୍ଶାଇବାକୁ ଚେଷ୍ଟା କରିଥା'ନ୍ତି। ଅର୍ଥାତ୍ ପରିବାର ସଦସ୍ୟ, ସାଙ୍ଗସାଥୀ, ଅଫିସ୍ ଷ୍ଟାଫ୍, ବସ୍ ଆଦିଙ୍କ ନଜରରେ କୌଣସି କାମରେ ଅସଫଳ ହେଲେ ନିଜର ମାନହାନି ହେବା ଏବଂ ସେମାନଙ୍କ ନଜରରେ ନୀଚା ହୋଇଯିବା ଡରରେ ପରଫେକ୍ଟ ହେବାକୁ ଚେଷ୍ଟା କରନ୍ତି।

– ତୃତୀୟରେ ସେମାନେ ଅଛନ୍ତି, ଯେଉଁମାନେ ସବୁବେଳେ ଅନ୍ୟଠୁ ପରଫେକ୍ଟ ହେବାର ଆଶା ରଖନ୍ତି। ନିଜକୁ ଅନ୍ୟ ସହିତ ତୁଳନା କରନ୍ତି ଏବଂ ସମସ୍ତଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ରୁହନ୍ତି।



**ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ:** ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ମେଣ୍ଟାଲ୍ ହେଲ୍‌ଥ ଏବଂ ବିହେବିଅରାଲ୍ ସାଇନ୍ସ ବିଭାଗ ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ସବୁ କାର୍ଯ୍ୟରେ ନିଜକୁ ପରଫେକ୍ଟ ଦେଖାଇବାର ଲଗାତର ପ୍ରୟାସ ଅଜାଣତରେ ନିଜ ଭିତରେ ଏକ ଅଦୃଶ୍ୟ ଚାପ ବା ବୈଜ୍ଞାନିକ ଭାଷାରେ ଇନ୍‌ଭିଜିବଲ୍ ଷ୍ଟ୍ରେସ୍ ସୃଷ୍ଟି କରିଥାଏ, ଯାହା ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। ରିସର୍ଚ୍ଚ ରିପୋର୍ଟ ଅନୁଯାୟୀ ଆଜିକାଲି ଅଧିକାଂଶ ଯୁବପିଢ଼ି ସୋସିଆଲ୍ ମିଡିଆରେ ଦେଖାଯାଉଥିବା 'ପର୍‌ଫେକ୍ଟ ଲାଇଫ୍' ଫେକ୍ ଭିଡିଓକୁ ସତ ଭାବିନେଉଛନ୍ତି ଏବଂ ତାହାକୁ ଅନୁକରଣ କରି ନିଜକୁ ସେହିଭଳି କରିବାକୁ ଚେଷ୍ଟା କରୁଛନ୍ତି। ଏହି ତୁଳନାତ୍ମକ ଜାଲ ବା କମ୍ପାରିଜନ୍ ଟ୍ରାପ୍ ସେମାନଙ୍କ ମସ୍ତିଷ୍କ ଉପରେ ଏତେ ଗଭୀର ପ୍ରଭାବ ପକାଉଛି ଯେ, ଏହାଦ୍ୱାରା ନିଜ କାର୍ଯ୍ୟରେ ସାମାନ୍ୟ ତ୍ରୁଟି ହେଲେ ଆତ୍ମସମ୍ମାନ ହାନି ହେବାର ଚିନ୍ତା ସେମାନଙ୍କ ମନରେ ସବୁବେଳେ ଘାରି ରହୁଛି।

**ହୋଇପାରେ କ୍ଷତିକାରକ:** ସବୁବେଳେ ପରଫେକ୍ଟ ହେବାର ନିଶା ବା ଅତ୍ୟଧିକ ପର୍‌ଫେକ୍ସନିଜମ୍ ଜଣଙ୍କୁ ଏଭଳି ଏକ ମାନସିକ ସ୍ଥିତିରେ ପହଞ୍ଚାଇଦିଏ ଯେ, ସେ ଭୁଲ୍ ନ ହୋଇଯିବା ଭୟରେ ଅନେକ କାମକୁ ଟାଳିବା ଆରମ୍ଭ କରିଦିଅନ୍ତି। ଏହା ଏକ ପ୍ରକାରର ମାନସିକ ବେମାରି, ଯାହାକୁ କ୍ରନିକ ପ୍ରୋକ୍ରେଷ୍ଟିନେଶନ୍ କୁହାଯାଏ। କେବଳ ଏତିକି ନୁହେଁ, କେତେଜଣ ନିଜ ଶରୀରକୁ ପରଫେକ୍ଟ ରଖିବା ଆଳରେ ଭୋକରେ ରହିବାକୁ ବି ପଛାନ୍ତି ନାହିଁ, ଯଦ୍ଦ୍ୱାରା କେତେକଙ୍କ ଠାରେ ଏନୋରେକ୍ସିଆ ଏବଂ ବୁଲିମିଆ ଭଳି କେତେକ ରୋଗ ବି ଦେଖାଦେଇଥାଏ। କାମ ୧୦୦ ପ୍ରତିଶତ ଠିକ୍ ଭାବେ ପୂରା ନ ହେବା ଡରରେ ରାତିରେ ନିଦ ହୋଇ ନ ଥାଏ। ଛୋଟ ଛୋଟ ଭୁଲ୍‌ରେ ନିଜ ଉପରେ ରାଗିବା, ନିଜକୁ କ୍ଷତି ପହଞ୍ଚାଇବା, ଲାଜ ଲାଗିବା ଭୟରେ ସାମାଜିକ କାର୍ଯ୍ୟକ୍ରମରୁ ନିଜକୁ ଦୂରେଇ ରଖିବା, ସବୁବେଳେ ଚିଡ଼ିଚିଡ଼ା ରହିବା ଭଳି ଲକ୍ଷଣ ଦେଖାଦେଇଥାଏ। ଅପରପକ୍ଷେ ଏହା କ୍ୟାରିୟର ଏବଂ ବ୍ୟକ୍ତିଗତ ବିକାଶରେ ବାଧା ସୃଷ୍ଟି କରିଥାଏ। ଆର୍କାଇଭ୍ ଅଫ୍ ସୁଇସାଇଡ୍ ରିସର୍ଚ୍ଚରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ ଆତ୍ମହତ୍ୟା କରୁଥିବା ଯୁବପିଢ଼ିଙ୍କ ମଧ୍ୟରୁ ଅନେକଙ୍କର ବ୍ୟକ୍ତିତ୍ୱରେ ପର୍‌ଫେକ୍ସନିଜମ୍ ଏକ ପ୍ରମୁଖ କାରଣ ବୋଲି ଜଣାପଡ଼ିଛି।



**କିପରି ଦୂରେଇବେ ଏହି ନିଶା:** ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଜଣେ ସବୁବେଳେ ସବୁ କାମରେ ୧୦୦ ପ୍ରତିଶତ ଠିକ୍ ହେବ, ଏହା ଜରୁରୀ ନୁହେଁ। ତେଣୁ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିବା ଏବଂ ସେଥିରେ ହିଁ ଖୁସି ହେବା (ଗୁଡ୍ ଏନଫ୍) ଭଳି ଚିନ୍ତାଧାରା ରଖିବା ଭଲ। ଏହାଦ୍ୱାରା ନିଜ ଉପରେ ଅନାବଶ୍ୟକ ଚାପ ମଧ୍ୟ କମିଯିବ ଏବଂ ମନ ଶାନ୍ତ ରହିବା ସହ ଆଗକୁ ଅଧିକ ଭଲ କରିବାର ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

– ପରଫେକ୍ସନିଷ୍ଟମାନେ ସବୁବେଳେ ଭୁଲ୍ ହେବାକୁ ନେଇ ଡରନ୍ତି। ହେଲେ ଯଦି ଭୁଲ୍ ହେବା ଏକ ଅସଫଳତା ନୁହେଁ, ବରଂ ଜୀବନରେ ଅଧିକ ଶିଖିବାର ଏକ ଅବସର ବୋଲି ଭାବିନେବେ ; ତେବେ ଅନ୍ୟମାନଙ୍କ ନଜରରେ ତଳକୁ ଖସିଯିବାର ଡର କିମ୍ବା ଲାଜ ଲାଗିବ ନାହିଁ ଏବଂ ଆଗକୁ ଅଧିକ ଭଲ ପ୍ରଦର୍ଶନ କରିପାରିବେ।

– ତୁଳନାର ଜାଲ ବା କମ୍ପାରିଜନ୍ ଟ୍ରାପ୍ ଯୋଗୁ ନିଜ ତୁଳନା ଅନ୍ୟ ସହ କରିବା ଦ୍ୱାରା ମନରେ ଅବସାଦ ସୃଷ୍ଟି କରିଥାଏ। ତେଣୁ ସୋସିଆଲ୍ ମିଡିଆର ଅବାସ୍ତବ ଦୁନିଆ ଏବଂ ବାସ୍ତବ ଦୁନିଆ ଭିତରେ ପାର୍ଥକ୍ୟ ବୁଝନ୍ତୁ। ଏହାଠୁ ନିଜକୁ ଯଥାସମ୍ଭବ ଦୂରେଇ ରଖିବା ଭଲ।

– ନିଜର ବାସ୍ତବ ମୂଲ୍ୟ କେବଳ ସଫଳତାରୁ ଆକଳନ ନ କରି ପ୍ରତ୍ୟେକ କାର୍ଯ୍ୟଦ୍ୱାରା ଜୀବନରେ କେତେ ଖୁସି ଏବଂ ଶାନ୍ତିରେ ରହିପାରୁଛନ୍ତି ଜାଣନ୍ତୁ।





## ଏ ସପ୍ତାହର ପ୍ରଶ୍ନ ?

୧– ଇନ୍ଦ୍ରାବତୀ ନଦୀ ଗୋଦାବରୀ ନଦୀର .......... ?
୨– ........... ରାଜ୍ୟର ଛାତ୍ରମାନେ ଭିକ୍କୋ ସ୍ୟାଟ୍–୧ ନାମକ ମିନି ସାଟେଲାଇଟ୍ ନିର୍ମାଣ କରିଛନ୍ତି ?
୩– ଭାରତର ପ୍ରଥମ ଷ୍ଟେଟ୍ ଇନୋଭେଶନ୍ ମିଶନ.......... ରାଜ୍ୟରେ ଆରମ୍ଭ କରାଯାଇଛି ?
୪– 'ରାହ୍–ବୀର' ସ୍କିମ୍ ................. ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୫– ଆମ ରାଜ୍ୟରେ ସର୍ବପ୍ରଥମେ .............. ମସିହାରେ ଲୋକାଯୁକ୍ତ ବିଲ୍ କାର୍ଯ୍ୟକାରୀ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ହିମାଚଳ ପ୍ରଦେଶ
୨ କାବେରୀ ନଦୀ
୩ ଟୁରିଜମ୍ ମିନିଷ୍ଟ୍ରି
୪ ଚାଇନା
୫ ଫିଲିପାଇନ୍ସ

## ଉତ୍ତରଦାତା


ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର


ସଚ୍ଚିଦାନନ୍ଦ ପରିଡ଼ା,
ଭୁବନେଶ୍ୱର


ଶେଖ୍ ୟାକୁବ୍,
ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ–ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ସର୍ବାଧିକ ପାମ୍ ଅଏଲ୍ ଉତ୍ପାଦନକାରୀ ଦେଶ



| | |
|---|---|
| ୧ | ଇଣ୍ଡୋନେସିଆ |
| ୨ | ମାଲେସିଆ |
| ୩ | ଥାଇଲାଣ୍ଡ |
| ୪ | କଲମ୍ବିଆ |
| ୫ | ନାଇଜେରିଆ |
| ୬ | ଇଭୋରି କୋଷ୍ଟ |
| ୭ | ଇକ୍ୱାଡର୍ |
| ୮ | କ୍ୟାମେରନ୍ |
| ୯ | କୋଙ୍ଗୋ |
| ୧୦ | ଘାନା |

## ଜାଣନ୍ତୁ ଦୁନିଆ

# ଜଳ ମହଲ

**ରାଜସ୍ଥାନ ରାଜଧାନୀ ଜୟପୁରରେ ଥିବା ଆରାବଳୀ ପର୍ବତମାଳା ମଧ୍ୟରେ ରହିଛି ମାନସାଗର ହ୍ରଦ। ଏହାର ଠିକ୍ ମଝି ଭାଗରେ ରହିଛି ପ୍ରସିଦ୍ଧ ଐତିହାସିକ ଜଳ ମହଲ। ହ୍ରଦ ମଝିରେ ଥିବାରୁ ଏହାକୁ ଆଇ ବଲ୍ ଏବଂ ରୋମାଣ୍ଟିକ୍ ମହଲ ମଧ୍ୟ କୁହାଯାଏ...**

➔ଜଳ ମହଲକୁ ବର୍ତ୍ତମାନ ପକ୍ଷୀ ଅଭୟାରଣ୍ୟ ଭାବେ ପ୍ରସ୍ତୁତ କରାଯାଉଛି। ଏଠାକାର ନର୍ସରୀରେ ୧ ଲକ୍ଷରୁ ଅଧିକ ବୃକ୍ଷ ଲଗାଯାଇଛି, ଯେଉଁଠି ରାଜସ୍ଥାନର ସବୁଠୁ ଉଚ୍ଚା ବୃକ୍ଷ ମିଳିଥାଏ। ଏହାର ଟେରାସ ଗାର୍ଡେନକୁ ଚମେଲି ବାଗ୍ ବୋଲି କୁହାଯାଇଥାଏ।

➔ଏହି ମହଲ ପ୍ରାୟ ୨୬୬ ବର୍ଷ ପୁରାତନ, ଯାହା ୧୭୫୦ ମସିହାରେ ନିର୍ମାଣ କରାଯାଇଥିଲା। ଏଥିପାଇଁ ଲାଲ୍ ବଲୁଆ ଏବଂ ଧଳା ମାର୍ବଲ ପଥର ବ୍ୟବହାର କରାଯାଇଛି।

➔ଏହାକୁ ଏକ ପିକ୍‌ନିକ୍ ସ୍ପଟ୍ ଭାବେ ନିର୍ମାଣ କରାଯାଇଥିବାରୁ ଏହା ମଧ୍ୟରେ କୌଣସି ବ୍ୟକ୍ତିଗତ କକ୍ଷ ନାହିଁ। ହେଲେ କୁହାଯାଏ, ସେତେବେଳେ ରାଜା ଏଠାରେ ରାଣୀମାନଙ୍କ ସହିତ ଖାସ୍ ସମୟ ଅତିବାହିତ କରିବା ଲାଗି ବ୍ୟବହାର କରୁଥିଲେ।

➔ହ୍ରଦରେ ପାଣି ଭର୍ତ୍ତି ଥିବା ବେଳେ ଏହି ୫ ମହଲା ବିଶିଷ୍ଟ ମହଲର ୪ ମହଲା ପାଣି ଭିତରେ ବୁଡ଼ି ରହିଥାଏ ଏବଂ କେବଳ ଉପର ମହଲା ବାହାରକୁ ଦେଖାଯାଇଥାଏ, ଯେଉଁଥିପାଇଁ ଏହା ପାଣିରେ ଭାସିବା ଭଳି ଦେଖାଯାଇଥାଏ।

➔ଏଠାରୁ ହ୍ରଦ ଏବଂ ନାହରଗଡ଼ ପାହାଡ଼ର ଦୃଶ୍ୟ ଖୁବ୍ ଆକର୍ଷଣୀୟ ଦେଖାଯାଏ।

➔ଏଠାକୁ ଯିବା ଲାଗି ଡଙ୍ଗା ହିଁ ଏକମାତ୍ର ମାଧ୍ୟମ।

➔ପ୍ରତିବର୍ଷ ମକର ସଂକ୍ରାନ୍ତିଦିନ ଏଠାରେ ଅନ୍ତର୍ଜାତୀୟ ଗୁଡ଼ିଉଡ଼ା ପର୍ବ ପାଳନ କରାଯାଏ, ଯେଉଁଥିରେ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ମଧ୍ୟ ଉପସ୍ଥିତ ରହିଥାନ୍ତି।

➔ଏହାକୁ ରାଜସ୍ଥାନ ସରକାରଙ୍କ ଦ୍ୱାରା ଏକ ସଂରକ୍ଷିତ ସମ୍ପତ୍ତି ଭାବେ ଘୋଷଣା କରାଯାଇଛି।



## ୟୁଥ୍ ଫ୍ୟାଶନ

# ଯୁବପିଢ଼ିଙ୍କ ପସନ୍ଦ ହ୍ୱାଇଟ୍ ସ୍ନିକର୍ସ

**ଫ୍ୟାଶନ ଟ୍ରେଣ୍ଡରେ କେବେ ଆଉଟ୍‌ଡେଟେଡ୍ ହେଉ ନ ଥିବା ଫୁଟ୍‌ୱେର୍ ହେଉଛି ହ୍ୱାଇଟ୍ ସ୍ନିକର୍ସ। ଏହା ଦେଖିବାକୁ ଯେତିକି କ୍ଲାସି, ସବୁ ପ୍ରକାରର ଆଟଫିଟ୍ ସହିତ ପିନ୍ଧିଲେ ସେତିକି ସୁନ୍ଦର ମଧ ଲାଗିଥାଏ ; ଯେଉଁଥିପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଏହାର କ୍ରେଜ୍ ସବୁବେଳେ ଅଧିକ। ଯଦି ଆପଣ ବି ଏହାକୁ ନିଜ ଆଉଟ୍‌ଫିଟ୍‌ରେ ସାମିଲ କରିବାକୁ ଚାହୁଁଛନ୍ତି, ତେବେ ଜାଣିରଖନ୍ତୁ କେତୋଟି ଟିପ୍ସ...**

➔ହ୍ୱାଇଟ୍ ସ୍ନିକର୍ସ ଷ୍ଟାଇଲ, କ୍ଲାସ୍ ଏବଂ କମ୍ଫର୍ଟର ଏକ ପରଫେକ୍ଟ କମ୍ବିନେଶନ୍। ତେଣୁ ଯୁବପିଢ଼ି ଏହାକୁ ପିନ୍ଧି ନିଜ ଗେଟ୍‌ଅପ୍‌କୁ ଅଧିକ ଫ୍ୟାଶନେବଲ୍ ଏବଂ ଷ୍ଟାଇଲିଶ୍ ଲୁକ୍ ଦେଇପାରିବେ।

➔ହ୍ୱାଇଟ୍ କଲର ସ୍ନିକର୍ ପ୍ରିମିୟମ ଏବଂ କ୍ଲିନ୍ ଲୁକ୍ ଦେଇଥାଏ। ଏହା ପ୍ରାୟ ସବୁ ଆଉଟ୍‌ଫିଟ୍ ସହିତ ମ୍ୟାଚ୍ ବି କରିଥାଏ। ତେଣୁ କାଜୁଆଲ୍ ଜିନ୍ସ ହେଉ କିମ୍ବା ଫର୍ମାଲ୍ ଗେଟ୍‌ଅପ୍ ସହିତ ଏହାକୁ ପିନ୍ଧିଲେ ଖୁବ୍ ଆକର୍ଷଣୀୟ ଦେଖାଯିବେ। ତା'ଛଡ଼ା ଖରାର ପ୍ରକୋପ ଧୀରେ ଧୀରେ ବଢ଼ୁଥିବାରୁ ପାଦକୁ ସୁରକ୍ଷା ଦେବା ପାଇଁ ମଧ୍ୟ ଏହା ବେଶ୍ ଲାଭଦାୟକ ହୋଇପାରିବ।



➔ଅଧିକାଂଶ ସେଲିବ୍ରେଟି ଟ୍ରାଭେଲ୍ ପାଇଁ ହ୍ୱାଇଟ୍ ସ୍ନିକର୍ସ ବାଛିଥାଆନ୍ତି। ତେଣୁ ଯଦି ଆପଣ ବି ସେମାନଙ୍କ ଭଳି ଏୟାରପୋର୍ଟ ଲୁକ୍ ପାଇବାକୁ ଚାହୁଁଛନ୍ତି, ତେବେ କୌଣସି କମ୍ଫର୍ଟେବଲ୍ ଜଗର୍ସ କିମ୍ବା ଜିନ୍ସ ଓ ଓଭରସାଇଜ୍ ଟି–ଶାର୍ଟ କିମ୍ବା ହୁଡିଜ୍ ସହିତ ଏହାକୁ ଟିମ୍ ଅପ୍ କରିପାରିବେ। ଏହା ଟ୍ରାଭେଲ୍ ବେଳେ ଆପଣଙ୍କୁ କମ୍ଫର୍ଟ ଦେବା ସହ କୁଲ୍ ଏବଂ ଏଫର୍ଟଲେସ୍ ଲୁକ୍ ବି ଦେବ।

➔ଅଫିସ୍ ୱେର୍ ପାଇଁ ବି ଏହା ବେଷ୍ଟ ଅପ୍ସନ। ଫିଟେଡ୍ ଚିନ୍ସ ଓ ଶାର୍ଟ ସହିତ ଏହାକୁ ପିନ୍ଧିଲେ ସ୍ମାର୍ଟ ଲାଗିବେ। ବ୍ଲାକ୍, ନେଭି ବ୍ଲୁ, ଚର୍‌କୋଲ୍ ଭଳି ଡିପ୍ କଲର୍ ସୁଟ୍ ଭଳି ପାରମ୍ପରିକ ଫର୍ମାଲ୍ ପରିଧାନ ସହିତ ହ୍ୱାଇଟ୍ ସ୍ନିକର୍ସ ପିନ୍ଧିଲେ ଏକ ମଡର୍ନ ଲୁକ୍ ପାଇପାରିବେ।

➔ଯଦି ସାଙ୍ଗସାଥୀଙ୍କ ସହ ଆଉଟିଂ ପ୍ଲାନ୍ କରୁଛନ୍ତି, ତେବେ ଯୁବକମାନେ ଜିନ୍ସ, ଶର୍ଟ ପ୍ୟାଣ୍ଟ ଏବଂ ଯୁବତୀମାନେ ଶର୍ଟ କିମ୍ବା ଡେନିମ୍ ସ୍କର୍ଟ ସହିତ ହ୍ୱାଇଟ୍ ଟି–ଶାର୍ଟ ଏବଂ ହ୍ୱାଇଟ୍ ସ୍ନିକର ପେୟାର୍ କରନ୍ତୁ। ଏହା ଆପଣଙ୍କୁ ଏକ ଭାଇବ୍ରେଣ୍ଟ ଓ ରିଲାକ୍ସ ଲୁକ୍ ଦେବ।

➔ଯୁବତୀମାନେ ଡେନିମ୍ ଜିନ୍ସ ଓ ଲଙ୍ଗ୍ କୁର୍ତ୍ତୀ ସହିତ ହ୍ୱାଇଟ୍ ସ୍ନିକର୍ ପିନ୍ଧିଲେ ଟ୍ରେଣ୍ଡି ଲାଗିବା ସହ ଭିଡ଼ରେ ସବୁଠୁ ଆଟ୍ରାକ୍ଟିଭ୍ ବି ଦେଖାଯିବେ।

➔ଜିନ୍ସ ଏବଂ ଶାର୍ଟ ସହିତ ଏହାକୁ ପିନ୍ଧିଲେ ଷ୍ଟ୍ରିଟ୍– ଷ୍ଟାଇଲ୍ ଲୁକ୍ ପାଇପାରିବେ।

➔ଗରମ ଦିନରେ ଶର୍ଟ୍ସ ଓ ଟି–ଶାର୍ଟ କିମ୍ବା ଶାର୍ଟ ସହିତ ଏହାକୁ ପେୟାର କଲେ ଆଥ୍‌ଲେଟିକ୍ ଓ ଆକର୍ଷକ ଲୁକ୍ ପ୍ରଦାନ କରିଥାଏ। ଯୁବପିଢ଼ିଙ୍କ ବିଚ୍ ଟ୍ରିପ୍, କାଜୁଆଲ୍ ହ୍ୟାଙ୍ଗ୍‌ଆଉଟ୍, ୱିକେଣ୍ଡ ଆଡ୍‌ଭେଞ୍ଚର ପାଇଁ ଏହି ଆଉଟ୍‌ଫିଟ୍ ପର୍‌ଫେକ୍ଟ ଅପ୍ସନ।






# ଗୋକୁଲମ୍‌କୁ ହରାଇଲା ଶ୍ରୀନିଡ଼ି

**ମଞ୍ଜେରି, ୧୪।୩**

ଫାବ୍ରିକ୍ କାହଙ୍କ ଦ୍ୱିତୀୟାର୍ଦ୍ଧ ଗୋଲ ବଳରେ ଶ୍ରୀନିଡ଼ି ଡେକାନ ଏଫ୍‌ସି ଇଣ୍ଡିଆନ ଫୁଟ୍‌ବଲ ଲିଗ୍‌ର ଶନିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଗୋକୁଲମ୍ କେରଳକୁ ୧-୦ ଗୋଲରେ ପରାସ୍ତ କରିଛି। ସ୍ଥାନୀୟ ପାୟାନାଡ୍ ଷ୍ଟାଡିୟମରେ ଆୟୋଜିତ ମ୍ୟାଚ୍‌ରେ ବିଜୟ ଦ୍ୱାରା ଶ୍ରୀନିଡ଼ି ଡେକାନ

**ଇଣ୍ଡିଆନ ଫୁଟ୍‌ବଲ ଲିଗ୍**

ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ୩ ମ୍ୟାଚ୍‌ରୁ ଏହି ଦଳ ୬ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ଗୋକୁଲମ୍ କେରଳ ୧୦ମ ସ୍ଥାନକୁ ଖସିଛି। ୩ ମ୍ୟାଚ୍‌ରୁ ଏହି ଦଳର ପଏଣ୍ଟ ସଂଖ୍ୟା ୨ରେ ସ୍ଥିର ରହିଛି। ଗୋକୁଲମ୍ କେରଳର ମୁଖ୍ୟ କୋଚ୍ ଭାବେ ଡିମିଟ୍ରିସ ଡିମିଟ୍ରିୟସ୍‌ଙ୍କର ଏହା ଥିଲା ପ୍ରଥମ ମ୍ୟାଚ। ପ୍ରାରମ୍ଭିକ ଏକାଦଶରେ ସେ ୨ଟି ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲେ। ଅମନ ସି.କେ. ଓ ମିର୍ଜାଲୋଭ କାସିମୋଭଙ୍କ ବଦଳରେ ସେ ମିଡ୍‌ଫିଲ୍‌ଡର କିଙ୍ଗସ୍ଲି ଫର୍ନାଣ୍ଡେଜ ଓ ଷ୍ଟ୍ରାଇକର ଜନ୍ କେନେଡିଙ୍କୁ ସ୍ଥାନ ଦେଇଥିଲେ। ସେହିପରି ଶ୍ରୀନିଧି କୋଚ୍ କାର୍ଲୋସ ଭାଜ୍ ପିଣ୍ଟୋ ଦଳରେ ୩ଟି ପରିବର୍ତ୍ତନ କରିଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ଫାବ୍ରିକ୍ ମ୍ୟାଚ୍‌ର ୫୪ତମ ମିନିଟ୍‌ରେ ଦେଇଥିବା ଗୋଲ୍‌ଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।


ଶ୍ରୀନିଡ଼ି ଡେକାନ ଏଫ୍‌ସି ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓସିଏ କ୍ଲବ୍ ଲିଗ୍ ୧୬ରୁ

## ଭାଗନେବେ ଅନୁବନ୍ଧିତ ୨୦ କ୍ଲବ୍

**କଟକ, ୧୪।୩(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସହ ଅନୁବନ୍ଧିତ ୨୦ଟି କ୍ଲବକୁ ନେଇ ଆସନ୍ତା ୧୬ରୁ ଓସିଏ କ୍ଲବ ଲିଗ୍ ଆରମ୍ଭ ହେବ। ୧୯ ବର୍ଷ ପରେ ଏଭଳି ଟୁର୍ନାମେଣ୍ଟ ଖେଳାଯିବ। ସମସ୍ତ କ୍ଲବକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍-ଏ'ରେ ୟୁନିୟନ ସ୍ପୋର୍ଟିଂ, ସହିଦ ସ୍ପୋର୍ଟିଂ, ଏଲ୍‌ଆଇସି, ଜଗତପୁର ଆଥ୍‌ଲେଟିକ ଆସୋସିଏଶନ, ସନ୍‌ରାଇଜ କ୍ଲବ, ଗ୍ରୁପ୍-ବି'ରେ ରାଇଜିଂ ଷ୍ଟୁଡେଣ୍ଟ୍ସ କ୍ଲବ, କିଶୋର କ୍ଲବ, ବାରବାଟୀ କଲ୍‌ଚରାଲ ୟୁନିୟନ, ଟାଉନ କ୍ଲବ, ଓଜିପି, ଗ୍ରୁପ୍-ସି'ରେ ବିଶ୍ୱଭାରତୀ, ଆମେଚର କ୍ରିକେଟ କ୍ଲବ, ସନ୍‌ସାଇନ୍, ରୋଭର୍ସ ଆଥ୍‌ଲେଟିକ, ଏସ୍‌ବି ସ୍ପୋର୍ଟ୍ସ କ୍ଲବ ଏବଂ ଗ୍ରୁପ୍-ଡି'ରେ ଜୁଭେନାଇଲ, ରାଇଜିଂ ଷ୍ଟାର, ରୟାଲ, ମଙ୍ଗଳା କ୍ଲବ ଏବଂ ଜୟଦୁର୍ଗା କ୍ଲବ ସ୍ଥାନ ପାଇଛନ୍ତି। ଓସିଏ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ମ୍ୟାଚ୍ ସୂଚୀ ଶନିବାର ଘୋଷଣା କରାଯାଇଛି। ବାରବାଟୀ ଷ୍ଟାଡିୟମ ସମେତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ଡ୍ରିମ୍ସ ଏବଂ ସନ୍‌ସାଇନ୍ ଗ୍ରାଉଣ୍ଡରେ ସମସ୍ତ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ।

# ସଲମାନ ଅଲୀ ଆଘାଙ୍କୁ ଭର୍ତ୍ସନା

**ମିର୍‌ପୁର, ୧୪।୩**

ବାଂଲାଦେଶ ବିପକ୍ଷରେ ଶୁକ୍ରବାର ଶେର୍-ଇ-ବାଂଲା ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପରେ ପାକିସ୍ତାନୀ ବ୍ୟାଟର ସଲମାନ ଅଲୀ ଆଘାଙ୍କୁ ଆନୁଷ୍ଠାନିକ ଭାବେ ଭର୍ତ୍ସନା କରାଯାଇଛି। ସେ ମ୍ୟାଚ୍‌ରେ ଦୁର୍ଭାଗ୍ୟବଶତଃ ରନ୍ ଆଉଟ୍ ହେବା ପରେ ବିରକ୍ତିଭାବ ପ୍ରକାଶ କରିଥିଲେ। ଏହି ଘଟଣା ପାକିସ୍ତାନ ଇନିଂସ୍‌ର ୩୯ତମ ଓଭରରେ ଘଟିଥିଲା। ମହମ୍ମଦ ରିଜ୍‌ୱାନ ଷ୍ଟ୍ରାଇକ୍‌ରେ ଥିବା ବେଳେ ବାଂଲାଦେଶ ଅଧିନାୟକ ମେହିଦି ହାସନ ମିରାଜ ବୋଲିଂ କରୁଥିଲେ। ତାଙ୍କର ଏକ ବଲ୍‌କୁ ରିଜ୍‌ୱାନ ଷ୍ଟ୍ରେଟ୍ ଡ୍ରାଇଭ୍ ମାରିବାକୁ ଉଦ୍ୟମ କରିଥିଲେ। ହେଲେ ନନ୍ ଷ୍ଟ୍ରାଇକ୍ ଏଣ୍ଡ୍‌ରେ ଥିବା ଆଘାଙ୍କ ପାଖରେ ବଲ୍‌କୁ ମିରାଜ ଗୋଡ଼ରେ ଅଟକାଇଥିଲେ। କ୍ରିଜ୍ ବାହାରେ ଥିବା ଆଘା ବୋଲରଙ୍କୁ ଫେରାଇବା ପାଇଁ ବଲ୍ ଉଠାଇବାକୁ ଚେଷ୍ଟା କରୁଥିବା ବେଳେ ମିରାଜ ବଲ୍ ଉଠାଇ ଷ୍ଟମ୍ପ୍‌କୁ ଥ୍ରୋ କରିଥିଲେ। ଅନ୍‌ଫିଲ୍ଡ ଅମ୍ପାୟର ତାନ୍‌ଭି ଅହମଦ ନିଷ୍ପତ୍ତି ଲାଗି ତୃତୀୟ ଅମ୍ପାୟରଙ୍କ ସହାୟତା ଲୋଡ଼ିଥିଲେ। ତୃତୀୟ ଅମ୍ପାୟର କୁମାର ଧର୍ମସେନା ଏହାକୁ ଆଉଟ୍ ଦର୍ଶାଇଥିଲେ। ଆଘା ପାଭିଲିଅନ ଫେରିବା ବେଳେ ବାଂଲାଦେଶ ଉଇକେଟ୍‌କିପର ଲିଟନ ଦାସଙ୍କ ସହ ଯୁକ୍ତି କରିଥିଲେ ଏବଂ ଉତ୍ତ୍ୟକ୍ତ ହୋଇ ଗ୍ଲୋଭ୍ସ ଓ ହେଲ୍‌ମେଟ୍ ଗ୍ରାଉଣ୍ଡରେ ଫୋପାଡ଼ିଥିଲେ। କ୍ରିକେଟ ସରଞ୍ଜାମର ଅପବ୍ୟବହାର କରିବା ପାଇଁ ଆଘାଙ୍କ ବିରୋଧରେ ମ୍ୟାଚ୍ ରେଫରି ନିୟାମୁର ରଶିଦ୍ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଥିଲେ।

# ଟିଲୋ କପ୍-୨୦୨୬ ଫାଇନାଲରେ ସିଏଜି ଦିଲ୍ଲୀ



ସିଏଜି ଦିଲ୍ଲୀ ଏବଂ ଏଆଣ୍ଡଏସ୍ କୋଲକାତା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ବନ୍ତ, ୧୪।୩(ହରି ନାରାୟଣର ମହାନ୍ତି)**

ଭଦ୍ରକ ଜିଲା ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍- ୨୦୨୬ର ଶନିବାର ୯ମ ଦିନରେ ୨ୟ ସେମି ଫାଇନାଲ ମ୍ୟାଚ୍ ସିଏଜି ଦିଲ୍ଲୀ ଏବଂ ଏଆଣ୍ଡଏସ୍ କୋଲକାତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ଏଆଣ୍ଡଏସ୍ କୋଲକାତା ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ସିଏଜି ଦିଲ୍ଲୀ ୨୦ ଓଭରରେ ୭ ଉଇକେଟ୍ ହରାଇ ୨୭୯ ରନ୍ କରିଥିଲା । ଦଳ ପକ୍ଷରୁ ଅର୍କପ୍ରଭା ସିହ୍ନା ୭୪, ଅଭିରଥ ଏମ୍. ୬୬, ସୁମିତ ମାଥୁର ୬୨ ରନ୍ କରିଥିଲେ । ପ୍ରତିପକ୍ଷ ଦଳ ଏଆଣ୍ଡଏସ୍ କୋଲକାତାର ବୋଲର ଋଷିକେଶ ୩, ଅଭି ବାଖି ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଏଆଣ୍ଡଏସ୍ କୋଲକତା ୨୦ ଓଭରରେ ୯ ଉଇକେଟ ହରାଇ ୧୮୭ ରନ୍ କରି ପରାଜିତ ହୋଇଥିଲା। ଫଳରେ ସିଏଜି ଦଲ୍ଲୀ ଫାଇନାଲରେ ପ୍ରବେଶ କରିଥିଲା। ଏଆଣ୍ଡଏସ୍ କୋଲକାତାର ସଚିନ ଯାଦବ ୫୧, ଶୁଭଙ୍କର ବଳ ୨୭, ପ୍ରଭାତ ମୌର୍ଯ୍ୟ ୨୨ ରନ୍ କରିଥିଲେ। ସିଏଜି ଦିଲ୍ଲୀର ବୋଲର ଋତ୍ୱିକ ଚାଟାର୍ଜୀ ୩, ଅଭିରଥ ଏମ୍. ୨ ଓ ଗୁରିନ୍ଦର ସିଂହ ୨ଟି ଉଇକେଟ ନେଇଥିଲେ। ଅଭିରଥ ଏମ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା । ଅମ୍ପାୟର ଲଲାଟ କେଶରୀ ନନ୍ଦ, ସତ୍ୟବ୍ରତ ଜେନା, ଭାଷ୍ୟକାର ସୁକାନ୍ତ ବେହେରା, ରସିଦ୍‌ଉଲ ଓହିଦ୍, ସ୍କୋରର ସୌରଜିତ୍ ସାହୁ, ପ୍ରକାଶ ସ୍ୱାଇଁ ଦାୟୀତ୍ୱ ତୁଲାଇଥିଲେ। ଅତିଥି ଭାବେ ଗୌରାଙ୍ଗ ରାଉଳ, ଶୁଭେନ୍ଦୁ ଶଙ୍କର ଲେଙ୍କା, ରମାକାନ୍ତ ଜେନା ଯୋଗ ଦେଇଥିଲେ। ଟୁର୍ନାମେଣ୍ଟ ପରିଚାଳନାରେ ମଳୟ କୁଅଁର, ଧନେଶ୍ୱର ଧଳ, ପର୍ଶୁରାମ ସାହୁ, ରାଜେନ୍ଦ୍ର ଧଳ, ଚିରଞ୍ଜୀବ ସ୍ୱାଇଁ, ସୁବ୍ରତ ପୃଷ୍ଟି, ପ୍ରସେନଜିତ୍ ରାଜ, ସତ୍ୟବ୍ରତ ପୃଷ୍ଟି ସହଯୋଗ କରିଥିଲେ। ରବିବାର ସିଏଜି ଦିଲ୍ଲୀ ଓ ନିମପୁର ଓଡ଼ିଶା ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ ।

# ମୟଙ୍କ ନର୍ଥ-ଇଷ୍ଟର ପ୍ରଥମ ଜିଏମ୍

**ନୂଆଦିଲ୍ଲୀ, ୧୪।୩(ପି.ଟି.)**

ପ୍ରତିଭାବାନ୍ ଯୁବ ଚେସ୍ ଖେଳାଳି ମୟଙ୍କ ଚକ୍ରବର୍ତ୍ତୀ ଶନିବାର ତାଙ୍କର ତୃତୀୟ ତଥା ଅନ୍ତିମ ଗ୍ରାଣ୍ଡମାଷ୍ଟର (ଜିଏମ୍) ନର୍ମ ହାସଲ କରିଛନ୍ତି। ଏଥିଯୋଗୁ ସେ ଦେଶର ୯୪ତମ ଓ ନର୍ଥ-ଇଷ୍ଟ ଅଞ୍ଚଳର ପ୍ରଥମ ଗ୍ରାଣ୍ଡମାଷ୍ଟର୍ସ ହୋଇପାରିଛନ୍ତି। ଆସାମର ରାଜଧାନୀ ଗୁଆହାଟୀରେ ଜନ୍ମିତ ୧୭ ବର୍ଷୀୟ ଚକ୍ରବର୍ତ୍ତୀ ଫାଷ୍ଟ ହୋଟେଲ୍ସ ଚେସ୍ ଟ୍ୟାଲେଣ୍ଟ ଟୁର୍ନାମେଣ୍ଟର ଅଷ୍ଟମ ରାଉଣ୍ଡରେ ସ୍ୱିଡେନ୍‌ର ଆଇଏମ୍ ଫିଲିପ ଲିଣ୍ଡଗ୍ରେନଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ତାଙ୍କୁ ଏହି ଟୁର୍ନାମେଣ୍ଟରେ ତାଙ୍କର ଅନ୍ତିମ ଜିଏମ୍ ନର୍ମ ପାଇଁ ୬.୫ ପଏଣ୍ଟର ଆବଶ୍ୟକ ରହିଥିଲା। ଇଂଲିଶ ଇଣ୍ଟରନ୍ୟାଶନାଲ ମାଷ୍ଟର ଜୋନା ବି ୱିଲୋଙ୍କ ବିପକ୍ଷ ଅନ୍ତିମ ରାଉଣ୍ଡ ମ୍ୟାଚ୍‌କୁ ସେ ଡ୍ର' ଭାବେ ଶେଷ କରିଥିଲେ। ଏହି ପ୍ରକ୍ରିୟାରେ ଚକ୍ରବର୍ତ୍ତୀ ଆବଶ୍ୟକ ୨୫୦୦ ୟେଲୋ ରେଟିଂ ପଏଣ୍ଟ ମଧ୍ୟ ଅତିକ୍ରମ କରିଥିଲେ। ୯ ରାଉଣ୍ଡବିଶିଷ୍ଟ ଟୁର୍ନାମେଣ୍ଟରେ ସେ ଗୋଟିଏ ପରାଜୟ, ଦୁଇଟି ଡ୍ର ଓ ୬ ବିଜୟରୁ ସର୍ବାଧିକ ୭ ପଏଣ୍ଟ ସହ ଚାମ୍ପିୟନ ହୋଇଛନ୍ତି।


ମୟଙ୍କ ଚକ୍ରବର୍ତ୍ତୀ



କଟକସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଶନିବାର ଅନୁଷ୍ଠିତ ରାଜ୍ୟ ସ୍ପ୍ରିଣ୍ଟ ଆଥଲେଟିକ୍ସ ପ୍ରତିଯୋଗିତା।

# ୧୦୦ ମିଟରରେ ମୌସୁମୀ, ଲାଲୁ ପ୍ରସାଦଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୪।୩ (ତପନ ସ୍ୱାଇଁ)**

**ରାଜ୍ୟ ସ୍ପ୍ରିଣ୍ଟ ଆଥ୍‌ଲେଟିକ୍ସ**

ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ସର୍ବପ୍ରଥମ ରାଜ୍ୟ ସ୍ପ୍ରିଣ୍ଟ ଆଥଲେଟିକ୍ସ ପ୍ରତିଯୋଗିତା କଟକସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଶନିବାର ଆରମ୍ଭ ହୋଇଛି। ଏଥିରେ ଲାଲୁ ପ୍ରସାଦ ଭୋଇ, ଦୟାନିଧି ଏମ୍, ଜୟରାମ, ସବିତା ଟପ୍ପୋ ପ୍ରମୁଖ ରାଜ୍ୟର ଜାତୀୟ ଓ ଅନ୍ତର୍ଜାତୀୟ ଆଥଲେଟ୍ ଭାଗ ନେଇଛନ୍ତି। ରବିବାର ପ୍ରତିଯୋଗିତା ଶେଷ ହେବ। ପ୍ରଥମ ଦିବସର ଫଳାଫଳ ଅନୁସାରେ ୨୦ ବର୍ଷରୁ କମ୍ ବାଳକ ୧୦୦ ମିଟର ରେସ୍‌ରେ କେନ୍ଦ୍ରାପଡ଼ାର ଶୁଭମ୍ ପ୍ରକାଶ ସାହୁ, ୪୦୦ ମିଟରରେ ଯାଜପୁରର ବାପି ହାଁସଦା, ୧୧୦ ମିଟର ହର୍ଡଲ୍ସରେ କେନ୍ଦୁଝରର ବିଶ୍ୱଜିତ ଦାସ, ୨୦ ବର୍ଷରୁ କମ୍ ବାଳିକା ୧୦୦ ମିଟର ରେସ୍‌ରେ ଜଗତ୍‌ସିଂହପୁରର ଶୁଭଶ୍ରୀ ପରିଡ଼ା, ୪୦୦ ମିଟରରେ କଟକର ବାସନ୍ତି ମାଝି, ୧୦୦ ମିଟର ହର୍ଡଲ୍ସରେ ମୟୂରଭଞ୍ଜର ଡାଙ୍ଗି ମୁର୍ମୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପୁରୁଷ ୧୦୦ ମିଟରରେ କିଟ୍‌ର ଲାଲୁ ପ୍ରସାଦ ଭୋଇ, ୪୦୦ ମିଟରରେ କଟକର ଆସ୍ତିକ ପ୍ରଧାନ, ୧୧୦ ମିଟର ହର୍ଡଲ୍ସରେ ବାଲେଶ୍ୱରର ସୋମନାଥ କର ସ୍ୱର୍ଣ୍ଣ ଜିତିଛନ୍ତି। ମହିଳା ୧୦୦ ମିଟର ରେସ୍‌ରେ ବରଗଡ଼ର ମୌସୁମୀ ରୟ, ୪୦୦ ମିଟରରେ ଓଡ଼ିଶା ପୋଲିସର ସୁଖି ବାସ୍କେ ଓ ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶା ପୋଲିସର ସବିତା ଟପ୍ପୋ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

# ମ୍ୟାନ୍‌ମାର ବିପକ୍ଷରେ ଭାରତର ଦ୍ୱିତୀୟ ବିଜୟ

**ୟାନଗନ(ମ୍ୟାନ୍‌ମାର), ୧୪।୩(ପି.ଟି.)**

ମ୍ୟାନ୍‌ମାର ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଫୁଟ୍‌ବଲ ମ୍ୟାଚରେ ଭାରତର ୧୭ ବର୍ଷରୁ କମ୍ ମହିଳା ଦଳ ୩- ଗୋଲ୍‌ଲେ ନାଟକୀୟ ବିଜୟ ହାସଲ କରିଛି। ଘରୋଇ ଦଳ ଖେଳର ୧୨ଶ ମିନିଟ୍‌ରେ ହିନ୍ ୱିଣ୍ଟ ୱାର୍ କ୍ୱାଙ୍କ ଗୋଲ ବଳରେ ପ୍ରଥମେ ଅଗ୍ରଣୀ ଲାଭ କରିଥିଲା। ତେବେ ୩୩ତମ ମିନିଟ୍‌ରେ ଆଲ୍‌ଭା ଦେବୀଙ୍କ ଗୋଲ ଜରିଆରେ ଭାରତ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ନେଇଆସିଥିଲା। ୪୫ତମ ମିନିଟ୍‌ରେ ମିନ୍ ହିଟୋନ୍ ମେ ଜିଟାରଙ୍କ ଗୋଲ ଯୋଗୁ ମ୍ୟାନ୍‌ମାର ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ୨-୧ରେ ଅଗ୍ରଣୀ ଲାଭ କରିଥିଲା। ତେବେ ଦ୍ୱିତୀୟାର୍ଦ୍ଧର ଭାରତ ଚମତ୍କାର ପ୍ରଦର୍ଶନକରି ନାଟକୀୟ ଭାବେ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ସହ ଦୁଇଟି ଗୋଲ ସ୍କୋରକରି ମ୍ୟାଚ୍‌କୁ ୩-୨ରେ ଜିତି ନେଇଥିଲା। ଏହି ଗୋଲ୍ ଦୁଇଟିକୁ ଅନୁଷ୍କା କୁମାରୀ ଓ ଜୟା ଯଥାକ୍ରମେ ୮୮ତମ ଏବଂ ୯୦+୧ତମ ମିନିଟରେ ସ୍କୋର କରିଥିଲେ। ମେ' ୧ରୁ ୧୭ ପର୍ଯ୍ୟନ୍ତ ଚାଇନାର ସୁଝୋଠାରେ ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆ କପ୍ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତିର ଅଂଶବିଶେଷ ଭାବେ ଭାରତ ଏହି ମ୍ୟାଚ୍ ଖେଳିଥିଲା। ମ୍ୟାନ୍‌ମାର ମଧ୍ୟ ଏହି ମହାଦେଶୀୟ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ କରିସାରିଛି। ଦୁଇ ଦେଶ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୨-୦ରେ ବିଜୟୀ ହୋଇଥିଲା।


୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟ୍‌ବଲ ଦଳ।

# ଭାରତ ରନରଅପ୍

**ହାଇଦ୍ରାବାଦ, ୧୪।୩**

ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର୍ସରେ ଇଂଲଣ୍ଡ ଚାମ୍ପିୟନ ଓ ଭାରତ ରନରଅପ୍ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲରେ ଭାରତ ୦-୨ ଗୋଲରେ ଇଂଲଣ୍ଡଠାରୁ ହାରି ଯାଇଛି। ଇଂଲଣ୍ଡ ପକ୍ଷରୁ ମ୍ୟାଚର ୧୩ଶ ମିନିଟରେ ଗ୍ରେସ୍ ବାଲ୍ସଡନ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟର ଅର୍ଥାତ୍ ୪୩ତମ ମିନିଟରେ ଏଲିଜାବେଥ ଆନ୍ ନିଅଲ ଗୋଟିଏ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୪ର୍ଥ କ୍ୱାର୍ଟରରେ ଭାରତ ଏକାଧିକଥର ଉଦ୍ୟମ କରିଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ପୂରା ମ୍ୟାଚ୍‌ରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନ ପାରିବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ ୧-୦ ଗୋଲରେ ଇଟାଲୀକୁ ପରାସ୍ତ କରିଛି। ମ୍ୟାଚର ୭ମ ମିନିଟରେ ସ୍କଟ୍‌ଲାଣ୍ଡର ଆମି ଇୱାର୍ଟ କୋଷ୍ଟେଲୋ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଏହି ପ୍ରତିଯୋଗିତାରୁ ଇଂଲଣ୍ଡ, ଭାରତ ଓ ସ୍କଟ୍‌ଲାଣ୍ଡ ହକି ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଚିଲିର ସାଣ୍ଟିଆଗୋରେ ଅନୁଷ୍ଠିତ ଅନ୍ୟ ଏକ କ୍ୱାଲିଫାୟର୍ସ ଟୁର୍ନାମେଣ୍ଟର ପ୍ରଥମ ୪ ସ୍ଥାନରେ ରହିଥିବା ଚିଲି, ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ ଓ ଜାପାନ ବିଶ୍ୱକପ ଯୋଗ୍ୟତା ପାଇଛନ୍ତି।

# ପାୟୋନିୟର କ୍ୱାର୍ଟର ଫାଇନାଲରେ

**ମୁକ୍ତେଶ୍ୱର କ୍ଲବ୍ ସିନିୟର କ୍ରିକେଟ**

**ଭୁବନେଶ୍ୱର, ୧୪।୩(ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ 'ଖିମ୍‌ଜୀ କପ୍' ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱରର ଟାଉନ୍ କ୍ଲବକୁ ୧୩୫ ରନ୍‌ରେ ହରାଇ ପୁରୀର ପାୟୋନିୟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାୟୋନିୟର ୪୦ ଓଭରରେ ସମସ୍ତ ଉଇକେଟ ହରାଇ ୨୩୬ ରନ୍ କରିଥିଲା। ରାଜେଶ ବେହେରା ୫୭ ଓ ସୌମ୍ୟ ବିଶ୍ୱାଳ ୪୯ ରନ୍ କରିଥିଲେ। ବିପକ୍ଷ ଦଳର ସୁମନ ମହାରଣା ୩ ଉଇକେଟ ନେଇଥିଲେ। ୨୩୭ ରନ୍ ବିଜୟ ଲକ୍ଷ୍ୟରେ ଟାଉନ୍ କ୍ଲବ ୨୨.୫ ଓଭରରେ ୧୦୧ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ମହେଶ ପ୍ରଧାନ ଚମତ୍କାର ବୋଲିଂକରି ହାଟ୍ରିକ୍ ସହ ୩୪ ରନ୍ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଲାଲୁ ମହାନ୍ତି ୧୬ ରନ୍‌ରେ ୪ ଉଇକେଟ ନେଇଥିଲେ। ୨୭ ରନ୍ କରିବା ସହ ୫ ଉଇକେଟ ନେଇଥିବା ମହେଶ ପ୍ରଧାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବର ଉପସଭାପତି ପ୍ରଦେଶ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶଯୋଗ୍ୟ, ବିସିସିଆଇ ମ୍ୟାଚ୍ ରେଫରି ତଥା ପୂର୍ବତନ ରଣଜୀ ଟ୍ରଫି ଅଧିନାୟକ ପ୍ରଶାନ୍ତ ମହାପାତ୍ର ଏବଂ ପୂର୍ବତନ ରଣଜୀ ଖେଳାଳି ଏବଂ ଓସିଏର ସିନିୟର ଚୟନ କମିଟି ସଦସ୍ୟ ଶୁଭାଶିଷ ଭୂୟାଁଙ୍କ ସ୍ମୃତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ରବିବାର କିଶୋର ସ୍ପୋର୍ଟିଂ ଓ ପାରାମାଉଣ୍ଟ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।


ମହେଶ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ଏପ୍ରିଲ ୧ରେ ଦିବ୍ୟାଙ୍ଗ କ୍ରିକେଟ ଖେଳାଳି ଚୟନ ଟ୍ରାଏଲ

**ଭୁବନେଶ୍ୱର, ୧୪।୩(ତପନ ସ୍ୱାଇଁ)**

ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ଅଜିତ୍ ୱାଦେକରଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ରାଜ୍ୟ ଦିବ୍ୟାଙ୍ଗ କ୍ରିକେଟ ଖେଳାଳିଙ୍କ ଚୟନ ଟ୍ରାଏଲ୍ ଆସନ୍ତା ଏପ୍ରିଲ ୧ରେ ଅନୁଷ୍ଠିତ ହେବ। ଅଲ୍ ଇଣ୍ଡିଆ କ୍ରିକେଟ ଆସୋସିଏଶନ ଫର୍ ଫିଜିକାଲି ଚ୍ୟାଲେଞ୍ଜ୍‌ଡ ଏବଂ ଓଡ଼ିଶା ଦିବ୍ୟାଙ୍ଗ କ୍ରିକେଟ ଆସୋସିଏଶନର ମିଳିତ ଉଦ୍ୟମରେ ଏହା ଆୟୋଜନ ହେବ। ଏଥିରେ ଯେଉଁ ଖେଳାଳି ଚୟନ ହେବେ ସେମାନେ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ ଦଳରେ ସାମିଲ ହୋଇ ଆଗାମୀ ଦିନରେ ସର୍ବଭାରତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରିବେ। ତେଣୁ ଟ୍ରାଏଲରେ ଅଧିକରୁ ଅଧିକ ଖେଳାଳି ଯୋଗଦେଇ ପୂର୍ବାଞ୍ଚଳ ଦଳରେ ଚୟନ ହେବାର ସୁଯୋଗ ନେବାକୁ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରାଏଲରେ ଭାଗନେବାକୁ ଚାହୁଁଥିବା ଦିବ୍ୟାଙ୍ଗ କ୍ରିକେଟ୍ ଖେଳାଳିମାନେ odishadibyang@gmail.com ଇ-ମେଲ୍ ଜରିଆରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ